# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୫/୨୦୨୧ (୧୬ ପୃଷ୍ଠା) | Bhubaneswar, Monday, February 15/2021 | ★★★★

୪୭ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅଶ୍ୱିନଙ୍କୁ ୫ ଉଇକେଟ ସଫଳତା**
ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ୧୬

୧୪ **ରିଲେସନଶିପକୁ ନେଇ କଥା ହେଲେ ଅନନ୍ୟା**
ବଲିଉଡ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଭାଲେଣ୍ଟାଇନ୍ସ ଡେ’ ଅବସରରେ ତାଙ୍କ ରିଲେସନଶିପକୁ ନେଇ ଖୋଲାଖୋଲି କଥା ହୋଇଛନ୍ତି।








# ଆଜି ଓଡ଼ିଶା ବନ୍ଦ

## ଆନ୍ଦୋଳନ ସମୟରେ ହେବନି ଘରୋଇ ବସ୍ ଚଳାଚଳ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ପେଟ୍ରୋଲ, ଡିଜେଲ ସହ ଏଲ୍‌ପିଜି ଗ୍ୟାସ୍ ଦର ଅହେତୁକ ଭାବେ ବଢ଼ି ଚାଲିଛି। ଏଥିରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଥିବାବେଳେ ଏହାର ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ରାଜ୍ୟରେ ସବୁକିଛି ବନ୍ଦ ରଖିବାକୁ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବନ୍ଦ ପାଳନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ତେବେ ଆମ୍ବୁଲାନ୍ସ, ଜରୁରୀ ସେବାରେ ନିୟୋଜିତ ଥିବା ଯାନବାହନ, ଔଷଧ ଦୋକାନ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ଗାଡ଼ିକୁ ଏଥିରୁ ବାଦ୍ ଦିଆଯିବ। ସେହିପରି ଯେଉଁ ଗାଡ଼ିରେ ଫୁଲ ସଜା ହୋଇଥିବ, ତାକୁ ମଧ୍ୟ ବନ୍ଦ ଡାକରାରୁ ବାଦ୍ ଦିଆଯିବ। ଅର୍ଥାତ୍ ବିବାହ ପାଇଁ ଯାଉଥିବା ଗାଡ଼ିକୁ ଏଥିରୁ ବାଦ୍ ଦିଆଯିବ। ସାଧାରଣ ଲୋକଙ୍କ ଲାଗି ଯେପରି ଅସୁବିଧା ହେବ ନାହିଁ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ପିସିସି ସଭାପତି କହିଛନ୍ତି। କିଛିଦିନ ତଳେ ନିରଞ୍ଜନ

**ତୈଳ ଦର ବୃଦ୍ଧି ପ୍ରତିବାଦ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ତେଲ ଦର ଉପରୁ ଲିଟର ପିଛା ୧୦ ଟଙ୍କା ଦର ହ୍ରାସ କରି ଲୋକଙ୍କ ଉପରୁ ବୋଝ କମାଇବାକୁ ଅନୁରୋଧ କରିଥିଲେ ନଚେତ୍ ୧୫ରେ ରାଜ୍ୟ ବନ୍ଦ କରାଯିବ ବୋଲି କହିଥିଲେ। ତେବେ ଏବେ କେବଳ ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଗ୍ୟାସ୍‌ର ଦର ବୃଦ୍ଧି ନୁହେଁ, ବରଂ ବେକାରି ☞ପୃଷ୍ଠା-୪

### ବନ୍ଦ ରହିବ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ତୈଳ ଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ସେହିଭଳି ମଙ୍ଗଳବାର ସରସ୍ୱତୀ ପୂଜା ଯୋଗୁ ମଧ୍ୟ ସ୍କୁଲ୍ ବନ୍ଦ ରହିବ। ଏନେଇ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏଥିସହ ଭାରତ ବନ୍ଦ ପାଇଁ ☞ପୃଷ୍ଠା-୪

# ଦେଢ଼ ମାସରେ ୫ ଟଙ୍କା ବଢ଼ିଲାଣି ତେଲ

**ନୂଆଦିଲ୍ଲୀ,୧୪।୨**



- ପେଟ୍ରୋଲ ୨୯, ଡିଜେଲ ୩୫ ପଇସା ବୃଦ୍ଧି
- ତେଲ ଦର ଠାରୁ ଅଧିକ ସରକାରୀ ଶୁଳ୍କ

ବଜେଟ ପରଠାରୁ ତେଲ ଦର କ୍ରମାଗତ ଭାବରେ ଦ୍ରୁତ ବୃଦ୍ଧି ପାଉଛି। ଜାନୁୟାରୀ ୬ରୁ ଫେବୃୟାରୀ ୧୪ ମଧ୍ୟରେ ମୋଟ ୧୮ ଥର ତେଲ ଦର ବଢ଼ିସାରିଛି। ଜାନୁୟାରୀରେ ୧୦ ଥର ଏବଂ ଫେବୃୟାରୀ ୧ରୁ ୧୪ ମଧ୍ୟରେ ୮ ଥର ଦର ବଢ଼ିଲାଣି। ଚଳିତ ବର୍ଷରେ ଉଭୟ ପେଟ୍ରୋଲ ଓ ଡିଜେଲ ୫ ଟଙ୍କା ଅଧିକ ବୃଦ୍ଧି ପାଇସାରିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୫.୦୩ ଟଙ୍କା ଓ ଡିଜେଲ ୫.୨୯ ଟଙ୍କା ମହଙ୍ଗା ହୋଇଥିବା ଜଣାପଡିଛି। ତେଲ ଦର ବୃଦ୍ଧିକୁ ନେଇ ଖାଉଟି ଓ ବଜାର ବିଶେଷଜ୍ଞଙ୍କ କହିବା କଥା ଯେ, ସରକାର ତେଲର ମୂଳ ଦରଠାରୁ ଶୁଳ୍କ ଅଧିକ ଲଗାଉଛନ୍ତି, ଫଳରେ ତେଲ ଦର ଆକାଶଛୁଆଁ ହେଉଛି। ଏହି ବର୍ଦ୍ଧିତ ଦରକୁ କମ୍ପାନୀ ଓ ବ୍ୟବସାୟୀମାନେ ଖାଉଟିଙ୍କ ନିକଟରୁ ଆଦାୟ କରୁଛନ୍ତି। ଯାହା ମହାମାରୀର ମାନ୍ଦାବସ୍ଥା ସମୟରେ ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥା ଉପରେ ବେଶ୍ ପ୍ରଭାବ ପକାଉଛି। ଗୋଟିଏ ପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଉପର ମୁହାଁ ରହୁଥିବା ବେଳେ ଅନ୍ୟ ପକ୍ଷରେ ଇନ୍ଧନ ଦର ବୃଦ୍ଧି ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ବୋଲି ବିଶେଷଜ୍ଞମାନେ ☞ପୃଷ୍ଠା-୪

# କ୍ଲାଇମେଟ ଆକ୍ଟିଭିଷ୍ଟ ଦିଶା ରବି ଗିରଫ

**ନୂଆଦିଲ୍ଲୀ, ୧୪।୨**

- ଗ୍ରେଟାଙ୍କ ‘ଟୁଲ୍‌କିଟ୍’ ଶେୟାର କରିଥିଲେ

ସ୍ୱିଡେନ ପରିବେଶ କର୍ମୀ ଗ୍ରେଟା ଥନବର୍ଗଙ୍କ ‘ଟୁଲ୍‌କିଟ୍’ ଶେୟାର କରିଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ୨୧ ବର୍ଷୀୟା କ୍ଲାଇମେଟ ଆକ୍ଟିଭିଷ୍ଟ ଦିଶା ରବିଙ୍କୁ ଗିରଫ କରିଛି। ଦିଲ୍ଲୀ ପୋଲିସର ସାଇବର ସେଲ ଟିମ୍ ଶନିବାର ଦିଶାଙ୍କୁ ତାଙ୍କ ଘରୁ ଉଠାଇନେଇଥିଲା। ପଚରାଉଚରା ସମୟରେ ‘ଟୁଲ୍‌କିଟ୍ ଗୁଗଲ ଡକ୍ୟୁମେଣ୍ଟ’ ପ୍ରସ୍ତୁତି ଓ ଏହାର ପ୍ରସାରରେ ☞ପୃଷ୍ଠା-୪


ଦିଶା ରବି

ଦିଶା ରବି କିଏ (ବିସ୍ତୃତ ରିପୋର୍ଟ : ପୃଷ୍ଠା-୨)

# ୧୫ ମଧ୍ୟରାତ୍ରରୁ ଫାସ୍‌ଟାଗ୍ ବାଧ୍ୟତାମୂଳକ

**ନୂଆଦିଲ୍ଲୀ, ଭୁବନେଶ୍ୱର(ବ୍ୟୁରୋ)୧୪।୨**

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଫେବୃୟାରୀ ୧୫ ମଧ୍ୟରାତ୍ରରୁ ଫାସ୍‌ଟାଗ୍ ନ ଥିବା ଗାଡ଼ିଗୁଡିକୁ ଟୋଲ୍ ପ୍ଲାଜାରେ ଡବଲ୍ ଚାର୍ଜ କରାଯିବ। କେନ୍ଦ୍ର ସରକାର ୧ ଜାନୁୟାରୀ ୨୦୨୧ରୁ ସମସ୍ତ ଗାଡ଼ିରେ ଫାସ୍‌ଟାଗ୍‌କୁ ବାଧ୍ୟତାମୂଳକ କରିଛନ୍ତି। ଜାତୀୟ ରାଜପଥରେ ଟୋଲ୍ ପ୍ଲାଜାରେ ଥିବା ସବୁ ଗାଡ଼ିକୁ ଫେବୃୟାରୀ ୧୫ ମଧ୍ୟରାତ୍ରରୁ ଫ୍ରି ପ୍ଲାଜାର ଫାସ୍‌ଟାଗ ଗାଡି ଭାବରେ ଘୋଷଣା କରାଯିବ ବୋଲି ମନ୍ତ୍ରଣାଳୟ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ଗ୍ରାମ ଦେବୀ

# ମହାଭିଯୋଗରୁ ଟ୍ରମ୍ପ୍ ମୁକ୍ତ

**ୱାଶିଂଟନ,୧୪।୨**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶନିବାର ବଡ଼ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ ଆଗତ ଦ୍ୱିତୀୟ ମହାଭିଯୋଗ ପ୍ରସ୍ତାବ କାଟ୍ ଖାଇଛି। କ୍ୟାପିଟୋଲ ହିଲ୍ ଦଙ୍ଗା ଉସୁକାଇବା ଅଭିଯୋଗରୁ ସିନେଟ ଟ୍ରମ୍ପ୍‌ଙ୍କୁ ମୁକ୍ତ କରିଦେଇଛି। ଏହା ପୂର୍ବରୁ ଉଚ୍ଚ ସଦନରେ ପଞ୍ଚମ ଦିନ ଧରି ଟ୍ରମ୍ପ୍‌ଙ୍କ ବିରୋଧରେ ଅଣାଯାଇଥିବା ମହାଭିଯୋଗ ପ୍ରସ୍ତାବ ଉପରେ ଶୁଣାଣି ଶେଷ ହୋଇ ଭୋଟିଂ କରାଯାଇଥିଲା। ମତଦାନରେ ୫୭ ସିନେଟର ତାଙ୍କୁ ଦୋଷୀ ଦର୍ଶାଇଥିବାବେଳେ ୪୩ ସଦସ୍ୟ ନିର୍ଦ୍ଦୋଷ ବୋଲି କହିଥିଲେ। ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ସିନେଟକୁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଅର୍ଥାତ୍ ୬୭ ଭୋଟ ଜରୁରୀ ଥିଲା, ଯାହାକି ମିଳିପାରିଲା ନାହିଁ। ଟ୍ରମ୍ପ୍ ମହାଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ତାଙ୍କୁ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାରୁ ବାରଣ କରିବା ପାଇଁ ସିନେଟରେ ମତଦାନ କରାଯାଇଥାଆନ୍ତା। ତେଣୁ ସିନେଟର ଏହି ନିଷ୍ପତ୍ତିକୁ ଟ୍ରମ୍ପ୍‌ଙ୍କ ଏକ ବଡ଼ ବିଜୟ ବୋଲି କୁହାଯାଉଛି।


ଡୋନାଲ୍ଡ ଟ୍ରମ୍ପ୍

- କ୍ୟାପିଟୋଲ ହିଲ୍ ଦଙ୍ଗା ଉସୁକାଇବା ଅଭିଯୋଗରୁ ମୁକୁଳିଲେ
- ସିନେଟରେ ଆବଶ୍ୟକ ଥିଲା ୬୭ ଭୋଟ
- ପ୍ରସ୍ତାବ ସପକ୍ଷରେ ୫୭, ବିରୋଧରେ ୪୩

୭୪ ବର୍ଷୀୟ ଟ୍ରମ୍ପ୍‌ଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ନେଇ ସିନେଟରେ ଦିନ ସାରା ହାଇଡ୍ରାମା ଦେଖିବାକୁ ମିଳିଥିଲା। ଡେମୋକ୍ରାଟ୍‌ମାନେ ନିଜ ପକ୍ଷ ରଖିବା ପରେ ଟ୍ରମ୍ପ୍‌ଙ୍କ ସପକ୍ଷରେ ଯୁକ୍ତି ଶୁଣିବା ☞ପୃଷ୍ଠା-୪






ଡୋନାଲ୍ଡ ଟ୍ରମ୍ପଙ୍କୁ ସିନେଟ ଦୋଷମୁକ୍ତ କରି ଗଣତନ୍ତ୍ରକୁ ଦୁର୍ବଳ କରିଦେଇଛି। ଆମେରିକା ଇତିହାସର ଏହି ଦୁଃଖଦ ଅଧ୍ୟାୟ ସ୍ମରଣୀୟ ହୋଇ ରହିବ। ସତ ପାଇଁ ଲଢ଼ିବା ପ୍ରତ୍ୟେକ ଆମେରିକୀୟଙ୍କ କର୍ତ୍ତବ୍ୟ। ଆମେ ସମସ୍ତେ ସତର୍କ ହେବା ଜରୁରୀ।

-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି



## ସଂକ୍ଷେପରେ

### ଉତ୍ତରାଖଣ୍ଡ ହିମସ୍ଖଳନ : ମିଳିଲା ୧୨ ମୃତଦେହ

**ଡେରାଡୁନ୍, ୧୪।୨:** ଉତ୍ତରାଖଣ୍ଡର ଚମୋଲିରେ ହିମସ୍ଖଳନ ପରେ ନିଖୋଜଙ୍କ ମଧ୍ୟରୁ ରବିବାର ଆଉ ୧୨ ଜଣଙ୍କ ମୃତଦେହ ମିଳିଛି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୫୦ରେ ପହଞ୍ଚିଛି। ଏନ୍‌ଟିପିର ତପୋବନ ଟନେଲ ଓ ରାଇନିରୁ ମୃତଦେହ ଜବତ କରାଯାଇଛି। ଏବେ ସୁଦ୍ଧା ଆହୁରି ୧୫୪ ଜଣ ନିଖୋଜ ରହିଛନ୍ତି। ଶନିବାର ଉଦ୍ଧାରକାରୀ ଦଳ ସୁଡ଼ଙ୍ଗ ଭିତରେ ପ୍ରାୟ ୧୨ ମିଟର ପର୍ଯ୍ୟନ୍ତ ଖୋଦେଇ କରି ଭିତରେ ସନ୍ଧାନ କାର୍ଯ୍ୟ ଚଲାଇଥିଲେ। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗତ ସପ୍ତାହରେ ଚମୋଲିରେ ହିମସ୍ଖଳନ ଯୋଗୁ ଧଉଳିଗଙ୍ଗା ଓ ଅଳକାନନ୍ଦା ନଦୀରେ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ଏଥିରେ ଋଷିଗଙ୍ଗା ନିକଟରେ ଥିବା ପାୱାର ପ୍ରୋଜେକ୍ଟ କ୍ଷତିଗ୍ରସ୍ତ ହେବା ସହ ଅନେକ ମୃତାହତ ହୋଇଛନ୍ତି। ନିଖୋଜଙ୍କ ସନ୍ଧାନ କରାଯାଇପାରି ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାରେ ଆଶଙ୍କା ରହିଛି।

### ବସ୍‌ଷ୍ଟାଣ୍ଡରୁ ୭ କେଜି ବିସ୍ଫୋରକ ଜବତ



**ଶ୍ରୀନଗର, ୧୪।୨:** ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ୨ ବର୍ଷ ପୂରିବା ଅବସରରେ ଆଉ ଏକ ବଡ଼ ଆକ୍ରମଣ ଯୋଜନାକୁ ପଣ୍ଡ କରିଛି ଭାରତୀୟ ସୁରକ୍ଷା ବଳ। ଜମ୍ମୁ-କଶ୍ମୀରର ଏକ ବସ୍‌ଷ୍ଟାଣ୍ଡରୁ ରବିବାର ପ୍ରାୟ ୭ କେଜିର ବିସ୍ଫୋରକ ଜବତ ହେବା ପରେ ଆତଙ୍କବାଦୀଙ୍କ ଏହି ଯୋଜନା ବିଫଳ ହୋଇଛି। ଶନିବାର ଟିଆର୍‌ଏଫ୍‌ର ୨ ଆତଙ୍କବାଦୀଙ୍କୁ ଗିରଫ କରାଯିବା ପରେ ଜମ୍ମୁରେ ଆକ୍ରମଣ ପାଇଁ ଆଇଡି ବିଛାଯାଇଥିବା ଜଣାପଡିଛି। ଗିରଫ ଜହୁର ଅହମ୍ମଦ ରାଠୋରଙ୍କ ନାଁରେ ୨ ଭାଜପା କର୍ମୀ ଓ କଶ୍ମୀରର ଜଣେ ପୋଲିସଙ୍କୁ ହତ୍ୟା କରିବା ଅଭିଯୋଗ ରହିଛି।

### ଟ୍ରକ୍-ଭ୍ୟାନ ଧକ୍କା: ୧୪ ମୃତ

**ତିରୁପତି, ୧୪।୨:** ଆନ୍ଧ୍ରପ୍ରଦେଶର କୁର୍ନୋଲ ଜିଲା ମଦରପୁରମ ଗ୍ରାମ ନିକଟ ରାଜପଥରେ ରବିବାର ଭୋର୍ ସମୟରେ ଏକ ଭ୍ୟାନ ଓ ମିନି ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୮ ମହିଳା, ୫ ପୁରୁଷ ଏବଂ ଜଣେ ଶିଶୁ ରହିଛନ୍ତି। ଆଉ ୪ ଗୁରୁତର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଶିଶୁଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏକ ଶ୍ରଦ୍ଧାଳୁ ଗୋଷ୍ଠୀ ଭ୍ୟାନ ଯୋଗେ ଚିତ୍ତୋର ଜିଲାର ମଦନପାଲ୍ଲେରୁ ରାଜସ୍ଥାନର ଅଜମେର ଅଭିମୁଖେ ଯାଉଥିବାବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା। ଘଟଣାରେ ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗମୋହନ ରେଡ୍ଡି ଦୁଃଖ ପ୍ରକାଶ କରିବା ସହ ଗୁରୁତରଙ୍କ ଚିକିତ୍ସାରେ ଯେପରି କୌଣସି ଅବହେଳା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## କିଲରଙ୍କ ସନ୍ଧାନରେ ଅନ୍ଧ ପୋଲିସ

**ନୂଆଦିଲ୍ଲୀ,୧୪।୨:** ବଲିଉଡ୍ ଷ୍ଟାର ସୋନମ କପୁରଙ୍କ ଆଗାମୀ କ୍ରାଇମ୍ ଥ୍ରିଲର 'ବ୍ଲାଇଣ୍ଡ୍'ର ଶୁଟିଂ ଶନିବାର ସ୍କଟ୍‌ଲାଣ୍ଡରେ ଶେଷ ହୋଇଛି। ୩୯ ଦିନରେ ଏହାର ଶୁଟିଂ ସରିଥିବା ସିନେ କ୍ରିଟିକ୍ ତଥା ମୁଭି ଟ୍ରେଡ୍ ଆନାଲିଷ୍ଟ ତରନ ଆଦର୍ଶ ଟୁଇଟରରେ ସୂଚନା ଦେଇଛନ୍ତି। ତରନ୍ ଏହି ପୋଷ୍ଟ ସହ ଏକ ଫଟୋ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ସୋନମ ଫାଇନାଲ ଶୁଟିଂ ସେଟରେ ନିଜ ଟିମ୍‌ମେଟମାନଙ୍କ ସହ ଥିବା ଦେଖିବାକୁ ମିଳିଛି। ଶୋମ୍ ମାଖିଜାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଶୁଟିଂ ଗତ ଡିସେମ୍ବର ୨୮ରେ ବ୍ରିଟେନର ଗ୍ଲାସ୍‌ଗୋରେ ଆରମ୍ଭ ହୋଇଥିଲା। ସିରିୟଲ କିଲରଙ୍କ ସନ୍ଧାନରେ ଥିବା ଜଣେ ଅନ୍ଧ ପୋଲିସ ଅଫିସରଙ୍କୁ ନେଇ ଏହି କାହାଣୀ ଗତିଶୀଳ ହୋଇଛି। ଏଥିରେ ସୋନମଙ୍କ ସହ ବିନୟ ପାଠକ, ପୂରବ କୋହଲି ଓ ଲିଲେଟ୍ ଦୁବେ ମଧ୍ୟ ଅଭିନୟ କରିଛନ୍ତି। ପ୍ରାଯୋଜକମାନେ ଚଳିତ ବର୍ଷ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା କରୁଛନ୍ତି। ୨୦୧୧ରେ ମୁକ୍ତିଲାଭ କରିଥିବା କୋରିଆନ୍ ଫିଲ୍ମ 'ବ୍ଲାଇଣ୍ଡ୍'ର ଏହା ହେଉଛି ରିମେକ୍।




## ବାପା ଅଟୋ ଚାଳକ, ମା' ଟେଲର

**ମୁମ୍ବାଇ,୧୪।୨:** ତେଲଙ୍ଗାନାର ହାଇଦ୍ରାବାଦ ନିବାସୀ ମାନସା ବାରାଣସୀ(୨୩) ଭିଏଲ୍‌ସିସି ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୦ ମୁକୁଟ ପିନ୍ଧିଛନ୍ତି। ମୁମ୍ବାଇରେ ବୁଧବାର ଫେମିନା ମିସ୍ ଇଣ୍ଡିଆ ୨୦୨୦ର ଗ୍ରାଣ୍ଡ ଫିନାଲେ ଆୟୋଜିତ ହୋଇଯାଇଛି। ଏଥିରେ ଉତ୍ତର ପ୍ରଦେଶର ମାନ୍ୟା ସିଂ ରନର ଅପ୍ ଓ ହରିୟାଣାର ମନିକା ଶେୟୋକନ୍ଦ ମିସ୍ ଗ୍ରାଣ୍ଡ ଇଣ୍ଡିଆ ୨୦୨୦ ହୋଇଛନ୍ତି। ମନିକା କେମିକାଲ ଇଞ୍ଜିନିୟରିଂ ଚାକିରି ଛାଡ଼ି ମଡେଲିଂ କରୁଥିବାବେଳେ ଏହି ସଫଳତା ହାସଲ କରିବାରେ ସବୁଠୁ ସଂଘର୍ଷପୂର୍ଣ୍ଣ ଥିଲା ମାନ୍ୟା ସିଂଙ୍କ ଯାତ୍ରା। ଉତ୍ତର ପ୍ରଦେଶର ଦେଓରିୟା ଜିଲା ନିବାସୀ ମାନ୍ୟାଙ୍କୁ କାଲି ଯାଏ କେହି ଜାଣି ନ ଥିଲେ। କିନ୍ତୁ ଆଜି ତାଙ୍କ ବିଷୟରେ ସମସ୍ତେ ଜାଣିବାକୁ ଆଗ୍ରହୀ। ମାନ୍ୟାଙ୍କ ବାପା ଓମ୍‌ପ୍ରକାଶ ସିଂ ମୁମ୍ବାଇରେ ଅଟୋ ରିକ୍ସା ଚଳାନ୍ତି। ମା' ମନୋରମା ଦେବୀଙ୍କ ଏକ ଟେଲର ଦୋକାନ ଅଛି। ନିଜ ସଂଘର୍ଷର କାହାଣୀ ବୟାନ କରିବାକୁ ଯାଇ ମାନ୍ୟା କହନ୍ତି, ଅତୀତରେ ସେ ଅନେକ ରାତି ନ ଖାଇ ନ ଶୋଇ ବିତାଇଛନ୍ତି। ପିଲାବେଳୁ କାମ କରିବାକୁ ପଡ଼ିଥିବାରୁ ସେ ସ୍କୁଲ ମାଡ଼ିପାରି ନ ଥିଲେ। ପରେ ତାଙ୍କ ପାଠପଢ଼ା ପାଇଁ ମା' ନିଜ ଗହଣା ବନ୍ଧକ ପକାଇଥିଲେ। ଜଣେ ନିଜ ପାଇଁ ଓ ନିଜର ସ୍ୱପ୍ନ ପ୍ରତି ପ୍ରତିଶ୍ରୁତିବଦ୍ଧ ହେଲେ ସବୁକିଛି ସମ୍ଭବ। ଦୁନିଆକୁ ଏହାର ପ୍ରମାଣ ଦେବା ପାଇଁ ସେ ମିସ୍ ଇଣ୍ଡିଆ ପିଜେଣ୍ଟରେ ଭାଗନେବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।


ମାନ୍ୟା ସିଂ

# ଦିଶା ରବି କିଏ

**କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଆନ୍ଦୋଳନରତ ଲକ୍ଷାଧିକ ଚାଷୀଙ୍କୁ କଣ୍ଟକିତ ତାରବାଡ଼ ଦେଇ ଘେରାଉ କରିଥିବା ଦିଲ୍ଲୀ ପୋଲିସ ବେଙ୍ଗାଲୁରୁର କ୍ଲାଇମେଟ୍ ଆକ୍ଟିଭିଷ୍ଟ ଦିଶା ରବିଙ୍କୁ ଶନିବାର ତାଙ୍କ ଘରୁ ରାତିଅଧିଆ ଉଠାଇନେଇଛି। ଦିଲ୍ଲୀର ଏକ ସ୍ଥାନୀୟ କୋର୍ଟରେ ଦିଶାଙ୍କୁ ରବିବାର ହାଜର କରିବା ପରେ ୫ ଦିନିଆ ରିମାଣ୍ଡରେ ନେଇଛି ଦିଲ୍ଲୀ ପୋଲିସର ସାଇବର ସେଲ୍। ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ନେଇ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ଜଣେ ୨୧ ବର୍ଷୀୟା ଛାତ୍ରୀଙ୍କ ପ୍ରତି ପୋଲିସର ଏପରି ବର୍ବର ବ୍ୟବହାରକୁ ଭାରତ ସମେତ ବିଦେଶରେ ମଧ୍ୟ ନିନ୍ଦା କରାଯାଇଛି। ଏହି ଘଟଣାକୁ ନେଇ ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ଦିଶା ରବି କିଏ? ସେହିପରି କ'ଣ ତାଙ୍କର ଦୋଷ? ପୋଲିସ ତାଙ୍କୁ ହାଜତକୁ ନେଇ କ'ଣ ପଚାରିବ? ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ଏହା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ନୁହେଁ ତ ବୋଲି ଅନେକଙ୍କ ମନ ଆନ୍ଦୋଳିତ ହେବାରେ ଲାଗିଛି।**

ନୂଆଦିଲ୍ଲୀ,୧୪।୨

୨୦୧୮ରେ ସ୍ୱିଡେନର କ୍ଲାଇମେଟ୍ ଚେଞ୍ଜ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗ ପରିବେଶ ସୁରକ୍ଷାର ସଚେତନତା ବାର୍ତ୍ତା ଦେଇ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲ ଯାଉଥିବା ଏହି କୁନି ଝିଅଙ୍କୁ ମାତ୍ର ୧୫ ବର୍ଷ ହେଉଥିବାବେଳେ ସେ ଫ୍ରାଇଡେଜ୍ ଫର୍ ଫ୍ୟୁଚର (ଏଫ୍‌ଏଫ୍‌ଏଫ୍) ନାମରେ ଏକ ଅଭିଯାନ ଆରମ୍ଭ କରିଥିଲେ। ଇତିମଧ୍ୟରେ କ୍ଲାଇମେଟ୍ ଜଷ୍ଟିସ୍ ବା ଜଳବାୟୁ ନ୍ୟାୟ ପାଇଁ ବିଶ୍ୱବ୍ୟାପୀ ଲୋକଙ୍କ ଅଭିଯାନର ଏକ ବଡ଼ ପ୍ଲାଟଫର୍ମ ପାଲଟିସାରିଛି ଏଫ୍‌ଏଫ୍‌ଏଫ୍। ଭାରତରେ ବେଙ୍ଗାଲୁରୁର ମାଉଣ୍ଟ କାର୍ମେଲ କଲେଜ ଛାତ୍ରୀ ଦିଶା ରବି ଏହି ଅଭିଯାନ ସହିତ ଯୋଡ଼ିହୋଇଥିଲେ। ସେ ଫ୍ରାଇଡେଜ୍ ଫର୍ ଫ୍ୟୁଚର ଇଣ୍ଡିଆ ପ୍ରତିଷ୍ଠା କରି ପ୍ରତି ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ଅଭିଯାନକୁ ଆଗକୁ ବଢ଼ାଉଥିଲେ। ଦିଶାଙ୍କ ଅଜାଆଈ ବୃତ୍ତିରେ କୃଷକ ହୋଇଥିବାରୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ତାଙ୍କୁ ଚିନ୍ତିତ କରିଥିଲା। ସେଇଠୁ ଜାଗ୍ରତ ହୋଇଥିଲା କ୍ଲାଇମେଟ୍ ଆକ୍ଟିଭିଷ୍ଟ ହେବା ପାଇଁ ଦିଶାଙ୍କ ଆଗ୍ରହ। କୃଷକଙ୍କ ପ୍ରତି ସମବେଦନା ଆଜି ଦିଶାଙ୍କୁ ଜେଲ୍ ଭିତରକୁ ଟାଣିନେଇଛି।




### ପୋଲିସ ହାଜତରେ ୫ ଦିନ



ଉତ୍ତର ଭାରତରେ କୃଷକ ଆନ୍ଦୋଳନ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଥିବାବେଳେ ଫେବୃୟାରୀ ୧୩ରେ ଦିଲ୍ଲୀ ପୋଲିସ ଦିଶାଙ୍କ ବେଙ୍ଗାଲୁରୁସ୍ଥିତ ସୋଲାଦେବନାହାଲ୍ଲି ବାସଭବନରେ ପହଞ୍ଚି ତାଙ୍କୁ ଗିରଫ କରିନେଇଛି। ଆନ୍ଦୋଳନରତ କୃଷକଙ୍କ ସମର୍ଥନରେ ଫେବୃୟାରୀ ୪ରେ ଗ୍ରେଟା ଥନ୍‌ବର୍ଗ ଟୁଇଟ୍ କରିବା ପରେ ଦିଲ୍ଲୀ ପୋଲିସ ଦେଶଦ୍ରୋହ, ଘୃଣା ବିସ୍ତାର ଓ ଆପରାଧିକ ଷଡ଼ଯନ୍ତ୍ର ଭଳି ନାନା ସଙ୍ଗିନ ଅଭିଯୋଗରେ ଦଫା ଲଗାଇ ମାମଲା ରୁଜୁ କରିଥିଲା। ସେତେବେଳେ ପୋଲିସ କହିଥିଲା ଗ୍ରେଟାଙ୍କ ନାମରେ ନୁହେଁ, ବରଂ ସେ ଟୁଇଟ୍ କରିଥିବା 'ଟୁଲକିଟ୍'ର ଅଜ୍ଞାତ ପ୍ରସ୍ତୁତକର୍ତ୍ତାଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ଏବେ ଏହି ମାମଲାରେ ଗିରଫ ହେବାରେ ଦିଶା ହେଉଛନ୍ତି ପ୍ରଥମ ବ୍ୟକ୍ତି। କୃଷକ ଆନ୍ଦୋଳନକୁ ନେଇ କରାଯାଇଥିବା ଟୁଲ୍‌କିଟ୍‌ରେ ଦିଶା ଅନେକ ପରିବର୍ତ୍ତନ ଆଣି (ଏଡିଟ୍ କରି) ତାକୁ ସୋସିଆଲ ମିଡିଆର କେତେକ ନିର୍ଦ୍ଦିଷ୍ଟ ଗ୍ରୁପ୍‌ରେ ଶେୟାର କରିଥିଲେ ବୋଲି ପୋଲିସ କହିଛି।

### ଟୁଲ୍‌କିଟ୍‌ରେ କ'ଣ ଥିଲା

ଟୁଲ୍‌କିଟ୍ ହେଉଛି ଏକ ଶବ୍ଦ, ଯାହାକୁ ଆକ୍ଟିଭିଷ୍ଟମାନେ ନିଜ କ୍ୟାମ୍ପେନ୍ ଇନ୍‌ଫର୍ମେଶନ ଡକ୍ୟୁମେଣ୍ଟ ପାଇଁ ବ୍ୟବହାର କରିଥାଆନ୍ତି। ଗ୍ରେଟା ଟୁଇଟ୍ କରିଥିବା ଟୁଲ୍‌କିଟ୍‌ରୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଜଣାପଡୁଛି ଯେ, ଭାରତରେ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା କୃଷକ ଆନ୍ଦୋଳନ ସମ୍ପର୍କରେ ଜାଣି ନ ଥିବା ଲୋକଙ୍କୁ ସ୍ଥିତି ଉପରେ ଭଲ ଭାବେ ଅବଗତ କରାଇବା। ଏହାସହ ନିଜ ବିଶ୍ଳେଷଣ ଅନୁସାରେ କୃଷକମାନଙ୍କୁ କିପରି ସମର୍ଥନ ଦିଆଯିବ ସେନେଇ ନିଷ୍ପତ୍ତି ନେବା। କିନ୍ତୁ ସରକାର ସପକ୍ଷବାଦୀ ସୋସିଆଲ ମିଡିଆ ହ୍ୟାଣ୍ଡଲଗୁଡ଼ିକ ଏହାକୁ ଭାରତ ବିରୋଧରେ ଏକ ବିଶ୍ୱସ୍ତରୀୟ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି।

### ସଭିଏଁ ଚକିତ, ମର୍ମାହତ

ଏହି ଯୁବ ଆକ୍ଟିଭିଷ୍ଟଙ୍କ ଗିରଫଦାରିକୁ ନେଇ ତାଙ୍କ ବନ୍ଧୁ, ସହକର୍ମୀ ସମସ୍ତେ ଚକିତ। ମୁଁ ମଧ୍ୟ ସ୍ତବ୍ଧ ବୋଲି ଏଫ୍‌ଏଫ୍‌ଏଫ୍ ଭଲ୍ୟୁଣ୍ଟିୟର ଅରବିନ୍ଦ କହିଛନ୍ତି। ୨୭ ବର୍ଷୀୟ ଅରବିନ୍ଦଙ୍କ ମତରେ ଏହି ଅଭିଯାନ କ୍ଲାଇମେଟ୍ ଚେଞ୍ଜକୁ ନେଇ ବେଙ୍ଗାଲୁରୁରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଷ୍ଟ୍ରାଇକ୍ କରିବାକୁ ହେଲେ ଆମେ ପୋଲିସଠାରୁ ଅନୁମତି ନେଇଥାଉ। ପୋଲିସର ଏହି କାର୍ଯ୍ୟ ଆମକୁ ମର୍ମାହତ କରିଛି।

### ନ୍ୟାୟ ବହିର୍ଭୂତ ଅପହରଣ

କ୍ଲାଇମେଟ୍ ଆକ୍ଟିଭିଷ୍ଟ ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିନେବା ପରେ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। 'କୋଲିଶନ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ଜଷ୍ଟିସ୍ ଇନ୍ ଇଣ୍ଡିଆ' ତାଙ୍କ ଗିରଫଦାରିକୁ ନ୍ୟାୟ ବହିର୍ଭୂତ ଅପହରଣ ଭାବେ ଅଭିହିତ କରିଛି। ଆଇନ ପ୍ରତି ଦିଲ୍ଲୀ ପୋଲିସର ସମ୍ମାନ ନାହିଁ ବୋଲି ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଏହି ସଂସ୍ଥା ନିନ୍ଦା କରିଛି।




### ପାପ କରିଛି ଦିଲ୍ଲୀ ପୋଲିସ

ଦିଲ୍ଲୀ ସଂଖ୍ୟାଲଘୁ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଏ.ସି. ମାଇକେଲ, ଗାୟିକା ଟି.ଏମ୍. କ୍ରିଷ୍ଣା, ଅରୁନ୍ଧତୀ ଘୋଷଙ୍କ ଭଳି ଜଣାଶୁଣା ବ୍ୟକ୍ତିମାନେ ଏକ ମିଳିତ ବିବୃତିରେ କହିଛନ୍ତି, ଦିଲ୍ଲୀ ପୋଲିସର ଏହି କାର୍ଯ୍ୟ ପାପଠାରୁ ମଧ୍ୟ ଅଧିକ। କାରଣ ୨୧ ବର୍ଷୀୟା ଦିଶାଙ୍କୁ ପୋଲିସ ବେଙ୍ଗାଲୁରୁରୁ କେଉଁ ସ୍ଥାନକୁ ନେଇଛି ତାହା ତାଙ୍କ ମା'ବାପାଙ୍କୁ ମଧ୍ୟ ଜଣାଇନାହିଁ। ଗିରଫଦାରି ପୂର୍ବରୁ ଯେଉଁ ନିୟମ ପାଳନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ତାକୁ ଦିଲ୍ଲୀ ପୋଲିସ ଉଲ୍ଲଂଘନ କରିଛି।

## ଗୁଜରାଟ ବ୍ୟବସାୟୀଙ୍କ ସ୍ୱାର୍ଥରେ ଭାଜପା

ଗୁଆହାଟୀ,୧୪।୨

### ଆସାମ ଚା ଶ୍ରମିକଙ୍କୁ ଲୋଭ ଦେଖାଇଲେ ରାହୁଲ



ଗୁଜରାଟର ବ୍ୟବସାୟୀମାନଙ୍କ ସ୍ୱାର୍ଥ ପାଇଁ ଭାଜପା କାମ କରୁଛି। ଆସାମର ସମ୍ପତ୍ତିକୁ ଗୁଜରାଟ ବ୍ୟବସାୟୀ ଯେପରି ଚୋରି କରିପାରିବେ ସେଥିଲାଗି ରାଜ୍ୟରେ ବିଭାଜନ ଉଦ୍ୟମ ଚାଲିଛି ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୈରିକ ଦଳକୁ ଟାର୍ଗେଟ କରିଛନ୍ତି। ଏହାସହ କଂଗ୍ରେସ କ୍ଷମତାକୁ ଆସିଲେ ରାଜ୍ୟର ଚା ଶ୍ରମିକଙ୍କ ମଜୁରି ଦୁଇଗୁଣରୁ ଅଧିକ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଆସାମର ୧୨୬ ନିର୍ବାଚନମଣ୍ଡଳୀ ମଧ୍ୟରୁ ଏକ-ତୃତୀୟାଂଶ (୩୫-୩୭) ଆସନରେ ଚା ଶ୍ରମିକ ଭୋଟରଙ୍କ ନିର୍ଣ୍ଣାୟକ ଭୂମିକା ରହିଛି। ତେଣୁ ନିର୍ବାଚନ ଆସିଲେ ଚା ଶ୍ରମିକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ସବୁ ଦଳ ଉଦ୍ୟମ କରିଥାନ୍ତି। ଏହି କ୍ରମରେ ରାହୁଲ ରବିବାର ଶିବସାଗରରେ ଏକ ସଭାକୁ ସମ୍ବୋଧିତ କରି ଚା ଶ୍ରମିକମାନଙ୍କୁ ଲୋଭ ଦେଖାଇଛନ୍ତି। ରାହୁଲ କହିଛନ୍ତି, ଚା ଶ୍ରମିକମାନେ ବର୍ତ୍ତମାନ ଦିନକୁ ୧୬୫ ଟଙ୍କା ମଜୁରି ପାଉଛନ୍ତି। ଏତିକି ଟଙ୍କାରେ ଶ୍ରମିକମାନେ କ'ଣ କିଣି ପାରିବେ? କଂଗ୍ରେସ କ୍ଷମତାକୁ ଆସିଲେ ଦୈନିକ ମଜୁରି ୩୬୫ ଟଙ୍କାକୁ ବୃଦ୍ଧି କରାଯିବ। ସେହିପରି ବେଆଇନ ପ୍ରବାସନ ବିରୋଧରେ ୬ ବର୍ଷ ଧରି ଚାଲିଥିବା ହିଂସାତ୍ମକ ଆନ୍ଦୋଳନକୁ ରୋକିବା ଲାଗି ୧୯୮୫ରେ କେନ୍ଦ୍ର ସରକାର ଏବଂ ଏଏଏସ୍‌ୟୁ ମଧ୍ୟରେ ସ୍ୱାକ୍ଷରିତ ଆସାମ ଚୁକ୍ତିର ସିଦ୍ଧାନ୍ତଗୁଡ଼ିକୁ ସୁରକ୍ଷା ଦେବା ପାଇଁ ରାହୁଲ ପ୍ରତିଶ୍ରୁତି ଦେଇଥିଲେ। ରାହୁଲ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ତରୁଣ ଗୋଗୋଇଙ୍କୁ ନିଜ ଗୁରୁ ଭାବେ ଅଭିହିତ କରିବା ସହ କଂଗ୍ରେସ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ରାଜ୍ୟରେ ଲାଗୁ କରାଇଦେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ।

## କୌଣସି ରାଷ୍ଟ୍ରପତି ଏଭଳି ଦଶା ଭୋଗିନାହାନ୍ତି

### ଜାରି ରହିବ ଯାତ୍ରା: ଟ୍ରମ୍ପ

ୱାଶିଂଟନ,୧୪।୨(ପି.ଟି.)

ମହାଭିଯୋଗରୁ ମୁକ୍ତ ହେବା ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ବିବୃତି ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, କୌଣସି ରାଷ୍ଟ୍ରପତି ଏପରି ଦଶା ଭୋଗି ନ ଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ମହାଭିଯୋଗ ଇତିହାସର ସବୁଠୁ ବଡ଼ ନିର୍ଯାତନା। ଆଇନ ଓ ତାକୁ ପ୍ରବର୍ତ୍ତନ କରୁଥିବା ବୀର, ଆମେରିକୀୟଙ୍କ ଅଧିକାର ପାଇଁ ସେ ସବୁବେଳେ ଲଢ଼େଇ କରିବେ। ଏହି ଅବସରରେ ଟ୍ରମ୍ପ୍ ତାଙ୍କ ଓକିଲ ଓ ମହାଭିଯୋଗରୁ ମୁକ୍ତ କରିବା ପାଇଁ ଲଢ଼େଇ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ସେମାନଙ୍କ ଅକ୍ଲାନ୍ତ ଉଦ୍ୟମ ଲାଗି ଧନ୍ୟବାଦ ଦେଇଛନ୍ତି। ଆଗକୁ ମଧ୍ୟ ଯାତ୍ରା ଜାରି ରହିବ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି।



### ସିନେଟରେ କ'ଣ ହେଲା

- ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ କରିବା ପାଇଁ ସିନେଟ ନିକଟରେ ୧୦ ଭୋଟ କମ୍ ଥିଲା। ରିପବ୍ଲିକାନ୍ ପାର୍ଟିର ୭ ସଦସ୍ୟ ଡେମୋକ୍ରାଟିକ୍ ପାର୍ଟିକୁ ସମର୍ଥନ କରି ଟ୍ରମ୍ପଙ୍କ ବିରୋଧରେ ଭୋଟ ଦେଇଥିଲେ।
- ଦୋଷମୁକ୍ତ ହେବା ପରେ ଟ୍ରମ୍ପ୍ ଆନୁଷ୍ଠାନିକ ଭାବେ ବିବୃତି ଜାରି କରି କହିଲେ, ଆମେରିକାକୁ ମହାନ୍ କରିବା ପାଇଁ ସେ ତାଙ୍କ ଉଦ୍ୟମ ଜାରି ରଖିବେ।
- ଉଚ୍ଚ ସଦନରେ ରିପବ୍ଲିକାନ୍ ପାର୍ଟି ନେତା ମିଚ୍ ମେକ୍‌କୋନେଲ ଟ୍ରମ୍ପଙ୍କ ସପକ୍ଷରେ ଭୋଟ ଦେଇଥିଲେ। କିନ୍ତୁ ଭୋଟିଂ ପରେ ନିଜ ସମ୍ବୋଧନରେ ସେ ଟ୍ରମ୍ପଙ୍କୁ ସମାଲୋଚନା କରିଥିଲେ। ଭିଡ଼କୁ ହିଂସା ପାଇଁ ଉସୁକାଇବା ଲାଗି ଟ୍ରମ୍ପ୍ ଦାୟୀ। ଏହି ମାମଲାକୁ ନେଇ କୋର୍ଟରେ ମକଦ୍ଦମା ଚାଲିବା ଉଚିତ।
- ଶୁଣାଣି ବେଳେ ସାକ୍ଷୀମାନଙ୍କୁ ହାଜର କରାଇବା ନେଇ ବିତର୍କ ହୋଇଥିଲା। ପରେ ଟ୍ରାଏଲ୍ କେତେ ସମୟ ଧରି ଚାଲିବ ସେନେଇ ସିନେଟରେ ପ୍ରଶ୍ନ ଉଠିଥିଲା। ପରେ ଲିଖିତ ବୟାନଗୁଡ଼ିକୁ ସାମିଲ କରାଯିବ ବୋଲି ସିନେଟ ନିଷ୍ପତ୍ତି ନେଇଥିଲା।
- ଉଭୟ ପକ୍ଷଙ୍କ ଓକିଲ ଏହି ବିଷୟକୁ ନେଇ ସହମତ ହୋଇଥିଲେ ଯେ ସେମାନେ କଂଗ୍ରେସ ନେତା କେଭିନ୍ ମେକ୍‌କାର୍ଥି ଓ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଟେଲିଫୋନିକ୍ ଯୁକ୍ତି ପ୍ରସଙ୍ଗରେ ବୟାନ ରେକର୍ଡ କରିବେ।



- ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଅଣାଯାଇଥିବା ଏହି ମହାଭିଯୋଗ ପ୍ରସ୍ତାବ ଅସାମ୍ବିଧାନିକ ବୋଲି ଟ୍ରମ୍ପଙ୍କ ଓକିଲ ନିଜ ଶେଷ ଯୁକ୍ତିରେ କହିଥିଲେ।
- ଡେମୋକ୍ରାଟିକ୍ ସିନେଟର ଜେମି ରସ୍କିନ ଟ୍ରମ୍ପଙ୍କ ଇଚ୍ଛା ଅନୁସାରେ କାମ ନ କରିବାକୁ ରିପବ୍ଲିକାନ୍ ପାର୍ଟିର ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୯୨,୩୪,୦୨୨ | ୨୪,୦୨,୮୮୫ | ୮,୧୨,୪୩,୧୮୨ |
| ଭାରତ | ୧,୦୯,୧୦,୫୮୯ | ୧,୫୫,୭୩୪ | ୧,୦୬,୧୩,୦୭୨ |
| ଓଡ଼ିଶା | ୩,୩୬,୧୦୧ | ୧୯୧୦(+୫୩) | ୩,୩୩,୪୫୧ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ପାଟଣା, ୧୪।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରବିବାର ଅଭିଯୁକ୍ତଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ତୁରୁମୁଙ୍ଗା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯିବ ଥାନାଧିକାରୀ ସୁଶାନ୍ତମଣି ମହାନ୍ତି କହିଛନ୍ତି। ଶନିବାର ରାତିରେ ଛୋଟରାୟ ମୁଣ୍ଡା ନାମକ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ରବିବାର ସକାଳୁ ସ୍ଥାନୀୟ ଲୋକେ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଯୁବକଙ୍କୁ କ୍ଲବ ଘର ବାରଣ୍ଡା ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି।

**ଅଭିଯୁକ୍ତଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ ଗ୍ରାମବାସୀ**

# ଜଳ ସଂରକ୍ଷଣ: ବର୍ଷକରେ ଫେଲ୍

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୪।୨**

ଓଡ଼ିଶାରେ ଜଳ ସଂରକ୍ଷଣ ପାଇଁ ବିବିଧ ପଦ୍ଧତି ପ୍ରୟୋଗ କରାଯାଇଛି। ଏଥିରେ ରୁଫ୍‌ଟପ୍ ରେନ୍‌ୱାଟର ହାରଭେଷ୍ଟିଙ୍ଗ ଷ୍ଟ୍ରକ୍ଚର (ଆର୍‌ଆର୍‌ଏଚ୍‌ଏସ୍), ଗ୍ରାଉଣ୍ଡ ୱାଟର ରିଚାର୍ଜ, ବାୟୋଡାଇଭର୍ସିଟି ପାର୍କ ଓ ଗ୍ରିନେରୀ, ଗ୍ରାଉଣ୍ଡ୍ ୱାଟର ରେଗୁଲେଶନ, ଜଳାଶୟର ଉନ୍ନତୀକରଣ ଇତ୍ୟାଦି ରହିଛି। ହେଲେ ଶିଳ୍ପାଞ୍ଚଳରେ ମନମୁଖୀ ଭୂତଳ ଜଳ ବ୍ୟବହାର ଏବଂ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଭାଗୀୟ ଆନ୍ତରିକତାର ଅଭାବ ଯୋଗୁ ଭୂତଳ ଓ ବର୍ଷାଜଳ ସଂରକ୍ଷଣ ପଦ୍ଧତି ବ୍ୟାହତ ହେଉଥିବା ମତପ୍ରକାଶ ପାଇଛି। ବିଡ଼ମ୍ବନା ଯେ, ୨୦୧୮-୧୯ରେ ଆର୍‌ଆର୍‌ଏଚ୍‌ଏସ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ତାହା ବର୍ଷକ ପରେ ଫୁସ୍ ହୋଇଯାଇଛି। ଏପରି କି ୨୦୨୦-୨୧ରେ ସରକାରୀ ଓ ବେସରକାରୀ ଭାବେ ୬,୩୦୦ ଆର୍‌ଆର୍‌ଏଚ୍‌ଏସ୍ ନିର୍ମାଣ ପାଇଁ ରହିଥିବା ୩୭ କୋଟି ଟଙ୍କା ବିନିଯୋଗ ହୋଇ ନ ପାରି ଫେରିଯାଇଛି। ଏଥିରୁ ଜଳ ସଂରକ୍ଷଣ ପଦ୍ଧତି ପାଇଁ ସରକାରୀ ଯୋଜନା ବାଟ ଭୁଲିଛି ବୋଲି ସ୍ପଷ୍ଟ ହୋଇଯାଉଛି।

ରାଜ୍ୟରେ ଖଣି ଖନନ, ଶିଳ୍ପାୟନ ଓ ଗୃହ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯାଇ ତା' ପ୍ରତିବଦଳରେ ବୃକ୍ଷରୋପଣ କରା ନ ଯିବା କାରଣରୁ ପ୍ରବହମାନ ଜଳଉତ୍ସଗୁଡିକର ଜଳ ନିର୍ଗମନ କ୍ଷମତା ହ୍ରାସ ପାଉଛି। ସେହି ଜଳଧାରା ଦିନକୁ ଦିନ ଶୁଷ୍କ ହୋଇଯାଉଛି। ଏ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ୩୨୫/୨୦୧୫, ୬୦୬/୨୦୧୮ ଏବଂ ୬୭୩/୨୦୧୮ ନମ୍ବରରେ ମାମଲା ରୁଜୁ ହୋଇଛି। ଫଳରେ ରାଜ୍ୟ ସରକାର ୨୦୧୮-୧୯ ବର୍ଷରେ ଆର୍‌ଆର୍‌ଏଚ୍‌ଏସ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିବର୍ଷ ସରକାରୀ ଭାବେ ୩୫୮ ଏବଂ ବେସରକାରୀ ଭାବେ ୯୪୩୮ଟି ଆର୍‌ଆର୍‌ଏଚ୍‌ଏସ୍ ନିର୍ମାଣ ହୋଇଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ୨୦୧୯-୨୦ ଏବଂ ୨୦୨୦ -୨୧ ବର୍ଷରେ ଆର୍‌ଆର୍‌ଏଚ୍‌ଏସ୍ ନିର୍ମାଣରେ ଅଗ୍ରଗତି ଶୂନ ରହିଛି। ଏହି ଦୁଇ ଆର୍ଥିକ ବର୍ଷରେ ଯୋଜନାର ପ୍ରକଳ୍ପ ଅନୁମୋଦନ ଲାଭ କରି ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ସେହିଭଳି ଭୂତଳ ଜଳ ପୁନଃଭରଣ କ୍ଷେତ୍ରରେ ୨୦୧୯-୨୦ରେ ପୋଖରୀ ଓ ଗାଡ଼ିଆରେ କୂପ ଖନନ ମାଧ୍ୟମରେ ୧୭୯ ସମ୍ପୂର୍ଣ୍ଣ ହୋଇଛି। ୨୦୨୦-୨୧ ବର୍ଷର ଡିସେମ୍ବର ସୁଦ୍ଧା ୬୫ଟି ମଧ୍ୟରୁ ମାତ୍ର ୧୫ଟି ଶେଷ ହୋଇପାରିଛି। ବାୟୋ ଡାଇଭର୍ସିଟି ପାର୍କ ଏବଂ ଗ୍ରିନେରୀ/ପ୍ଲାଣ୍ଟେଶନ କ୍ଷେତ୍ରରେ ନଦୀ, ଡ୍ୟାମ୍‌ସାଇଟ୍, ବ୍ୟାରେଜ ଏବଂ କେନାଲ କଡ଼ରେ ୨୦୧୮ ବର୍ଷାଋତୁରେ ୧୦,୯୪,୬୯୯ ଚାରାଗଛ ଲଗାଯାଇଥିବା ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ଏହି ଚାରା ପରବର୍ତ୍ତୀ ସମୟରେ ଗଛରେ ପରିଣତ ହୋଇଛି କି ନାହିଁ ତାହା ବିଭାଗ ପାଖରେ କୌଣସି ଖବର ନାହିଁ।



- ଫେରିଗଲା ୩୭ କୋଟି ଟଙ୍କାର ଅନୁଦାନ
- ଶିଳ୍ପାଞ୍ଚଳରେ ଭୂତଳ ଜଳ ଶୋଷଣ ଅନିୟନ୍ତ୍ରିତ

ଏନ୍‌ଜିଟି ମାମଲା ଉପରେ ଜଳ ସମ୍ପଦ ବିଭାଗ (ବେସିନ ପ୍ଲାନିଂ ଆଣ୍ଡ କ୍ଲାଇମେଟ୍ ଚେଞ୍ଜ୍) ମୁଖ୍ୟଯନ୍ତ୍ରୀ ବିଶ୍ୱମୋହନ ଆଚାର୍ଯ୍ୟ ଏକ ରିପୋର୍ଟ ପ୍ରସ୍ତୁତ କରି ଦର୍ଶାଇଛନ୍ତି ଯେ, ୨୦୧୧ରେ 'ଦ ଓଡ଼ିଶା ଗ୍ରାଉଣ୍ଡ୍ ୱାଟର ଆଇନ' କାର୍ଯ୍ୟକାରୀ ହୋଇଥିଲା। ତାହା ୨୦୧୯ଠାରୁ ଫଳପ୍ରଦ ହୋଇଛି। ଏଥିରେ ସେଣ୍ଟ୍ରାଲ ଗ୍ରାଉଣ୍ଡ୍ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି) ଏବଂ ଡିଷ୍ଟ୍ରିକ୍ଟ ଲେଭଲ ଇଭାଲ୍ୟୁଶନ କମିଟି(ଡିଏଲ୍‌ଇସି) ଶିଳ୍ପାଞ୍ଚଳରେ ଶୋଷୁଥିବା ଭୂତଳ ଜଳ ଉପରେ କଡ଼ା ନିୟନ୍ତ୍ରଣ କରିବେ ବୋଲି ଆଇନ ରହିଛି। ପ୍ରତି ୧୦ ବର୍ଷରେ ଗ୍ରାଉଣ୍ଡ ୱାଟର ଡେଭଲପମେଣ୍ଟର ମୁଖ୍ୟଯନ୍ତ୍ରୀ ଏବଂ ନିର୍ଦ୍ଦେଶକ ପର୍ଯ୍ୟାଲୋଚନା କରିବେ। ଏହାବାଦ ୨୮।୧।୨୦୨୧ ସୁଦ୍ଧା ରାଜ୍ୟରେ ୦.୫ ଏକର ଲେଖାଏ ଜଳସେଚନ କରୁଥିବା ୨୬,୭୯୯ଟି ଜଳାଶୟ ଚିହ୍ନଟ କରାଯାଇଛି। ଏନ୍‌ଜିଟି ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ଙ୍କ ନିର୍ଦ୍ଦେଶ ଅନୁସାରେ ଜଳାଶୟର ପୁନରୁଦ୍ଧାର କରିବାକୁ ଏକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଆଚାର୍ଯ୍ୟ ରିପୋର୍ଟରେ ଦର୍ଶାଇଛନ୍ତି।

ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ରାଜ୍ୟ ସରକାର ଭୂତଳ ଜଳସ୍ତର ହ୍ରାସ ଘଟଣାକୁ ଆଖିବୁଜି ଦେଇଛନ୍ତି। ଶିଳ୍ପ କାରଖାନାଗୁଡିକ ଚୁକ୍ତିଠାରୁ ବହୁ ଗୁଣରେ ଭୂତଳ ଜଳ ବ୍ୟବହାର କରୁଛନ୍ତି। ଏହା ହିଁ ଭୂତଳ ଜଳ ହ୍ରାସର ମୁଖ୍ୟ କାରଣ ବୋଲି କୁହାଯାଉଛି। ୨୦୧୬ ମେ ମାସରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଭୂତଳ ଜଳ ପୁନଃଭରଣ ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଲାଗି ପଦକ୍ଷେପ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠିଥିଲା। ଏହାପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର ଇନ୍ ଚିଫ୍ ତାଙ୍କ ପତ୍ରସଂଖ୍ୟା ୬୦୮୩/୧୦।୬।୨୦୧୬ ଓ ୩୪୭୪/୧।୬।୨୦୧୬ରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହାବାଦ୍ ଗ୍ରାମ୍ୟ ଉନ୍ନୟନ ବିଭାଗର ଉପସଚିବ ସୁଭାଷ ଚନ୍ଦ୍ର ଦାସ ତାଙ୍କ ପତ୍ରସଂଖ୍ୟା ୩୪୭୪/୧।୬।୨୦୧୬ରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଆଇସିଙ୍କୁ ଜଳ ସଂରକ୍ଷଣ ଓ ଭୂତଳ ଜଳ ପୁନଃଭରଣ ଉପରେ ପଦକ୍ଷେପ ନେବାକୁ ପତ୍ର ଲେଖିଥିଲେ। କିନ୍ତୁ ଏଯାଏ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ।

## ୧୬ ରୁ ୧୮ ବର୍ଷା

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ଆସନ୍ତା ୧୬ ତାରିଖରୁ ତିନିଦିନ ଯାଏ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖରେ ସମ୍ବଲପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ରେ ସ୍ୱଳ୍ପ ପରିମାଣର ବର୍ଷା ହେବ। ସେହିପରି ୧୭ ତାରିଖରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲାରେ ବର୍ଷା ହେବ। ସେହିଦିନ ବିଭିନ୍ନ ଜିଲାକୁ ଝଡ଼ତୋଫାନ ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ସୋନପୁର, ବଲାଙ୍ଗୀର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ ଓ ଢେଙ୍କାନାଳ ଆଦି ୧୫ଜିଲାକୁ ଝଡ଼ତୋଫାନ ସହିତ ବଜ୍ରପାତ ହେବାର ଆଶଙ୍କା ଥିବାରୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୮ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ଗଜପତି, ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଧୀରେ ଧୀରେ ପାରଦ ଉପରମୁହାଁ ହେଉଛି। ରବିବାର ଫୁଲବାଣୀ ଓ ବୌଦ୍ଧ ଜିଲାରେ ସର୍ବନିମ୍ନ ୧୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ପିହୁଙ୍କୁ ଖୋଜିଦେଲେ ୨୦ ହଜାର

**ଯାଜପୁର ଅଫିସ/ ବିଞ୍ଝାରପୁର,୧୪।୨(ଡି.ଏନ.ଏ.)**

ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ(ପିହୁ) ନିଖୋଜ ଘଟଣାରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ପୋଲିସ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ିଛି। ପିହୁ କେଉଁଠି ସେନେଇ ପୋଲିସକୁ ଖବର ଦେଲେ ସୂଚନାଦାତାଙ୍କୁ ୨୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ଏନେଇ ପୋଲିସ ପକ୍ଷରୁ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇଛି। ସୂଚନା ଦେବା ପାଇଁ ୨ଟି ଫୋନ ନମ୍ବର ୮୭୬୩୧୩୭୭୨୬ ଓ ୯୪୩୭୩୭୩୭୩୭ ଉକ୍ତ ପୋଷ୍ଟରରେ ଦର୍ଶାଯାଇଛି। ପୂର୍ବରୁ ପିହୁଙ୍କୁ ଖୋଜିବାକୁ ୫ ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ଏହାସହ ପୋଲିସ ରବିବାର ପୂର୍ବାହ୍ନରେ ପିହୁଙ୍କ ସନ୍ଧାନ ପାଇଁ ତାଙ୍କ ଘର ନିକଟ ଏକ ପୋଖରୀକୁ ଶୁଖାଇଥିଲା।

ସୂଚନା ଅନୁସାରେ ପିହୁଙ୍କ ମା' ମୋନାଲିସା ନାୟକଙ୍କ ଶାଶୁଘର ଭଦ୍ରକ ଜିଲା ନାୟକାଣିଡିହୀ ଥାନା ଅଞ୍ଚଳରେ। କୌଣସି କାରଣରୁ ସେ ଦେଢ଼ବର୍ଷ ହେବ ବାପଘର ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମରେ ରହୁଥିଲେ। ଗତବର୍ଷ ଅଗଷ୍ଟ ୯ରେ ୨ ବର୍ଷର ଝିଅ ପିହୁ ତା'ର ସାଙ୍ଗ ସହିତ ଗାଁଦାଣ୍ଡରେ ଖେଳୁଥିବାର ତାଙ୍କ ସମ୍ପର୍କୀୟ ଅଜା ଦେଖିଥଲେ। ସେତେବେଳେ ଅପରାହ୍ନ ୩ଟା ହୋଇଥିଲା। କିଛି ସମୟ ପରେ ମୋନାଲିସା ପିହୁଙ୍କୁ ଖୁଆଇବା ପାଇଁ ଖୋଜିବାରୁ ଝିଅ ସେଠାରେ ନ ଥିଲେ। ବହୁତ ଖୋଜାଖୋଜି କଲାପରେ ପିହୁଙ୍କ ପତ୍ତା ମିଳି ନ ଥିଲା। ବିଭିନ୍ନ ଗାଡ଼ିଆ, ପୋଖରୀ ଓ ଜଳାଶୟ ଖୋଜିଥିଲେ। ଶେଷରେ ନିରାଶ ହୋଇ ବିଞ୍ଝାରପୁର ଥାନାରେ ୧୪।୮।୨୦୨୦ରେ ଅଭିଯୋଗ କରିଥିଲେ। ଥାନାଧିକାରୀ ନିରଞ୍ଜନ ଶବର ଗ୍ରାମକୁ ଆସି ଆଖପାଖ ଲୋକଙ୍କୁ ପଚରାଉଚୁରା କରିଥିଲେ। ଇତିମଧ୍ୟରେ ପ୍ରାୟ ୬ମାସ ଅତିକ୍ରାନ୍ତ ହୋଇଥିବାବେଳେ ପିହୁଙ୍କ ଖୋଜ ଖବର ମିଳିନାହିଁ। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ପିହୁଙ୍କୁ ଖୋଜିବା ପାଇଁ ଜୋରଦାର ଦାବି ହୋଇଆସୁଛି। ଯାଜପୁର ଏସ୍‌ପି ରାହୁଲ ପି.ଆର. ମଧ୍ୟ ବିଞ୍ଝାରପୁର ଗସ୍ତ କରି ତଦନ୍ତର ସମୀକ୍ଷା କରିଛନ୍ତି।




**ପୁରସ୍କାର ପୋଷ୍ଟର ମାରିଲା ପୋଲିସ**

**ଗାଁ ପୋଖରୀ ଶୁଖାଗଲା**

# ବାଲ୍ୟବିବାହ ରୋକିଲା ଜିଲା ପ୍ରଶାସନ

**ସାମାଜିକ କର୍ମୀଙ୍କୁ ହତ୍ୟା ଧମକ**

**ରସୁଲପୁର,୧୪।୨(ଡି.ଏନ.ଏ.):** ଯାଜପୁର ସଦର ଥାନା ଝାଲପଡ଼ା ପଞ୍ଚାୟତ କାକୁଡିକୁଦ ଗ୍ରାମରେ ରବିବାର ବାଲ୍ୟ ବିବାହ ପାଇଁ ପ୍ରସ୍ତୁତି ହେଉଥିବାବେଳେ ଏହାକୁ ରୋକାଯାଇଛି। ସରପଞ୍ଚ ନିର୍ମଳ ସାମଲ ଓ ଶିଶୁ ଅଧିକାର ସାମାଜିକ କର୍ମୀ ମଣ୍ଟୁଦାସଙ୍କ ସହଯୋଗରେ ବାଲ୍ୟ ବିବାହକୁ ଜିଲା ପ୍ରଶାସନର ଶିଶୁ ସୁରକ୍ଷା ୟୁନିଟ୍ ଓ ପୋଲିସ ମିଳିତ ଟିମ୍ ରୋକି ପାରିଛନ୍ତି। ବିଶ୍ୱସ୍ତସୂତ୍ରରୁ ଖବରପାଇ ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀ ପହଞ୍ଚି ନାବାଳିକାଙ୍କ ପ୍ରମାଣ ପତ୍ର ଯାଞ୍ଚ କରିଥିଲେ। ବିବାହ ପାଇଁ ବୟସ ହୋଇ ନ ଥିବାରୁ ତାଙ୍କ ପରିବାରକୁ ବାରଣ କରିବା ସହ ୧୮ବର୍ଷ ପରେ ବିବାହ କରିବାକୁ କହିଥିଲେ। ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମୁଖ୍ୟ ଅଧିକାରୀ ନିରଞ୍ଜନ କର, ମିହିର ଜେନା, ତପନ ପଣ୍ଡା, ଯାଜପୁର ସଦର ପୋଲିସ, ସାମାଜିକ କର୍ମୀ ପ୍ରିୟନାଥ ରାଉତ, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିବାହ ବନ୍ଦ ପରେ ସ୍ଥାନୀୟ କେତେଜଣ ଯୁବକ ଉତ୍ତ୍ୟକ୍ତ ହୋଇ ସାମାଜିକ କର୍ମୀ ମଣ୍ଟୁଦାସଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି।

# ପ୍ରେମିକା ପାଇଁ ସ୍ତ୍ରୀଙ୍କୁ ହତ୍ୟା

**ନୟାଗଡ ଅଫିସ,୧୪।୨**

ନୟାଗଡ଼ ଜିଲା ଶରଣକୁଳ ଥାନା ସସ୍ମିତା ମହାପାତ୍ରଙ୍କୁ ହତ୍ୟା ପାଇଁ ତାଙ୍କ ସ୍ୱାମୀ ଅକ୍ଷୟ ମହାପାତ୍ର ଓରଫ ଅଖିଳ (୩୯) ୫ଜଣ ସୁପାରିକିଲରଙ୍କ ସହାୟତା ନେଇଥିବାବେଳେ ପୋଲିସ ହତ୍ୟାର ରହସ୍ୟ ପର୍ଦ୍ଦାଫାଶ କରିଛି। ପ୍ରେମିକାଙ୍କୁ ବିବାହ ଲାଳସାରେ ଅକ୍ଷୟ ତାଙ୍କ ଜୀବନସାଥୀଙ୍କୁ କେବଳ ପର କରିଦେଇନାହାନ୍ତି, ବରଂ ତାଙ୍କ ଜୀବନ ନେଇଛନ୍ତି। ଏଥିରେ ତାଙ୍କ ପ୍ରେମିକା ସହାୟତା କରିଥିଲେ ବୋଲି ଅକ୍ଷୟ ସ୍ୱୀକାର କରିଥିବା ପୋଲିସ କହିଛି। ଶନିବାର ଗିରଫ ହୋଇଥିବା ୪ ସୁପାରି କିଲର ଗୋଲଗାଁର ଜିତେନ୍ଦ୍ର ସ୍ୱାଇଁ(୨୦), ତୋଫାନ ମଣ୍ଡଳ(୨୨), ଭାଗୀରଥି ମହାରଣା(୪୦) ଓ ଶରଣକୁଳ ସୁଆରସାହିର ମନୋଜ ପ୍ରଧାନ(୨୨) ଏବଂ ୨ ଦିନିଆ ରିମାଣ୍ଡରେ ଥିବା ମୁଖ୍ୟ ଅଭିଯୁକ୍ତ ଅକ୍ଷୟଙ୍କୁ ପୋଲିସ ରବିବାର ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରିଛି। ଏହି ସମୟରେ ହତ୍ୟାରେ ବ୍ୟବହୃତ ଓଢ଼ଣିକୁ ସ୍ଥାନୀୟ ଏକ ନଦୀକୂଳରୁ ପୋଲିସ ଜବତ କରିଛି। ଏହାସହ ୪ ସୁପାରିକିଲରଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଅକ୍ଷୟଙ୍କୁ ଅଧିକ ପଚରାଉଚରା କରାଯାଉଛି। ସୋମବାର ମେଡିକାଲ ଟେଷ୍ଟ ପରେ ତାଙ୍କୁ କୋର୍ଟରେ ହାଜର କରାଯିବ। ଆଉ ଜଣେ ସୁପାରିକିଲର ଶରଣକୁଳର ଅମଜାତ୍ ଖାଁ ଫେରାର ହୋଇଯାଇଛନ୍ତି।

ଶରଣକୁଳଠାରେ ଖବରଦାତା ସମ୍ମିଳନୀରେ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କାଟାରିଆ କହିଛନ୍ତି ଯେ, କଟକ ସଦର ଥାନା ଝିଙ୍କିରିଆ ଗାଁର ସୁଶାନ୍ତ ଦେବତାଙ୍କ ଝିଅ ସସ୍ମିତା ୨୦୧୭ରେ ଶରଣକୁଳର ଅକ୍ଷୟଙ୍କୁ ବିବାହ କରିଥିଲେ। ଅକ୍ଷୟ ବିବାହ ପୂର୍ବରୁ ନିଜ ଗାଁର ଜଣେ ଯୁବତୀ ରୀନା ମହାପାତ୍ରଙ୍କୁ ଭଲ ପାଉଥିଲେ। ବିବାହ ପରେ ଉଭୟଙ୍କ ସମ୍ପର୍କ ଥିବା ଜାଣିବା ପରେ ସସ୍ମିତା ତାହାକୁ ବିରୋଧ କରିଥିଲେ। ତେଣୁ ସସ୍ମିତାଙ୍କୁ ପ୍ରେମ ବାଟରୁ ହଟାଇବା ପାଇଁ ଅକ୍ଷୟ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଚାପ ପ୍ରୟୋଗ କରିଥିଲେ। ଟଙ୍କା ଦେଇ ନ ପାରିଲେ ପଳାଇଯିବାକୁ ବାରମ୍ବାର କହୁଥିଲେ। ଏପରି କି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏହାସାଙ୍କୁ ପ୍ରେମିକା ସହ ମିଶି ସସ୍ମିତାଙ୍କୁ ମାରିବା ପାଇଁ ବାରମ୍ବାର ଷଡ଼ଯନ୍ତ୍ର କରିଆସୁଥିଲେ। ପ୍ରଥମେ ଅକ୍ଷୟ ଗାଁ ନିକଟ ଝରଣାକୁ ନେଇ ସସ୍ମିତାଙ୍କୁ ଠେଲି ମାରିବାକୁ ଉଦ୍ୟମ କରିଥିଲେ। ହେଲେ ସେଥିରେ ସଫଳ ହୋଇ ନ ଥିଲେ। ଏହାପରେ ୨୦୨୦ ଡିସେମ୍ବର ୧୫ରେ ମର୍ନିଂ ୱାକ୍‌ରେ ଯାଉଥିବା ସମୟରେ ଗାଡ଼ି ମଡ଼ାଇ ସସ୍ମିତାଙ୍କୁ ମାରିବାକୁ ଅକ୍ଷୟ ଯୋଜନା କରିଥିଲେ। ଏଥିପାଇଁ ଶରଣକୁଳର ମନୋଜ ପ୍ରଧାନ ଓ ଅମଜାତ୍ ଖାଁକୁ ୫୦ ହଜାର ଟଙ୍କାର ସୁପାରି ଦେଇଥିଲେ। ଏହା ମଧ୍ୟ ବିଫଳ ହୋଇଥିଲା। ପୁଣି ଗତ ଜାନୁୟାରୀ ୨୦ରେ ଗୋଲଗାଁର ଜିତେନ୍ଦ୍ର ଏବଂ ଭାଗୀରଥିଙ୍କୁ ଅଢେଇ ଲକ୍ଷ ଟଙ୍କାର ସୁପାରି ଡିଲ୍ କରି ଅକ୍ଷୟ ୨୦ହଜାର ଟଙ୍କା ଆଡ୍‌ଭାନ୍ସ ଦେଇଥିଲେ। ୨୨ ତାରିଖରେ ହତ୍ୟା ଉଦ୍ୟମ ବିଫଳ ହୋଇଥିଲା। ଏହାପରେ ଜାନୁୟାରୀ ୨୯ ରାତିରେ ସସ୍ମିତା ଶୋଇ ପଡ଼ିବା ପରେ ହତ୍ୟା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଖଟରେ ଶୋଇ ରହିଥିବା ସସ୍ମିତାଙ୍କୁ ଗୋଲଗାଁର ୩ ସୁପାରିକିଲର ଜିତେନ୍ଦ୍ର, ତୋଫାନ, ଭାଗୀରଥି ଧରିଥିଲେ। ଅକ୍ଷୟ ଏକ ଓଢ଼ଣିରେ ୫ ମିନିଟ୍ ଯାଏ ତଣ୍ଟି ଚିପି ଧରିଥିଲେ। ଫଳରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଏହି ସମୟରେ ସସ୍ମିତାଙ୍କ ପାଖରେ ଶୋଇଥିବା ତାଙ୍କ ୨ବର୍ଷର ଶିଶୁକନ୍ୟା ଉଠି ପଡ଼ିଥିଲେ ମଧ୍ୟ ଅକ୍ଷୟଙ୍କୁ କିଛି ଫରକ ପଡ଼ି ନ ଥିଲା। ଏହାପରେ ମୃତଦେହକୁ ତଳମହଲାକୁ ଆଣି ଢିଙ୍କିଶାଳରେ ବାଉଁଶ ଭାଡିରେ ଝୁଲାଇ ଦେଇଥିଲେ। ସବୁ କିଛି ପ୍ରମାଣ ନଷ୍ଟ ପରେ ସ୍ତ୍ରୀ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ଅକ୍ଷୟ। ପ୍ରାଥମିକ ତଦନ୍ତ ପରେ ପୋଲିସ ପ୍ରଥମେ ଅକ୍ଷୟ ଏବଂ ପରେ ପ୍ରେମିକା ରୀନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ବେଳେ ଏହି ହତ୍ୟାକାଣ୍ଡରେ ସୁପାରି ଦିଆଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଖବରଦାତା ସମ୍ମିଳନୀରେ ଆଇଆଇସି ବିମଳ ମଲିକ ଓ ତଦନ୍ତକାରୀ ଅଫିସର ବିରଞ୍ଚି ନାରାୟଣ ଅମାତ ମଧ୍ୟ ହତ୍ୟାକାଣ୍ଡ ନେଇ ସୂଚନା ଦେଇଥିଲେ।

**ସସ୍ମିତା ହତ୍ୟା ଘଟଣା**

- ୨ ଦଫାରେ ନିୟୋଜିତ ହୋଇଥିଲେ ୫ ସୁପାରିକିଲର
- ମାରିବାକୁ ୩ ଥର ଉଦ୍ୟମ ବିଫଳ ହୋଇଥିଲା
- ୪ର୍ଥ ଉଦ୍ୟମରେ ୩ ସୁପାରିକିଲରଙ୍କ ସହାୟତାରେ ତଣ୍ଟି ଚିପିଥିଲେ ସ୍ୱାମୀ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତମାନେ




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଡଃ. ସୋନିଆ
ପରିବାରବର୍ଗ


ମଣ୍ଟି ମିଲନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଇଥିଲି ମୁଁ ଅଇଲିଣି**
**ଲାଭ ଚୋରା ଭାବ ପାଇଲିଣି**
**କାଢ଼ କବାଟ ଦେଖ ପିଠି**
**ମଣିଷ ପଣରୁ ସଇଲିଣି।**

ଚୋର ଘର ସବୁବେଳେ ଅନ୍ଧାର ନ ଥାଏ। ସବୁଦିନେ ଚୋର ଖସି ଯାଇ ନ ଥାଏ, ଦିନେ ନା ଦିନେ ତା' ଚୋରି ଧରା ପଡି ସେ ଦଣ୍ଡ ପାଇଥାଏ। ସବୁ ଦିନେ ତାର ଏକାଭଳି ଯାଇ ନ ଥାଏ। ଚୋରି କରିବାକୁ ଯାଇଥିବା ବ୍ୟକ୍ତି ମାଡ଼ ଖାଇ ତା' ଘରକୁ ଆସି କାନ୍ଦୁଥିବା ଆତ୍ମୀୟସ୍ୱଜନଙ୍କୁ ପ୍ରବୋଧନା ଦେବା କେବଳ ସାର ହୋଇଥାଏ। ପରୋକ୍ଷରେ ପରକୀୟା ପ୍ରୀତିର ପରିଣାମ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହା ହେବ ପଛେ ହେଉ**
**ଭୁଲିଗଲା ମନ ଢଳିଗଲା ବନ**
**ଲେଉଟି ଆସେ କି ଆଉ ?**

ଥରେ ଯାହା ଘଟି ଯାଇଥାଏ ତାହା ଆଉ ପୁନଃ ଫେରି ଆସି ନ ଥାଏ। ମନ ଥରେ ଟଳିଗଲେ ବା ବଦଳି ଗଲେ ଆଉ ପୁନଃ ତରଳି ପାରି ନ ଥାଏ। ସେହିପରି ବଣ ଥରେ ଉଜୁଡି ଗଲେ ଆଉ ସେ ଶୋଭାବନ ହୋଇପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

**ଆଜିର ମନ୍ତବ୍ୟ**

ଭାରତ ଶାନ୍ତିରେ ବିଶ୍ୱାସ କରେ। କିନ୍ତୁ ନିଜ ସାର୍ବଭୌମତ୍ୱକୁ କୌଣସି ପ୍ରକାର ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ହିନ୍ଦୁ-ମୁସଲିମ ଭାଇଚାରାର ପ୍ରତୀକ ଥିଲେ କଣ୍ଠଶିଳ୍ପୀ ଭିକାରୀ

ଖଣ୍ଡପଡା,୧୪।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ସାଲବେଗ ସ୍ମୃତି ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ସାଲବେଗ କଲଚର ନୟାଗଡ଼ ଆନୁକୂଲ୍ୟରେ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟର ବହୁ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଖଣ୍ଡପଡା ରାଜା ସାହେବ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁରୁ ଆଲୋକ ଦାସ ଉତ୍ସବକୁ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି ରୂପେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଧନେଶ୍ୱର ମହାପାତ୍ର, ଜଗଦୀଶ ପ୍ରସାଦ ରଥ, ଚିତ୍ତରଞ୍ଜନ ମିଶ୍ର, ଗିରିଜା ଶଙ୍କର ତରାସିଆ, ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ ହିନ୍ଦୁ-ମୁସଲିମ ଭାଇଚାରାର ପ୍ରତୀକ ବୋଲି ମୁଖ୍ୟ ଅତିଥି ସିଂ କହିଥିଲେ।

## ଆଜି ଓଡ଼ିଶା ...

ସମସ୍ୟା, ରାଜ୍ୟରେ ବଢ଼ି ଚାଲିଥିବା ନାରୀ ଓ ଶିଶୁ ନିର୍ଯାତନା, ବିଗିଡିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ଏକାଧିକ ପ୍ରସଙ୍ଗ ନେଇ ବନ୍ଦ ପାଳନ କରାଯାଉଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ ବନ୍ଦ ରଖାଯାଇଥିବା ବେଳେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ରାଜ୍ୟ ବସ୍ ମାଲିକ ସଂଘ କୋଷାଧ୍ୟକ୍ଷ ବରଦା ଆଚାର୍ଯ୍ୟ କହିଛନ୍ତି, ବନ୍ଦ ଡାକରାକୁ ସମର୍ଥନ ଦେଇ କେବଳ ବନ୍ଦ ସମୟରେ ବସ୍ ଚଳାଚଳ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। କାରଣ ବନ୍ଦ ସମୟରେ ଢେଲା ମାଡ଼ କିମ୍ବା ବସ୍ ପୋଡ଼ାଜଳାର ଆଶଙ୍କା ରହିଛି। ସେହିପରି ବନ୍ଦ ଡାକରା ପରେ ଲୋକଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ଦିନ ୧ଟା ପରେ ବସ୍ ଚଳାଚଳକୁ ସ୍ୱାଭାବିକ କରାଯିବ ବୋଲି ବୋଲି ଆଚାର୍ଯ୍ୟ କହିଛନ୍ତି। ସମାନଭାବେ ସରକାରୀ କର୍ମଚାରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ବିଭାଗ ପକ୍ଷରୁ ମଧ୍ୟ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସବୁ କର୍ମଚାରୀଙ୍କୁ ସକାଳ ୯ଟା ୧୫ ସୁଦ୍ଧା ଅଫିସରେ ପହଞ୍ଚିବାକୁ କୁହାଯାଇଛି। ସେହିପରି ଲୋକସେବା ଭବନର ସମ୍ମୁଖ ଗେଟ୍ ବନ୍ଦ ରହିବା ଲାଗି ନିଷ୍ପତ୍ତି ହୋଇଛି। ସବୁ କର୍ମଚାରୀ ନିଜର ପାସ୍ ଏବଂ ଯଦି ଚାରି ଚକିଆରେ ଆସନ୍ତି ତେବେ କାର୍ ପାସ୍ ଆଣି ଆସିବେ। ରାସ୍ତାରେ କିମ୍ବା କେଉଁ ସ୍ଥାନରେ କର୍ମଚାରୀ ଯଦି କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେମାନଙ୍କ ପାଇଁ ଲୋକସେବା ଭବନ ସିକ୍ୟୁରିଟି ଅଫିସରଙ୍କ ଲ୍ୟାଣ୍ଡଲାଇନ ନମ୍ବର ଜାରି କରାଯାଇଛି। ସେମାନେ ଯୋଗାଯୋଗ କରିପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୦ ନଭେମ୍ବରଠାରୁ ଏବେ ସୁଦ୍ଧା ପେଟ୍ରୋଲ, ଡିଜେଲ ଦର ପ୍ରାୟ ୨୭ ଥର ବୃଦ୍ଧି ହୋଇସାରିଛି। ଜାନୁୟାରୀରୁ ଏବେ ସୁଦ୍ଧା ତୈଳ ଦର କେନ୍ଦ୍ର ସରକାର ୧୮ ଥର ବୃଦ୍ଧି କରିଛନ୍ତି। ୨୦୨୧-୨୨ ବଜେଟରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ୨ ଟଙ୍କା ୫୦ ପଇସା ଏବଂ ୪ଟଙ୍କା କୃଷି ସେସ୍ ଲଗାଇବା ନେଇ ଘୋଷଣା କରିଛନ୍ତି। ଏପରି କି ଏହି ସେସ୍ ପ୍ରଭାବ ଖାଉଟିଙ୍କ ଉପରେ ସିଧାସଳଖ ପଡ଼ିବ ନାହିଁ କିମ୍ବା ତେଲ ଦର ବଢ଼ିବନି ବୋଲି କୁହାଯାଇଛି। ସେହିପରି ବର୍ଦ୍ଧିତ ସେସ୍ ତୈଳ କମ୍ପାନୀଗୁଡ଼ିକ ବହନ କରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ

## ପ୍ରଥମ ପୃଷ୍ଠାରୁ...

ସ୍ପଷ୍ଟ କରିଥିଲେ। ଏହା ଭିତରେ ୮ଟି ପର୍ଯ୍ୟାୟରେ ଉପଭୋକ୍ତାଙ୍କ ମୁଣ୍ଡ ଉପରେ ଅତିରିକ୍ତ ବୋଝ ପଡ଼ିଲାଣି।

## ବନ୍ଦ ରହିବ ...

ସୋମବାର ଉଚ୍ଚ ଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ଘରୋଇ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନ ସମସ୍ତ ବୈଷୟିକ/ବୃତ୍ତିଗତ ଶିକ୍ଷାନୁଷ୍ଠାନ, ଆଇଟିଆଇ ଓ ପଲିଟେକ୍ନିକ୍ ମଧ୍ୟ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ମାର୍ଚ୍ଚରୁ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଏବେ କେବଳ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିଥିବାବେଳେ ଯୁକ୍ତ ଦ୍ୱିତୀୟ ଓ ତୃତୀୟ ଏବଂ ପିଜି ପିଲାଙ୍କ ପାଇଁ ପାଠପଢ଼ା ଚାଲିଛି।

## ଦେଢ଼ ମାସରେ ୫ ଟଙ୍କା...

ମତବ୍ୟକ୍ତ କରିଛନ୍ତି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୯ ପଇସା ଏବଂ ଡିଜେଲ ୩୫ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଦର ୮୯.୪୩ ଟଙ୍କା ଏବଂ ଡିଜେଲ ଦର ୮୬.୧୫ ଟଙ୍କାରେ ପହଞ୍ଚିଛି।

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲରେ ୩୨ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୮.୭୩ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୭୯.୦୬ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୦.୯୬ ଟଙ୍କା, ୯୦.୦୧ ଟଙ୍କା ଏବଂ ୯୫.୨୧ ଟଙ୍କା ରହିଥିବା ଜଣାପଡିଛି। ଅନୁରୂପ ଭାବରେ ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୪.୧୬ ଟଙ୍କା, ୮୨.୬୫ ଟଙ୍କା ଏବଂ ୮୬.୦୪ ଟଙ୍କା ଛୁଇଁଥିବା ଜଣାପଡିଛି।

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କ୍ରମାଗତ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ତୈଳ ଦର ଉପରେ ପଡୁଛି। ଫଳରେ ଦେଶରେ ତେଲ ଦର ମଧ୍ୟ ସେହି ଅନୁପାତରେ ବଢି ଚାଲୁଥିବା ବିଷୟରେ କେନ୍ଦ୍ର ସରକାର କହିଛନ୍ତି।

## ମହାଭିଯୋଗରୁ ଟ୍ରମ୍ପ୍ ...

ପାଇଁ ୨ ଘଣ୍ଟା ସମୟ ସ୍ଥିର କରାଯାଇଥିଲା। ପରେ ସିନେଟରେ ଏହା ଉପରେ ଭୋଟିଂ ହୋଇଥିଲା। ଟ୍ରମ୍ପ୍‌ଙ୍କ ଓକିଲ ମାଇକେଲ ଭନ୍ ଡେର ଭିନ୍ ତାଙ୍କ ସପକ୍ଷରେ କହିଥିଲେ, କଂଗ୍ରେସ ଉପରେ ଆକ୍ରମଣ ପ୍ରାୟୋଜିତ ଥିଲା। ଏଥିପାଇଁ ପୂର୍ବରୁ ଯୋଜନା କରାଯାଇଥିଲା। ଏହି ଘଟଣାକୁ ଟ୍ରମ୍ପ୍‌ଙ୍କ ଭାଷଣ ସହ ଯୋଡ଼ି ଦେଖାଯିବା ଅନୁଚିତ। ସେ ନିଜ ଶେଷ ଯୁକ୍ତିରେ କହିଥିଲେ, ଅଭିଯୋଜନ ପକ୍ଷ ଯେଉଁ ମାମଲା ଆଣିଛନ୍ତି ତା'ର କୌଣସି ଆଇନଗତ ଆଧାର ନାହିଁ। ସିନେଟ ଏବେ ରାଷ୍ଟ୍ରୀୟ ହିତ ସହ ଜଡ଼ିତ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ ଦେବା ଉଚିତ ଓ ଏହି ଶୁଣାଣିକୁ ତୁରନ୍ତ ଶେଷ କରାଯିବା ଆବଶ୍ୟକ। ରିପବ୍ଲିକାନ୍ ପାର୍ଟିର ୭ ନେତା ଡେମୋକ୍ରାଟ୍‌ମାନଙ୍କୁ ସମର୍ଥନ କରି ମହାଭିଯୋଗ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ସେମାନେ ହେଲେ ବିଲ୍ କ୍ଲାସି, ରିଚାର୍ଡ ବୁର୍, ମିଟ୍ ରୋମେନି, ସୁସାନ୍ କୋଲିନ୍ସ, ଲିସା ମୁର୍କୋସ୍କି, ବେନ୍, ସାସେ ଓ ପାଟ୍ ଟୁମି। ତେବେ ମହାଭିଯୋଗରୁ ଟ୍ରମ୍ପ୍‌ଙ୍କୁ ରକ୍ଷା କରିବା ପାଇଁ ତାଙ୍କ ରିପବ୍ଲିକାନ୍ ପାର୍ଟିର ଅଧିକାଂଶ ସଦସ୍ୟ ସମର୍ଥନ କରିଥିଲେ। ଟ୍ରମ୍ପ୍ ମହାଭିଯୋଗରୁ ମୁକ୍ତ ହୋଇଥିବାରୁ ସେ ଚାହିଁଲେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପୁଣି ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଆବଶ୍ୟକ ଭୋଟ ମିଳି ନ ଥିଲେ ମଧ୍ୟ ଏହା ଏକ ଐତିହାସିକ ଘଟଣାକ୍ରମ ଥିଲା। ପରିଣାମ ଆସିବା ପରେ ଟ୍ରମ୍ପ୍‌ଙ୍କ ଅଫିସ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଦେଶର ଇତିହାସରେ ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କୁ ଫସାଇବା ପାଇଁ ଏଭଳି ଚକ୍ରାନ୍ତ ଦେଖିବାକୁ ମିଳି ନ ଥିଲା।

ପ୍ରକାଶ ଯେ, ନଭେମ୍ବର ୩ ରାଷ୍ଟ୍ରପତି ନିର୍ବାଚନରେ ହାରିଯିବା ପରେ ଟ୍ରମ୍ପ୍ ପରାଜୟ ସ୍ୱୀକାର ନ କରି ଭୋଟ ଜାଲିଆତି ହୋଇଥିବା ଅଭିଯୋଗ ଆଣିଥିଲେ। ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବିଜୟ ଘୋଷଣା କରିବା ପାଇଁ ୬ ଜାନୁୟାରୀରେ ଆମେରିକୀୟ କଂଗ୍ରେସ ବସିଥିବାବେଳେ ଟ୍ରମ୍ପ୍‌ଙ୍କ ସଶସ୍ତ୍ର ସମର୍ଥକମାନେ କ୍ୟାପିଟୋଲ ବିଲ୍ଡିଂରେ ପଶି ଭଙ୍ଗାରୁଜା କରିଥିଲେ। ହିଂସା ପରେ ପ୍ରଶାସନ ପକ୍ଷରୁ ୱାଶିଂଟନ ଡିସିରେ କର୍ଫ୍ୟୁ ଜାରି କରାଯାଇଥିଲା। ଏହି ଦଙ୍ଗାରେ ଜଣେ ପୋଲିସ କର୍ମୀଙ୍କ ସମେତ ୫ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିବାବେଳେ ଆମେରିକା ଗଣତନ୍ତ୍ରର କଳଙ୍କିତ ଅଧ୍ୟାୟ ବୋଲି ବିରୋଧୀ ଡେମୋକ୍ରାଟମାନେ ଅଭିହିତ କରିଥିଲେ। ଟ୍ରମ୍ପ୍‌ଙ୍କ ବିରୋଧରେ ଏହା ଦ୍ୱିତୀୟ ମହାଭିଯୋଗ ଥିଲା। ଟ୍ରମ୍ପ୍ ପୂର୍ବରୁ ନିଜ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବାଇଡେନ୍‌ଙ୍କ ଛବି ମଳିନ କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହାୟତା ଲୋଡ଼ିଥିବା ଅଭିଯୋଗ ହୋଇଥିଲା। ୨୦୨୦ ଫେବୃୟାରୀରେ ସିନେଟ ତାଙ୍କୁ ମହାଭିଯୋଗରୁ ମୁକ୍ତ କରିଥିଲା।

## କ୍ଲାଇମେଟ ଆକ୍ଟିଭିଷ୍ଟ ...

ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଦିଶାଙ୍କ ଲାପ୍‌ଟପ୍, ମୋବାଇଲ ଫୋନ୍ ଆଦିକୁ ଜବତ କରାଯାଇଛି। ରବିବାର ତାଙ୍କୁ ଦିଲ୍ଲୀ କୋର୍ଟରେ ହାଜର କରାଯାଇଥିଲା। ଅଧିକ ପଚରାଉଚରା ପାଇଁ ପୋଲିସ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛି। ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଦିଶା 'ଫ୍ରାଇଡେଜ୍ ଫର୍ ଫ୍ୟୁଚର' ଗ୍ରୁପ୍‌ର ପ୍ରତିଷ୍ଠାତା ବୋଲି ଜଣାପଡିଛି।

## ୧୫ ମଧ୍ୟରାତ୍ରରୁ ଫାସ୍‌ଟାଗ୍ ...

ପକ୍ଷରୁ ଜାରି ବିବୃତିରେ ଘୋଷଣା କରାଯାଇଛି। ପୂର୍ବରୁ ମଧ୍ୟ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଗାଡ଼ିରେ ଫାସ୍‌ଟାଗ୍ ଭେରିଫିକେଶନ୍‌କୁ ବାଧ୍ୟତାମୂଳକ କରାଯାଇଥିଲା। ଏଥିସହିତ ଏନଏଚ୍ ଫି ନିୟମ ୨୦୦୮ ଅନୁଯାୟୀ, ଫି ପ୍ଲାଜାରେ ପ୍ରବେଶ କରୁଥିବା ଗାଡି, ଯେଉଁଥିରେ ଫାସ୍‌ଟାଗ୍ ନ ଥିବ ସେହି ସବୁ ଗାଡିଗୁଡିକୁ ଦେୟ ମୂଲ୍ୟର ଦୁଇ ଗୁଣ ଦେବାକୁ ପଡ଼ିବ। ଏନଏଚ୍ ନେଟୱର୍କରେ ଟୋଲ୍ ପ୍ଲାଜାରେ ଫାସ୍‌ଟାଗ୍‌ର ବ୍ୟବହାରକୁ ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ପୂର୍ବରୁ ରାଜ୍ୟଗୁଡିକୁ ସମସ୍ତ କାର୍ଯ୍ୟକ୍ଷମ ଏଜେନ୍ସିରୁ ସହାୟତା ଲୋଡ଼ିଥିଲେ। ଗାଡ଼ିରେ ଫାସ୍‌ଟାଗ ଲାଗିଥିଲେ ଅଧିକ ଟଙ୍କା ଦେବାକୁ ପଡିବନି ଏବଂ ଲମ୍ବା ଲାଇନରେ ଠିଆ ହେବାକୁ ପଡିବ ନାହିଁ। ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଫାସ୍‌ଟାଗ ବାଧ୍ୟତାମୂଳକ କରିବା ପାଇଁ ପରିବହନ ମନ୍ତ୍ରଣାଳୟ ଘୋଷଣା କରିସାରିଛି। ଏହା ରାଜ୍ୟରେ ମଧ୍ୟ ଲାଗୁ ହେବ। କେନ୍ଦ୍ର ସରକାର ଯେଉଁ ସମୟ ଦେଇଥିଲେ ତାହା ପୂରଣ ହୋଇସାରିଥିବା ମନ୍ତ୍ରୀ ବେହେରା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ପରିସ୍ଥିତିବଶତଃ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଆଜି କୌଣସି ବିବାଦୀୟ ଘଟଣାରେ ମୁଣ୍ଡ ନ ପୂରାଇବା ଭଲହେବ। ବ୍ୟବସାୟରେ ପୂର୍ବରୁ ଲାଗି ରହିଥିବା ସମସ୍ୟା ସକାଶେ ଦୁଶ୍ଚିନ୍ତା ବୃଦ୍ଧିପାଇବ । ସନ୍ତାନ, ଶିକ୍ଷା, ତଥା ଅତୀତ ସ୍ମୃତି ରୋମନ୍ଥନ କରି ଭାବ ବିଭୋର ହୋଇପାରନ୍ତି।

**ବୃଷ** ସକାଳୁ କିଛି ଘରର କଥା, ମତ ମତାନ୍ତର, ଦୂରଯାତ୍ରା ଓ ବନ୍ଧୁବର୍ଗଙ୍କ ବିଷୟରେ ଚିନ୍ତା କରିବେ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ପାଇ ଦୁଃଖ ଭୁଲିଯିବେ। ଆଳସ୍ୟ ଓ ଅବହେଳା ହେତୁକ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ବିବାଦ ସମାଧାନ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ମିଥୁନ** ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। ସୁନ୍ଦର କଥା ଓ ସରଳ ବ୍ୟବହାର ହେତୁ ବହୁ ବିପଦରୁ ରକ୍ଷା ପାଇବେ। ବ୍ୟବସାୟରେ ସାଧାରଣ ସମସ୍ୟା ଦେଖା ଦେଇପାରେ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ ନିଷ୍ପତ୍ତି ନେବାରେ ବିଳମ୍ବ ଘଟିପାରେ।

**କର୍କଟ** ପାରିବାରିକ ଜୀବନରେ ଉତ୍‌ଥାନ ପତନ ଯୋଗୁ ମାନସିକ ସ୍ଥିତି ଭଲ ନ ରହିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ପୁଷ୍ୟା ନକ୍ଷତ୍ର ସକାଶେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ଭାବେ କାର୍ଯ୍ୟ ମନ୍ଥର ହୋଇପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଅତୀତ ଘଟଣାକୁ ଯେତିକି ଭାବୁଥିବେ ସେତିକି ମନ ବିଷାଦ ରହିବ। ବିଭିନ୍ନ ପ୍ରତିବନ୍ଧକ ହେତୁ କାମ ବିଶୃଙ୍ଖଳିତ ହୋଇଯିବ। ଆଜି ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିବାର ଆଶା ରହିଛି। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତକାଲିର ଯୋଜନା ଠିକ୍ ଭାବରେ ସମ୍ପନ୍ନ କରିବା ପାଇଁ ବହୁତ ପ୍ରକାରର ଚେଷ୍ଟା କରିପାରନ୍ତି। ଗୃହକୁ ସୌଖୀନ କିମ୍ବା ମୂଲ୍ୟବାନ୍ ପଦାର୍ଥ ଆଣିପାରନ୍ତି।

**ବିଛା** ପ୍ରତିକୂଳ କାରଣରୁ କୌଣସି କାମରେ ପୂର୍ଣ୍ଣ ସନ୍ତୋଷ ମିଳିବ ନାହିଁ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ, କିନ୍ତୁ ଆପଣ ହାତ ଯୋଡ଼ି ବସିବା ଠିକ୍ ହେବନାହିଁ। ଘରେ ବନ୍ଧୁ ମିଳନ ଓ ଖୁସିର ଆସର ଜମିପାରେ। ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ଧନୁ** ପରିବାରରେ କଳହ କିମ୍ବା ରାସ୍ତାରେ ଅନ୍ୟମନସ୍କ କାରଣରୁ ଧନ ହାନିର ସୂଚନା ରହିଛି। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ମୂଳା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଶେଷ ଭାବରେ ବିଚଳିତ କରିବାର ଆଶଙ୍କା ରହିଛି। ଅନ୍ୟର ମନ ଅନୁଯାୟୀ କାମ କରି କର୍ମକ୍ଷେତ୍ରରେ ବାହାବା ନେଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। ଅଫିସରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ କ୍ଷେତ୍ରରେ ଛୋଟ କଥାରେ ବେଶୀ ରାଗିବା ଠିକ୍ ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ସମ୍ପର୍କୀୟମାନେ ଦୋଷ ଖୋଜି ବୁଲିବେ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ଉତ୍ତମ ଫଳ ପାଇବେ।

**ମୀନ** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ସାଙ୍ଗକୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। ଉତ୍ତରଭାଦ୍ର ନକ୍ଷତ୍ର ସ୍ୱାଭାବିକ ଭାବରେ ଦିନଟି କଟାଇବାର ସୌଭାଗ୍ୟ ଲାଭ କରିବେ।

ଆଜି ମାଘ ଶୁକ୍ଳ ଚତୁର୍ଥୀ ସୋମବାର, ଫେବୃୟାରୀ ୧୫ ତାରିଖ, ରାଶି ନକ୍ଷତ୍ର- ଉତ୍ତରାଭାଦ୍ର/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୯ ଗତେ ଘ.୦୭।୫୦ ମଧ୍ୟେ, ଘ.୧୦।୫୨ ଗତେ ଘ.୦୧।୦୯ ମଧ୍ୟେ ଅମୃତବେଳା। ଦିବା ଘ.୦୩।୨୫ ଗତେ ଘ.୦୪।୫୬ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ୦୭।୪୪ ଗତେ ଘ.୦୯।୧୦ ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

### HIRE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804

### SALE

Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale with special discount. Contact: 7656861995, 8763935874 during office hour. D-69970

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

Pipili Highway Colonyରେ ପିଚୁରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545. D-19781

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745. D-70161

Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186. D-69372

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା, ଭିଙ୍ଗାରପୁରରେ ଗୃହୋପଯୋଗୀ ଘରବାରି ଜାଗା କିଣିବା ପାଇଁ ଯୋଗାଯୋଗ। 7978620792. D- 46295

6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112. D-70163

ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136. D-69373

### PURCHASE

Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982. D-70175

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

For construction only in your plot inside Bhubaneswar area, contact MRC- 9937064680. D-27287

### GENERAL

### SALE

ଅଫିସ୍ ପୁରୁଣା ଆସବାବପତ୍ର ବିକ୍ରୟ କରାଯିବ। Apply before Dt. 18.02.2021. Contact: 7205483554, 9861651312. At- World Vision India loisinghaadp, loisingha Balangir, 767020. D-69837

Swarna SPA newly open positively health benefits with expert therapist. 9556978408. D-70529

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530

### LOST

ଲାଲୁ ବରାଳ, ପି- ମୃତ ଜମ୍ଭେଶ୍ୱର ବରାଳ ନାମେ ବଡ଼ସାଠିଏବାଟିଆ ମୌଜାର ଖାତା ନଂ.- ୧୯୯ ଘରବାରି ପଟ୍ଟାଟି ହଜିଯାଇଛି। ଯଦି କେହି ପାଆନ୍ତି ମୋବାଇଲ- ୯୪୩୭୩୩୨୨୨୫ରେ ଜଣାଇବାକୁ ଅନୁରୋଧ। ଧ-୭୦୩୧୫

### AFFIDAVIT

By virtue of an affidavit sworn before the Notary Public, Jharsuguda I Manju Panda, W/o. Late Subas Kumar Panda, R/o. Bahadurpada, PO. Brajarajnagar, Dist. Jharsuguda declared that in Aadhaar/PAN card my name has been mentioned as Manju Panda. But in UCO Bank account and other documents my name has been mentioned as Manju Pujari. Before marriage I am known as Manju Pujari but after marriage I have adopted the surname of my husband and became known as Manju Panda. That both the name belongs to one and same person. D-69836

By virtue of an affidavit before Sri N. Mohanty, Notary, Bhubaneswar, I, Sayed Munir Ahmed, Son of Sayed Hamamuddin Ahmed, resident of Plot No. 84, 85/D-29, Green Garden, K9A, Kalinga Vihar, P.O.: Patrapada, Bhubaneswar - 751019, Dist.- Khordha, Odisha has changed my name to Syed Monir Ahmed. Hence, I will be known as Syed Monir Ahmed for all purpose. D-19933

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### Happy Birthday



**ମଣ୍ଟି ମିଲନ ବିଶ୍ୱାଳ (କାହ୍ନା)**
ବମିଖାଲ, ଭୁବନେଶ୍ୱର

ଆଜିର ଏହି ''ଷୋହଳ''ତମ ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଜଗତ୍‌ଜନନୀ ମା' ଦୁର୍ଗା ତୋର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ପ୍ରାର୍ଥନା କରୁଅଛୁ।

**-:ଶୁଭାଶୀର୍ବାଦ ସହ:-** ଜେଜେ: ଅଦ୍ୱୈତ ଚରଣ ବିଶ୍ୱାଳ, ଜେଜୀ: ଗୋମତୀ, ବାପା: ରଞ୍ଜନ, ବୋଉ: ବୈଜୟନ୍ତୀ, ବାଙ୍ଗଲୋ ବାପା: ପ୍ରସନ୍ନ, ଓକିଲ ବାପା: ରାକେଶ, ଦିଦି: ନେହା, କୁନୁ, ରିଙ୍କି ତଥା ପରିବାରବର୍ଗ। ଧ-୬୭୪୦୭

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ମୃତ

**ଢେଙ୍କାନାଳ ଅଫିସ,୧୪।୨:** ଢେଙ୍କାନାଳ ଜିଲା କପିଳାସ ରେଞ୍ଜ୍ ରାମେଇ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ-୩ ଅଞ୍ଚଳରେ ରବିବାର ହାତୀ ଆକ୍ରମଣରେ ବ୍ରଜବନ୍ଧୁ ବେହେରା (୬୨)ଙ୍କ ମୃତ୍ୟୁ ଘଟିଛି। ଫୁଙ୍କାରସାହିର ବ୍ରଜବନ୍ଧୁ ଅପରାହ୍ନରେ ଜାଳେଣି ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଏକ ଦନ୍ତାହାତୀ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବନ କର୍ମଚାରୀ ମୃତଦେହ ଜବତ କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ରେଞ୍ଜର ଗୌତମ ପ୍ରଧାନ ସୂଚନା ଦେଇଛନ୍ତି।

### ଇବୋଲାରେ ୩ ମୃତ

**କୋନାକ୍ରି, ୧୪।୨:** ୫ ବର୍ଷ ତଳେ ଶେଷ ହୋଇଥିବା ଘାତକ ଇବୋଲା ମହାମାରୀ ପୁଣି ଫେରିଛି। ଗୁଏନାରେ ଇବୋଲାରେ ଆକ୍ରାନ୍ତ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ସେଠାକାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୁକେଡୋଉ ସହରରେ ସଂକ୍ରମିତଙ୍କ ସଂଖ୍ୟା ୫ରେ ପହଞ୍ଚିଛି। କୋଭିଡ୍-୧୯ରୁ ମୁକ୍ତି ମିଳିପାରି ନ ଥିବାବେଳେ ଏବେ ଇବୋଲା ଭାଇରସ୍‌ଜନିତ ସଂକ୍ରମଣ ଆଉ ଏକ ବିପଦକୁ ଡାକି ଆଣିପାରେ ବୋଲି ଗୁଏନାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ମାରାତ୍ମକ ସ୍ଥିତିରେ ପହଞ୍ଚିବା ପୂର୍ବରୁ ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଙ୍ଗଠନ ଏ ଦିଗରେ ସଚେତନ ହେବା ଆବଶ୍ୟକ ବୋଲି ସେମାନେ ସତର୍କ କରାଇଛନ୍ତି।

### ବଳିଦାନ ଭୁଲିବେନି ଭାରତୀୟ



- ପୁଲ୍‌ୱାମା ଆକ୍ରମଣକୁ ୨ ବର୍ଷ
- ସେନାକୁ ମିଳିଲା ଅର୍ଜୁନ ଯୁଦ୍ଧ ଟ୍ୟାଙ୍କ୍

**ଚେନ୍ନାଇ, ୧୪।୨:** ଜମ୍ମୁ-କଶ୍ମୀରର ପୁଲ୍‌ୱାମାଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ରବିବାର ୨ ବର୍ଷ ପୂରିଛି। ଏଥିରେ ଶହୀଦ ୪୦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୌଣସି ଭାରତୀୟ ଏହି ବଳିଦାନକୁ ଭୁଲି ପାରିବେନି। ଆମ ସୁରକ୍ଷା ବଳକୁ ନେଇ ଆମେ ଗର୍ବିତ। ସେମାନଙ୍କ ସାହସ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ରବିବାର ଚେନ୍ନାଇରେ କେତେକ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୋଦି କହିଛନ୍ତି। ତାମିଲ ଲେଖକ ତଥା କବି ସୁବ୍ରମଣ୍ୟ ଭାରତୀଙ୍କ କଥା ଉଠାଇ ମୋଦି କହିଥିଲେ, ପ୍ରତିରକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଆତ୍ମନିର୍ଭର ହେବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ତାମିଲନାଡୁରେ ଥିବା ଦୁଇ ଡିଫେନ୍ସ କରିଡର ପାଇଁ ୮ ହଜାର ୧ଶହ କୋଟି ଟଙ୍କା ନିବେଶ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅର୍ଜୁନ ମେନ୍ ଯୁଦ୍ଧ ଟ୍ୟାଙ୍କ୍ (ଏମ୍‌କେ-୧ଏ) ସେନାକୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଜମ୍ମୁ-କଶ୍ମୀରର ଲେଥପୁରାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଦିନକୁ 'ନା ଭୁଲିବୁ ନା କ୍ଷମା କରିବୁ' ବୋଲି ସୁରକ୍ଷାବଳ ପକ୍ଷରୁ ଏକ ଟୁଇଟ୍‌ରେ କୁହାଯାଇଛି।

# ସାହାଣା ନେଇଛି ୬ ହାତୀ ଜୀବନ

**ଭୁବନେଶ୍ୱର,(ବ୍ୟୁରୋ)/ ଭବାନୀପାଟଣା,୧୪।୨(ସ୍ୱ.ପ୍ର)**

**କର୍ଲାପାଟରେ ହାତୀ ମଡ଼କ**
- ପୁଣି ଏକ ହାତୀର ମୃତ୍ୟୁ
- ହାତୀ ମୃତ୍ୟୁ ନେଇ ସ୍ପଷ୍ଟ କଲେ ଓୟୁଏଟି ଡାକ୍ତର
- ସ୍ଥାନୀୟ ଗୋରୁଙ୍କଠାରୁ ବ୍ୟାପିଥିବା ଅନୁମାନ
- ଗୋରୁଙ୍କୁ ପ୍ରତିଷେଧକ ଟିକାକରଣ ଆରମ୍ଭ

କଳାହାଣ୍ଡିଜିଲାର କର୍ଲାପାଟ ଅଭୟାରଣ୍ୟରେ ହାତୀ ମଡ଼କ ଦେଖାଦେଇଛି। ଗତ ୧୩ ଦିନ ଭିତରେ ୫ ହାତୀର ମୃତ୍ୟୁ ଘଟିଥିବାବେଳେ ରବିବାର ଆଉଏକ ମାଈ ହାତୀର ଜୀବନ ଯାଇଛି। ଏ ନେଇ ଆର୍‌ସିସିଏଫ୍ ସୁଦୀପ୍ତ ଦାସ ସୂଚନା ଦେଇଛନ୍ତି। ହାତୀଟି ସେପ୍ଟିସେମିଆରେ ଆକ୍ରାନ୍ତ ହୋଇ ମରିଥିବା କୁହାଯାଇଛି। ଲଗାତର ୬ ହାତୀଙ୍କ ମୃତ୍ୟୁ ପରେ ବନ ବିଭାଗର ଚିନ୍ତା ବଢ଼ିଛି। ସେପଟେ ଭୁବନେଶ୍ୱର ଓୟୁଏଟି ଭେଟେରୀନାରି କଲେଜରୁ ସେଣ୍ଟର ଫର୍ ୱାଇଲ୍ଡଲାଇଫ୍ ହେଲ୍‌ଥ ଇନ୍‌ଚାର୍ଜ ଡା. ନିରଞ୍ଜନ ସାହୁ ଓ ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ସୁଶେନ ପଣ୍ଡା କର୍ଲାପାଟ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ଗୋଟିଏ ହାତୀର ବ୍ୟବଚ୍ଛେଦ ହୋଇଛି। ହେମୋରେଜିକ ସେପ୍ଟିସେମିଆ ବା ସାହାଣା ରୋଗରେ ମୃତ୍ୟୁ ଘଟିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ପୂର୍ବରୁ ଓୟୁଏଟିକୁ ପଠାଯାଇଥିବା ନମୁନାର ରିପୋର୍ଟ ମଧ୍ୟ ସମାନ ଆସିଛି। ରିପୋର୍ଟରେ ମୃତ୍ୟୁର କାରଣ ସାହାଣା ରୋଗ ବୋଲି ସ୍ପଷ୍ଟ ହୋଇଛି। ଏହି ସାହାଣା ରୋଗ ସାଧାରଣତଃ ଗୋରୁଙ୍କଠାରେ ଦେଖାଯାଇଥାଏ। ତେଣୁ ସ୍ଥାନୀୟ ଜଙ୍ଗଲ ଭିତରେ ଥିବା ଗାଁ ଏବଂ ପାଖଆଖ ଗାଁଗୁଡ଼ିକରେ ଗୋରୁଙ୍କୁ ସାହାଣା ରୋଗ ପ୍ରତିଷେଧକ ଟିକା ଦେବା ପାଇଁ ଡା. ପଣ୍ଡା ବନ ବିଭାଗକୁ ପରାମର୍ଶ ଦେଇଛନ୍ତି। ଏହାପରେ ବନ ବିଭାଗ ପକ୍ଷରୁ କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳରେ ସମୂହ ଟିକାକରଣ ଆରମ୍ଭ ହୋଇଛି। ଆଖପାଖ ଅଞ୍ଚଳର ସବୁ ଗୃହପାଳିତ ପଶୁ, ପକ୍ଷୀଙ୍କୁ ଟିକା ଦିଆଯାଉଛି। ନଦୀ, ନାଳରେ ବ୍ଲିଚିଂ ପକାଇ ବିଶୁଦ୍ଧ କରାଯାଉଛି।

ସୂଚନାଯୋଗ୍ୟ, କର୍ଲାପାଟ ଅଭୟାରଣ୍ୟରେ ୧୭ଟି ହାତୀ ଥିଲେ। ୬ଟିର ମୃତ୍ୟୁ ହୋଇଥିବାରୁ ବର୍ତ୍ତମାନ ଏହି ସଂଖ୍ୟା ୧୧କୁ ଖସି ଆସିଛି। ଗତ ୧ ତାରିଖରେ କର୍ଲାପାଟ ନିକଟସ୍ଥ ତେନ୍ତୁଳିପଦରଠାରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଏହାପରେ ଲଗାତର ସେଠାରେ ହାତୀ ମୃତ୍ୟୁ ଦେଖିବାକୁ ମିଳୁଛି, ଯାହା ଏବେ ବନ ବିଭାଗର ନିଦ ହଜାଇ ଦେଇଛି। ହାତୀ ମଡ଼କକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ଆନ୍ଥ୍ରାକ୍ସରେ ଛୁଆ ହାତୀର ମୃତ୍ୟୁ ସନ୍ଦେହ

ରେଢ଼ାଖୋଲ ଡିଭିଜନ୍ ନାକଟିଦେଉଳ ରେଞ୍ଜ ଚଢ଼ଚଢି ଜଙ୍ଗଲରୁ ମିଳିଥିବା ଛୁଆ ହାତୀର ମୃତ୍ୟୁ ଆନ୍ଥ୍ରାକ୍ସ ଯୋଗୁ ହୋଇଥିବା ସନ୍ଦେହ କରୁଛି ବନବିଭାଗ। ଅଧିକ ପରୀକ୍ଷା ପାଇଁ ମୃତ ହାତୀର ମାଂସ ଓ ରକ୍ତ ନମୁନା ଓୟୁଏଟି ପଠାଯାଇଛି। ସୂଚନାଯୋଗ୍ୟ, ରେଢ଼ାଖୋଲ ଡିଭିଜନରେ ବର୍ଷକ ଭିତରେ ୩ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରୁ ଦୁଇଟି ଆନ୍ଥ୍ରାକ୍ସଜନିତ ବୋଲି କୁହାଯାଇଛି। ତେବେ ରିପୋର୍ଟ ଆସିବା ପରେ ଛୁଆ ହାତୀର ମୃତ୍ୟୁ କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।



ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ରବିବାର ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ମଶାଲ ଶୋଭାଯାତ୍ରା।

# 'ରାଜ୍ୟର ଭୌଗୋଳିକ ସୀମା ସୁରକ୍ଷିତ ରଖିବା ସମସ୍ତଙ୍କ ଦାୟିତ୍ୱ'

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ଓଡ଼ିଶାର ଅନେକ ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ସରକାର ପଞ୍ଚାୟତ ନିର୍ବାଚନ କରିବାରେ ସଫଳ ହୋଇଛନ୍ତି। ସବୁ ପ୍ରକାର ବିରୋଧ, ଅନୁରୋଧ କିଛି ମଧ୍ୟ ଏହାକୁ ଅଟକାଇ ପାରିନାହିଁ। ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଅବମାନନା ମାମଲା ରୁଜୁ ହୋଇଥିଲେ ମଧ୍ୟ ତାହାକୁ ଆନ୍ଧ୍ର ସରକାର ଅବମାନନା କରିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟର ବହୁ ଗାଁରେ ଆନ୍ଧ୍ର ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରଲୋଭିତ କରିବାକୁ ଚେଷ୍ଟା କରି ସେଥିରେ ସଫଳ ହୋଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ଏହାକୁ ବିରୋଧ ନ କରିବା ନେଇ ବିରୋଧୀ ଭାଜପା ଓ କଂଗ୍ରେସ ନିନ୍ଦା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରି କହିଛନ୍ତି, ଆନ୍ଧ୍ରପ୍ରଦେଶ ଓ ଅନ୍ୟ ପଡ଼ୋଶୀ ରାଜ୍ୟଗୁଡିକ ସହ ଆମର ସୀମା ବିବାଦରୁ ଅନେକ ସମୟରେ ତିକ୍ତତା ସୃଷ୍ଟି ହେଉଛି। ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନ ନେଲେ ଆମକୁ ଆହୁରି ଖରାପ ସମୟର ସାମ୍ନା କରିବାକୁ ପଡ଼ିପାରେ। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଆମ ରାଜ୍ୟର ଭୌଗୋଳିକ ସୀମାକୁ ସୁରକ୍ଷିତ କରିବା ଏବଂ ସୀମାନ୍ତ ଅଞ୍ଚଳରେ ରହୁଥିବା ଆମର ଭଉଣୀ, ଭାଇମାନଙ୍କୁ ଓଡ଼ିଶା ସହ ଯୋଡ଼ି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଗତ ଶନିବାର କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲାର ସୀମାନ୍ତ ଗ୍ରାମଗୁଡ଼ିକର ଲୋକଙ୍କୁ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନରେ ସାମିଲ କରାଯିବା ଖବର ଅତ୍ୟନ୍ତ ଚିନ୍ତାର ବିଷୟ। ସରକାର ଆଇନଗତ ପଦକ୍ଷେପ ନେଇଛନ୍ତି। ଏହାକୁ ଠିକ୍ ଭାବେ ନିର୍ଣ୍ଣାୟକ ସ୍ଥିତି ପର୍ଯ୍ୟନ୍ତ ନେବେ ବୋଲି ଆଶା। ଏହାସହ ସ୍ଥାନୀୟ ପ୍ରଶାସନ ସୀମାନ୍ତ ଗ୍ରାମଗୁଡ଼ିକର ବିକାଶ ଓ ବିଭିନ୍ନ ସରକାରୀ ଯୋଜନାକୁ ସୁଚାରୁ ରୂପେ ପାଳନ କରିବା ମଧ୍ୟ ଜରୁରୀ। ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ଆମ ମାତୃଭୂମିର ସୀମା ଓ ସୀମାନ୍ତ ଜନତାଙ୍କୁ ବାନ୍ଧି ରଖିବା ପାଇଁ ସମ୍ମିଳିତ ପ୍ରୟାସ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

# ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ,୧୪।୨**



ଶ୍ରୀମନ୍ଦିର ରତ୍ନସିଂହାସନରେ ରବିବାର ମହାପ୍ରଭୁ ପଦ୍ମବେଶରେ ଦର୍ଶନ ଦେଇଛନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଏହି ଅନନ୍ୟ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଶନିବାର ରାତିରେ ବଡ଼ସିଂହାର ନୀତି ସମୟରେ ପଦ୍ମବେଶ ହୋଇଥିବାବେଳେ ରବିବାର ଅବକାଶ ନୀତି ପର୍ଯ୍ୟନ୍ତ ରହିଥିଲା। ବର୍ଷକରେ ଗୋଟିଏ ଦିନ ଏହି ବେଶ ହେଉଥିବାରୁ ବଡଦେଉଳରେ ଦିନତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା।

ପରମ୍ପରା ଅନୁଯାୟୀ ବଡ଼ଛତା ମଠ ପକ୍ଷରୁ ମହାପ୍ରଭୁଙ୍କର ପଦ୍ମବେଶ କରାଯାଇଥିଲା। କିରୀଟ, ଚୂଳ, ହୃଦପଦକ, କରପଲ୍ଲବ, ଶ୍ରୀମୁଖ ପଦ୍ମରେ ବିଭୂଷିତ ହୋଇ କାଳିଆ ଠାକୁର ଅତି ଆକର୍ଷଣୀୟ ଦିଶୁଥିଲେ। ପଦ୍ମବେଶରେ ମହାପ୍ରଭୁଙ୍କୁ ସୁସଜ୍ଜିତ କରାଯିବା ପରେ ରତ୍ନସିଂହାସନର ନିମ୍ନଭାଗ ପୋଖରୀ ଭଳି ଓ ମହାପ୍ରଭୁଙ୍କ ମୁଖମଣ୍ଡଳ ପଦ୍ମ ଭଳି ପ୍ରତୀତ ହୋଇଥିଲା। ମହାପ୍ରଭୁଙ୍କ ପାର୍ଶ୍ୱରେ ଗଛ ଓ ରତ୍ନସିଂହାସନ ତଳେ ହଂସକୁ ରଖାଯାଇଥିଲା। ଏହି ବେଶ ପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖିରି ଏବଂ ଅମାଲୁ ଭୋଗ ଲାଗିକରାଯାଇଥିଲା। ପଦ୍ମବେଶରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ବାଲେଶ୍ୱରରୁ ଆସିଥିବା ଜନକ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରି ଆତ୍ମସନ୍ତୋଷ ପାଇଲି। ପୂର୍ବରୁ ନାଗାର୍ଜୁନ ବେଶ ଦର୍ଶନରୁ ବଞ୍ଚିତ ହୋଇଥିଲି। ମାତ୍ର ଏବେ ପଦ୍ମବେଶ ଦର୍ଶନ କରିବା ସହ ଆନନ୍ଦବଜାରରେ ଅବଢ଼ା ସେବନ କଲି। ଏହା ମୋ ପାଇଁ ଅତି ଖୁସି ଓ ସୌଭାଗ୍ୟର କଥା।

# ସର୍ବୋତ୍କୃଷ୍ଟ ମାନର ପେଟ୍ରୋକେମିକାଲ ଉତ୍ପାଦନ କରାଯିବ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

କେରଳର କୋଚିଠାରେ ରବିବାର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ସମେତ ଏକବିଂଶ ଶତାବ୍ଦୀର ଏକାଧିକ ଭିତ୍ତିଭୂମି ପ୍ରକଳ୍ପଗୁଡିକ କେରଳ ତଥା ଦକ୍ଷିଣ ଭାରତର ସାମଗ୍ରିକ ଶିଳ୍ପ ଏବଂ ଅର୍ଥନୀତି ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଏହି ଅବସରରେ ଲୋକାର୍ପିତ ହୋଇଯାଇଥିବା ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ)ର ୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଚି ବିଶୋଧନାଗାରର ଅତ୍ୟାଧୁନିକ ପ୍ରୋପିଲିନ ଡେରିଭେଟିଭ ପେଟ୍ରୋକେମିକାଲ ପ୍ରୋଜେକ୍ଟ (ପିଡ଼ିପିପି) ପ୍ଲାଣ୍ଟରେ ବିଦେଶରୁ ଆମଦାନୀ ହେଉଥିବା ସର୍ବୋତ୍କୃଷ୍ଟମାନର ପେଟ୍ରୋକେମିକାଲ ଉତ୍ପାଦ ଉତ୍ପାଦନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, ଆଜି ଏକ ବିଶାଳ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ କରକମଳରେ ବିପିସିଏଲ୍ କୋଚି ରିଫାଇନାରୀର ପିଡ଼ିପିପି ପ୍ଲାଣ୍ଟ ଏବଂ କୋଚି ସ୍ଥିତ ୱିଲିଙ୍ଗଡ଼ନ ଦ୍ୱୀପପୁଞ୍ଜରେ ରୋ-ରୋ ଜାହାଜକୁ ଦେଶ ଉଦ୍ଦେଶରେ ଉତ୍ସର୍ଗ କରାଯାଇଛି । ସେହିପରି କୋଚି ବନ୍ଦରରେ ଅନ୍ତର୍ଜାତୀୟ କ୍ରୁଜ ଟର୍ମିନାଲ 'ସାଗରିକା' ଓ ସାମୁଦ୍ରିକ ଇଞ୍ଜିନିୟରିଂ ପ୍ରଶିକ୍ଷଣ କେନ୍ଦ୍ର(ବିଜୟ ସାଗର)ର ଉଦଘାଟନ ହୋଇଥିବା ବେଳେ କୋଚିଠାରେ ସାଉଥ୍ କୋଲ ବର୍ଥର ପୁନଃନିର୍ମାଣର ଶିଳାନ୍ୟାସ କରାଯାଇଛି। ଲୋକାର୍ପଣ ଓ ଶିଳାନ୍ୟାସ ହୋଇଯାଇଥିବା ଏହି ଉଚ୍ଚାଭିଳାଷୀ ପ୍ରକଳ୍ପଗୁଡ଼ିକ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ମଜଭୁତ୍ କରିବ, କେରଳର ସାମଗ୍ରିକ ବିକାଶ କରିବା ସଙ୍ଗେସଙ୍ଗେ ପର୍ଯ୍ୟଟନକୁ ଗତି ଦେବ। ଏହା ରାଜସ୍ୱ ବୃଦ୍ଧି କରିବା ସହ କେରଳରେ ନିଯୁକ୍ତି ସୁଯୋଗ ତିଆରି କରିବ। ଏହି ପ୍ଲାଣ୍ଟ ସ୍ଥାନୀୟ ଅଞ୍ଚଳର ଡାଉନଷ୍ଟ୍ରିମ ପେଟ୍ରୋକେମିକାଲ ଶିଳ୍ପକୁ ପ୍ରୋତ୍ସାହନ ଦେବା ସଙ୍ଗେସଙ୍ଗେ ଅର୍ଥନୀତି ଏବଂ ରୋଜଗାର ବୃଦ୍ଧି କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ନିଶାସକ୍ତ ଦମ୍ପତି ଉଦ୍ଧାର

**ଢେଙ୍କାନାଳ ଅଫିସ, ୧୪।୨**

- ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତକକୁ ଛାଡ଼ି ପଳାଇଥିଲେ
- ଡାକ୍ତରଖାନାରେ ଭର୍ତ୍ତି କଲା ପୋଲିସ, ତଦନ୍ତ ଜାରି

ଢେଙ୍କାନାଳ ସଦର ଥାନା ହରିପୁର ନିକଟସ୍ଥ ଏକ ମନ୍ଦିର ପାର୍ଶ୍ୱରେ ଥିବା ବୁଦାମୂଳରୁ ରବିବାର ଅପରାହ୍ନରେ ଏକ ଦମ୍ପତିଙ୍କୁ ନିଶାସକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେମାନେ ନଗ୍ନ ଅବସ୍ଥାରେ ପଡ଼ିଥିବା ସୂଚନା ପାଇ ପୋଲିସ ପହଞ୍ଚି ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଜିଲା ଚିକିତ୍ସାଳୟରେ ଉଭୟଙ୍କ ଚିକିତ୍ସା ଚାଲିଛି।

କାମାକ୍ଷାନଗର ଅଞ୍ଚଳର ସମ୍ପୃକ୍ତ ମହିଳା ଗତ ୬ ତାରିଖ ମଧ୍ୟାହ୍ନ ସାଢ଼େ ୧୨ଟାରେ ପ୍ରସବ ପାଇଁ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସାଙ୍ଗରେ ତାଙ୍କ ସ୍ୱାମୀ ମଧ୍ୟ ଥିଲେ। ଅପରାହ୍ନ ୧ଟାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ସ୍ୱାସ୍ଥ୍ୟ ଭଲ ନ ଥିବାରୁ ନବଜାତକକୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଏହାପରେ ଉଭୟେ କେଉଁଆଡ଼େ ପଳାଇଥିଲେ। ନିକଟ ସମ୍ପର୍କୀୟ ସେମାନଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ରବିବାର ହରିପୁର ଗ୍ରାମ ନିକଟ ଏକ ବୁଦା ଭିତରେ ଦୁହେଁ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସଦର ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

## 'ପକ୍ଷୀ ସୁରକ୍ଷା-ଚିଲିକା ରକ୍ଷା' ସଚେତନତା ଅଭିଯାନ

**ବାଲୁଗାଁ,୧୪।୨(ଡି.ଏନ୍.ଏ.):** ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ରବିବାର 'ପକ୍ଷୀ ସୁରକ୍ଷା-ଚିଲିକା ରକ୍ଷା' ଶୀର୍ଷକ ସଚେତନତା ଅଭିଯାନ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିନତୀ ମଞ୍ଜରୀ ରାଉତ ଏହି କାର୍ଯ୍ୟକ୍ରମକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସାଇକେଲ ରାଲି କରି ଏନ୍‌ସିସି ଓ ଏନ୍‌ଏସ୍‌ଏସ୍‌ର ୪୦ଜଣ ସ୍ୱେଚ୍ଛାସେବୀ ଏବଂ କ୍ୟାଡେଟ୍ ଯୋଗଦେଇ ଚିଲିକା ଉପକୂଳର ୧୫ଟି ଗ୍ରାମ ପରିକ୍ରମା କରିଥିଲେ।

**OFFICE OF THE NOTIFIED AREA COUNCIL, ATHMALLIK**

No. 343 Dt.13.02.2021

**e-Procurement**

**Bid Identification No. Alkn-04/2020-21**

Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and details of other necessary documents can be seen in Govt. website i.e. **www.tendersorissa.gov.in**.

| | |
|---|---|
| Name of the Works | : Civil & Electrical HT works |
| No. of Works | : 11 Nos. |
| Estimated Cost | : Rs.1,82,631/- to Rs.9,36,791/- |
| Date & time of availability of Bid document in the portal | : From 10.00 A.M. of Dt.15.02.2021 to 24.02.2021 upto 5.00 P.M. |
| Last date of receive of Bid through Online | : On or before 24.02.2021 upto 5.00 P.M. |
| Submission of Original Document | : On or before 01.03.2021 upto during office hour. |
| Date of Opening of bid on | : At 11.00 A.M. on 01.03.2021 |

**Sd./- Executive Officer, N.A.C., Athmallick**

**PARADIP PORT TRUST**

**e-TENDER CALL NOTICE**

Name of the work: **Upkeeping of Railway yard inside Harbour area (from Yard Master Level Crossing to Wagon Tippler)** for the year 2021-22. Estimated cost : **₹87,05,665.84**. Last date & time of submission : **03.03.2021** upto 17:00 Hrs. Refer our Website for details : **https://eprocure.gov.in/eprocure/app**

**Executive Engineer, PRD**

**PPT/PR/406/20-21 Dated: 13.02.2021**

# ଝିଅର ବୟସ ୯, ଓଜନ ୬ କିଲୋ।

**ଟିଗିରିଆ,୧୪।୨(ଡି.ଏନ୍.ଏ.)**

**ଟିଗିରିଆରେ ନଗଡ଼ାର ଚିତ୍ର**

ଯାଜପୁର ଜିଲା ନଗଡ଼ାରେ ଶିଶୁ ଅପପୁଷ୍ଟିର ଶିକାର ଘଟଣା ଦିନେ ଗଣମାଧ୍ୟମର ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବେ କଟକ ଜିଲାର ଟିଗିରିଆ ବ୍ଲକରେ ମଧ୍ୟ ସେଭଳି ଅବସ୍ଥା ଦେଖିବାକୁ ମିଳୁଛି। ଏହି ବ୍ଲକ ଅନ୍ତର୍ଗତ ନୂଆପାଟଣା, ମଝିସାହିର ଶ୍ୱେତବସନ୍ତ ପାତ୍ର ଓ ଟିକିନା ପାତ୍ରଙ୍କ ଛୋଟ ଝିଅକୁ ଦେଖିଲେ ତାହା ସ୍ପଷ୍ଟ ବାରି ହୋଇପଡୁଛି। ଝିଅଟିର ବୟସ ୯ ବର୍ଷ। ଓଜନ ମାତ୍ର ୬ କିଲୋ। ତା'ର ହାତ ଗୋଡ଼ ସରୁ ହୋଇଯାଇଥିବା ବେଳେ ଠିଆ ହେବାକୁ ବଳ ନାହିଁ। ଫଳରେ ଝିଅଟି ଘୁଷରିବାକୁ ବାଧ ହେଉଛି। ମା' ବାପାଙ୍କ କହିବାନୁଯାୟୀ, ଜନ୍ମ ପରଠାରୁ ୨ବର୍ଷ ପର୍ଯ୍ୟନ୍ତ ଝିଅର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ତେବେ ପରବର୍ତ୍ତୀ ସମୟରେ ଶାରୀରିକ ଅବନତି ଦେଖାଯାଇଥିଲା। ଝିଅର ଚିକିତ୍ସା ନିମନ୍ତେ ଶ୍ୱେତବସନ୍ତ ଚୌଦ୍ୱାରକୁ ଯାଇ ଘରୋଇ ଚିକିତ୍ସା କରିବା ସହ ଓଲଟପୁରସ୍ଥିତ ଶିଶୁଭବନ ଓ କଟକ ବଡ଼ ମେଡିକାଲରେ ଦେଖାଇଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଶ୍ୱେତବସନ୍ତ ଓ ଟିକିନା ବୁଣାକାର ହୋଇଥିବାବେଳେ ଚିକିତ୍ସା ପାଇଁ ଅଧିକ ସମ୍ବଳ ନାହିଁ। ଏଭଳିସ୍ଥିତିରେ ଘରର ବ୍ୟବହାରିକ ଜିନିଷ ବିକ୍ରି କରି ଝିଅର ଚିକିତ୍ସା କରାଉଛନ୍ତି। କିନ୍ତୁ ଅବସ୍ଥାରେ ସୁଧାର ଆସୁ ନ ଥିବାରୁ ମା' ବାପା ଭାଙ୍ଗି ପଡ଼ିଛନ୍ତି।

ଏ ସମ୍ପର୍କରେ ଟିଗିରିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ବିଶ୍ୱବିକାଶ ରାଉତରାୟ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ, ଝିଅକୁ ଚିକିତ୍ସା ସେବା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ।



ବାପା ଶ୍ୱେତବସନ୍ତ ପାତ୍ର ଓ ମା' ଟିକିନା ପାତ୍ରଙ୍କ ସହ ଝିଅ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିପାଟଣା,୧୪।୨ (ଡି.ଏନ୍.ଏ.):** ବାଲିପାଟଣା ଥାନା ଅଞ୍ଚଳର ଏକ ପରିତ୍ୟକ୍ତ ଘରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ଝିଣ୍ଟିଶାସନ ଯାଇନାବାଦ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା। ଖବରପାଇ ପୂର୍ଣ୍ଣଚନ୍ଦ୍ରଙ୍କ ସାନ ଭାଇ ଦିଲୀପ କୁମାର ବେହେରା ଓ ସରପଞ୍ଚଙ୍କ ସହାୟତାରେ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ନଂ. ୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପୂର୍ଣ୍ଣଚନ୍ଦ୍ର ଘରଜ୍ୱାଇଁ ହୋଇ ବାଲିଅନ୍ତା ଥାନାର କାକରୁଦ୍ରପୁରରେ ଶଶୁର ଘରେ ରହୁଥିଲେ। ଗତ କିଛିଦିନ ତଳେ ପୂର୍ଣ୍ଣ ନିଜ ବଡ ଭାଇ କୈଳାସକୁ ମରଣାନ୍ତକ ଆକ୍ରମଣ କରି ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ରବିବାର ସକାଳେ ପୂର୍ଣ୍ଣଚନ୍ଦ୍ର ଏକ ପରିତ୍ୟକ୍ତ ଘର ବାରଣ୍ଡାରେ ମରିପଡ଼ିଥିବା ଗ୍ରାମବାସୀ ଦେଖି ତାଙ୍କ ସାନଭାଇ ଓ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଏଫ୍. ନଂ. ଏନ୍‌ଇଏସ୍‌ଟିଏସ୍/ଏଚ୍‌ଆର୍/ଡେପୁଟେଶନ୍/୧୦/୨୦୨୦-୨୧

**ଜାତୀୟ ଆଦିବାସୀ ବିଦ୍ୟାର୍ଥୀ ଶିକ୍ଷା ସୋସାଇଟି**

**ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ**

**ଜୀବନ ତାରା ବିଲ୍‌ଡିଂ, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧**

**ଶୁଦ୍ଧିପତ୍ର**

ଏନ୍‌ଇଏସ୍‌ଟିଏସ୍ (**ଜାତୀୟ ଆଦିବାସୀ ବିଦ୍ୟାର୍ଥୀ ଶିକ୍ଷା ସୋସାଇଟି**), **ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ** ନିମନ୍ତେ ବିଭିନ୍ନ ପଦାଧିକାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ତା୦୪।୦୧।୨୦୨୧ରିଖର ବିଜ୍ଞାପନ ସଂଖ୍ୟା-୧ ସନ୍ଦର୍ଭରେ, ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଦଫା ନଂ.୪ (ଖାଲିସ୍ଥାନର ବିବରଣୀ)ରେ ଦର୍ଶିତ **ସର୍ବୋଚ୍ଚ ବୟସ** ସୀମା ସଂକ୍ରାନ୍ତରେ ନିମ୍ନଲିଖିତ ସଂଶୋଧନ କରାଯାଇଛି:- (ପଦବୀ କୋଡ୍ ୦୧/୭, ୦୨/୭, ୦୫/୭ ଏବଂ ୦୬/୭)। ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

| କ୍ର.ସଂ. | ପଦବୀ କୋଡ୍ | ପଦବୀ | ୩୧।୧୨।୨୦୨୦ ସୁଦ୍ଧା ସର୍ବୋଚ୍ଚ ବୟସ ସୀମା (୦୪।୦୧।୨୦୨୧ର ବିଜ୍ଞାପନରେ ପ୍ରକାଶିତ) | ସଂଶୋଧିତ ୩୧।୧୨।୨୦୨୦ରିଖ ସୁଦ୍ଧା ସର୍ବୋଚ୍ଚ ବୟସ ସୀମା |
|---|---|---|---|---|
| ୧. | ୦୧/୭ | ସହକାରୀ ଆୟୁକ୍ତ (ଅର୍ଥ) | ୪୦ | ୪୫ |
| ୨. | ୦୨/୭ | ସହକାରୀ ଆୟୁକ୍ତ (ପ୍ରଶାସନିକ) | ୪୦ | ୪୫ |
| ୩. | ୦୫/୭ | ଷ୍ଟେନୋଗ୍ରାଫର ଗ୍ରେଡ୍ - II | ୩୦ | ୨୭ |
| ୪. | ୦୬/୭ | କାର୍ଯ୍ୟାଳୟ ସହାୟକ | ୨୭ | ୩୦ |

ଦ୍ରଷ୍ଟବ୍ୟ:-
୧. ଦରଖାସ୍ତ ପଞ୍ଜୀକରଣକୁ **୧୫** ଦିନ ପାଇଁ ପୁନଃ ଉନ୍ମୁକ୍ତ କରାଯାଉଛି ଏବଂ ସମସ୍ତ ସାତ (୦୭) ଗୋଟି ପଦବୀ ପାଇଁ ଲିଙ୍କ୍ ତା୧୬।୦୨।୨୦୨୧ରିଖ (୧୦.୦୦ ଘଟିକା)ରୁ ତା୦୨।୦୩।୨୦୨୧ରିଖ (୨୩.୫୯ ଘଟିକା) ପର୍ଯ୍ୟନ୍ତ ଉପଲବ୍ଧ/ଲାଇଭ୍ ରହିବ ।
୨. ଯୋଗ୍ୟ ପ୍ରାର୍ଥୀମାନେ ୱେବ୍‌ସାଇଟ୍ (www.tribal.nic.in)ର ''ନୂଆ କ'ଣ'' ଏବଂ ''ଟେଣ୍ଡର, ଖାଲିପଦବୀ ଓ ବିଜ୍ଞାପନ'' ସେକ୍ସନରେ ଉପଲବ୍ଧ ସବିଶେଷ ବିଜ୍ଞାପନ ଦେଖିପାରନ୍ତି ଏବଂ ସେଠାରେ ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ସେମାନଙ୍କର ଦରଖାସ୍ତ ଦାଖଲ କରିପାରନ୍ତି । ଦରଖାସ୍ତ ଦାଖଲର ଅନ୍ୟ କୌଣସି ମାଧ୍ୟମ/ପଦ୍ଧତି ଗ୍ରହଣଯୋଗ୍ୟ ହେବନାହିଁ ।
୩. ଷ୍ଟେନୋଗ୍ରାଫର୍ ଗ୍ରେଡ୍ - II ପଦବୀ ନିମନ୍ତେ ଆବେଦନ କରିଥିବା ତଥା କୌଣସି କୋହଳ ବିନା ତା୩୧।୧୨।୨୦୨୦ରିଖ ସୁଦ୍ଧା ଯେଉଁମାନଙ୍କର ବୟସ ୨୭ ବର୍ଷରୁ ଅଧିକ ଅଟେ, ସେହି ପ୍ରାର୍ଥୀମାନଙ୍କ ଦେୟକୁ ଫେରସ୍ତ କରିଦିଆଯିବ ଏବଂ ଏ ସମ୍ପର୍କରେ ସେମାନଙ୍କୁ ସେମାନଙ୍କର ପଞ୍ଜୀକୃତ ଇ-ମେଲ୍/ମୋବାଇଲ ନମ୍ବରରେ ସୂଚିତ କରାଯିବ । ପୂର୍ବରୁ ଆବେଦନ କରିସାରିଥିବା, ବିଜ୍ଞାପନ ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀମାନେ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ନାହିଁ ।

**(ବିନୋଦ ପାଟିଲ),**
**ସହକାରୀ ଆୟୁକ୍ତ, ଏନ୍‌ଇଏସ୍‌ଟିଏସ୍**

davp 43101/11/0017/2021

ଧରିତ୍ରୀ
DHARITRI
ସୋମବାର, ୧୫ ଫେବୃୟାରୀ, ୨୦୨୧



ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। –ଶ୍ରୀମା

# ଗ୍ରାମ ଦେବୀ

ଆଉ କିଛି ମାସ ପରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଭାଜପା ଓ ତୃଣମୂଳ କଂଗ୍ରେସ ନେତାଙ୍କ ମଧ୍ୟରେ ବାକ୍ୟୁଦ୍ଧ ଲାଗି ରହିଛି। ନିକଟରେ ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷଙ୍କ ଏକ ମନ୍ତବ୍ୟ ଧର୍ମୀୟ ରାଜନୀତିର କୁତ୍ସିତ ଚେହେରାକୁ ପଦାରେ ପକାଇଛି। ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ପ୍ରଭୁ ରାମ ଜଣେ ସମ୍ରାଟ ଥିଲେ। ତାଙ୍କୁ ଅବତାର ଭାବେ ଅନେକେ ଦେଖିଥାଆନ୍ତି। ଆମେ ତାଙ୍କ ପୂର୍ବପୁରୁଷଙ୍କ ନାମ ଜାଣୁ। କିନ୍ତୁ ଦୁର୍ଗାଙ୍କ ବିଷୟରେ ଆମେ ସମାନ କଥା ଜାଣିଛେ କି ବୋଲି କହି ଦିଲୀପ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହାର ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ଏହି ଭାଜପା ନେତାଙ୍କୁ ସମାଲୋଚନା କରି କହିଛନ୍ତି, ଦିଲୀପ ଜାଣିନାହାନ୍ତି ନିଜେ ପ୍ରଭୁ ରାମ ଦେବୀ ଦୁର୍ଗାଙ୍କ ପୂଜା କରିଥିଲେ। ଏପରି କି ରାମ ତାଙ୍କ ଚକ୍ଷୁ ମା' ଦୁର୍ଗାଙ୍କୁ ଅର୍ପଣ କରିଥିଲେ। ଦିଲୀପଙ୍କୁ ଜବାବ ଦେବାକୁ ଯାଇ ଅଭିଷେକ ଭାଜପାକୁ ମହିଷାସୁର ଆଖ୍ୟା ମଧ୍ୟ ଦେଇଛନ୍ତି। ମା' ଦୁର୍ଗାଙ୍କୁ ରାମ ପୂଜା କରୁଥିବା ବିଷୟ ଅଭିଷେକ ଯାହା ଉଲ୍ଲେଖ କରିଛନ୍ତି, ଅଧିକାଂଶ ଭାରତୀୟ ସେହି କଥା ଜାଣିଛନ୍ତି।

ଅନେକଙ୍କ ଚିନ୍ତାରେ ଦୁର୍ଗା ହେଉଛନ୍ତି ଦୈବୀଶକ୍ତି, ଯାହାର ନାଶ ନାହିଁ। ଲୋକଙ୍କଠାରେ ଥିବା ଆସୁରିକ ଗୁଣକୁ ହଟେଇ ଦୈବୀ ଆଶୀର୍ବାଦ ଦେବାର କ୍ଷମତା ରଖିଥିବାରୁ ତାଙ୍କୁ ସମସ୍ତେ ଆରାଧନା କରିଥାଆନ୍ତି। ଯେହେତୁ ତାଙ୍କର ଜନ୍ମ ନାହିଁ, ସେହେତୁ ତାଙ୍କ ଶକ୍ତିର ସମାପ୍ତି ନାହିଁ। ଅନ୍ୟପକ୍ଷରେ ରାମ ହେଉଛନ୍ତି ଏକ ପୌରାଣିକ ଚରିତ୍ର ବା କାହାଣୀକାରଙ୍କ ସ୍ମୃତିଶକ୍ତିରୁ ନିଃସୃତ ଏକ ଲୋକ ଚରିତ୍ର। ତେଣୁ ତାଙ୍କ ବିଷୟରେ ବିଭିନ୍ନ କଥା ଆଲୋଚନା ହେବା ସ୍ୱାଭାବିକ। ତେବେ ଦୁର୍ଗାଙ୍କୁ ଦିଲୀପ ଅସ୍ୱୀକାର କରିବା ପଛରେ ଧାର୍ମିକ ଚିନ୍ତାଧାରା ପରିବର୍ତ୍ତେ କେବଳ ରାଜନୀତି ରହିଛି ବୋଲି ବୁଝାପଡୁଛି। ଯେହେତୁ ଉତ୍ତର ଭାରତୀୟଙ୍କ ଦ୍ୱାରା ଦିଲୀପଙ୍କ ଦଳ ଭାଜପାର ନେତୃତ୍ୱ ଗଠିତ ସେଥିପାଇଁ ରାମଙ୍କ ବ୍ୟତୀତ ଅନ୍ୟସବୁ ଚିନ୍ତାକୁ ହିନ୍ଦୁ ଧର୍ମରେ ଗୌଣ କରି ଦେଖାଇବା ଏକ ନୂତନ କୌଶଳ ଆରମ୍ଭ କରାଯାଇଛି। ହିନ୍ଦୁ ଧର୍ମର ମୌଳିକ ବିଶ୍ୱାସରେ ୩୩ କୋଟି ଦେବଦେବୀଙ୍କୁ ରାଜନୈତିକ ମାନ୍ୟତା ଦେବା ଅସମ୍ଭବ ହୋଇପଡୁଛି। ଉତ୍ତରପ୍ରଦେଶରେ ଅଧିକ ଲୋକ ସଭା ଆସନ ରହିଛି, ସେଥିପାଇଁ ସେଠାକାର ରାମଙ୍କୁ ଜୋରଜବରଦସ୍ତ ସମଗ୍ର ଭାରତ ଉପରେ ଲଦି ଦେବାର ପ୍ରଚେଷ୍ଟା ଚାଲିଛି। ବଙ୍ଗାଳୀମାନେ ମା' ଦୁର୍ଗାଙ୍କୁ ଯେତିକି ଭଲ ପାଆନ୍ତି, ଓଡ଼ିଆମାନେ ଯେମିତି ମହାପ୍ରଭୁ ଜଗନ୍ନାଥଙ୍କୁ ଆଦର କରନ୍ତି, ଦକ୍ଷିଣ ଭାରତରେ ତିରୁପତି ଓ ଆୟାପ୍ପା ଏବଂ ପଶ୍ଚିମ ଭାରତ ବିଶେଷକରି ମହାରାଷ୍ଟ୍ରରେ ଗଣପତିଙ୍କୁ ଯେଉଁଭଳି ଭାବେ ଶ୍ରଦ୍ଧା ଦିଆଯାଏ, ତାହା ଆଜିର ନେତାଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ଏବକାର ସ୍ଥିତିରେ ଭାରତର ମୂଳ ଚରିତ୍ରରେ ଥିବା ଭିନ୍ନତାକୁ ସହ୍ୟ କରାଯାଉ ନାହିଁ। ଏହାର ଏକମାତ୍ର କାରଣ ଭାବେ ସାମାଜିକ ଓ ଧାର୍ମିକ ଏକତା ହାସଲ କରିପାରିଲେ ଅର୍ଥବଳ ସହିତ ରାଜନୈତିକ କ୍ଷମତା ଅଧିକ ସମୟ ହାତରେ ରଖିପାରିବେ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ କୁହାଗଲା– ଗୋଟିଏ ଦେଶ ଗୋଟିଏ ଟିକସ, ହିନ୍ଦୀକୁ କୁହାଯାଉଛି ଗୋଟିଏ ରାଷ୍ଟ୍ର ଗୋଟିଏ ଭାଷା, ଗୋଟିଏ ଦେଶ ଗୋଟିଏ ନିର୍ବାଚନର ପ୍ରଚ୍ଛଦପଟରେ ଦେଖିଲେ 'ଗୋଟିଏ ଧର୍ମ ଗୋଟିଏ ଠାକୁର' ନୀତି ପ୍ରଣୟନ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ।

ଯଦି ଅନ୍ୟସବୁ ଠାକୁରାଣୀ ଠାକୁରଙ୍କୁ ହେୟଜ୍ଞାନ କରାଯାଏ, ତେବେ କେବଳ ରାମଚନ୍ଦ୍ର ଏହି ବିରାଟକାୟ ଉପମହାଦେଶକୁ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା କରିପାରିବେ ବୋଲି ବିଶ୍ୱାସ ହେଉ ନାହିଁ। ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରୁ ରାମଙ୍କର ଗୋଟିଏ ସ୍ଥାନ ରହିଛି। ତେବେ ସେହି ସ୍ରୋତରେ ମତ୍ସ୍ୟଙ୍କ ସହିତ ବରାହ, କୃଷ୍ଣ ଏବଂ ବୁଦ୍ଧ ଅଛନ୍ତି। ଏବେ କୁହାଯାଉଛି ଯେ ଅନ୍ୟ ସମସ୍ତଙ୍କୁ ଆସନଚ୍ୟୁତ କରି କେବଳ ଗୋଟିଏ ମନ୍ଦିର ଓ ଗୋଟିଏ ଠାକୁର ହୋଇପାରିଲେ ଏହି ଧର୍ମକୁ ବ୍ୟବହାର କରିବା ସୁବିଧା ହେବ। ଭାରତୀୟଙ୍କ ଚରିତ୍ରରେ ବିବିଧତା ଏହି ଦେଶକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଛି। ଏହାକୁ ଧ୍ୱଂସ କରି ଯଦି ଏକ ବିକୃତ ସମାନତା ଆଣିବା ଲାଗି ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ତାହା ହିନ୍ଦୁ ଧର୍ମକୁ ଧ୍ୱଂସ କରିବାର ସହଜ ବାଟ ଖୋଲିଦେବ ବୋଲି ବିଶ୍ୱାସ କରାଯାଇପାରିବ। ଶେଷରେ ଏତିକି କୁହାଯାଇପାରେ ଯେ, ହୃଦୟର ସର୍ବୋଚ୍ଚରେ ବାସ କରୁଛନ୍ତି ଆମ ଗ୍ରାମ ଦେବୀ।

## ସାପ୍ତାହିକ ପଞ୍ଜିକା

**ଫେବୃୟାରୀ ୮:** ଉତ୍ତରାଖଣ୍ଡ ଗ୍ଲେସିୟର ବିପ୍ୱାତରେ ମୃତ୍ୟୁ ସଂଖ୍ୟା ୨୬ରେ ପହଞ୍ଚିଲା।

**ଫେବୃୟାରୀ ୯:** ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ଓଡ଼ିଶାର ସମର୍ଥନ।

➢ବଲିଉଡ ଅଭିନେତା ଓ ନିର୍ଦ୍ଦେଶକ ରାଜୀବ କପୁରଙ୍କ ପରଲୋକ।

**ଫେବୃୟାରୀ ୧୦:** ଏମ୍‌ଏସ୍‌ପି ରହିବ ବୋଲି ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

➢ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ସିନେଟ୍‌ରେ ମହାଭିଯୋଗ ଶୁଣାଣି ଆରମ୍ଭ।

**ଫେବୃୟାରୀ ୧୧:** ଡିଆର୍‌ଡିଓରେ ଗୁପ୍ତତଥ୍ୟ ଆଇଆଇଏସ୍‌ଙ୍କୁ ପ୍ରଦାନ କରିବା ଅଭିଯୋଗରେ ଗିରଫ ଈଶ୍ୱର ବେହେରାଙ୍କୁ ଆଜୀବନ ଦଣ୍ଡାଦେଶ।

➢ନୂଆପଡା ସଦର ବ୍ଲକ୍ ଭାରୁଆମୁଣ୍ଡା ପଞ୍ଚାୟତ ଛୋଟଲୋରା ଗାଁରେ ଜଣେ ମହିଳାଙ୍କୁ ବାଘ ଖାଇଗଲା।

**ଫେବୃୟାରୀ ୧୨:** ତାମିଲନାଡୁରେ ବିରୁଧୁ ନଗ୍ର ଜିଲାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୭ ଜଣଙ୍କ ପ୍ରାଣହାନି।

**ଫେବୃୟାରୀ ୧୩:** କୋଟିଆରେ ଆନ୍ଧ୍ର ନିର୍ବାଚନ କାଠିଚଟୁ ଯାଇ ଲୋକେ ଭୋଟ ଦେଲେ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | 9 | | 7 | | | | 2 | 8 | 1 | | E | |
| | | 8 | | 3 | B | | | | | | 4 | | | |
| | | | E | | | | D | | | | | | 2 | 6 |
| | | | | | | 1 | 5 | 3 | | 9 | | A | | |
| | | | | | 6 | 9 | 4 | | | E | | | 5 | D |
| 2 | | B | | | C | | | | 8 | 3 | | 1 | 4 | |
| | | D | | | | C | | | | | | | | 8 |
| | 4 | | 6 | | D | 2 | 9 | | | | | | C | |
| | | | | 5 | | A | | D | | 0 | 6 | 7 | | |
| 3 | | | | 7 | 0 | | 6 | 8 | | | C | 9 | | |
| B | | | | | 9 | | 7 | | | 6 | | | | |
| | 1 | 3 | | | | E | | | | | | | | B |
| | | | | E | 8 | 0 | | 5 | C | | | 2 | | |
| A | 2 | 5 | 0 | | | B | | 9 | E | 1 | | | | |
| 9 | | | 4 | | | | | 1 | 5 | 2 | | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | C | 3 | 5 | 9 | 2 | B | 4 | 0 | 6 | 8 | E | 7 | A |
| 7 | 5 | 8 | 6 | 1 | D | A | 3 | 9 | 4 | 2 | E | B | 0 | C |
| B | 9 | 4 | E | 0 | 7 | 1 | 6 | D | 3 | A | C | 2 | 8 | 5 |
| 6 | 2 | E | 4 | A | 8 | 7 | C | 0 | 1 | 5 | B | 9 | D | 3 |
| 3 | A | 0 | B | C | 2 | 5 | E | 8 | 9 | 7 | D | 1 | 6 | 4 |
| C | 1 | 6 | 9 | 8 | 3 | 0 | 7 | E | D | 4 | 5 | A | B | 2 |
| 4 | 7 | 2 | 0 | D | 5 | 8 | 9 | B | E | 3 | A | C | 1 | 6 |
| 9 | B | 3 | 1 | 4 | A | D | 5 | 6 | 7 | C | 2 | 8 | E | 0 |
| A | 8 | D | 2 | 6 | E | C | 1 | 3 | B | 9 | 0 | 5 | 4 | 7 |
| 0 | E | 5 | C | 7 | B | 4 | 2 | A | 8 | 1 | 6 | D | 3 | 9 |
| 8 | 4 | 7 | A | 9 | C | B | 0 | 2 | 6 | D | 1 | 3 | 5 | E |
| 2 | C | A | 7 | 3 | 0 | E | D | 1 | 5 | B | 4 | 6 | 9 | 8 |
| E | 3 | 1 | 5 | B | 4 | 6 | 8 | C | 2 | 0 | 9 | 7 | A | D |
| D | 6 | 9 | 8 | 2 | 1 | 3 | 4 | 5 | A | E | 7 | 0 | C | B |
| 5 | 0 | B | D | E | 6 | 9 | A | 7 | C | 8 | 3 | 4 | 2 | 1 |

ଗତ କାଲିର ଉତ୍ତର

# ଶିକ୍ଷା, ଶିକ୍ଷାର୍ଥୀ ଓ ମାତାପିତା



ଡ. ମନୋରଞ୍ଜନ ପ୍ରଧାନ

ଗୋଟିଏ ପରମ ବୈଭବଶାଳୀ ରାଷ୍ଟ୍ରର ଆଧାର ହେଉଛି ତା'ର ସମର୍ଥ, ସଶକ୍ତ, ସଂସ୍କାରଯୁକ୍ତ ଓ ଶୃଙ୍ଖଳିତ ଭବିଷ୍ୟତ ପିଢ଼ି। ଦେଶର ଭାବୀ ନାଗରିକଗଣ ଯେପରି ସଦାଚାରୀ, ସ୍ୱାଭିମାନୀ, ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ ଓ ସକଳ ସଦ୍‌ଗୁଣ ଅଧିକାରୀ ହୋଇ ନିଜର, ନିଜ ପରିବାରର, ରାଷ୍ଟ୍ରର ଓ ସାରା ମାନବ ସମାଜର ମଙ୍ଗଳ ପାଇଁ ନିଜକୁ ସମର୍ପି ପାରିବେ ତାହା ସମ୍ପୂର୍ଣ୍ଣ ରାଷ୍ଟ୍ରର ଦାୟିତ୍ୱ। କିନ୍ତୁ ଏହି ଗୁରୁଦାୟିତ୍ୱ କେବଳ ଉପଯୁକ୍ତ ଶିକ୍ଷା ଦ୍ୱାରା ହିଁ ସମ୍ଭବ। ଉପଯୁକ୍ତ ଶିକ୍ଷା କହିଲେ, ଯାହା ପିଲାମାନଙ୍କର ଭୌତିକ ବିକାଶ ସହିତ ପିଲାଙ୍କ ନୈତିକ, ଚୈତିକ ଓ ଆଧ୍ୟାତ୍ମିକ ବିକାଶ କରିବାରେ ସମର୍ଥ। ତେଣୁ ମହାତ୍ମା ଗାନ୍ଧୀ କହନ୍ତି, ଶିକ୍ଷା ହେଉଛି ଶିଶୁ ଓ ବ୍ୟକ୍ତିର ଶରୀର, ମନ ଓ ଆତ୍ମାର ସର୍ବୋତ୍କୃଷ୍ଟ ବିକାଶ। ହେଲେ ପିଲାଙ୍କୁ ସଂସ୍କାରଯୁକ୍ତ ଶିକ୍ଷା ପ୍ରଦାନ ଚାରୋଟି ମୁଖ୍ୟ ସ୍ତମ୍ଭ ଉପରେ ନିର୍ଭରଶୀଳ; ଯଥା–ଶିକ୍ଷାର୍ଥୀ, ଶିକ୍ଷକ, ଅଭିଭାବକ ଓ ଶାସନ/ପ୍ରଶାସନ ତଥା ପରିଚାଳନା ସମିତି। ଅର୍ଥାତ୍ ଏହି ଚାରିସ୍ତମ୍ଭ ସୁଦୃଢ଼ ଓ ସଶକ୍ତ ହୋଇପାରିଲେ ଶିକ୍ଷାରୂପକ ଅଟ୍ଟାଳିକାଟି ଏକ ପୂର୍ଣ୍ଣାଙ୍ଗ ମାନବ ତିଆରି ସାମାଜିକ ଶିଳ୍ପଭାବେ କାମ କରିପାରିବ। ତେବେ ଏଠାରେ ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷାଳୟ ପାଇଁ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିବା।

ଦିନଥିଲା ପିଲାମାନଙ୍କ ଶିକ୍ଷା ସମ୍ପୂର୍ଣ୍ଣ ରୂପେ ପରିବାର ଉପରେ ନିର୍ଭର କରୁଥିଲା। ପରିବାରର ସଦସ୍ୟଙ୍କ ସହାୟତାରେ ପିଲାମାନେ ଅକ୍ଷର ଜ୍ଞାନଠାରୁ ସାମାଜିକ ଚଳଣି ଓ କୌଳିକ ବୃତ୍ତି ଶିକ୍ଷା କରୁଥିଲେ। କୁହାଯାଏ ଶିକ୍ଷା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା; ଯାହା କି ଗର୍ଭ ସଞ୍ଚାରରୁ ଆରମ୍ଭ ହୋଇ ଶ୍ମଶାନ ଭୂଇଁକୁ ଗଲାଯାଏ ଚାଲିଥାଏ। ଅର୍ଥାତ୍ ଜନ୍ ଡୁଇଙ୍କ ମତରେ, ଜୀବନ ହିଁ ଶିକ୍ଷା ଓ ଶିକ୍ଷା ହିଁ ଜୀବନ। ତେବେ ଶିକ୍ଷାକୁ ଆଜୀବନ ପ୍ରକ୍ରିୟା ଭାବେ ପିଲାଙ୍କୁ ପରିଚିତ ଓ ପ୍ରୋତ୍ସାହିତ କରେଇବାରେ ପରିବାର ବିଶେଷକରି ମାତାପିତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ସେମାନଙ୍କଠାରୁ ପିଲା ସାମାଜିକ ସଂସ୍କାର, ନୈତିକ ମୂଲ୍ୟବୋଧ, ଚରିତ୍ର ଗଠନ ଓ ଆଧ୍ୟାତ୍ମିକ ବିଚାର ସମ୍ବନ୍ଧରେ ଶିକ୍ଷାଲାଭ କରିଥାଏ; ଯାହା କି ଏକ ଶୃଙ୍ଖଳିତ ଜୀବନ ଓ ଜୀବିକା ନିର୍ବାହରେ ଅହରହ ସହାୟତା କରିଥାଏ। ସେଥିପାଇଁ ପେଷ୍ଟଲୋଜୀ କହନ୍ତି– ଶିଶୁର ଶିକ୍ଷା ମାତୃ ସ୍ତନ୍ୟପାନ ଓ ପିତାଙ୍କ ଚୁମ୍ବନରୁ ହୋଇଥାଏ, ହେଲେ ଆଜି କିନ୍ତୁ ଏଥିରେ କିଛି ବ୍ୟତିକ୍ରମ ଦେଖାଦେଇଛି। ଶିକ୍ଷା କେବଳ ଔପଚାରିକ ତଥା ଆନୁଷ୍ଠାନିକ ପ୍ରକ୍ରିୟା ଭିତରେ ମୁଖତଃ ସୀମିତ ରହିଛି। ପିଲାଙ୍କ ଶିକ୍ଷା ଦାୟିତ୍ୱ ପ୍ରାୟତଃ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ଉପରେ ଛାଡ଼ିଦିଆଯାଇଛି। ଆଉ ଶିକ୍ଷା ଜ୍ଞାନ, ବୁଦ୍ଧି, ପ୍ରଜ୍ଞା ଓ ସଂସ୍କାରର ଉନ୍ମେଷ ତଥା ବିକାଶ ବଦଳରେ ମାର୍କ, ଗ୍ରେଡ ଓ ତଥ୍ୟଘୋଷା ମଧ୍ୟରେ ସୀମିତ ରହିଛି। ମାତାପିତାମାନେ ଭଲ ମଣିଷ ପରିବର୍ତ୍ତେ ପିଲାଙ୍କୁ ବଡ ଚାକିରିଆ କରିବାକୁ ବ୍ୟସ୍ତ ଓ ବ୍ୟାକୁଳ। ସଥିପାଇଁ ପିଲାଙ୍କ ସାମର୍ଥ୍ୟ, ରୁଚି, ଆବଶ୍ୟକତା ଓ ଆଗ୍ରହକୁ ଅଣଦେଖା କରି ନିଜ ଈପ୍ସିତ ଲକ୍ଷ୍ୟ ପୂରଣ ପାଇଁ ପିଲାଙ୍କୁ ବାଧ କରନ୍ତି। ଏପରି କି ପିଲାଙ୍କ ବିଷୟ ଚୟନ ସେମାନଙ୍କ ଇଚ୍ଛାନୁସାରେ ହୋଇଥାଏ।

ରାଜ୍ୟରେ ଯୁକ୍ତ ଦୁଇ ଓ ତିନି ପାଇଁ ନାମଲେଖା ବେଳେ ପିଲାଙ୍କ ମତାମତ ଆମକୁ ଚିନ୍ତାରେ ପକେଇଦିଏ। କିଛି ପିଲା ଓଡ଼ିଆ, ଇଂଲିଶ, ସାମାଜିକ ବିଜ୍ଞାନରେ ଭଲ ନମ୍ବର ରଖିଛନ୍ତି କିନ୍ତୁ ଗଣିତ ଓ ବିଜ୍ଞାନରେ ଭଲ ନମ୍ବର ରଖି ନ ଥିଲେ ବି ବିଜ୍ଞାନରେ ନାମ ଲେଖେଇବାକୁ ତତ୍ପର। କେତେଜଣଙ୍କୁ ପଚାରିଲି ଏହାର କାରଣ। ପିଲାଙ୍କ ଉତ୍ତର ଥିଲା ମାଆବାପା କହୁଛନ୍ତି ସାଇନ୍ସ ପଢ଼ିବାକୁ। ଅଭିଭାବକମାନଙ୍କୁ ଯେତେବେଳେ ଏହାର କାରଣ ପଚାରିଲି ସେମାନଙ୍କ ମତ ଅନେକ ଥିଲା– ପିଲା ମୋର ଫାଷ୍ଟ କ୍ଲାସ ପାଇଛି/ପିଲାର ସାଙ୍ଗସାଥୀ ସାଇନ୍ସ ନେଉଛନ୍ତି ତ ମୋ ଛୁଆ ବି ପଢ଼ିବ/ଆର୍ଟସ୍ ଅପେକ୍ଷା ସାଇନ୍ସରେ ଚାକିରି ସୁଯୋଗ ବେଶି ଏପରି କି କେହି କେହି ମତ ଦିଅନ୍ତି, ମୁଁ ସାଇନ୍ସ ପଢ଼ିବାରୁ ବଞ୍ଚିତ ହୋଇଥିଲି ତ ପିଲାଟି ପଢ଼ି ଡାକ୍ତର ବା ଇଞ୍ଜିନିୟର ହେଉ ମୋର ସ୍ୱପ୍ନ। ଅର୍ଥାତ୍ ବିଷୟ ଚୟନ ପିଲାର ଦକ୍ଷତା ବା ରୁଚି ଆଧାରରେ ନ ହୋଇ ମାଆବାପାଙ୍କ ଈପ୍ସିତ ଇଚ୍ଛା ଉପରେ ନିର୍ଭର କରୁଛି; ଫଳରେ ଏହା ମଧ୍ୟ ଦେଖିବାକୁ ମିଳୁଛି କି ପିଲାମାନେ ଫେଲ୍ ହୋଇ ବାରମ୍ବାର ପରୀକ୍ଷା ଦେଉଛନ୍ତି ଅଥବା ପୁଣି ଅନ୍ୟ ପାଠ୍ୟକ୍ରମରେ ନାମ ଲେଖାଉଛନ୍ତି। ଏହା ସ୍ପଷ୍ଟ କରୁଛି ମାତାପିତାଙ୍କ ସମ୍ବେଦନଶୀଳତାର ଅଭାବବୋଧକୁ।

ପାଠପଢ଼ା କଥା ଛାଡ଼ି ଦିଅନ୍ତୁ ଏପରି କି ପିଲାଙ୍କ କଲେଜରେ ନାମଲେଖା ବେଳେ ମଧ୍ୟ ଅଭିଭାବକ ଉପସ୍ଥିତ ରହୁନାହାନ୍ତି। ବହୁ ସମୟରେ ପିଲାମାନେ ନିଜ ସାଙ୍ଗସାଥୀ ଅଥବା ସମ୍ପର୍କୀୟ ଭାଇମାନଙ୍କୁ ଅଭିଭାବକଭାବେ ଦେଖେଇଥାନ୍ତି। ଆଉ ଅଭିଭାବକ ସମ୍ମିଳନୀରେ ସେମାନଙ୍କ ଉପସ୍ଥିତି ହାର ସମ୍ପର୍କରେ ନ କହିଲେ ଭଲ। ଏହା ଅଭିଭାବକମାନଙ୍କ ବେପରୁଆ ମନୋଭାବର ପରିଚୟ ନିଶ୍ଚୟ। ଫଳରେ କଲେଜ ପଢୁଆ ପିଲାମାନେ ବହୁ ସମୟରେ ଅବାଟରେ ପଳେଇଯାନ୍ତି। ତେବେ ଶିକ୍ଷାର ବିକାଶ କ୍ଷେତ୍ରରେ ମାତାପିତାଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ଏହା ସେମାନେ ବୁଝିବା ଦରକାର। ବିଶେଷକରି କୈଶୋର ଅବସ୍ଥାରେ ପିଲାଙ୍କ ସହ ମିତ୍ରତାଭାବ ପ୍ରଦର୍ଶନ ପୂର୍ବକ ସେମାନଙ୍କ ମାନସିକତା, ଆଚାର ବ୍ୟବହାର ଓ ଦିନଚର୍ଯ୍ୟା ସମ୍ବନ୍ଧରେ ନଜର ରଖିବା ନିତାନ୍ତ ଆବଶ୍ୟକ।

ପିଲାଙ୍କ ଶିକ୍ଷା ପାଇଁ ଅଭିଭାବକଙ୍କ ଭୂମିକା କ'ଣ ? ପ୍ରଥମତଃ, ଅଭିଭାବକ ବା ମାତାପିତାମାନେ ନିଜ ପିଲାଙ୍କୁ ବଡ଼ ଚାକିରିଆ କରି ଅର୍ଥ ଉପାର୍ଜନର ମେସିନ ଭାବିବା ପରିବର୍ତ୍ତେ ପିଲାମାନେ କିପରି ସଂସ୍କାରଯୁକ୍ତ ଭଲ ମଣିଷ ହୋଇପାରିବେ ସେଥିପାଇଁ ବିଶେଷ ଧ୍ୟାନଦେବା ଉଚିତ। ପରୀକ୍ଷାରେ ନିଜ ପିଲାଙ୍କ ନମ୍ବର ବୃଦ୍ଧି ପାଇଁ ଥିବା ବ୍ୟାକୁଳ ଓ ବିବଶ ହେବା ଅପେକ୍ଷା ସେମାନଙ୍କୁ ଭଲ ମଣିଷ କରିବାକୁ ଚେଷ୍ଟା କରନ୍ତୁ। ମାର୍କ ସମ୍ବନ୍ଧରେ ଗିଲ୍‌ବର୍ଟ କହନ୍ତି, ଶିକ୍ଷାର ସବୁଠାରୁ ମିଛ ହେଉଛି ଅଧିକ ମାର୍କ ରଖିବା। କାରଣ ଘୋଷି ଘୋଷି ମାର୍କ ରଖିବା ଉଦ୍ଦେଶ୍ୟରେ ନିଜର ମସ୍ତିଷ୍କକୁ ମେଶିନ ଭଳି କରିଥିବା ଟପ୍ ଟେନ୍ ପିଲାମାନେ କେବଳ ଆଜ୍ଞାଧୀନ କର୍ମଚାରୀ ହୋଇପାରନ୍ତି କିନ୍ତୁ କର୍ମକ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇପାରନ୍ତି ନାହିଁ।

ଦ୍ୱିତୀୟତଃ, ସେମାନେ ଚାଷୀର ଅଭୀପ୍ସା ଓ ସ୍ୱପ୍ନ ନ ରଖି ମାଳି ଭଳି ଆଚରଣ କରିବା ଉଚିତ। କାରଣ ବଗିଚାରେ ଫୁଲର ଆକାର, ରଙ୍ଗ ଓ ସ୍ୱରୂପ କିପରି ହେବ ଫୁଲଗଛର ସାମର୍ଥ୍ୟ ଓ ପ୍ରକୃତି ଉପରେ ନିର୍ଭର କରେ। ତେଣୁ ରବୀନ୍ଦ୍ର ନାଥ ଟାଗୋର କହନ୍ତି, ତୋମରା କେଉ ଫୁଲ ଫୋଟାତେ ପାରବେନା, କେନୋନା ଯେ ଫୋଟେ ସେ ଅପନି ଫୋଟେ। ଅର୍ଥାତ୍ ମାତାପିତା ପିଲାଙ୍କ ଦକ୍ଷତା ବାହାରେ ଆଶା କରିବା ଉଚିତ ନୁହେଁ କି ନିଜ ଅଖଣ୍ଡ ପ୍ରଭୁତ୍ୱ ଓ ନିଜ ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ପିଲାଙ୍କୁ ସାଧନ ସଜେଇବା ଉଚିତ ନୁହେଁ। ସ୍ୱାମୀ ବିବେକାନନ୍ଦ କୁହନ୍ତି, କଠୋର ପ୍ରହାର ଦ୍ୱାରା ଗଧକୁ ଘୋଡ଼ାରେ ପରିଣତ କରିବାର ଅପଚେଷ୍ଟା କଲାଭଳି ଶିଶୁକୁ ଶିକ୍ଷାଦେବା ପାଇଁ ଯେଉଁ ପଦ୍ଧତିର ଲକ୍ଷ୍ୟ, ସେପରି ଶିକ୍ଷା ପଦ୍ଧତି ଅନାବଶ୍ୟକ।

ମନେପଡ଼େ ଗପଟିଏ। ଜଣେ ଭଦ୍ରଲୋକ ନିରାଶ ହୋଇ ଗୁରୁଙ୍କୁ କହିଲେ– ଆଜ୍ଞା, ମୁଁ ଅନୁଶାସନପ୍ରିୟ ହେତୁ ମୋ ପିଲାମାନଙ୍କୁ ଶୃଙ୍ଖଳିତ ଓ ସଂସ୍କାରୀ କରିବାକୁ କଠୋର ଶୃଙ୍ଖଳା ରଖିଲି। ଭାବିଥିଲି ସେମାନେ ବହୁତ ପାଠପଢ଼ି ବଡ଼ ଚାକିରି କରିବେ। କିନ୍ତୁ କିଛି ଲାଭ ହେଲାନାହିଁ। ଏତେ ପ୍ରଚେଷ୍ଟା ସତ୍ତ୍ୱେ ଜଣେ ପିଲା କ୍ରିକେଟର ଆଉ ଜଣେ ସମାଜସେବୀ ହେବି କହୁଛି। ମୋ ତପସ୍ୟା ବେକାର। ଗୁରୁ କହିଲେ– ଈଶ୍ୱର ଆପଣଙ୍କୁ ଗୋଟେ ମାଳୀ କରି ପୃଥିବୀକୁ ପଠେଇଛନ୍ତି କିନ୍ତୁ ଆପଣ ଜଣେ ଚାଷୀଭଳି ହେବାକୁ ଚାହୁଁଛନ୍ତି। ଈଶ୍ୱର ଏ ପୃଥିବୀକୁ ଏକ ଉଦ୍ୟାନଭଳି ଦେଖିବାକୁ ଚାହାନ୍ତି। ସେଥିଲାଗି ସେ ଉଦ୍ୟାନରେ ବିଭିନ୍ନ ରଙ୍ଗ ଓ ସୌରଭର ଫୁଲଗଛ ସହ ବିଭିନ୍ନ ପ୍ରକାରର ଫଳଗଛ ଏପରି କି ବିଭିନ୍ନ ପ୍ରକାରର ସପ୍ତଫେଣୀଯୁକ୍ତ ବିବିଧ ରଙ୍ଗଭରା ପୃଥିବୀ ଗଢ଼ିବାକୁ ଚାହୁଁଛନ୍ତି। କିନ୍ତୁ ଆପଣ ଚାଷୀ ଭଳି ସମାନ ଫସଲ କରିବାକୁ ଚାହୁଁଛନ୍ତି। ଏହା ଈଶ୍ୱରଙ୍କ ଇଚ୍ଛାର ବିରୋଧାଭାସ। ଅର୍ଥାତ୍ ପିଲାଙ୍କ ପ୍ରତିଭାକୁ ଚିହ୍ନନ୍ତୁ ଓ ପ୍ରତିଭା ଆଧାରରେ ସେମାନଙ୍କୁ ବଢ଼ିବାକୁ ଦିଅନ୍ତୁ। ନଚେତ୍ ବାର ବରଷର ତପସ୍ୟା ଶୁକୁଆ ପୋଡ଼ାରେ ଯିବ।

ତୃତୀୟତଃ, ପିଲାଙ୍କ ଦିନଚର୍ଯ୍ୟା ସମ୍ବନ୍ଧରେ ମାତାପିତା ସମ୍ପୂର୍ଣ୍ଣ ଅବଗତ ହେବା ଦରକାର। ଚତୁର୍ଥତଃ, ମାତାପିତାମାନେ ସ୍କୁଲ ଓ କଲେଜର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ନିୟମିତ ସମ୍ପର୍କରେ ରହିବା ଦରକାର। ପଞ୍ଚମତଃ, ଅଭିଭାବକମାନେ କୈଶୋରାବସ୍ଥାରେ ପିଲାଙ୍କୁ ଜାଣିବା, ବୁଝିବା ଓ ସେମାନଙ୍କୁ ଠିକ୍ ମାର୍ଗଦର୍ଶନ ଦେବା ଅତ୍ୟନ୍ତ ପ୍ରୟୋଜନ। ସର୍ବୋପରି ପିଲା ନିଜକୁ ଜଣେ ଉତ୍ତମ ଓ କର୍ମଠ ଛାତ୍ର ଭାବରେ କିପରି ପ୍ରସ୍ତୁତ କରିପାରିବ ସେଥିପ୍ରତି ସମ୍ବେଦନଶୀଳ ହେଲେ ଆମ ଭବିଷ୍ୟତ ବଂଶଧରମାନେ ଭଲ ଶିକ୍ଷା ପ୍ରାପ୍ତ ସହ ଦେଶ ଓ ମାନବ ସମାଜର କଲ୍ୟାଣ କରିପାରିବେ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ,
ଜୟପୁର, କୋରାପୁଟ, ମୋ–୯୪୩୭୯୧୪୮୧୮

# ପୃଥିବୀ ହେବ ଉତ୍ତପ୍ତ ଘର



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ଉତ୍ତରାଖଣ୍ଡରେ ହିମଶୈଳ ଅଚାନକ ଫାଟି ବନ୍ୟା ଦୁର୍ବିପାକ ଆଣିବା ଘଟଣା ପାଣିପାଗ ବିଶେଷଜ୍ଞ ଓ ଭୌଗୋଳିକ ବିଜ୍ଞାନୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି। ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିବା ସହ ଗ୍ରୀଷ୍ମକାଳ ଆସିବାକୁ ଆହୁରି କିଛିଦିନ ବାକି ଥିବାବେଳେ ଶୀତ ଦିନରେ କ'ଣ ପାଇଁ ଓ କେଉଁ କାରଣ ଲାଗି ହିମଶୈଳ ଫାଟିଲା ତାହା ଭୂତତ୍ତ୍ୱବିତ୍‌ମାନଙ୍କ ପାଇଁ ବଡ଼ ଆଲୋଚନା ସୃଷ୍ଟି କରିଛି। ଜଳବାୟୁର ତାପମାତ୍ରା ନୁହେଁ ବରଂ ପାଣିପାଗରେ ପରିବର୍ତ୍ତନକୁ ବିଶେଷଜ୍ଞମାନେ ଦାୟୀ କରିଛନ୍ତି। ହିମଶୈଳ ୧୯୮୦ ବେଳକୁ ୨୪୩ ବର୍ଗ କିଲୋମିଟର ଥିବାବେଳେ ସର୍ବଶେଷ ତଥ୍ୟ ସଂଗ୍ରହ ହୋଇଥିବା ୨୦୧୭ ବେଳକୁ ୨୧୭ ବର୍ଗ କିଲୋମିଟରକୁ ଖସି ଆସିଛି। ହିମଶୈଳର ସର୍ବାଧିକ ହ୍ରାସ ପାଣିପାଗ ପରିବର୍ତ୍ତନ ପାଇଁ ବଡ଼ ଅଶୁଭ ସଙ୍କେତ। ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରାଠାରୁ ଯଦି ଆଉ ମାତ୍ର ୨ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାନ ବଢ଼ିଯାଏ, ତେବେ ତାହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ ପୃଥିବୀ ଉପରେ। ପୃଥିବୀ ପରିଣତ ହୋଇପାରେ ଏକ ଉତ୍ତପ୍ତ ଗୃହରେ। ଆମେରିକାନ୍ ପ୍ରୋସିଡିଙ୍ଗସ୍ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସରେ ସୋମବାର ପ୍ରକାଶ ପାଇଥିବା 'ଟ୍ରାଜେକ୍ଟୋରିଜ୍ ଅଫ୍ ଦ ଆର୍ଥ ସିଷ୍ଟମ ଇନ୍ ଦ ଆନ୍ଥ୍ରୋପୋସେନ' ଶୀର୍ଷକ ପ୍ରବନ୍ଧରେ ଏମିତି ଆଶଙ୍କା ପ୍ରକାଶ କରିଛନ୍ତି କେତେକ ବୈଜ୍ଞାନିକ। ବୈଜ୍ଞାନିକମାନଙ୍କ ଆକଳନ ହେଲା ଉତ୍ତପ୍ତ ପୃଥିବୀର ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରାଠାରୁ ଅଧିକ ୪ରୁ ୫ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ସ୍ଥିର ରହିପାରେ। ଏହି ପ୍ରବନ୍ଧର ପ୍ରମୁଖ ଲେଖକ ତଥା ଅଷ୍ଟ୍ରେଲିଆନ୍ ନ୍ୟାଶନାଲ ୟୁନିଭର୍ସିଟିର ପ୍ରଫେସର ୱିଲ୍ ଷ୍ଟିଫେନ୍ କହନ୍ତି, ମଣିଷ ଛାଡୁଥିବା ସବୁଜଗୃହ ବାଷ୍ପ ବା ଗ୍ରୀନ୍ ହାଉସ ଗ୍ୟାସ କେବଳ ପୃଥିବୀର ତାପମାତ୍ରା ବୃଦ୍ଧି ନିର୍ଦ୍ଧାରଣ କରେନାହିଁ, ଏହାର ଅନ୍ୟାନ୍ୟ ମାନବିକ କାରଣ ବି ରହିଛି। ଏହାଯୋଗୁ ବିଶ୍ୱତାପନ ମାତ୍ର ୨ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇଲେ ତାହା ପୃଥିବୀର ଅନ୍ୟ ବ୍ୟବସ୍ଥାଗତ ପ୍ରକ୍ରିୟାକୁ ପ୍ରଭାବିତ କରେ। ତାହା ପରୋକ୍ଷରେ ଅଧିକ ତାପମାତ୍ରା ବୃଦ୍ଧିର କାରଣ ହୁଏ। ଆଉ ଗ୍ରୀନ୍‌ହାଉସ ଗ୍ୟାସ ନ ଛାଡ଼ିଲେ ବି ପୂର୍ବ ପ୍ରକ୍ରିୟାରେ ପୃଥିବୀର ତାପମାତ୍ରା ବୃଦ୍ଧି ପାଏ।

ତାପମାତ୍ରା ବଢ଼ିଲେ ସମୁଦ୍ରର ଜଳସ୍ତର ୬୦ ମିଟର ବା ୧୯୭ ଫୁଟ ଉଚ୍ଚତା ଯାଏ ବୃଦ୍ଧି ପାଇପାରେ। ଏହା ହେଲେ ଉପକୂଳରେ ବସବାସ କରୁଥିବା ଲୋକମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବା ସହିତ ଆଭ୍ୟନ୍ତରୀଣ ଅଞ୍ଚଳକୁ ବିସ୍ଥାପିତ ହେବାକୁ ବାଧ ହେବେ। ଏ ବର୍ଷ ଗ୍ରୀଷ୍ମ ଋତୁରେ ୟୁରୋପ ଓ ଏସିଆରେ ବ୍ୟାପିଥିବା ବନାଗ୍ନି ଓ ତାପ ପ୍ରବାହରେ ଡଜନ ଡଜନ ଲୋକଙ୍କ ମୃତ୍ୟୁରୁ ଆଗାମୀ ସମୟରେ ପୃଥିବୀର କି ଅବସ୍ଥା ହେବ ତାହା ଅନୁମାନ କରାଯାଇପାରେ। ଏହି ପ୍ରବନ୍ଧ ଅନୁସାରେ ଥରେ ଆମେ ତାପମାତ୍ରାର ଅଫେରା ବିନ୍ଦୁରେ ପହଞ୍ଚିଗଲେ ତେଣିକି ଗତ ୧୨ ଲକ୍ଷ ବର୍ଷ ଭିତରେ ଆସିଥିବା ଯେ କୌଣସି ତୁଷାର ଯୁଗ ମଧ୍ୟବର୍ତ୍ତୀ ସମୟର ହାରାହାରି ତାପମାତ୍ରାଠାରୁ ପୃଥିବୀର ତାପମାତ୍ରା ଅଧିକ ହୋଇଯାଇପାରେ। ସେହିପରି ଏହି ତାପମାତ୍ରା ଯୋଗୁ ଗତ ୧୨ ହଜାର ବର୍ଷ ତଳେ ଶେଷ ହୋଇଥିବା ତୁଷାର ଯୁଗ ପରଠୁ ଗଢ଼ି ଆସିଥିବା ଅଭିନବ ଯୁଗ ବା ହୋଲୋସେନ ସମୟରେ ସମୁଦ୍ର ଜଳସ୍ତର ସର୍ବୋଚ୍ଚ ସ୍ତରକୁ ଉଠିପାରେ। ଅନେକ ବୈଜ୍ଞାନିକ ଯୁକ୍ତି କରନ୍ତି ଯେ, ଆମେ ଏକ ନୂଆ ଭୌଗୋଳିକ ଯୁଗ ମଧ୍ୟକୁ ପ୍ରବେଶ କରିସାରିଛୁ। ଏହାକୁ ସେମାନେ 'ଆନ୍ଥ୍ରୋପୋସେନ' ଯୁଗ ବୋଲି କହୁଛନ୍ତି। ଏହି ଯୁଗରେ ପୃଥିବୀ ଉପରେ ମାନବିକ କାର୍ଯ୍ୟକଳାପର ସିଧାସଳଖ ପ୍ରଭାବ ପଡୁଛି। ଏବେ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରାଠାରୁ ୧ ଡିଗ୍ରୀ ସେଣ୍ଟିଗ୍ରେଡ୍ ଅଧିକ। ପ୍ରତି ଦଶନ୍ଧିରେ ଏହା ୦.୧୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଉଛି। ଏ ସମ୍ପର୍କରେ ୟୁନିଭର୍ସିଟି ଅଫ କୋପେନହାଗେନର ବୈଜ୍ଞାନିକ କାଥେରାଇନ୍ ରିଚାର୍ଡସନ କୁହନ୍ତି, ଆମେ ସବୁବେଳେ ଅନୁଭବ କରିଆସିଛୁ ଯେ ଗୋଟେ କିଛି ଅଫେରା ବିନ୍ଦୁ ରହିଥାଇପାରେ। ଏହାର ଅର୍ଥ ହେଲା ଆମେ ଯଦି ଏହାକୁ ରୋକିପାରିବୁ ନାହିଁ ଆମେ ନିଶ୍ଚୟ ଏକ ଭୟଙ୍କର ନର୍କରେ ପ୍ରବେଶ କରିବୁ। ହାରାହାରି ତାପମାତ୍ରା ୪ରୁ ୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ହାରାହାରି ସମୁଦ୍ର ସ୍ତର ୧୦ରୁ ୬୦ ମିଟର ବୃଦ୍ଧି ପାଇଲେ ଆମ ସମାଜ ଏବେ ଯେମିତି ଅଛି ସେମିତି ଆଉ ରହିବ ନାହିଁ। ସରଳରେ କହିଲେ ଏହା ଆମ ସମାଜ ପାଇଁ ଅସହ୍ୟ ହୋଇଯିବ। ଏଭଳି ପାଗ ପରିବର୍ତ୍ତନର ମୁକାବିଲା କରିବା ପାଇଁ ୨୦୧୫ ମସିହାରେ ପ୍ୟାରିସ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପ୍ରାୟ ୨୦୦ ଦେଶ ଏଥିରେ ସ୍ୱାକ୍ଷର କରିଥିଲେ। କଥା ଥିଲା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରାଠାରୁ ଯେପରି ଅଧିକ ୨ଡିଗ୍ରୀ ତାପମାତ୍ରା ବୃଦ୍ଧି ନ ପାଏ ସେ ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବେ। କିନ୍ତୁ ପରେ ଏହି ଚୁକ୍ତିରୁ ଆମେରିକା ଓହରିଯିବା ଫଳରେ ଏହି ଉଦ୍ୟମ ବାଧାପ୍ରାପ୍ତ ହୋଇଛି। ଏହି ପ୍ରବନ୍ଧରେ କାର୍ବନ ସିଙ୍କ ବା ଅଙ୍ଗାରକ ଶୋଷଣ ପ୍ରକ୍ରିୟା ଦୁର୍ବଳ ହେବା, ଜଙ୍ଗଲ ଲୋପ ପାଇବା, ତୁଷାର ତରଳିବା, ଜୀବାଣୁ ଶ୍ୱାସକ୍ରିୟା ବୃଦ୍ଧି ପାଇବା ଆଦି ପାଗ ପରିବର୍ତ୍ତନ ପରିମାପକଗୁଡ଼ିକର ମିଳିତ ପରିମାଣ କ'ଣ ହେବ ତାହା ଉଲ୍ଲେଖ କରାଯାଇଛି। ପ୍ରବନ୍ଧର ଅନ୍ୟତମ ଲେଖକ ତଥା ପୋଟଡାମ ଇନ୍‌ଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚର ସହାଧ୍ୟକ୍ଷ ଜୋହାନ ରକଷ୍ଟ୍ରମ କୁହନ୍ତି, ଏସବୁ ନିର୍ଦ୍ଧାରକ ପାଗ ପରିବର୍ତ୍ତନ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇପାରିବେ। ଗୋଟିଏକୁ ଠେଲିଲେ ତାହା ପୃଥିବୀକୁ ଆଉ ଗୋଟାକ ଆଡ଼କୁ ଠେଲି ଦେବ। ଏବେ ଏହିସବୁ ପ୍ରକ୍ରିୟାର ଶୃଙ୍ଖଳାକୁ ବନ୍ଦ କରିବା ଅତ୍ୟନ୍ତ କଷ୍ଟକର ବା ଅସମ୍ଭବ। ତେଣୁ ଉତ୍ତପ୍ତ ପୃଥିବୀ ଘର ଯଦି ବାସ୍ତବତାରେ ପରିଣତ ହୁଏ ତେବେ ପୃଥିବୀର ଅନେକ ଅଞ୍ଚଳ ଆଉ ବାସୋପଯୋଗୀ ହୋଇ ରହିବ ନାହିଁ।

ପାରାଦୀପ, ମୋ :୯୪୩୭୦୨୨୦୬୧

## ଏଇ ଭାରତରେ

ସମୁଦ୍ର ପତ୍ତନଠାରୁ ୧୪,୦୦୦ ଫୁଟ ଉଚ୍ଚରେ ଚାଷରେ ସଫଳତା ପାଇବା କିଛି କମ୍ କଥାନୁହେଁ। ଏଭଳି ସଫଳ ଚାଷୀ ଜଣକ ହେଉଛନ୍ତି ଲଦାଖର ଉର୍ଗେନ ଫନ୍‌ଷ୍ଟୋଗ। ବୟସ ୪୮। ଲେହଠାରୁ ୭୦ କି.ମି. ଦୂର ଜିୟା ଗାଁରେ ତାଙ୍କ ଘର। ୧୨ ବର୍ଷ ବୟସରେ ସେ ତାଙ୍କ ବାପାଙ୍କୁ ହରାଇଥିଲେ। ତା'ପରେ ବହୁ କଷ୍ଟରେ ହାଇସ୍କୁଲ ଶିକ୍ଷା ଶେଷ କରି ସେନାରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିଲେ ବି ପରିବାର ପ୍ରତିପୋଷଣ ପାଇଁ ଚାଷ ଆରମ୍ଭ କରିଥିଲେ। ଗୋଟିଏ ପରେ ଗୋଟିଏ ଚାଷରେ ସଫଳତା ପାଇ ଚାଲିଲେ। ଏବେ ସେ ପାଖାପାଖି ୮ ଏକର ଜମିରେ ୨୦ ପ୍ରକାର ଫସଲ କରୁଛନ୍ତି। ଏଥିରେ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରୁଛନ୍ତି ଗୋଟିଏ ସିଜନ୍‌ରେ। ପରିବା ଚାଷ ଲାଗି ଦୁଇଟି ଗ୍ରୀନ୍ ହାଉସ ନିର୍ମାଣ କରିଛନ୍ତି। ସମୁଦ୍ର ପତ୍ତନର ୧୪,୦୦୦ ଫୁଟ ଉଚ୍ଚରେ ଯେଉଁଠି ତାପମାତ୍ରା –୩୦ ଡିଗ୍ରୀ ରହୁଛି ସେଠାରେ ସାଧାରଣ ଜୀବନ କଷ୍ଟକର ହେଉଥିଲେ ବି ଉର୍ଗେନଙ୍କ ପ୍ରୟାସ ଅନେକଙ୍କ ପାଇଁ ପ୍ରେରଣା। ସେ ଛେଳି, ମେଣ୍ଢା ଆଦି ପାଳନ କରି ବର୍ଷକୁ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରୁଛନ୍ତି। ଜିଆଖତ ମଧ୍ୟ ପ୍ରସ୍ତୁତ କରି ତାହାକୁ ଫସଲରେ ବ୍ୟବହାର କରୁଛନ୍ତି ଓ ଖତକୁ ପ୍ୟାକେଟ୍ କରି ବିକ୍ରି କରୁଛନ୍ତି। ଏଥିପାଇଁ ତାଙ୍କୁ କୁହାଯାଉଛି 'ମାଟିର ମଣିଷ'।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଫେବୃୟାରୀ ୧୯୯୬

➲ ପର୍ଯ୍ୟଟନ କ୍ଷେତ୍ରରେ ଉତ୍କୃଷ୍ଟ ସେବା ପ୍ରଦାନ ନିମନ୍ତେ ହିଲଟନ ଇଣ୍ଟରନ୍ୟାସନାଲ ହୋଟେଲ ପର୍ଯ୍ୟଟନ ଶିଳ୍ପ ଗ୍ଲୋବ ପୁରସ୍କାର ହାସଲ କରିଛି।

➲ ଦିଲ୍ଲୀରେ ସହରାଞ୍ଚଳ ଗୃହବିକାଶ ମନ୍ତ୍ରଣାଳୟ ଦ୍ୱାରା ୮ ହଜାର ୩୦୦ ସରକାରୀ ଗୃହ ବଣ୍ଟନ ଘଟଣାରେ ତଦନ୍ତ କରିବାକୁ ସୁପ୍ରିମ୍‌କୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ଅସଲ ସତଟି ଘୋଡ଼ାଇବା ପାଇଁ
ଭାଷାର ଚାତୁରି ଛଳନା କଥା
ବାକି ଅଛି ସେ କି, ବୁଝିବାକୁ ତାକୁ
ବେକ ପରେ ଯା'ର ରହିଛି ମଥା।
–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଲି ଏକ ପ୍ରମୁଖ ସମସ୍ୟା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ନଦୀ ବାଲି ଏକ ପ୍ରମୁଖ ସମସ୍ୟା ପାଲଟିଛି। ରାଜ୍ୟ ସରକାର ପୂର୍ବରୁ ବର୍ଷିକିଆ ବାଲିଘାଟ ପରିବର୍ତ୍ତେ ୫ ବର୍ଷିଆ ବାଲିଘାଟ ନିଲାମ ଆରମ୍ଭ କରିଥିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ନଦୀରେ ବାଲିର ଅଭାବ, ନିର୍ମାଣ କାର୍ଯ୍ୟ ପାଇଁ ବାଲିର ଚାହିଦା ଓ ଉଚ୍ଚଦରରେ ଘାଟ ଟେଣ୍ଡର ନେଇଥିବା ମାଫିଆମାନେ ଗତ କିଛି ମାସଧରି ବାଲିର ମୂଲ୍ୟ ଏତେ ବୃଦ୍ଧି କରିଛନ୍ତି ଯେ, ଉପଭୋକ୍ତାମାନେ ବାଲି ସଂଗ୍ରହ ପାଇଁ ଚିନ୍ତାରେ ପଡ଼ିଛନ୍ତି। ପ୍ରକାଶଯୋଗ୍ୟ ଯେ, ବାଲିଘାଟ ନିଲାମ ପୁରୀ ଜିଲାର ରାଜସ୍ୱ ବୃଦ୍ଧି ପାଇଁ ବେଶ୍ ସହାୟକ ହୋଇପାରୁଛି। ପୁରୀ ଜିଲାରେ ବାଲିଘାଟକୁ ନେଇ ତହସିଲଗୁଡ଼ିକ ଅଧିକ ରାଜସ୍ୱ ଆଦାୟର ରେକର୍ଡ ପ୍ରଦର୍ଶନ କରୁଥିବା ସମୟରେ ମାଫିଆମାନଙ୍କ ସହିତ ହାତମିଳାଇ ଜନସାଧାରଣଙ୍କୁ ଶୋଷଣ କରି ଚାଲିଛନ୍ତି। ପୁରୀ ଜିଲାରେ ନଦୀ ଜଳ ପ୍ରବାହ କମିବାରେ ଲାଗିଛି। ପୁରୀ ଜିଲାରେ ବାଲିଘାଟ ନିଲାମଧାରୀମାନେ ଲିଜ ନେଇଥିବା ସ୍ଥାନକୁ ଛାଡ଼ି ଆଖପାଖ ନଦୀ ଶଯ୍ୟାରୁ ବାଲି ଉଠାଉ ଥିଲେ ମଧ୍ୟ ରାଜସ୍ୱ ବିଭାଗ ସେଥିପ୍ରତି ନଜର ଦେଉନାହିଁ। ଗ୍ରାମାଞ୍ଚଳରେ ଇନ୍ଦିରା ଆବାସ ନିର୍ମାଣ କରୁଥିବା ହିତାଧିକାରୀମାନେ ବାଲି ନ ପାଇବା ଆଲୋଚନାର ବିଷୟ ହୋଇଛି।

–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସୋମବାର, ୧୫ ଫେବୃୟାରୀ, ୨୦୨୧



## ସଂକ୍ଷେପରେ

### ଓମାର, ଫାରୁକ୍ ଗୃହବନ୍ଦୀ



ଓମାର ଅବଦୁଲ୍ଲା

ଶ୍ରୀନଗର, ୧୪।୨: ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନଫରେନ୍ସ ଉପସଭାପତି ଓମାର ଅବଦୁଲ୍ଲା, ବାପା ଫାରୁକ୍ ଅବଦୁଲ୍ଲାଙ୍କ ସମେତ ପୂରା ପରିବାରକୁ ଗୃହବନ୍ଦୀ କରାଯାଇଛି। ସେଠାକାର ପୋଲିସ ତାଙ୍କୁ ବିନା କୌଣସି କାରଣରେ ବନ୍ଦୀ କରିଥିବା ନେଇ ଓମାର ଟୁଇଟ୍ କରି ଜଣାଇଛନ୍ତି। ତେବେ ୨୦୧୯ ପୁଲୱାମା ଆକ୍ରମଣର ୨ ବର୍ଷ ପୂରଣ ଅବସରରେ ଭିଭିଆଇପିଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ଗତିବିଧି ଉପରେ ରୋକ ଲଗାଯାଇଥିବା ଶ୍ରୀନଗର ପୋଲିସ କହିଛି। ଟୁଇଟ୍‌ରେ ଓମାର କହିଥିଲେ, ଏହା ହେଉଛି ଅଗଷ୍ଟ ୨୦୧୯ ପରର ନୂଆ ଜମ୍ମୁ-କଶ୍ମୀର। ବିନା କୌଣସି କାରଣରେ ଆମକୁ ଏଠାରେ ଗୃହବନ୍ଦୀ କରିଦିଆଯାଉଛି। ମୋତେ ଓ ମୋ ପିତା (ଜଣେ ସିଟିଂ ଏମ୍‌ପି)ଙ୍କୁ ବନ୍ଦ କରାଯିବାଠାରୁ ଆଉ ଖରାପ କଥା କ'ଣ ହୋଇପାରେ। ଏପରିକି ତାଙ୍କ ଭଉଣୀ ଓ ପିଲାମାନଙ୍କୁ ମଧ ସେମାନଙ୍କ ଘରେ ବନ୍ଦ କରି ରଖାଯାଇଛି ବୋଲି ଓମାର ଟୁଇଟ କରିଛନ୍ତି। ଏହାସହ ସେ ଏକ ଫଟୋ ମଧ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ଘରର ମୁଖ୍ୟଦ୍ୱାର ନିକଟରେ ପୋଲିସ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ତାଙ୍କ ଘରେ କାମ କରୁଥିବା ଷ୍ଟାଫ୍‌ଙ୍କୁ ମଧ ଭିତରକୁ ଛଡ଼ାଯାଉ ନ ଥିବା ଓମାର ଅଭିଯୋଗ କରିଛନ୍ତି।

### ପାଳଗଦାରେ ନିଆଁ ଲାଗି ଶିଶୁ ମୃତ

ଝରିଗାଁ,୧୪।୨(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତର କୁସୁମବାହାଲ ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାଳଗଦା ନିଆଁରେ ପୋଡ଼ି ଜଣେ ୬ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗାଁର ଡମ୍ବୁ ଜାନିଙ୍କ ଝିଅ ସମ୍ଵାରୀ(୬)। ସେ ଘର ପାଖରେ ଥିବା ପାଳଗଦା ମଞ୍ଚ ତଳେ ନିଆଁ ପୁଇଁବାବେଳେ ତଳେ ଲାଗିଥିବା ନିଆଁ ମଞ୍ଚ ଉପର ପାଳରେ ଲାଗିଯାଇଥିଲା। ଏହି ନିଆଁରେ ସମ୍ଵାରୀ ଫସିଯିବା ସହ ଚିତ୍କାର କରିଥିଲେ। ଝିଅର ଚିତ୍କାର ଶୁଣି ନିକଟ ନାଳକୁ ଶୌଚ ପାଇଁ ଯାଇଥିବା ମା' ଏବଂ ନିକଟରେ ଥିବା ବାପା ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ସମ୍ଵାରୀଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଶରୀରର ପ୍ରାୟ ୯୦ ପ୍ରତିଶତ ନିଆଁରେ ପୋଡ଼ିଯାଇଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ଶିଶୁଟିର ମୃତ୍ୟୁ ଘଟିଥିଲା।

# କ୍ଷତି ସହୁଛନ୍ତି ବିସ୍ଥାପିତ

**ବନ୍ତଲା,୧୪।୨(ଦିନେଶ ଦେହୁରୀ)**



କେନାଲ ପୋତି ରାସ୍ତା ନିର୍ମାଣ କରାଯାଇଛି।

- ରାସ୍ତା ପାଇଁ ପୋତିଦେଲେ କଂକ୍ରିଟ୍ କେନାଲ
- ସରକାର ଦେଇଥିବା ଜମି ପଡ଼ିଆ
- ଜୀବିକା ହରାଇଛନ୍ତି ୫୦ ଚାଷୀ ପରିବାର

ଡେରଜାଙ୍ଗ ଡ୍ୟାମ୍‌ବୁଡ଼ି ଅଞ୍ଚଳର ୩୦ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାର ବନ୍ତଲା ଥାନା ବଡ଼କେରା ପଞ୍ଚାୟତ ଗୁରଙ୍ଗ କରଡ଼ାବଣିରେ ଥଇଥାନ କରିଥିଲେ। ଘର ପାଇଁ ଜାଗା ସହ ଜୀବିକା ନିର୍ବାହ ନିମନ୍ତେ ଜମି ଦେଇଥିଲେ। ନିକଟସ୍ଥ ଗୁରଙ୍ଗ ଡ୍ୟାମ୍‌ରୁ ଜଳସେଚନ ସୁବିଧା ଥିବାରୁ ସରକାରଙ୍କ ପ୍ରଦତ୍ତ ଜମିରେ ବର୍ଷସାରା ଫସଲ ଫଳାଉଥିଲେ କ୍ଷତିଗ୍ରସ୍ତ। ୨୦୦୫ରେ ୧୦ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ୍ କେନାଲ ନିର୍ମାଣ ପରେ ଚାଷ କାର୍ଯ୍ୟ ଆହୁରି ଆଗେଇଥିଲା। ହେଲେ ୨ ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଂକ୍ରିଟ୍ କେନାଲକୁ ପୋତି ରାସ୍ତା ନିର୍ମାଣ କରାଯାଇଛି। ଏଥିଯୋଗୁ ୧୦୦ ଏକର ଜମି ପଡ଼ିଆ ପଡ଼ିଥିବାରୁ ପୁଣି କ୍ଷତି ସହୁଛନ୍ତି କ୍ଷତିଗ୍ରସ୍ତ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୬୦ ବର୍ଷ ପୂର୍ବରୁ ଡେରଜାଙ୍ଗ ଡ୍ୟାମ୍ କ୍ଷତିଗ୍ରସ୍ତ ପ୍ରଜା ଭାବେ ଗୁରଙ୍ଗ କରଡ଼ାବଣିରେ ସେମାନେ ବସତି ସ୍ଥାପନ କରିଥିଲେ। ଏବେ ସେଠାରେ ୫୦ କ୍ଷତିଗ୍ରସ୍ତ ପରିବାର ରହୁଛନ୍ତି। ସରକାରଙ୍କ ତରଫରୁ ମିଳିଥିବା ଚାଷଜମିରେ ଧାନ ସହ ମୁଗ, ବିରି, ହରଡ଼, ବାଦାମ, ସୋରିଷ, ସୂର୍ଯ୍ୟମୁଖୀ, ପରିବା ଆଦି ଚାଷକରି ଲୋକେ ଗୁଜରାଣ ମେଣ୍ଟାଉଥିଲେ। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୧୮ ମାର୍ଚ୍ଚ ୨୪ରେ ବଡ଼କେରା-ବନ୍ତଲା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ବେଳେ ଠିକାଦାର ଉକ୍ତ କଂକ୍ରିଟ କେନାଲକୁ ୧ କିଲୋମିଟର ପର୍ଯ୍ୟନ୍ତ ନଷ୍ଟକରି ରାସ୍ତା ନିର୍ମାଣ କରିଛନ୍ତି। ଏହାକୁ ଚାଷୀମାନେ ବିରୋଧ କରିବା ସହ ଜିଲାପାଳ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଜଳସେଚନ ଅଭାବରୁ ସେବେଠାରୁ ଚାଷଜମି ପଡ଼ିଆ ପଡ଼ିଛି। ଗ୍ରାମର ବରୁଣ ଭୋଇଙ୍କ ୩ ଏକର, ବୁଦ୍ଧିଆ ଭୋଇ, ଭଗବାନ୍ ବେହେରା, ନାରଣ ଭୋଇ, ମାଧବ ଭୋଇ, ନୀଳ ଭୋଇ, ଅକ୍ରୁର ଭୋଇ, ମାୟାଧର ମୁଖୀ, ବାନାମ୍ବର ମୁଖୀ, ଭ୍ରମର ମୁଖୀ, କପିଳ ବେହେରା, ପୁରନ୍ଦର ବେହେରାଙ୍କ ୩ ଏକର ଲେଖାଏ ଜମି ପଡ଼ିଆ ପଡିଛି। ସେହିପରି ଦାସ ଭୋଇ, ସୁଦର୍ଶନ ଭୋଇଙ୍କ ସାଢ଼େ ୩ ଏକର ଲେଖାଏ, ଧୀରେନ ସାହୁ, ବିଦ୍ୟାଧର ବିଶ୍ୱାଳଙ୍କ ୧ ଏକର ଲେଖାଏ, ନବିନା ମୁଖୀ, ରମେଶ ମୁଖୀ, ଦୁର୍ଯ୍ୟୋଧନ ସାହୁ, ସୁର ସାହୁଙ୍କ ୨ ଏକର ଲେଖାଏ ଜମି ସହିତ ୬୫ ପରିବାରର ୧୦୦ ଏକର ଜମି ପଡ଼ିଆ ପଡିଛି। ତୁରନ୍ତ କେନାଲ ପୁନରୁଦ୍ଧାର କରିବାକୁ ଚାଷୀ ସନାତନ ବେହେରା, ଚରଣ ଭୋଇ, ବରୁଣ ଭୋଇ, ରମ୍ଭା ଭୋଇ, ପଦ୍ମାବତୀ ଭୋଇ, ଶ୍ରୀମତୀ ଭୋଇ, କନ୍ଧିଆ ଭୋଇ, ଅହଲ୍ୟା ଭୋଇ, ଶ୍ରୀମତୀ ବେହେରା, ସଜନୀ ଭୋଇ, କାନ୍ତି ଭୋଇ, ମଞ୍ଜୁଲତା ଭୋଇ, ଜାତ ଭୋଇ, କମଳା ବେହେରା ଦାବି କରିଛନ୍ତି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ରବି ଶଙ୍କର ଦାସ କହିଛନ୍ତି, ବୁଧବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରିପୋର୍ଟ ମଗାଯିବ। ଏଥିସହିତ ଜୁନ ମାସ ମଧରେ ଚାଷୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମିଶ୍ର କହିଛନ୍ତି, ଏସ୍‌ଡିଓଙ୍କ ସହିତ ଆଲୋଚନା କରି ଘଟଣାସ୍ଥଳକୁ ଯାଇ ଦେଖିବା ସହିତ କ'ଣ ପଦକ୍ଷେପ ନିଆଯାଇପାରିବ ସେଥିନେଇ ବ୍ୟବସ୍ଥା ହେବ।

## ଏମାନଙ୍କ ମତରେ...

### ଆଉ ଚାଷ ହେଉନି



ଡେରଜାଙ୍ଗ ଡ୍ୟାମ୍ ନିର୍ମାଣ ସମୟରେ ଜଳବୁଡ଼ି ଯୋଗୁ କରଡ଼ାବଣିରେ ସରକାର ଆମକୁ ଥଇଥାନ କରିଥିଲେ। କେନାଲ ସାହାଯ୍ୟରେ ଗୁରଙ୍ଗ ଡ୍ୟାମ୍ ପାଣି ବିଲକୁ ମାଡୁଥିଲା। ଫଳରେ ଭଲ ଫସଲ ହେଉଥିଲା। ଚାଷ ହିଁ ଏଠାକାର ଲୋକଙ୍କ ମୁଖ୍ୟ ଆୟ। ହେଲେ କିଛି ବର୍ଷ ହେଲା ଆଉ ଚାଷ ହେଉନି।

**- ଶ୍ରୀମତୀ ଭୋଇ, କରଡ଼ାବଣି**

### ପିଲା ବାହାରେ ମୂଲ ଲାଗୁଛନ୍ତି



କେନାଲ ପାଣିର ସୁବିଧା ଥିବାରୁ ଚାଷ କରି ପରିବାର ଚଳାଉଥିଲୁ। କିନ୍ତୁ ତାହାକୁ ପୋତି ରାସ୍ତା ନିର୍ମାଣ କରାଗଲା। ଏଥିଯୋଗୁ ପାଣି ଜମିଯାଏ ଆସିପାରୁନି କି ଧାନ ସହ ଅନ୍ୟ ପରିବା ଫସଲ ହେଉନାହିଁ। ଜମି ସବୁ ପଡ଼ିଆ ପଡିଛି। ପିଲାମାନେ ଏବେ ବାହାରେ ମୂଲ ଲାଗୁଛନ୍ତି।

**- ଭୁଲୁ ଭୋଇ, କରଡ଼ାବଣି**

### ଭାତହାଣ୍ଡି ଛଡ଼ାଇ ନିଆଯାଇଛି



ସରକାର ଚାଷୀଙ୍କ ପାଇଁ କେତେ ବ୍ୟବସ୍ଥା କରୁଛନ୍ତି। ଅଧିକରୁ ଅଧିକ ଜମି କିପରି ଜଳସେଚିତ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏଠି ଚାଷୀଙ୍କ ଜୀବିକାକୁ ମାରି ରାସ୍ତା ନିର୍ମାଣ କରାଯାଇଛି। ଗରିବ ଲୋକଙ୍କ ଭାତହାଣ୍ଡି ଛଡ଼ାଇ ନିଆଯାଇଛି। ତୁରନ୍ତ କେନାଲ ନିର୍ମାଣ କରାଯାଉ।

**- ଗିରିଶ ସାହୁ, କରଡ଼ାବଣି**

### ପ୍ରତିଶ୍ରୁତି ପାଳନ କରାଗଲା ନାହିଁ



୨୦୦୫ରେ କଂକ୍ରିଟ କେନାଲ ନିର୍ମାଣ ହୋଇଥିଲା। କିନ୍ତୁ ତାହାକୁ ପୋତି ରାସ୍ତା କରାଯିବାରୁ ପାଣି ପଞ୍ଚାୟତ ତରଫରୁ ମହାସଂଘକୁ ଜଣାଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କେନାଲ ନିର୍ମାଣ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ସେ ଦିଗରେ ପଦକ୍ଷେପ ନାହିଁ।

**- ସୁଶାନ୍ତ ଦେହୁରୀ, ପାଣି ପଞ୍ଚାୟତ ସହ ସମ୍ପାଦକ**



ଶ୍ରୀଲିଙ୍ଗରାଜ କ୍ଷେତ୍ର ପାଇଁ ପ୍ରସ୍ତାବିତ ଐତିହ୍ୟ ବାଇ-ଲ' ପ୍ରତ୍ୟାହାର ଦାବିକରି ପ୍ରଦେଶ କଂଗ୍ରେସ ପକ୍ଷରୁ ରବିବାର ମନ୍ଦିର ସମ୍ମୁଖରେ ପ୍ରତିବାଦ କରାଯାଉଛି।

# ଝାରପଡ଼ା ଜେଲ ଗଲେ ପାଠକ ବାପ-ପୁଅ

## ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ

**ବ୍ରହ୍ମପୁର ଅଫିସ,୧୪।୨**

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଛନ୍ଦିହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ୩ ଦିନିଆ ରିମାଣ୍ଡରେ ଥିବା ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କୁ କଡା ସୁରକ୍ଷାରେ ରବିବାର ଭୁବନେଶ୍ୱର ଝାରପଡା ଜେଲ ସ୍ଥାନାନ୍ତର କରାଯାଇଛି। ସକାଳେ ବାପ-ପୁଅଙ୍କ କୋଭିଡ୍ ପରୀକ୍ଷା ପରେ ଝାରପଡା ଜେଲକୁ ପଠାଯାଇଛି ବୋଲି ତାଙ୍କ ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସୂଚନା ଦେଇଛନ୍ତି। ଏଥି ପୂର୍ବରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶରେ ପୋଲିସ ୩ ଦିନିଆ ରିମାଣ୍ଡରେ ଆଣିଥିଲା। ପୂର୍ବରୁ ବିଧାୟକ ପ୍ରଦୀପଙ୍କ ନାମରେ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ୩ ମାମଲାରେ ପୋଲିସ ତାଙ୍କୁ ଝାରପଡା ଜେଲରୁ ଆଣି ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କୁ ଏହି ୩ ମାମଲାରେ ଜଡିତ କରିଥିଲା। ପରେ ପ୍ରଦୀପଙ୍କୁ ଝାରପଡା ଜେଲ ସ୍ଥାନାନ୍ତର କରିଥିଲା। ଏହି ଠକେଇ ମାମଲାରେ ପାଠକ ବାପ-ପୁଅ ଓ ପ୍ରଦୀପଙ୍କ ସମ୍ପୃକ୍ତିକୁ ପ୍ରମାଣିତ କରିବା ପାଇଁ ପୋଲିସ ଏବେ ଗୁରୁତ୍ୱ ଦେଇଛି। ଗୋଳନ୍ଥରା ଥାନାରେ ଜଣେ ଲୋକଙ୍କ ବୟାନକୁ ଆଧାର କରି ପୋଲିସ ବାପ-ପୁଅଙ୍କୁ ଏହି ମାମଲାରେ ଯୋଡିଥିଲା। ଗତ ୧୧ ତାରିଖରେ ବ୍ରହ୍ମପୁର ପୋଲିସର ଏକ ଟିମ୍ ଭୁବନେଶ୍ୱର ଯାଇଥିଲା। ଉଭୟଙ୍କୁ ଝାରପଡା ଜେଲରୁ ୩ ଦିନିଆ ରିମାଣ୍ଡରେ ଆଣି ବ୍ରହ୍ମପୁର ଏସଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। କୋର୍ଟ ଉଭୟ ପାଠକ ବାପ-ପୁଅଙ୍କୁ ଉକ୍ତ ମାମଲାରେ ଜଡିତ କରିଥିଲା।

# ସ୍ଥିତାବସ୍ଥା ଜାରି କଲେ ଅଦାଲତ

## ଜମି ଠକେଇ ଅଭିଯୋଗ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ଜମି ଦେବାକୁ ଚୁକ୍ତି କରି ପରବର୍ତ୍ତୀ ସମୟରେ ଠକେଇ କରିଥିବା ଅଭିଯୋଗରେ ଏସ୍.ଏନ୍. ଜ୍ୟୋତି ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ନାମରେ କ୍ୟାପିଟାଲ ଥାନାରେ ଏକ ମାମଲା(ନଂ.୧୦୦/୨୦୨୧) ରୁଜୁ ହୋଇଛି। ସମଷ୍ଟି ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ନିଶିଥ ରଞ୍ଜନ ନନ୍ଦଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏସ୍.ଏନ୍.ଜ୍ୟୋତି ଇନ୍‌ଫ୍ରାର ନିର୍ଦ୍ଦେଶକ କିଶୋର କୁମାର ରାଉତ ଏବଂ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ରାଉତରାୟଙ୍କ ବିରୋଧରେ ଆଇପିସି ଦଫା ୪୦୬, ୪୨୦, ୪୨୭, ୪୬୭, ୪୬୮, ୪୭୧, ୪୦୯/୫୦୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏପରି କି ଏହି ଠକେଇ ନେଇ ସମଷ୍ଟି ଇନ୍‌ଫ୍ରା ପକ୍ଷରୁ ଖୋର୍ଦ୍ଧା ଜିଲା ଜଜ୍‌ଙ୍କଠାରେ କରାଯାଇଥିବା ଏକ ମାମଲା(ଏଆର୍‌ବିପି ନଂ. ୧୦/୨୦୨୧)ର ଶୁଣାଣି କରି ଅଦାଳତ ଏସ୍.ଏନ୍.ଜ୍ୟୋତି ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡକୁ ନିଷେଧାଜ୍ଞା ଜାରି କରିବା ସଙ୍ଗେ ସଙ୍ଗେ ଅନ୍ୟ କାହା ସହିତ ସମ୍ପୃକ୍ତ ଜମି ସଂକ୍ରାନ୍ତରେ କୌଣସି ପ୍ରକାର ଚୁକ୍ତିପତ୍ର ବା ବିକ୍ରି ପତ୍ର ନ କରିବାକୁ ଆଦେଶ କରି ସମନ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଏସ୍.ଏନ୍. ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ଘାଟିକିଆ ମୌଜାସ୍ଥିତ ୧ଏକର୨୮୨ଡିସିମିଲ ଜମିକୁ ୩କୋଟି ୫୩ଲକ୍ଷ ୯୫ହଜାର ଟଙ୍କାରେ ବିକ୍ରି କରିବାକୁ ସମଷ୍ଟି ପ୍ରାଇଭେଟ କମ୍ପାନୀ ସହ ୩।୭।୨୦୧୯ରେ ଏକ ଚୁକ୍ତି କରିଥିଲା। ଚୁକ୍ତି ମୁତାବକ ବିକ୍ରି ମୂଲ୍ୟର ୧୦% ଅର୍ଥାତ ୩୫ଲକ୍ଷ ୩୯ହଜାର ୫୦୦ଟଙ୍କା ଚେକ୍ ମାଧ୍ୟମରେ ଏସ୍.ଏନ୍ ଜ୍ୟୋତି ଇନ୍‌ଫ୍ରା ଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ ୨୨।୧୨।୨୦୨୦ରେ ଏସ୍.ଏନ୍ ଜ୍ୟୋତି ଇନ୍‌ଫ୍ରା ଉକ୍ତ ଚୁକ୍ତିପତ୍ରର ଅବମାନନା କରି ଏକ ରଦ୍ଦ ନାମା କରିବା ପାଇଁ ଏକ ପତ୍ର ସମଷ୍ଟି ପ୍ରାଇଭେଟ କମ୍ପାନୀକୁ ଦେଇଥିଲା, ଯାହାକୁ ବିରୋଧ କରି ସମଷ୍ଟି ପ୍ରାଇଭେଟ କମ୍ପାନୀ ଆଇନର ଆଶ୍ରୟ ନେଇଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨ କୋଟି ଶ୍ରମ ଦିବସ

## ରାଜ୍ୟରେ ଇତିହାସ ସୃଷ୍ଟି କଲା ଗଞ୍ଜାମ

**ଛତ୍ରପୁର,୧୪।୨(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କୁ କାମ ଯୋଗାଇବାରେ ଗଞ୍ଜାମ ଜିଲା ଇତିହାସ ସୃଷ୍ଟି କରିଛି। ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଜିଲାରେ ୨ କୋଟି ୨ ଲକ୍ଷ ୯୫ ହଜାର ୪୬୫ ଶ୍ରମଦିବସ ସୃଷ୍ଟି ହୋଇଛି। ଏହା ରାଜ୍ୟରେ ପ୍ରଥମ ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ଡିଆର୍‌ଡିଏ ପିଡି) ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ଯୋଜନାର ଅନୁଦାନ ଖର୍ଚ୍ଚ କରିବାରେ ମଧ ଓଡ଼ିଶାରେ ଗଞ୍ଜାମ ଜିଲା ପ୍ରଥମ ବୋଲି ସୂଚନା ଦିଆଯାଇଛି।

ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜିଲାର ୩ଲକ୍ଷ ୨୨ ହଜାର ୬୯୦ ପରିବାରକୁ କାମ ଦିଆଯାଇଛି। ୪୧,୯୩୪ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି। ଜିଲାରେ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୪୧୯ କୋଟି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷର ଫେବୃୟାରୀ ୧୪ ତାରିଖ ସୁଦ୍ଧା ଜିଲାରେ ୯୧ ଲକ୍ଷ ୬ ହଜାର ୪୯୦ ଶ୍ରମଦିବସ ସୃଷ୍ଟି ହୋଇଥିଲା। ଉକ୍ତ ଅବଧିରେ ୨୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ଜିଲାପାଳ ଓ ପିଡି ସୂଚନା ଦେଇଛନ୍ତି।

# ସ୍କୁଲ, କଲେଜର ସ୍ଥିତି ପରଖିଲେ ଉପନିର୍ଦ୍ଦେଶକ



ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟରେ ଉପନିର୍ଦ୍ଦେଶକ ଆଲୋଚନା କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୧୪।୨(ସ୍ୱ.ପ୍ର.)**

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଉପନିର୍ଦ୍ଦେଶକ ବୃନ୍ଦାବନ ବେହେରା ରବିବାର ନିଶ୍ଚିନ୍ତକୋଇଲି ଗସ୍ତରେ ଆସି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ଥିତି ପରଖିଛନ୍ତି। ସେ ପ୍ରଥମେ ବ୍ଲକ ଅଧୀନ ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଶ୍ରେଣୀ ପରିଦର୍ଶନ କରିବା ସହ ପିଲାଙ୍କୁ ପରୀକ୍ଷା ପ୍ରସ୍ତୁତି, ବିଦ୍ୟାଳୟରେ ଶିକ୍ଷାଦାନ ଓ କୋଭିଡ୍ ଗାଇଡଲାଇନକୁ କିପରି ପାଳନ କରାଯାଉଛି ତାହା ଅନୁଧ୍ୟାନ କରିଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ପୂର୍ବତନ ସରପଞ୍ଚ ରମେଶ ସ୍ୱାଇଁ ଓ ସ୍ଥାନୀୟ ଶିକ୍ଷାବିତ୍‌ଙ୍କ ସହ ଆଲୋଚନା କରିଥିଲେ। ପରେ ଅସୁରେଶ୍ୱର ସୁଭଦ୍ରା ମହାବିଦ୍ୟାଳୟକୁ ଯାଇ ପିଲା ଓ ଅଧ୍ୟାପକଙ୍କୁ ପାଠପଢ଼ା ସମ୍ବନ୍ଧରେ ପଚାରି ବୁଝିଥିଲେ। ରବିବାରରେ ମହାବିଦ୍ୟାଳୟରେ ପିଲା ସଂଖ୍ୟା କମ୍ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ବିଷୟରେ ଅଭିଭାବକମାନଙ୍କର ଏକ ବୈଠକ ଡକାଇ ଆଲୋଚନା କରିବାକୁ ସେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, କରୋନା ମହାମାରୀ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଦୀର୍ଘ ଦିନ ହେବ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଜାନୁୟାରୀରୁ ଦଶମ ଓ ଦ୍ୱାଦଶ ପିଲାମାନଙ୍କୁ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ଦିଆଯାଉଛି। ପିଲାଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ୧୦୦ ଦିନ ପର୍ଯ୍ୟନ୍ତ ସବୁଦିନ ଶିକ୍ଷା ଦେବାକୁ ଏସ୍‌ଓପି ଜାରି କରାଯାଇଛି। ଏସବୁ ନିର୍ଦ୍ଦେଶନାମା କେତେଦୂର ପାଳନ କରାଯାଉଛି ତାହା ଉପନିର୍ଦ୍ଦେଶକ ବେହେରା ବୁଲି ଦେଖିଛନ୍ତି।

# ମାଓବାଦୀଙ୍କ ଟାର୍ଗେଟ୍‌ରେ ଖବରଦାତା, ସାମାଜିକ କର୍ମୀ

## ହତ୍ୟା ଧମକ ଦେଇ ଜାରି କରିଛନ୍ତି ବିଜ୍ଞପ୍ତି

- ବିଭିନ୍ନ ମହଲରେ ନିନ୍ଦା, ସମାଲୋଚନା
- ବିଜାପୁର, ସୁକ୍‌ମା ଅଞ୍ଚଳରେ ବଢୁଛି ମାଓବାଦୀ ବିରୋଧୀ ସ୍ୱର

**ମାଲକାନଗିରି,୧୪।୨ (ଡି.ଏନ୍.ଏ.)**

ମାଓବାଦୀଙ୍କ ଅଭିମୁଖ୍ୟକୁ ଚିଠି, ଅଡିଓ ଏବଂ ଭିଡିଓ ମାଧ୍ୟମରେ ସରକାରଙ୍କ ଦୃଷ୍ଟିକୁ ଆଣୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଏବେ ମାଓବାଦୀମାନେ ଟାର୍ଗେଟ୍‌ରେ ରଖିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜିଲାର ଜଣେ ଖବରଦାତା ଏବଂ ସାମାଜିକ କର୍ମୀଙ୍କୁ ହତ୍ୟା ଧମକ ଦେବାନେଇ ମାଓବାଦୀମାନେ ଜାରି କରିଥିବା ବିଜ୍ଞପ୍ତିରୁ ଏହା ସ୍ପଷ୍ଟ ହୋଇଛି। ଏହାକୁ ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ତୀବ୍ର ନିନ୍ଦା କରି ପ୍ରତିବାଦ କରିଛି। ଛତିଶଗଡ଼ ସୁକ୍‌ମା ଜିଲାର ସାମାଜିକ କର୍ମୀ ତଥା ଖବରଦାତା ଫାରୁକ ଅଲି ଏବଂ ଲିଲାଧର ରାଠିଙ୍କୁ ହତ୍ୟା କରାଯିବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି। ମାଓବାଦୀମାନେ ୨୦୧୩ରେ କଂଗ୍ରେସ ନେତା ମହେନ୍ଦ୍ର କର୍ମାଙ୍କୁ ହତ୍ୟା କରିବା ପରେ ଏବେ ଫାରୁକଙ୍କୁ ଟାର୍ଗେଟ୍ କରିଛନ୍ତି। ଫାରୁକ ସୁକ୍‌ମା ଅଞ୍ଚଳର ଜଣେ ଜଣାଶୁଣା ସାମାଜିକ କର୍ମୀ। ସେ ସୁକ୍‌ମା ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନ ଚଳାଇଛନ୍ତି। ମାଓବାଦୀଙ୍କୁ ସମର୍ଥନ ନ କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ପୋଲିସକୁ ସହଯୋଗ କରୁଛନ୍ତି। ଫଳରେ ମାଓବାଦୀଙ୍କ ଟାର୍ଗେଟ୍‌ରେ ସେ ଅଛନ୍ତି। ଫାରୁକ ଓ ଲିଲାଧରଙ୍କୁ ହତ୍ୟା ଧମକର ତୀବ୍ର ପ୍ରତିକ୍ରିୟା ମଧ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ବିଜାପୁର ଏବଂ ସୁକ୍‌ମା ଅଞ୍ଚଳରେ ଆଗାମୀ ଦିନରେ ମାଓବାଦୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ ନେଇ ଯୋଜନା କରାଯାଇଛି। ଅନ୍ୟପକ୍ଷରେ ଏହାକୁ ବସ୍ତର ଆଇଜି ଟୁଇଟ୍ କରି ନିନ୍ଦା କରିଛନ୍ତି। ମାଓବାଦୀଙ୍କ ହିଂସାତ୍ମକ ଉଦ୍ଦେଶ୍ୟ ଏବଂ ନକାରାତ୍ମକ ଚିନ୍ତାଧାରା ସେମାନଙ୍କ ଜନବିରୋଧୀ ଚେହେରାକୁ ପଦାରେ ପକାଇଥିବା ଆଇଜି କହିଛନ୍ତି। ସେହିପରି ଏ ସମ୍ପର୍କରେ ଫାରୁକଙ୍କୁ ପଚାରିବାରୁ ସେ ଏହାକୁ ନିନ୍ଦା କରି ମାଓବାଦୀଙ୍କ ଅସଲ ଉଦ୍ଦେଶ୍ୟ ପଦାରେ ପଡିଥିବା କହିଛନ୍ତି। ଏହାକୁ ବିରୋଧ କରି ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜନଆନ୍ଦୋଳନକୁ ଦବାଇବା ପାଇଁ ଏଭଳି ଖବରଦାତା ଏବଂ ସାମାଜିକ କର୍ମୀଙ୍କୁ ସରକାର ଏବଂ ପ୍ରଶାସନ ଆଗକୁ ଆଣିଛନ୍ତି ବୋଲି ବିଜ୍ଞପ୍ତିରେ ମାଓବାଦୀମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରିବା ସହ ପୋଲିସର ସମାଧାନ ଅଭିଯାନକୁ ସେମାନେ ବିରୋଧ କରିଛନ୍ତି।

# ରାଜପଥ କଡ଼ରେ ଚୋରା ରଡ୍ କାରବାର

**ଚଣ୍ଡିଖୋଲ,୧୪।୨(ଡି.ଏନ.ଏ.)**

ବଡ଼ଚଣା ଥାନା ଅଧୀନ ୧୬ନଂ ଜାତୀୟ ରାଜପଥ କଡ଼ରେ ଚୋରା ବେପାରିଙ୍କ ଆଡ୍ଡା ଜମୁଛି। କୋଲକାତା-ଚେନ୍ନାଇ ଜାତୀୟ ରାଜପଥରେ ବିଭିନ୍ନ ରାଜ୍ୟରୁ ଆସୁଥିବା ଲୁହାରଡ୍ ଟ୍ରଲରରୁ ଏଠାରେ ରଡ କାଟି ଚୋରା ଚାଲାଣ କରାଯାଉଛି। ଏପରି କି ଜାତୀୟ ରାଜପଥ କଡର ବନ୍ଦାଳ ଛକ ଏହାର ହବ୍ ପାଲଟିଛି। ଏହି ରଡ୍ ବ୍ୟବସାୟରେ ଏକ ସ୍ୱତନ୍ତ୍ର ର୍‍ୟାକେଟ୍ କାମ କରୁଛି। ଜାତୀୟ ରାଜପଥ କଡରେ ଆରକେଡି କନଷ୍ଟ୍ରକସନ୍ କମ୍ପାନୀର କାର୍ଯ୍ୟାଳୟ ଥିଲା। ସେଠାରୁ କମ୍ପାନୀ କାର୍ଯ୍ୟାଳୟ ଉଠାଇ ନେଲା ପରେ ଏବେ ଚୋରା ବ୍ୟବସାୟୀଙ୍କ ଆଡାସ୍ଥଳ ପାଲଟିଛି। କଟକ ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ରଡ ଗଚ୍ଛିତ ରହିବା ପାଇଁ ଗୋଦାମ ରହିଛି। ଏଠାରୁ ରଡ୍ ବିଭିନ୍ନ ସ୍ଥାନକୁ ଯିବା ବେଳେ ବନ୍ଦାଳ ଛକ ନିକଟରୁ ଚୋରି ହେଉଛି। ବଡ଼ଚଣା ଥାନା ଅଧୀନରେ ସମ୍ପୃକ୍ତ ସ୍ଥାନ ରହିଛି। ହେଲେ ପୋଲିସ ଏହାର ଟେର୍ ପାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି, ତାଙ୍କ ନିକଟରେ ଏ ସମ୍ପର୍କିତ ଖବର ନାହିଁ। ତେବେ ଅଭିଯୋଗ ଆସିଲେ ଚଢ଼ାଉ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ନଦୀକୁ ଖସିପଡ଼ି ମହିଳା ମୃତ

ରାଜକନିକା, (ଡି.ଏନ.ଏ.): ରାଜକନିକା ଥାନା ହାଟସାହି ପଞ୍ଚାୟତ ବଟରପଡା ଗାଁର ସ୍ୱର୍ଗତ ନିରଞ୍ଜନ ବେହୁରିଆଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଶୌଚ ହେବାକୁ ଯାଇଥିବା ବେଳେ ପେଟା ନଦୀରେ ଖସିପଡି ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା
- ଜିଲା କଂଗ୍ରେସ ପକ୍ଷରୁ ଦୋକାନ ବଜାର ବନ୍ଦ ଡାକରା, ପୂର୍ବାହ୍ନ ୭ଟା, କେନ୍ଦ୍ରାପଡ଼ା ଜିଲା।

## କେନ୍ଦ୍ରୀୟ ଯୋଜନାରୁ ଅର୍ଥକାଟ ନେଇ କ୍ଷୋଭ

**ନୟାଗଡ଼ ଅଫିସ,୧୪।୨:** ବିଜୁ ଶ୍ରମିକ ସାମୁଖ୍ୟ ସହବନ୍ଧିତା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟ ନୟାଗଡ଼ ବ୍ଲକ କମିଟି ପକ୍ଷରୁ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ବ୍ଲକର ସମ୍ମିଳନୀ କକ୍ଷରେ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ନାୟକ, ବିଜେଡି ବ୍ଲକ ସଭାପତି ଦୁର୍ଯ୍ୟୋଧନ ବେହେରା ଯୋଗଦେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ। କର୍ମୀଙ୍କ କର୍ମକ୍ଷେତ୍ରରେ ଉପୁଜିଥିବା ସମସ୍ୟା ଉପରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି।

## ଦଶ ଦୋଳ ମେଲଣ ପାଇଁ ପ୍ରସ୍ତୁତି ବୈଠକ

**ଡେରାବିଶ, ୧୪।୨(ସ୍ୱ.ପ୍ର.):** ମାର୍ଚ୍ଚରେ ଦୋଳଯାତ୍ରା ଅନୁଷ୍ଠିତ ହେବ। ଡେରାବିଶ ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ଦଶ ଦୋଳ ମେଲଣ ପାଇଁ ରବିବାର ଠାକୁରପାଟଣାସ୍ଥିତ ଶ୍ରୀକପିଳଜୀଉ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶ ଦୋଳଯାତ୍ରା କମିଟିର ସଭାପତି ଡା. ବିଶ୍ୱପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ କମିଟି ସମ୍ପାଦକ ଦେବକୀନନ୍ଦନ ମିଶ୍ର ଉପସ୍ଥିତ ସମସ୍ତ ମଠାଧିଶ ଓ ଠାକୁରବାଡି ସେବକଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ମାର୍ଚ୍ଚରେ ଅନୁଷ୍ଠିତ ହେବାକୁ ଥିବା ଦୋଳଯାତ୍ରା ପାଇଁ ସରକାରଙ୍କ ପକ୍ଷରୁ ଜାରି ହେବାକୁ ଥିବା ନୂତନ କରୋନା ଗାଇଡଲାଇନ ଘୋଷଣା ପରେ ମେଲଣ କମିଟିର ଆଉ ଏକ ବୈଠକ ଡକାଯାଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ନେଇ ସମ୍ପାଦକ ମିଶ୍ର ଦେଇଥିବା ପ୍ରସ୍ତାବ ଦେଇଥିଲେ। ବୈଠକରେ ହଳଧର ଦାଶ, ଦୟାନିଧି ଦାସ, ସରୋଜକାନ୍ତ ନାୟକ, ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦ ଦିବସ, ନଗର ସମ୍ମିଳନୀ

**ନୟାଗଡ଼ ଅଫିସ,୧୪।୨:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ନୟାଗଡ଼ରେ ନଗର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ଛାତ୍ରୀଛାତ୍ର ଯୋଗଦେଇ ନଗରର ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ଭାବେ ଅଶୋକ ସାହୁ, ଉପସଭାପତି ଭାବେ ଆଲୋକ ବରାଡ, ସମ୍ପାଦକ ଋଷି ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷେ ପୁଲୱାମାଠାରେ ୨୦୧୯ ରେ ଶହୀଦ ହୋଇଥିବା ଯବାନଙ୍କୁ ନୟାଗଡ଼ ବସଷ୍ଟପ ମୁଖ୍ୟ ଟ୍ରାଫିକ ଛକରେ ଶହୀଦ ଦିବସ ପାଳନ କରାଯାଇ ସ୍ମୃତି ଚାରଣ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ପରମେଶ୍ୱର ମହାନ୍ତି, ପ୍ରିୟବ୍ରତ ମିଶ୍ର, ଦିଲୀପ ନାୟକ ଯୋଗ ଦେଇଥିଲେ।

# ବଢୁଛି ଅନୁପ୍ରବେଶ, ପ୍ରଶାସନ ନୀରବ

- ପ୍ରମାଣପତ୍ର ରଦ୍ଦ ପରେ ଅମିତ ଏବେ ବି ରହୁଛନ୍ତି
- ଚିହ୍ନଟ ଅନୁପ୍ରବେଶକାରୀ ସ୍ଥାନାନ୍ତର ହୋଇନାହାନ୍ତି
- ଜିଲା, ଦେଶ ପାଇଁ ବିପଦ ଥିବା ବୁଦ୍ଧିଜୀବୀଙ୍କ ମତ

**କେନ୍ଦ୍ରାପଡ଼ା ଅଫିସ, ୧୪।୨**

ବିଧାନ ରାୟ ଓ ଆଶାଲତାଙ୍କ ପୁଅ ଅମିତ(୨୯)ଙ୍କ ବାଂଲାଦେଶର ଠିକଣା ଅନୁଯାୟୀ ବଜରହାଟ ଜିଲା ଛତଲମାରି ଥାନା ଆରୁଲିଏ ଗାଁରେ ରୁହନ୍ତି। ଢାକାର ବାଂଲାଦେଶ ଟେକ୍ନିକାଲ ଏଜୁକେଶନ ବୋର୍ଡ ଅଧୀନରେ ୨୦୦୯ରେ ସେକେଣ୍ଡାରୀ ସ୍କୁଲ ପାସ୍ ସହ ବରିସାଲର ପିଙ୍କି କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରରୁ ୨୦୧୧ରେ ସାର୍ଟିଫିକେଟ ହାସଲ କରିଛନ୍ତି। ତାଙ୍କର ଅନ୍ୟତମ ଠିକଣା ହେଉଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବରକୋଳିଖଳା। ସ୍ଥାନୀୟ ଅଞ୍ଚଳରେ ୩ବର୍ଷ ଧରି ସୁଭଦ୍ରା ଓ ବିକାଶ ରାୟଙ୍କ ପୁଅ ଭାବେ ପରିଚିତ ହେଉଛନ୍ତି। ରାମନଗର ସରସ୍ୱତୀ ଶିଶୁ ମନ୍ଦିରରୁ ୨୦୦୨ରୁ ୨୦୧୦ ପର୍ଯ୍ୟନ୍ତ ପାଠ ପଢ଼ିଥିବା ସାର୍ଟିଫିକେଟ ପାଇଛନ୍ତି। ଏହା ବଳରେ ଭୋଟର ପରିଚୟପତ୍ରଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ପ୍ରମାଣପତ୍ର ତାଙ୍କ ନାମରେ ଅଛି। ଏ ନେଇ ବରକୋଳିଖଳା ଗାଁର ସୁଭଦ୍ରା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ୨୦୧୮ରେ ତାଙ୍କର ସମସ୍ତ ପ୍ରମାଣପତ୍ର ରଦ୍ଦ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଦାଶରଥି ଶତପଥୀ ବାଂଲାଦେଶକୁ ଫେରି ଯିବାକୁ ଅମିତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅମିତ ଏବେ ବାଂଲାଦେଶକୁ ଯିବା ପରିବର୍ତ୍ତେ କଲିକତା ଓ କେନ୍ଦ୍ରାପଡ଼ା ଜିଲାରେ ରହୁଛନ୍ତି। ଜିଲାକୁ ବାଂଲାଦେଶୀ ଅନୁପ୍ରବେଶ କ୍ଷେତ୍ରରେ ଅମିତ ଏକ ଉଦାହରଣ। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀଙ୍କ ଚିହ୍ନଟ ସହ ୨୦୦୫ରେ ଦେଶାନ୍ତର ପାଇଁ ନୋଟିସ ଦିଆଯାଇଛି। ମାତ୍ର ଜଣେ ହେଲେ ଅନୁପ୍ରବେଶକାରୀଙ୍କୁ ସ୍ଥାନାନ୍ତର କରାଯାଇନାହିଁ। ସେହିପରି ୨୦୧୯ରେ ୧୩୭ ଜଣଙ୍କୁ ଚିହ୍ନଟ କରାଯାଇ ଭୋଟର ତାଲିକାରୁ ନାମ କାଟିବାକୁ ଜିଲା ପ୍ରଶାସନ ପକ୍ଷରୁ ନୋଟିସ ହୋଇଛି। ଅପରପକ୍ଷରେ ଉପାନ୍ତ ଅଞ୍ଚଳରେ ମାତ୍ରାଧିକ ଅନୁପ୍ରବେଶକାରୀଙ୍କୁ ଦେଖିବାକୁ ମିଳୁଥିବା ବେଳେ ସମଗ୍ର ଜିଲାରେ ଏମାନେ କାୟା ବିସ୍ତାର କରିଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଜଙ୍ଗଲ ଜମି ଜବରଦଖଲଠାରୁ ଆରମ୍ଭ କରି ନିଶା କାରବାରରେ ଏମାନଙ୍କ ହାତ ରହୁଥିବା ସେମାନେ ପ୍ରକାଶ କରିବା ସହ ତୁରନ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଉ ବୋଲି ଦାବି କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ପ୍ରଭାତ ଦାସ, ଅଶେଷ ଖଟୁଆ, ଡ. ପି.ଏନ. ଗୌରାଙ୍ଗ ପ୍ରମୁଖ କହିଛନ୍ତି, ଜିଲା ତଥା ଦେଶ ପାଇଁ ଅନୁପ୍ରବେଶକାରୀ ବିପଦ ସାଜିଛନ୍ତି। ବଙ୍ଗଭଙ୍ଗ ସମୟରେ ଜିଲାରେ ମାତ୍ର ୧୨୩୭ ଜଣ ବାଂଲାଦେଶର ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିଲା। ମହାକାଳପଡ଼ା ବ୍ଲକ ରାମନଗରର ସୀମିତ ଅଞ୍ଚଳରେ ଏମାନେ ରହୁଥିଲେ। ସାମ୍ପ୍ରତିକ ସମୟରେ ବାଂଲାଦେଶୀ ସମୁଦ୍ର ତଥା ବିଭିନ୍ନ ସଡକ ପଥ ଦେଇ ଜିଲାରେ ପହଞ୍ଚୁଛନ୍ତି। ୨୦୨୦ ମାର୍ଚ୍ଚରେ ୬ ଜଣ ବାଂଲାଦେଶୀଙ୍କୁ ଜମ୍ମୁ ପୋଲିସ ଧରିବା ପରେ ଛାଡି ଦେଇଥିଲା। ଏମାନେ ପ୍ରଥମେ ଏଠାରେ ସ୍ଥାନୀୟ ଅଧିବାସୀଙ୍କ ଜରିଆରେ ନିଜର ପରିଚୟପତ୍ର ଯୋଗାଡ କରିବା ପରେ ଜଙ୍ଗଲ ଜମିକୁ ମୁଖ୍ୟ ଟାର୍ଗେଟ କରି ବସତି ସ୍ଥାପନ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ୧୯୬୦ରୁ ଅଦ୍ୟାବଧି ଜିଲାରେ ୪୨ଟି ବଙ୍ଗଭାଷୀ ଅଧୁଷିତ ରାଜସ୍ୱ ଗାଁ ସୃଷ୍ଟି ହୋଇ ସାରିଲାଣି। ଏହାଦ୍ୱାରା ଜାତୀୟ ଉଦ୍ୟାନ ଭିତରକନିକା ବିପଦରେ ପଡିଛି। ଜାତୀୟ ଉଦ୍ୟାନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ହୋଇଥିଲେ ମଧ୍ୟ ଜୀବଜନ୍ତୁ ଶିକାର, ଚିଙ୍ଗୁଡି ଘେରି ନିର୍ମାଣ, ଗଛ କାଟିବା ଆଦି କାର୍ଯ୍ୟ ସହ ଚୋରା ନିଶା କାରବାରରେ ଲିପ୍ତ ରହୁଛନ୍ତି। ଏ ନେଇ ବହୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜିଲାର ୩ ସାମୁଦ୍ରିକ ଥାନାର ଭିତ୍ତିଭୂମି ସୁଦୃଢ ସହ ଅନୁପ୍ରବେଶକାରୀଙ୍କ ଚିହ୍ନଟ ଏବେ ଜରୁରୀ ହୋଇଥିବା ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କୁହନ୍ତି, ଅମିତଙ୍କ ସମସ୍ତ ଭାରତୀୟ ପ୍ରମାଣପତ୍ର ରଦ୍ଦ ହୋଇଛି। ତେବେ ଅମିତ ରହୁଥିବା ନେଇ ଅନୁସନ୍ଧାନ ହେବ। ଅନୁପ୍ରବେଶକୁ ନେଇ କୌଣସି ଲିଖିତ ଅଭିଯୋଗପତ୍ର ନ ଥିବାରୁ ସାମୂହିକ ଭାବେ ଚିହ୍ନଟ କରିବା ସମ୍ଭବ ନୁହେଁ। ଏହା ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିବ ବୋଲି ସେ ମତ ଦେଇଛନ୍ତି।

## ନୟାଗଡ଼ରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା



କ୍ୟାଣ୍ଡେଲ୍ ଶୋଭାଯାତ୍ରା ନୟାଗଡ଼ ବଜାର ପରିକ୍ରମା କରୁଛି।

**ନୟାଗଡ ଅଫିସ,୧୪।୨**

ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଓ କୃଷକ ଆନ୍ଦୋଳନରେ ପ୍ରାଣ ତ୍ୟାଗ କରିଥିବା କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ନୟାଗଡ଼ରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସିନ୍ଦୁରିଆଠାରୁ କ୍ୟାଣ୍ଡେଲ ଶୋଭାଯାତ୍ରା ନୟାଗଡ ବଜାର ପରିକ୍ରମା କରି ଜୟ ଯବାନ ଜୟ କିଷାନ ଧ୍ୱନି ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ପଥପ୍ରାନ୍ତ ସଭାରେ ମୋର୍ଚ୍ଚାର ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ଆଇନଜୀବୀ ରଣଜିତ୍ ଦାଶ, ଶିକ୍ଷାବିତ୍ ଏସ୍.ଏ. ଖାଲିକ୍, ଶ୍ରମିକ ନେତା ଏସ୍.ଏ. କରିମ୍, କୃଷକ ନେତା ସହଦେବ ଡାକୁଆ, ଯୁବନେତା ବିଭୂତି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶହୀଦ ଜବାନ ଓ ଅନ୍ନଦାତା ଶହୀଦ କୃଷକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କ୍ରିକେଟ୍ ଟୁର୍ନାମେଣ୍ଟ: କେନ୍ଦ୍ରାପଡ଼ା ଇଲେଭେନ ଷ୍ଟାର ବିଜୟୀ

**ମହାକାଳପଡ଼ା ୧୪।୨ (ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗାଁ ଖେଳପଡିଆଠାରେ ପ୍ରଥମ ବାର୍ଷିକ କଳିଙ୍ଗ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପରିଷଦ ସଭ୍ୟ ପ୍ରଦିପ୍ତ ଗାହାଣ, ମହାକାଳପଡା ବ୍ଲକ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ର, ସ୍ଥାନୀୟ ସରପଞ୍ଚ ପ୍ରଦୀପ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ମ୍ୟାଚଟି କେନ୍ଦ୍ରାପଡ଼ା ଇଲେଭେନ ଷ୍ଟାର ଓ ପୁପାଣ୍ଡବ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ପୁପାଣ୍ଡବ କ୍ରିକେଟ ଟିମ୍ ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥଲା। ଇଲେଭେନ ଷ୍ଟାର କ୍ରିକେଟ ଟିମର ସୌଭାଗ୍ୟ ମହାନ୍ତିଙ୍କୁ ମ୍ୟାନ ଅପ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଖେଳକୁ ନିରଞ୍ଜନ ପତ୍ରି ଓ ସୁଦର୍ଶନ ବେହେରା ପରିଚାଳନା କରିଥିଲେ।

# ଫାଇଲ ଭିତରେ ବୃଉଙ୍ଗ ଜଳସେଚନ ପ୍ରକଳ୍ପ


ରଣପୁର ବ୍ଲକ ମୟୂରଝାଲିଆ ପଞ୍ଚାୟତ ବ୍ରାହ୍ମଣ ଦେଇ ମନ୍ଦିରରେ ବୃଉଙ୍ଗ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକ।

- ବାଧକ ସାଜୁଛି ସରକାରଙ୍କ ଅବହେଳା
- ୨୪ରୁ ଦଶପଲ୍ଲାରୁ ହେବ ପଦଯାତ୍ରା

**ନୟାଗଡ଼ ଅଫିସ,୧୪।୨**

ନୟାଗଡ଼ ଜିଲାରେ ବୃଉଙ୍ଗ ଜଳସେଚନ ପ୍ରକଳ୍ପ ଫାଇଲ ଭିତରେ ଅଟକି ରହିଛି। ଦଶପଲ୍ଲା ବ୍ଲକର ମଞ୍ଜରୀ ଗାଁ ନିକଟରେ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ୨୦୦୦ରୁ କେନ୍ଦ୍ର ସରକାରଙ୍କର ଟେକ୍ନିକାଲ ଆଡଭାଇଜର କମିଟିର ଅନୁମୋଦନ ପାଇ ସାରିଛି। ୩୫୫୨ ହେକ୍ଟର ଜମିରେ ୧୦୧୪.୬୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପକଳ୍ପ ହେବ। ଏଥିରେ ଦଶପଲ୍ଲା, ନୂଆଗାଁ, ଖଣ୍ଡପଡା, ନୟାଗଡ, ଓଡଗାଁ ବ୍ଲକର ୨୩ ହଜାର ହେକ୍ଟର ଚାଷଜମିରେ ଜଳସେଚିତ ହେବାକୁ ଲକ୍ଷ୍ୟ ରହିଛି। ପ୍ରକଳ୍ପ ନିର୍ମାଣ ହେଲେ ୧୦ଟି ଗାଁ ବିସ୍ଥାପିତ ହେବା ସହ ୨୦ଟି ଗାଁ ଆଂଶିକ କ୍ଷତିଗ୍ରସ୍ତ ହେବ। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଜିଲାବାସୀ ଅପେକ୍ଷା କରି ରହିଛନ୍ତି। ହେଲେ ପ୍ରକଳ୍ପର କାର୍ଯ୍ୟକରିତା ନେଇ ସରକାରଙ୍କ ଅଣଦେଖା ବାଧକ ସାଜୁଛି ବୋଲି ଅଭିଯୋଗ ଉଠିଛି। ପ୍ରତିବାଦରେ ଚାଷୀ ପଦଯାତ୍ରା କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦେବେ। ଦଶପଲ୍ଲା ମହାବୀର ମନ୍ଦିର ନିକଟରୁ ପଦଯାତ୍ରା ଆସନ୍ତା ୨୪ ତାରିଖରେ ଆରମ୍ଭ ହେବାକୁ ରଣପୁର ବ୍ଲକ ମୟୂରଝାଲିଆ ପଞ୍ଚାୟତ ବ୍ରାହ୍ମଣ ଦେଇ ମନ୍ଦିର ପରିସରରେ ବୃଉଙ୍ଗ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। କମିଟିର ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନଜୀବୀ ବେଣୁଧର ନାୟକ, ଉପସଭାନେତ୍ରୀ ବିନୋଦିନୀ ମହାନ୍ତି, ସହସମ୍ପାଦକ ଲକ୍ଷ୍ମୀଧର ରାଉତରାୟ, ଉପଦେଷ୍ଟା ଉମେଶ ପଟ୍ଟନାୟକ, ଧ୍ରୁବ ପରିଡା ପ୍ରମୁଖ ଯୋଗଦେଇଥିଲେ।

## ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ତ୍ରୀ ପୋଡି ହୋଇ ମୃତ

**ପଟ୍ଟାମୁଣ୍ଡାଇ, ୧୪।୨(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା ସାନଜରିଆ ଗାଁରେ ଶନିବାର ରାତିରେ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ସଳେନ୍ଦ୍ର ମଲ୍ଲିକ ନିଜ ଦେହରେ କିରାସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଉପସ୍ଥିତ ଥିବା ସ୍ତ୍ରୀ ବନ୍ଦିତା ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ତାଙ୍କ ଦେହରେ ମଧ୍ୟ ନିଆଁ ଲାଗି ଯାଇଥିଲା। ସଳେନ୍ଦ୍ର ଜୀବନ ରକ୍ଷା ପାଇଁ ନିକଟରେ ଥିବା ପୋଖରୀକୁ ଡେଇଁ ପଡିଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ସ୍ୱାମୀ ସ୍ତ୍ରୀଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର କଟକ ବଡ ମେଡିକାଲ ପଠାଇ ଦେଇଥିଲେ। ଅଧିକ ସେଠାରେ ବନ୍ଦିତାଙ୍କ ମୃତ୍ୟୁ ଘଟିଥିବା ବେଳେ ସଳେନ୍ଦ୍ର ଚିକିତ୍ସିତ ହେଉଛନ୍ତି।

## ପାରାୟଣ, ଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର.):** ହରିସୁବୁଦ୍ଧି ପାଟଣା କଣ୍ଟିଲୋ ଶ୍ରୀକପିଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ରବିବାରଠାରୁ ଆରମ୍ଭ ହେଉଥିବା ଶ୍ରୀମଦ୍ ଭାଗବତାମୃତ ସପ୍ତାହ ପାରାୟଣ। ଏହି ପରିପ୍ରେକ୍ଷୀରେ ମହିଳାପୁରୁଷମାନେ ମହାନଦୀ ଘାଟରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିଥିଲେ। ପୂର୍ବାହ୍ନରେ ଠାକୁର ବିଜେ, ସୂର୍ଯ୍ୟପୂଜା ପରେ ମନ୍ଦିର ପରିସର ଯଜ୍ଞସ୍ଥଳରେ କଳସ ସ୍ଥାପନା କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଆସନ୍ତା ଫେବୃୟାରୀ ୨୧ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ହେବ।

## ନିଜ ଗାଡ଼ିରେ ଆହତଙ୍କୁ ଡାକ୍ତରଖାନା ନେଲେ ଡିଏସ୍‌ପି



ଡିଏସ୍‌ପି ନିଜ ଗାଡିରେ ଆହତ ଦମ୍ପତିଙ୍କୁ ନେଉଛନ୍ତି।

**ଚଣ୍ଡିଖୋଲ,୧୪।୨(ଡି.ଏନ.ଏ.)**

୫୩ନଂ ଜାତୀୟ ରାଜପଥର ବଡ଼ଚଣା ଥାନା ବେଣାପୁରଠାରେ ଏକ ସଡ଼କ ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ଯାଜପୁର ଡିଏସ୍‌ପି ସଂଗ୍ରାମ ଟୁଡୁ ରବିବାର ନିଜ ସରକାରୀ ଗାଡିରେ ନେଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସ୍ଥାନୀୟଲୋକେ ଡିଏସ୍‌ପିଙ୍କ ଏହି ମାନବିକତାକୁ ପ୍ରଶଂସା କରିଛନ୍ତି। ବାଲିଚନ୍ଦ୍ରପୁର ଥାନା ଅଣକା ଗ୍ରାମର କାମଦେବ ପଣ୍ଡା(୫୫)ଓ ତାଙ୍କ ସ୍ତ୍ରୀ ଲିନା ଆଚାର୍ଯ୍ୟ(୫୦)ଓଲାଶୁଣୀ ପାହାଡରୁ ଏକବନ୍ଧୁଙ୍କ ନିର୍ବନ୍ଧ କାମରେ ଯୋଗଦେଇ ଚଣ୍ଡିଖୋଲ ଅଭିମୁଖେ ଫେରୁଥିଲେ। ବେଣାପୁର ଛକ ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆହତ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ଡିଏସ୍‌ପି ଟୁଡୁ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରୁ କାମସାରି ଚଣ୍ଡିଖୋଲ ଅଭିମୁଖେ ଆସୁଥିଲେ। ଆହତ ଦମ୍ପତିଙ୍କୁ ଦେଖି ସଙ୍ଗେସଙ୍ଗେ ଡାକ୍ତରଖାନା ଆଣିଥିଲେ। ସେଠାରେ କାମଦେବଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି।

# ମାଳବନ୍ଧରେ ପଥର ପ୍ୟାକିଂ ଦାବି

**ଖଣ୍ଡପଡା,୧୪।୨(ସ୍ୱ.ପ୍ର.)**

ବନ୍ୟା ସମୟରେ କୁଆଁରିଆ ନଦୀରେ ବନ୍ୟା ଆସି ପଠାରୁ ଅତଡା ଖାଉଛି। କୁଆଁରିଆ ନଦୀ ତଟବର୍ତ୍ତୀ ଖଣ୍ଡପଡା ବ୍ଲକ ଅଞ୍ଚଳର ବଳଭଦ୍ରପ୍ରସାଦ, କୁମ୍ଭାରପଡା, ରୟତଡୋଲମରା, କୋସକା, କିଆଝର ଓ ଗଡିଆସାହି ପଞ୍ଚାୟତବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ନଦୀର ପ୍ରଖର ସ୍ରୋତ ଯୋଗୁ ଅଞ୍ଚଳବାସୀଙ୍କ ଜାଗା ଓ ଜମି ସମୟାନୁକ୍ରମେ ନଦୀ ଗର୍ଭରେ ଲୀନ ହେବାରେ ଲାଗିଛି। ସେହିପରି ପ୍ରତିବର୍ଷ ନଦୀର ଗତିପଥରେ ପରିବର୍ତ୍ତନ ଯୋଗୁ ଉପରୋକ୍ତ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ବନ୍ୟା ସମୟରେ ନଦୀ ପାର୍ଶ୍ୱସ୍ଥ ମାଳବନ୍ଧରୁ ପଥର ପ୍ୟାକିଂଗୁଡିକ ନଦୀଗର୍ଭରେ ଖସି ପଡୁଛି। ଫଳରେ ମାଳବନ୍ଧ ଦୁର୍ବଳ ହେବାରେ ଲାଗିଛି। କୁଆଁରିଆ ମାଳବନ୍ଧର ଦୁର୍ବଳ ସ୍ଥାନଗୁଡିକୁ ଚିହ୍ନଟ କରି ପଥର ପ୍ୟାକିଂ କରିବା ନିମନ୍ତେ କଣ୍ଟିଲୋ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଖଣ୍ଡପଡା ବ୍ଲକ ଅଧୀନ କୋସକା-ଆଡକଟା ରାସ୍ତାର କୁଆଁରିଆ ସେତୁ ନିକଟସ୍ଥ ନଦୀର ଉଭୟପାର୍ଶ୍ୱରେ ପଥର ପ୍ୟାକିଂ ନଷ୍ଟ ହୋଇଯାଇଛି। କାଳକ୍ରମେ ପଠା ଖାଇ ନଦୀ ଗର୍ଭ ଓସାରିଆ ହେବାରେ ଲାଗିଛି। ନଦୀର ଉଭୟପାର୍ଶ୍ୱର ଉକ୍ତ ସ୍ଥାନରେ ପଥରପ୍ୟାକିଂ ନିମନ୍ତେ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପଥପ୍ରାନ୍ତ ନାଟକରେ ସଡ଼କ ସଚେତନତା


ସଡ଼କ ସୁରକ୍ଷା ଲାଗି ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା।

**କେନ୍ଦ୍ରାପଡା ଅଫିସ, ୧୪।୨**

ହାତରେ ଯମଦଣ୍ଡ, ନିକଟରେ ଚିତ୍ରଗୁପ୍ତଙ୍କ ଲାପଟପ, ସାଥୀରେ ଯମଦୂତଙ୍କୁ ଧରି ଯମରାଜ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରୁଥିଲେ। ସମ୍ପ୍ରତି ଦୁହୁରିଆଠାରୁ ଆରମ୍ଭ ହୋଇଥିବା ଏହି ପଥପ୍ରାନ୍ତ ନାଟକ ସହ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ପଥଚାରୀ ବେଶ ଆକର୍ଷିତ କରିଥିଲା। ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ, ଆନ୍ତର୍ଜାତୀୟ ମାନବତା ଅଧିକାର, ମିଡିଆ ସଙ୍ଗଠନ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ କାର୍ଯ୍ୟକ୍ରମକୁ ସଦର ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ ଓ ଏଆରଟିଓ ପ୍ରିୟବ୍ରତ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ସମଗ୍ର ସହର ମଧ୍ୟରେ ବୁଲି ବାଇକ୍ ଓ ୪ ଚକିଆ ଗାଡି ଚାଳକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଦମନ କୁମାର ମହାନ୍ତି, ସୂର୍ଯ୍ୟକାନ୍ତ ପରିଡା, ମୋହନ ମହାରଣା, ଶାନ୍ତନୁ ମଲ୍ଲିକ, କେଦାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ସବ୍‌ଡିଭିଜନ ଦାବିରୁ ନଜର ହଟାଇବାକୁ ତୋରଣ

- ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ପ୍ଲମ୍ବିଂ ସହର ଭାବେ ନାମିତ
- ବୁଦ୍ଧିଜୀବୀଙ୍କ ଦୃଢ଼ ବିରୋଧ

**ପଟ୍ଟାମୁଣ୍ଡାଇ, ୧୪।୨(ସ୍ୱ.ପ୍ର.)**



ପ୍ଲମ୍ବିଂ ସହର ପଟ୍ଟାମୁଣ୍ଡାଇ ତୋରଣ ପୌରପାଳିକା ପକ୍ଷରୁ କରାଯାଇଛି।

ପଟ୍ଟାମୁଣ୍ଡାଇର ଐତିହ୍ୟ ପରମ୍ପରା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାକୁ ଏକ ଚକ୍ରାନ୍ତକାରୀ ଗୋଷ୍ଠୀ ଉଦ୍ୟମ ଚଳାଇଛନ୍ତି। ସବ୍‌ଡିଭିଜନ ମାନ୍ୟତା ଦାବିରୁ ନଜର ହଟାଇବାକୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ପ୍ରବେଶ ପଥରେ ପ୍ଲମ୍ବିଂ ସହର ତୋରଣ ରାସ୍ତାରେ ଲଗାଯାଇଛି। ଏହାକୁ ପୌରାଞ୍ଚଳବାସୀଙ୍କ ସହ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୧୯୫୧ରୁ ପଟ୍ଟାମୁଣ୍ଡାଇକୁ ନିର୍ବାଚନ ମଣ୍ଡଳୀ ଘୋଷଣା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୦୯ରେ ଏହାକୁ ଉଚ୍ଛେଦ କରାଯାଇଛି। ଫଳରେ ପଟ୍ଟାମୁଣ୍ଡାଇର ସ୍ୱାଭିମାନ ଓ ମର୍ଯ୍ୟାଦା ବଜାଇ ରଖିବାକୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ୧୧ବର୍ଷ ହେଲା ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ବହୁ ଆନ୍ଦୋଳନ, ଅନଶନ, ଧାରଣା, ପ୍ରତିବାଦ ସଭା ଜାରି ରହିଥିବା ବେଳେ ଓଡ଼ିଶା ହାଇକୋର୍ଟରେ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା କରାଯାଇଛି। ଏଥିପ୍ରତି ସବୁ ରାଜନୈତିକ ଦଳର ସମର୍ଥନ ରହିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ସବ୍‌ଡିଭିଜନ ଘୋଷଣା କରିବା ବାକି ରହିଛି।

ଏଭଳିସ୍ଥିତିରେ ପଟ୍ଟାମୁଣ୍ଡାଇ ପୌର ପରିଷଦକୁ ପ୍ଲମ୍ବିଂ ସହର ଭାବେ ବିବେଚନା କରି ତୋରଣ ତିଆରି କରିବା ପଟ୍ଟାମୁଣ୍ଡାଇବାସୀଙ୍କୁ ବ୍ୟଥିତ ଓ ଲଜ୍ଜିତ କରିଛି। ଏ ସମ୍ପର୍କରେ ବିକାଶ ପରିଷଦର ଆବାହକ ଆଇନଜୀବୀ କ୍ଷୀରୋଦ ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ଏହା ଏକ ରାଜନୈତିକ ହୀନ ଚକ୍ରାନ୍ତ ବୋଲି କହିଛନ୍ତି। ବିକାଶ ପରିଷଦର ସବ୍‌ଡିଭିଜନ ମାନ୍ୟତା ଦାବିକୁ ଚପାଇ ଦେଇ ନଜର ହଟାଇବାକୁ ଗେଟ ତିଆରି କରାଯାଇଛି। ଏହା ଛଡା ପଟ୍ଟାମୁଣ୍ଡାଇ ପୌରପରିଷଦର ୨୧ ୱାର୍ଡକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ପୌର କର୍ତ୍ତୃପକ୍ଷ ଓ ବିଭାଗୀୟ ଯନ୍ତ୍ରୀ ବିଫଳ ହୋଇଥିବା ବେଳେ ପ୍ଲମ୍ବିଂ ସହର ଫଳକ ଲଗାଇ ହସ୍ୟାସ୍ପଦ ବୋଲି ଆଇନଜୀବୀ ପ୍ରଧାନ କହିଛନ୍ତି। ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ରାଉଳ କହିଛନ୍ତି, ପଟ୍ଟାମୁଣ୍ଡାଇ ଏକ ଐତିହ୍ୟ ସମ୍ପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ବଜାୟ ରଖିଛି। ମାତ୍ର ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ପ୍ଲମ୍ବିଂ ସହରର ଆଖ୍ୟା ଦେବା ଏକ ନିନ୍ଦନୀୟ ଘଟଣା ବୋଲି ସେ କହିଛନ୍ତି। ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ପୂର୍ବତନ ଉପସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି, ଏଭଳି ନିନ୍ଦନୀୟ ଘଟଣାକୁ ବରିଷ୍ଠ ନାଗରିକମାନେ ଦୃଢ଼ ବିରୋଧ କରୁଛନ୍ତି। ଖୁବ୍‌ଶୀଘ୍ର ଏଭଳି ନାମକରଣକୁ ପରିବର୍ତ୍ତନ କରା ନ ଗଲେ ବ୍ୟାପକ ଜନଆନ୍ଦୋଳନ ହେବ ବୋଲି ସେ ଚେତାଇ ଦେଇଛନ୍ତି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏ ଫଳକ ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି। ତେବେ ଏଭଳି କଦର୍ଥ ଭାବେ ନାମକରଣ କରିବାକୁ ପଟ୍ଟାମୁଣ୍ଡାଇ ସହରବାସୀ ଦୃଢ ବିରୋଧ କରିଛନ୍ତି।

# ପ୍ରଧାନମନ୍ତ୍ରୀ ସଡ଼କ ୪ ମାସରେ ଶୋଚନୀୟ

■ ଅଭିଯୋଗ ସତ୍ତ୍ୱେ ହେଉନି ମରାମତି

■ ଠିକାଦାରଙ୍କୁ ଅନୁକମ୍ପା ପ୍ରଦର୍ଶନ ଅଭିଯୋଗ

ଚଣ୍ଡିଖୋଲ,୧୪।୨(ଡି.ଏନ.ଏ.)

ଗ୍ରାମାଞ୍ଚଳକୁ ଭଲ ରାସ୍ତା ତିଆରି ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ପରିକଳ୍ପନା କରାଯାଇଥିଲା। ତେବେ ଏହି ଯୋଜନାରେ କରାଯାଉଥିବା ରାସ୍ତା କେତେ ନିମ୍ନମାନର ତାହା ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବଡ଼ଚଣା ବ୍ଲକର ବାଲିଚନ୍ଦ୍ରପୁର-ଦେକୁରୀ ରାସ୍ତାରେ ଦେଖିବାକୁ ମିଳିଛି। ୨୦୧୮ ଏପ୍ରିଲରେ ୪ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ୧୧.୨ କିମି ଲମ୍ବ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୫ ଏପ୍ରିଲ ୨୦୧୯ରେ କାର୍ଯ୍ୟ ଶେଷ ହେବାକୁ ଥିଲା। ମାତ୍ର ଏହାର ଏକ ବର୍ଷ ପରେ ଅର୍ଥାତ୍ ମାର୍ଚ୍ଚ ୨୦୨୦ରେ କାର୍ଯ୍ୟ ଶେଷ ହୋଇଥିଲା। ତେବେ ଜୁନ ଶେଷ ଭାଗ ଅର୍ଥାତ୍ କାର୍ଯ୍ୟ ଶେଷ ହେବାର ୪ ମାସ ନ ପୂରୁଣ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ଠିକା ସଂସ୍ଥା ପକ୍ଷରୁ ରାସ୍ତା ମରାମତି କରାଯାଇଥିଲା। ଏବେ ପୁଣି ସେହିସବୁ ସ୍ଥାନରେ ପିଚୁ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ସମସ୍ୟା ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣରେ ଅନିୟମିତତା ନେଇ ବିକ୍ରମତିରଣ ପଞ୍ଚାୟତ ପ୍ରାକ୍ତନ ସମିତିସଭ୍ୟ ସର୍ବେଶ୍ୱର ସାମଲ ମୁଖ୍ୟ ଶାସନ ସଚିବ, ୫ଟି ସଚିବ, ବିଭାଗୀୟ ମୁଖ୍ୟଯନ୍ତ୍ରୀ ଓ ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ରାସ୍ତା ଶୋଚନୀୟ ହେବା ପରେ ଜୁଲାଇରେ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ନିର୍ବାହୀ ଯନ୍ତ୍ରୀ ଆସି ନିମ୍ନମାନର କାର୍ଯ୍ୟକୁ ଅସ୍ୱୀକାର କରିବା ସହ ଭାରିଯାନ ଓ ଟ୍ରାକ୍ଟର ଚଳାଚଳ ଯୋଗୁ ଏପରି ଅବସ୍ଥା ହୋଇଛି ବୋଲି କହିଥିଲେ। ଏବେ ରାସ୍ତାରେ ଭାରିଯାନ ଚଳାଚଳ ଅସମ୍ଭବ। ଚାରିନଙ୍ଗଳ ନିକଟରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ସେହିପରି ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଯୋଗୁ ଭାରିଯାନ ଚଳାଚଳ ହୋଇପାରୁନି। ତା୧୬।୧୧।୨୦ରେ ମୁଖ୍ୟଯନ୍ତ୍ରୀ ପରିଦର୍ଶନରେ ଆସି ରାସ୍ତାର ଉଭୟ ପାର୍ଶ୍ୱରେ ମୁଖ୍ୟ କେନାଲ ଓ ଶାଖା କେନାଲ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ତାଙ୍କ ପତ୍ର ସଂଖ୍ୟା ୨୩୨୨୧, ତା ୨।୧୪।୨୦ରେ ଦର୍ଶାଇଥିଲେ। ଏଥିସହ ପ୍ରଥମ ବର୍ଷ ମରାମତି ପାଇଁ ରହିଥିବା ଅର୍ଥରେ ତୁରନ୍ତ ରାସ୍ତା ମରାମତି ପାଇଁ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟଯନ୍ତ୍ରୀଙ୍କ ଗସ୍ତକୁ ତିନିମାସ ବିତି ଥିଲେ ମଧ୍ୟ ରାସ୍ତା ମରାମତି କରାଯାଇନାହିଁ। ଗୋଟିଏ ପଟେ ନିର୍ବାହୀ ଯନ୍ତ୍ରୀ ରାସ୍ତା ଖରାପ ପାଇଁ ଭାରିଯାନ ଚଳାଚଳକୁ ଦାୟୀ କରୁଥିବା ବେଳେ ମୁଖ୍ୟଯନ୍ତ୍ରୀ କେନାଲକୁ ଦାୟୀ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କ ଦୁଇ ପ୍ରକାର ବୟାନକୁ ଅଞ୍ଚଳବାସୀ ଗ୍ରହଣ କରିପାରୁନାହାନ୍ତି। ଏସବୁରୁ ଠିକାଦାରଙ୍କୁ ସୁରକ୍ଷା ଦେବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।

ରାସ୍ତା ନିର୍ମାଣ ସମୟରେ ତିନିଥର ଆକଳନ ମୂଲ୍ୟ ପରିବର୍ତ୍ତନ କରାଯାଇ ୫୧ ଲକ୍ଷ ଟଙ୍କା ଅଧିକ ମଞ୍ଜୁର କରାଯାଇଥିଲା। ତେବେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ପ୍ରାୟ ୩୦୦ ମିଟର ନିର୍ମାଣାଧୀନ ଗାଡ ୱାଲ(ସୁରକ୍ଷା ପ୍ରାଚୀର)ଭୁଶୁଡି ଯାଇଥିଲା। ସ୍ଥାନୀୟ ଲୋକେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ବରଂ ଭୁଶୁଡି ଥିବା ଗାର୍ଡ ୱାଲକୁ କେତେକ ସ୍ଥାନରେ ଠିକା ସଂସ୍ଥା ପକ୍ଷରୁ ପୋତି ଦିଆଯାଇଥିଲା। ମାତ୍ର ଆଉ ଗାର୍ଡ ୱାଲ କରାଯାଇ ନ ଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର କହିଛନ୍ତି, ରାସ୍ତା ଖରାପ ଥିବା ଆମେ ଅବଗତ ଅଛୁ। ତେଣୁ ତୁରନ୍ତ ମରାମତି ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆସରିଛି। ତେବେ କେବେ ଏହାର ମରାମତି ହେଉଛି ତାହା ଦେଖିବାକୁ ଅପେକ୍ଷା।



ଦେକୁରୀ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।

## ସଂକ୍ଷେପରେ

### ଆଉ ଜଣେ ଗିରଫ

**ଖଳା ନିର୍ମାଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ମାରପିଟ ଘଟଣା**

**ରସୁଲପୁର,୧୪।୨(ଡି.ଏନ.ଏ.):** କୁଆଖିଆ ଥାନା ବଡ଼କଇଁଚି ପଞ୍ଚାୟତ କଇଁଚ ଶାସନ ତୋଟାରେ ଖଳା ନିର୍ମାଣକୁ କେନ୍ଦ୍ରକରି ୧୨ ତାରିଖରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ଦକ୍ଷ ମଲିକ(୪୦)ଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚଲାଣ କରିଛି। ଏହାକୁ ମିଶାଇ ପୋଲିସ ଉଭୟ ପକ୍ଷରୁ ମୋଟ ୪ଜଣଙ୍କୁ ଗିରଫ କରି କୋର୍ଟଚଲାଣ କରିଥିବା ସୂଚନା ମିଳିଛି। ପ୍ରକାଶଯେ, ଖଳା ନିର୍ମାଣ କାର୍ଯ୍ୟ ଉଭୟ ଗୋଷ୍ଠୀ କରିବା ଜିଦ୍ ନେଇ ସେମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଗଣ୍ଡଗୋଳରେ ୫ଜଣ ଆହତ ହୋଇଥିଲେ। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଶୋକ ମଲିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା(ନଂ.୪୬।୨୧)ରୁଜୁ କରି ପୂର୍ବରୁ ଜଣକୁ ଗିରଫ କରିଥିଲା। ଅନ୍ୟଜଣଙ୍କୁ ଗିରଫ କରାଯିବା ପରେ ଏହି ଅଭିଯୋଗ ଆଧାରରେ ଗିରଫ ସଂଖ୍ୟା ୨ରେ ପହଞ୍ଚିଛି। ଅପରପକ୍ଷର ନାରାୟଣ ମଲିକଙ୍କ ଅଭିଯୋଗ ବଳରେ ପୋଲିସ (ନଂ.୪୭।୨୧)ରେ ମାମଲା ରୁଜୁ କରିବା ସହ ଗଣ୍ଡଗୋଳ ଦିନ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ବାଳ ସୁଧାର ଗୃହକୁ ଗଲେ ୨ ନାବାଳକ

**ରସୁଲପୁର,୧୪।୨(ଡି.ଏନ.ଏ.):** କୁଆଖିଆ ଥାନା ଅତଲାପୁର ପଞ୍ଚାୟତ ସାଦକପୁର ଗ୍ରାମର ସୁରେନ୍ଦ୍ର ସାହୁଙ୍କ ବାଇକ୍ ଚୋରି ଘଟଣାରେ ପୋଲିସ ୨ ନାବାଳକଙ୍କୁ ଧରି ଯାଜପୁର ଜୁଭେଲାଇନ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ସେଠାରୁ ସେମାନଙ୍କୁ ଅନୁଗୋଳସ୍ଥିତ ବାଳ ସୁଧାରା ଗୃହକୁ ପଠାଇ ଦିଆଯାଇଛି। ୭ ତାରିଖରେ ସେ ବାଇକ୍ ଘର ପାଖ ଏକ ଗଛମୂଳେ ରଖିଥିଲେ। ମାତ୍ର ସନ୍ଧ୍ୟାରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୩/୨୧)ରୁଜୁ କରି ତଦନ୍ତ ଜାରି ରଖିଥିଲା। ଉକ୍ତ ବାଇକ୍‌କୁ ଧର୍ମଶାଳା ଥାନା କାଏମା ଅଞ୍ଚଳର ଦୁଇ ନାବାଳକ ଚଳାଉଥିଲେ। ପୋଲିସ ଚଢ଼ାଉ କରି ବାଇକ୍‌କୁ ଜବତ କରିବା ସହ ସମ୍ପୃକ୍ତ ୨ ନାବାଳକଙ୍କୁ କାବୁ କରିଥିଲା। ନାବାଳକ ଦ୍ୱୟ ଚାବି ଭାଙ୍ଗି ବାଇକ୍ ଲୁଟ୍ କରିଥିବା କହିଥିଲେ। ପ୍ରକାଶଯୋଗ୍ୟ, ଜୁନ ୨୦୨୦ରେ ଉକ୍ତ ୨ ନାବାଳକ ଧର୍ମଶାଳା ଥାନା ବ୍ରହ୍ମବରଦା ବଜାରର ଏକ ଦୋକାନରୁ ୭ଟି ମୋବାଇଲ ଚୋରି କରିଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ପାଣିକୋଇଲି,୧୪।୨(ଡି.ଏନ.ଏ.):** ପାଣିକୋଇଲି ଥାନା କରଦା ଛକରେ ଶନିବାର ରାତ୍ରିରେ ଡମ୍ଫର ସହ ବାଇକ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଅରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନାନୁସାରେ, କରଦା ଗ୍ରାମପଞ୍ଚାୟତ ବରୁଣେଇପଦା ଗ୍ରାମର ଗୋପବନ୍ଧୁ ବଳିଆରସିଂଙ୍କ ପୁଅ ପ୍ରାଣବନ୍ଧୁ (୩୦) ବାଇକ ଯୋଗେ ସଠିପୁର ବଜାରରୁ ଘରକୁ ଆସୁଥିବା ବେଳେ ଏକ ବାଲି ବୋଝେଇ ଡମ୍ଫର ସହିତ ଧକ୍କା ହୋଇଥିଲା। ଫଳରେ ପ୍ରାଣବନ୍ଧୁ ଗୁରୁତର ହୋଇଥିଲେ। ପାଣିକୋଇଲି ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ପାସେଞ୍ଜର ଟ୍ରେନ ଚଳାଇବାକୁ ଦାବି

**ପାଣିକୋଇଲି, ୧୪।୨(ଡି.ଏନ.ଏ.):** ପୂର୍ବତଟ ରେଳପଥ ଦେଇ ଚଳାଚଳ କରୁଥିବା ସମସ୍ତ ଟ୍ରେନ (ପାସେଞ୍ଜର ଓ ଏକ୍ସପ୍ରେସ) କରୋନା ଯୋଗୁ ବନ୍ଦ ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ମାଲବାହୀ ଟ୍ରେନ ସହିତ ଏକ୍ସପ୍ରେସ ଟ୍ରେନ ଚାଲୁଥିବାବେଳେ ପାସେଞ୍ଜର ଟ୍ରେନ ବନ୍ଦ ରହିଛି। ଖୋର୍ଦ୍ଧା ରୋଡ୍ ଓ ଭଦ୍ରକ ମଧ୍ୟରେ ପୂର୍ବରୁ ଚାଲୁଥିବା ୫ ପାସେଞ୍ଜର ଟ୍ରେନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସାମାଜିକ କର୍ମୀ ଭିକାରି ଜେନା ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜରଙ୍କୁ ଜଣାଇବା ସହ ୨୦ ତାରିଖ ସୁଦ୍ଧା ପାସେଞ୍ଜର ଟ୍ରେନ ଚଳାଚଳ ନ କଲେ ବୈତରଣୀରୋଡ ରେଳ ଷ୍ଟେଶନରେ ରେଳରୋକୋ କରାଯିବ ବୋଲି ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ମହାବିନାୟକ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କଲେ ନିର୍ମଳ ମିଶ୍ର

**ଚଣ୍ଡିଖୋଲ,୧୪।୨(ଡି.ଏନ.ଏ.):** ଷ୍ଟାଫ୍ ସିଲେକଶନ କମିଶନ ଅଧ୍ୟକ୍ଷ ନିର୍ମଳ ମିଶ୍ର ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ସର୍ବପୁରାତନ ସରକାରୀ ହାଇସ୍କୁଲ ମହାବିନାୟକ ବିଦ୍ୟାୟନକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ସେ ଶନିବାର ଅନୁଷ୍ଠିତ ପୁରାତନ ଛାତ୍ର ସଂସଦ ଓ ଅଭିଭାବକ ସଂଘ ବୈଠକରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏକମାସର ଦରମା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହାସହ ଲାଇବ୍ରେରି, ଖେଳପଡ଼ିଆର କିପରି ଉନ୍ନତି କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାତନ ଛାତ୍ର ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ଲେଙ୍କା, ନଳିନୀକାନ୍ତ ମିଶ୍ର, ରବୀନ୍ଦ୍ର ଦାଶ, ସରପଞ୍ଚ ଭାଗ୍ୟଧର ପ୍ରଧାନ, ଅଜିତ ପ୍ରସାଦ ମିଶ୍ର ଓ ଉମାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ।

# ‘କେନ୍ଦ୍ର ସରକାର ପ୍ରତିଶ୍ରୁତି ପାଳନରେ ବିଫଳ’

**ତୈଳ ଦର ବୃଦ୍ଧି ଯୋଗୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆକାଶଛୁଆଁ**

ଧର୍ମଶାଳା,୧୪।୨(ଡି.ଏନ.ଏ.)

କେନ୍ଦ୍ର ସରକାର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ନିୟନ୍ତ୍ରଣ କରିବାକୁ ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିଲେ। ମାତ୍ର ୬ ବର୍ଷ ମଧ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆଶାତିତ ଭାବେ ବୃଦ୍ଧି ପାଇଛି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ତୈଳଦର ଗତ ୨ ମାସ ମଧ୍ୟରେ ୧୭ଥର ବୃଦ୍ଧି ହେବା ଯୋଗୁ ସାଧାରଣ ଜନତାଙ୍କ ଜୀବନଜୀବିକା କଷ୍ଟ ସାଧ ହୋଇଛି। କେନ୍ଦ୍ର ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବାରୁ ସାଧାରଣ ଜନତା ଅତିଷ୍ଠ ହୋଇପଡିଲେଣି। ରବିବାର ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରାଦାତା ସମ୍ମିଳନୀରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଏହି ସୂଚନା ଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ଶୀତାରାମଣ ପେଟ୍ରୋଲ ଓ ଡିଜେଲ ଉପରେ ଶେଷ ବୃଦ୍ଧି କରି ଏହା ଖାଉଟିଙ୍କ ଉପରେ ପ୍ରଭାବ ପକାଇବ ନାହିଁ ବୋଲି ଘୋଷଣା କରିଥିଲେ। ୨୦୧୪ରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୬୧.୩୬ ଡଲାର ଥିବାବେଳେ ଖାଉଟିଙ୍କୁ ଲିଟର ପିଛା ପେଟ୍ରୋଲ ୬୬ଟଙ୍କା ୩୦ ପାଇସା ମୂଲ୍ୟରେ ମିଳୁଥିଲା। ୨୦୨୧ରେ ଅଶୌଧିତ ତୈଳଦର ବ୍ୟାରେଲ ପିଛା ୬୧.୩୬ ଡଲାର ରହିଥିବା ବେଳେ ଡିଜେଲ ଦର ୯୩ ଓ ପେଟ୍ରୋଲ ଦର ୯୦ଟଙ୍କାରେ ପହଞ୍ଚିଛି। ଦେଶବାସୀ କରୋନା ମୁକାବିଲା କରୁଥିବା ବେଳେ ତୈଳଦର ଅହେତୁକ ବୃଦ୍ଧି ସେମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ତୈଳ ଦର ଅହେତୁକ ବୃଦ୍ଧି ପାଉଥିଲେ ମଧ୍ୟ ସେହି ହାରରେ ରାଜ୍ୟ ସରକାର ଶେଷ ଅଂଶ ପାଉନାହାନ୍ତି। ରନ୍ଧନ ଗ୍ୟାସର ମୂଲ୍ୟ ୭୭୬ଟଙ୍କା ୫୦ ପଇସାରେ ପହଞ୍ଚିଛି। ଏହାକୁ ବିଜେଡି ପକ୍ଷରୁ ବୋରୋଧ କରାଯାଇଛି। ଏକ ପ୍ରଶ୍ନର ଉତ୍ତରରେ ଦାସବର୍ମା କହିଥିଲେ, ସୋମବାର କଂଗ୍ରେସ ପକ୍ଷରୁ ହେବାକୁ ଥିବା ବନ୍ଦ ଡାକରାକୁ ବିଜେଡି ସମର୍ଥନ କି ବିରୋଧ କରିବ ନାହିଁ। ଏହି ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଓ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସଞ୍ଜୟ ଦାସବର୍ମା ସୂଚନା ଦେଉଛନ୍ତି।

## ହସ୍ତଶିଳ୍ପ କାରିଗର ଚିହ୍ନଟ ଲାଗି ସର୍ଭେ

ଧର୍ମଶାଳା,୧୪।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରଠାରେ ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସିଡାକ ପକ୍ଷରୁ ହୋଇଥିବା ସର୍ଭେରେ ଚାନ୍ଦୁଆ କାର୍ଯ୍ୟ କରୁଥିବା ହସ୍ତଶିଳ୍ପ କାରିଗରଙ୍କୁ ଚିହ୍ନଟ କରାଯାଉଛି। ଏହି ମହିଳା କାରିଗରଙ୍କ ନାମ, ଠିକଣା, ଆଧାର ନମ୍ବର, ଭୋଟର ପରିଚୟପତ୍ର, ଆଦି ପଞ୍ଜୀକରଣ କରାଯିବା ସହିତ ସେମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ତିନିଦିନ ଧରି ସର୍ଭେ କାର୍ଯ୍ୟ ଚାଲିଥିବା ବେଳେ ଶତାଧିକ ମହିଳା କାରିଗର ନାମ ପଞ୍ଜୀକରଣ କରିଥିବା ଜଣାପଡିଛି। ଜିଲା ସଂଯୋଜକ ଭୃଗୁନନ୍ଦନ ରଥ ପରିଦର୍ଶନରେ ଆସି ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଚାନ୍ଦୁଆ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ଅନୁଷ୍ଠାନ ଉପଦେଷ୍ଟା ତଥା ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକ ସଂଯୋଜକ ରମେଶ ଚନ୍ଦ୍ର ବେଜ ଉପସ୍ଥିତ ଥିଲେ। ସର୍ଭେ କାର୍ଯ୍ୟ ପାଇଁ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବସ୍ ଷ୍ଟାଣ୍ଡରେ ବେଞ୍ଚ୍ ନିର୍ମାଣ କଲା ଯୁବକ ସଂଘ




ଯୁବକ ସଂଘ ପକ୍ଷରୁ ନିର୍ମାଣ କରାଯାଇଥିବା ବେଞ୍ଚ୍।

**ପ୍ରଶାସନ ଅଧିକାରୀ ପ୍ରତିଶ୍ରୁତି ଦେଇ ଭୁଲିଗଲେ**

ରସୁଲପୁର,୧୪।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ଯୁବକ ସଂଘର ସଦସ୍ୟମାନେ ନିଜସ୍ୱ ଉଦ୍ୟମରେ କୁଆଖିଆ ବସ୍ ଷ୍ଟାଣ୍ଡରେ ଯାତ୍ରୀଙ୍କ ବିଶ୍ରାମ ପାଇଁ ବେଞ୍ଚର ବ୍ୟବସ୍ଥା କରିଛନ୍ତି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଜନ୍ମ ଜୟନ୍ତୀରେ ସଂଘ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ବେଞ୍ଚ୍ ନିର୍ମାଣ ପାଇଁ ସଂଘ ପକ୍ଷରୁ ରସୁଲପୁର ବିଡିଓ, ତହସିଲଦାର ଏବଂ ରସୁଲପୁର ସରପଞ୍ଚଙ୍କୁ ନିବେଦନ କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏକାଧିକ ମାସ ବିତି ଯାଇଥିଲେ ମଧ୍ୟ ବେଞ୍ଚ୍ ନିର୍ମାଣ କରାଯାଇ ନ ଥିଲା। ତେଣୁ ଅନ୍ୟ ଉପାୟ ନ ପାଇ ଯୁବକମାନେ ଅର୍ଥ ଆଦାୟ କରି ବଜାରର ଉଭୟ ପାର୍ଶ୍ୱ ବସ୍ ଷ୍ଟାଣ୍ଡରେ ବେଞ୍ଚ୍‌ର ବ୍ୟବସ୍ଥା କରିଛନ୍ତି। ବସ୍‌ଷ୍ଟାଣ୍ଡକୁ ଆସୁଥିବା ଦିବ୍ୟାଙ୍ଗ, ବୟସ୍କ, ମହିଳା, ଶିଶୁମାନଙ୍କ ବିଶ୍ରାମ ନିମନ୍ତେ ବେଞ୍ଚ୍ ସହାୟକ ହେବ ବୋଲି ସଂଘ ସଭାପତି ଶିଶିର କୁମାର ପଣ୍ଡା, ସମରଜିତ ଗାରେଡିଆ, ନାରାୟଣ ପରିଡା, ଆନନ୍ଦ ପରିଡା, ମହେନ୍ଦ୍ର ପରିଡା, ତୋଫାନ ସାହୁ, ଆଶିଷ ସାହାଣୀ, ସିନା ନାୟକ, ବଳରାମ ବେହେରା, କାଳନ୍ଦି ପରିଡା ଓ ବିଭୂତି ପରିଡା ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ବସ୍ ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମଗାର, ଶୌଚାଳୟ, ପାନୀୟ ଜଳ ଓ ଆଲୋକୀକରଣ ବ୍ୟବସ୍ଥା ନାହିଁ। ଏହାକୁ ପ୍ରଶାସନ ସମାଧାନ କରିବାରେ ବିଫଳ ହୋଇଛି। ତେଣୁ ଏସବୁ ସମସ୍ୟାର କିଭଳି ସମାଧାନ କରାଯାଇ ପାରିବ ସେ ଦିଗରେ ସଂଘ ପକ୍ଷରୁ ପ୍ରୟାସ କରାଯିବ ବୋଲି କୁହାଯାଇଛି।

## ଜଳୁନି ହାଇମାଷ୍ଟ ଲାଇଟ୍

ଜେନାପୁର,୧୪।୨(ଡି.ଏନ.ଏ.)



ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ଅଧୀନ ବାଘୁଆ ବ୍ରାହ୍ମଣୀ ଦେବୀ ହାଇସ୍କୁଲ ନିକଟସ୍ଥ ଛକଠାରେ ଥିବା ହାଇମାଷ୍ଟ ଲାଇଟ୍ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଛକ ନିକଟରେ ମା’ ବ୍ରାହ୍ମଣୀ ମନ୍ଦିର, ବାଲିସାହି ଡାକ୍ତର ଖାନା ରହିଛି। ଦୈନିକ ଆଖପାଖ ଅଞ୍ଚଳର ଲୋକେ ଏହି ବାଟରେ ଯାତାୟାତ କରୁଛନ୍ତି। ମାତ୍ର ସନ୍ଧ୍ୟାରେ ଯିବାଆସିବା କରିବାକୁ ଭୟ କରୁଛନ୍ତି। ଅନ୍ୟପକ୍ଷରେ ଅନ୍ଧାରର ସୁଯୋଗ ନେଇ ମଦ୍ୟପଙ୍କ ପ୍ରାର୍ଦୁଭା ବୃଦ୍ଧି ପାଉଛି। ତେଣୁ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଚଳ ହୋଇ ପଡ଼ିଥିବା ଲାଇଟିକୁ ମରାମତି କରିବା ପାଇଁ ଅଞ୍ଚଳବସୀ ଦବି କରିଛନ୍ତି।

## ୩୦ ଫୁଟ୍ ତଳକୁ ଖସିଲା ବାଇକ୍, ବର୍ତ୍ତିଲେ ଆରୋହୀ

**ଚଣ୍ଡିଖୋଲ,୧୪।୨(ଡି.ଏନ.ଏ.):** ବଡ଼ଚଣା ଥାନା ଖଇରା ହାଇଲେଭଲ କେନାଲ ବନ୍ଧ ରାସ୍ତାର ପଣ୍ଡୁଆ ପୋଲ ନିକଟରେ ଶନିବାର ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ପୋଲ ଉପରୁ ୩୦ଫୁଟ ତଳକୁ ଖସି ପଡିଥିଲେ। ତେବେ ଏତେ ତଳକୁ ଖସିଥିଲେ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ସେ ହେଲେ ବୈରୀ ଥାନା କପାଷ୍ଟିକରୀ ଗ୍ରାମର ତ୍ରିଲୋଚନ ପୃଷ୍ଟି। କାମ ସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

## ସଙ୍ଗଠନ ସୁଦୃଢ଼ କରିବାକୁ ନେତାଙ୍କ ପ୍ରୟାସ

**କଂଗ୍ରେସର ଜନସମ୍ପର୍କ ପଦଯାତ୍ରା**

ରସୁଲପୁର,୧୪।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟପାତ୍ର ସ୍ମୃତିରେଖା ପହି, ବିଶ୍ୱନାଥ ପଣ୍ଡା, ବନମାଳୀ ରାଉତ, ବିଭୁତି ଜେନା, ଅଚ୍ୟୁତ ଜେନା ପଦଯାତ୍ରା ଜରିଆରେ କଂଗ୍ରେସ ସମର୍ଥକଙ୍କୁ ବାନ୍ଧି ରଖିବାକୁ ପ୍ରୟାସ କରିଛନ୍ତି। ତେବେ ଏହି ପଞ୍ଚାୟତରେ କଂଗ୍ରେସର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ ବୋଲି କୁହାଯାଉଥିଲା। କିନ୍ତୁ ପଦଯାତ୍ରା ଜରିଆରେ କର୍ମୀ ଘର ବାହୁଡା ହୋଇଛନ୍ତି ବୋଲି ମୁଖପାତ୍ର ପହି ପ୍ରକାଶ କରିଛନ୍ତି। ପଞ୍ଚାୟତ ଅଧୀନ ଦଳିତ ସାହିରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଉଭୟ ତଳ ଓ ଉପର ଦଳିତ ସାହିରେ ପଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା। ଏଠାରେ ଶତାଧିକ ମହିଳାପୁରୁଷ ନାରୀନେତ୍ରୀଙ୍କୁ ସ୍ୱାଗତ କରିବା ସହ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପହି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ଓ ଭାଜପା ଛାଡି ବହୁ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ୨୦୧୯ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥନରେ ବିଜୟୀ ସରପଞ୍ଚ, ସମିତିସଭ୍ୟ ବିଜେଡିରେ ସାମିଲ ହୋଇଛନ୍ତି। କଂଗ୍ରେସ ଦୁର୍ଗ ଉପରେ ବିଜେଡିର ପ୍ରହାର ଯୋଗୁ ଦଳ ଚେଇଁ ଉଠିଛି ବୋଲି ଚର୍ଚ୍ଚା ହେଉଛି।

## ବିରଜା ମନ୍ଦିର ସମ୍ମୁଖରେ ଶିଶୁ ଭିକ୍ଷୁକ

ଯାଜପୁର ଟାଉନ,୧୪।୨(ଡି.ଏନ.ଏ.)

ଯାଜପୁରକୁ ଭିକାରି ମୁକ୍ତ କରାଯିବା ପାଇଁ ଜିଲା ପ୍ରଶାସନର ପ୍ରୟାସ କେବଳ ଭାଷଣରେ ସୀମିତ ବୋଲି ଜଣାପଡିଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ବିରଜା ମନ୍ଦିର ସମ୍ମୁଖରେ ଶହଶହ ଭିକାରି ବସି ଭିକ୍ଷାବୃତ୍ତି କରୁଥିବାବେଳେ ଜିଲା ପ୍ରଶାସନ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ୨ଜଣ କୋମଳମତୀ ଶିଶୁ ଭିକାରିଙ୍କ ସହ ବସି ଭିକ୍ଷାବୃତ୍ତି କରୁଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଶିଶୁଙ୍କ ବୟସ ୧୨ ରୁ ୧୪ ବର୍ଷ ହୋଇଥିବାବେଳେ ସେମାନଙ୍କ ବାପା/ମା’ ଖାଇବାକୁ ଦେଇପାରୁ ନ ଥିବାରୁ ସେମାନେ ଭିକ୍ଷାବୃତ୍ତି ପାଇଁ ବାଧ ହୋଇଛନ୍ତି ବୋଲି ଜଣାଇଛନ୍ତି। ମା’ ବିରଜାଙ୍କ ସ୍ୱନକ୍ଷତ୍ର ଦିବସରେ ଏହି ୨ ଶିଶୁ ଭିକାରିଙ୍କୁ ଦେଖି ସାଧାରଣ ଲୋକଙ୍କ ମଧ୍ୟରେ ଆଘାତ ଲାଗିଛି। ଅନେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଏହି ଦୃଶ୍ୟକୁ ପୋଷ୍ଟ କରି ଜିଲା ପ୍ରଶାସନ ଏହି ୨ ଜଣଙ୍କୁ ସ୍ଥାନୀୟ ବାଳାଶ୍ରମରେ ରଖି ପାଠ ପଢ଼ାର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ବିରଜା ମନ୍ଦିରକୁ ଜିଲା ପ୍ରଶାସନର ଅଧିକାରୀ ଆସୁଥିବା ବେଳେ ଏଦୃଶ୍ୟକୁ ଦେଖୁଥିଲେ ମଧ୍ୟ ଆଡ ନଜରରେ ରହିଯାଉଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିଛନ୍ତି, ଶିଶୁଦ୍ୱୟଙ୍କୁ ଉଦ୍ଧାର କରାଯାଇ ଶିକ୍ଷାଦାନର ବ୍ୟବସ୍ଥା କରାଯିବ।



୨ ଶିଶୁ ଭିକ୍ଷାବୃତ୍ତି କରୁଛନ୍ତି।

# ବିଲିପଡ଼ାରେ ଗଳିପୋଲ କାର୍ଯ୍ୟ ଆରମ୍ଭ

**ଜନପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଲେ ଗ୍ରାମବାସୀ**

ରସୁଲପୁର,୧୪।୨(ଡି.ଏନ.ଏ.)

୧୬ନଂ ଜାତୀୟ ରାଜପଥର ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମଠାରେ ଗଳିପୋଲ ନିର୍ମାଣ ପାଇଁ ହେଉଥିବା ଦାବି ପୂରଣ ହୋଇଛି। ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଡିବିଏଲ ପକ୍ଷରୁ ବିଲିପଡ଼ା ଗାଁକୁ ସଂଯୋଗ କରୁଥିବା ରାସ୍ତାମୁଣ୍ଡରେ ଗଳି ପୋଲ(ପିୟୁପି) ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାକୁ ନେଇ ଜନସାଧାରଣ ଖୁସି ପ୍ରକଟ କରିଛନ୍ତି। ଏଠାରେ ଗଳି ପୋଲ ନିର୍ମାଣ ଦିଗରେ କୋରେଇ ବିଧାୟକ ଅଶୋକ ବଳ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଏମ୍‌ପି ସର୍ମିଷ୍ଠା ସେଠୀ, ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପରିଚାଳାନ ନିର୍ଦ୍ଦେଶକ ରାମପ୍ରସାଦ ପଣ୍ଡାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନଙ୍କୁ ଜନସାଧାରଣ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ରାଜପଥ କର୍ତ୍ତୃପକ୍ଷଙ୍କ ସମସ୍ତ ଅଧିକାରୀ ଓ ଠିକାସଂସ୍ଥାର ପ୍ରକଳ୍ପ ଅଧିକାରୀ ହରିହର ସିଂକୁ ମଧ୍ୟ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ଗଳିପୋଲ ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ତେବେ ବିଲିପଡା ୮୦/୯୩୧ରେ ଭିୟୁପି(ଭେଇକୁଲାର ଅଣ୍ଡର ପାସ୍)ହେବା ନେଇ ପ୍ରସ୍ତାବ ରହିଥିଲା। ଏହାକୁ ନେଇ ମାମଲା କୋର୍ଟକୁ ଯାଇଥିଲା। ତେବେ ଭିୟୁପି ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିଲା। ତେଣୁ (ପେଡେଷ୍ଟ୍ରିଆନ୍ ଅଣ୍ଡର ପାସ)ପିୟୁପି ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ତାହାପୂରଣ ହୋଇଥିବାରୁ ଗ୍ରାମର ସୂର୍ଯ୍ୟମଣି ଆଏଚ, ସୁଧାଂଶୁଶେଖର ଆଏଚ, ଦିଲୁ ଆଏଚ, ବଳରାମ ଆଏଚ, ବାପୁ ଆଏଚ, ରାମଚନ୍ଦ୍ର ମଲିକ, ମଧୁ ମଲିକ ପ୍ରମୁଖ ଜନପ୍ରତିନିଧି, ରାଜପଥ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଖୁସି ପ୍ରକଟ କରିଛନ୍ତି। ଏହି ପୋଲ ହେଲେ ରାଜପଥ ଉଭୟ ପାର୍ଶ୍ୱରେ ଥିବା ଗ୍ରାମର ଲୋକଙ୍କ ରାସ୍ତା ପାର ସହଜ ହେବ। ଚାଷୀଙ୍କ କୃଷି ଉତ୍ପାଦିତ ସାମଗ୍ରୀ ପରିବହନରେ ସହାୟକ ହେବ ବୋଲି କୁହାଯାଉଛି।



ଗଳିପୋଲ ନିର୍ମାଣସ୍ଥଳରେ ଉପସ୍ଥିତ ଗ୍ରାମବାସୀ।

## ସଂକ୍ଷେପରେ

### ପିଲା ଚୋରି ଉଦ୍ୟମ, ଯୁବକ ଗିରଫ

କଟକ ସଦର, ୧୪।୨(ଡି.ଏନ୍.ଏ.)- କନ୍ଦରପୁର ଥାନା ଅଧୀନ ଦେଓପୁର(ନାହାଭଙ୍ଗା) ଅଞ୍ଚଳରେ ପିଲା ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତାଙ୍କ ନାଁ ସେକ୍ ନିଜାମୁଦ୍ଦିନ ଓ ଘର ନେମାଳ ଥାନା ଅଧୀନ ନେମାଳ ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏ ନେଇ ଥାନାରେ ମାମଲା(ନଂ.୩୮/୨୧) ରୁଜୁ ହୋଇଛି। କଟକ-ପାରାଦୀପ ରାସ୍ତାର ନାହାଭଙ୍ଗାରେ ଟାୟାର ଦୋକାନ କରିଥିବା ବିହାର ରାଜ୍ୟର ମହମ୍ମଦ ଜଇନ୍‌ଉଦ୍ଦିନଙ୍କ ୨ ଶିଶୁକନ୍ୟାଙ୍କୁ ଶନିବାର ଅଭିଯୁକ୍ତ ଜଣକ ନେଇଯିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### 'ଭଲ କାମ ପାଇଁ ଯୁବପିଢି ଆଗେଇ ଆସନ୍ତୁ'

ପୁରୀ ଅଫିସ,୧୪।୨: ସ୍ଥାନୀୟ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର 'ହୋପ୍ ଇଜ୍ ଲାଇଫ' ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ସାମାଜିକ ଓ ଜନହିତକର କାର୍ଯ୍ୟ କ୍ଷେତ୍ରରେ 'ହୋପ୍ ଇଜ୍ ଲାଇଫ'ର ଅବଦାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଅଶୋକ କୁମାର ମହାପାତ୍ର, ସାମାଜିକ କର୍ମୀ ନମ୍ରତା ଚଢ଼ା, ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ, ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ ପ୍ରମୁଖ ଯୋଗଦେଇ ଭଲ କାମ ପାଇଁ ଆଗେଇ ଆସିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ମହିଳା ପର୍ଯ୍ୟଟକଙ୍କ ସ୍ନାନବେଳର ଭିଡିଓ ରେକର୍ଡିଂ

#### ଇଲେକ୍ଟ୍ରିସିଆନ ଗିରଫ

ପୁରୀ ଅଫିସ,୧୪।୨: ଶ୍ରୀକ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଉଚିତ ଆତିଥେୟତା ଓ ସମ୍ମାନ ଦେବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାତ୍ର କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟୁଛି। ଗତ ୧ ଓ ୧୨ ତାରିଖରେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ମାଡ଼ ମରାଯାଇଥିବା ବେଳେ ରବିବାର ଏକ ଭକ୍ତନିବାସରେ ଜଣେ ମହିଳା ପର୍ଯ୍ୟଟକଙ୍କ ସ୍ନାନ ସମୟର ଭିଡିଓ ରେକର୍ଡିଂ କରାଯିବା ଭଳି ଅଶୋଭନୀୟ ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଇଲେକ୍ଟ୍ରିସିଆନ ଶିବପ୍ରସାଦ ମହାପାତ୍ରଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ରାୟବରେଲୀରୁ ଜଣେ ୨୪ ବର୍ଷୀୟା ମହିଳା ନିଜ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ସେ ଗତ ୧୧ ତାରିଖ ଅପରାହ୍ନ ୧ଟାରେ ପୁରୀରେ ପହଞ୍ଚି ପରିବାର ସହ ଏକ ଭକ୍ତ ନିବାସରେ ୨ଟି ରୁମ୍ ବୁକ୍ କରି ରହିଥିଲେ। ରବିବାର ଭୋର୍ ପ୍ରାୟ ୫ଟା ୩୦ରେ ଉକ୍ତ ମହିଳା ବାଥ୍‌ରୁମ୍‌ରେ ଗାଧୋଉଥିବାବେଳେ କେହି ବ୍ୟକ୍ତି ତାଙ୍କର ଭିଡିଓ ରେକର୍ଡିଂ କରୁଥିବା ସେ ଜାଣିବାକୁ ପାଇଲେ। ସେ ତୁରନ୍ତ ବାଥ୍‌ରୁମ୍‌ରୁ ବାହାରି ଆସି ନିଜ ପରିବାରବର୍ଗଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ପରେ ଭକ୍ତନିବାସ ମ୍ୟାନେଜରଙ୍କ ନିକଟରେ ଅଭିଯୋଗ କରିବା ସହ ପୁରୀ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ସିସିଟିଭି ଫୁଟେଜରୁ ପ୍ରମାଣ ପାଇବା ପରେ ଅଭିଯୁକ୍ତ ତଥା ସେଠାରେ ଇଲେକ୍ଟ୍ରିସିଆନ୍ ଭାବେ କାର୍ଯ୍ୟରତ ଶିବ ପ୍ରସାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶିବ ପ୍ରସାଦଙ୍କ ବିରୋଧରେ ୩୫୪ (ସି), ୩୫୪ (ଡି) ଓ ୫୦୯ ଦଫାରେ ଏକ କେସ୍ (ନଂ. ୪୧/୨୧) ରୁଜୁ ହୋଇଛି।

# ଅଭିଯୁକ୍ତ ଶକ୍ତି ଶେଖରଙ୍କ ସୁରାକ ପାଉନି ପୋଲିସ

**ଝରାଫୁଲଙ୍କ ମୃତ୍ୟୁ ଉପରୁ ରହସ୍ୟ ହଟୁନି**

- ୧୮ ଦିନ ପରେ ପୋଲିସ ହାତ ଖାଲି
- ବିଧାନସଭା ଆଗରେ ପରିବାରର ଆତ୍ମାହୁତି ଧମକ
- ରାସ୍ତାକୁ ଓହ୍ଲାଇବ ରମାଦେବୀ ଛାତ୍ରୀ ସଙ୍ଗଠନ



ଭୁବନେଶ୍ୱର,୧୪।୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକଙ୍କ ରହସ୍ୟଜନକ ମୃତ୍ୟୁ ଦିନକୁ ଦିନ ଆହୁରି ରହସ୍ୟ ଘେରକୁ ଚାଲିଯାଉଛି। ଘଟଣାର ୧୮ ଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ପୋଲିସ ଖୋଜି ପାଉନି କି ସ୍ପଷ୍ଟ କରୁନି। ଏହି ମାମଲାରେ କମିଶନରେଟ ପୋଲିସର ଖଣ୍ଡଗିରି ଥାନା ଓ ଯାଜପୁରର କୁଆଖିଆ ଥାନା ପୋଲିସ ତଦନ୍ତ କରୁଛି। ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ପ୍ରେମିକ ରାକେଶ ସ୍ୱାଇଁଙ୍କୁ ଗିରଫ କରିବା ସହ ରିମାଣ୍ଡରେ ଆଣି ପଚରାଉଚରା କରିଥିଲେ ମଧ୍ୟ ପୋଲିସକୁ ସେପରି କିଛି ସୁଫଳ ମିଳିପାରିନି। ମୃତଦେହକୁ ଭୁବନେଶ୍ୱରରୁ ଯାଜପୁର ନେଇ ଫିଙ୍ଗିବାରେ ସହଯୋଗ କରିଥିବା ଅନ୍ୟତମ ଅଭିଯୁକ୍ତ ଶକ୍ତି ଶେଖରଙ୍କୁ ବି ଏଯାଏ ପୋଲିସ ଗିରଫ କରିପାରୁନି। ସେ ହିଁ ଏହି ମୃତ୍ୟୁର ରହସ୍ୟ ଖୋଲିବ ବୋଲି ଖୋଦ୍ ପୋଲିସ କହୁଥିଲେ ମଧ୍ୟ କାହିଁକି ଏଯାଏ ଧରିପାରୁନି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶକ୍ତି ଶେଖର ଏଟିଏମ୍‌ରୁ ଟଙ୍କା ଉଠାଇବା ପରେ ପୋଲିସ ତାଙ୍କ ଲୋକେଶନକୁ ଠାବ କରିଥିଲା ଓ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଯାଜପୁର ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ସୂଚନା ଦେଇଥିଲେ। ହେଲେ ଏବେ ପୂରା ହାତ ଟେକି ଦେଇଛି ଦୁଇ ଥାନା ପୋଲିସ। ନିକଟରେ ଭୁବନେଶ୍ୱରରେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାର ମାତ୍ର ୮ ଦିନରେ କମିଶନରେଟ ପୋଲିସ ରହସ୍ୟ ଉନ୍ମୋଚନ କରିବା ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ କଟାମୁଣ୍ଡ ଜବତ କରି ବାହାବା ନେଇଥିଲା। ହେଲେ ଝରାଫୁଲ ଘଟଣାରେ କାହିଁକି କମିଶନରେଟ ପୋଲିସ ଯାଜପୁର ପୋଲିସ ଉପରେ ସବୁ ଦାୟିତ୍ୱ ଲଦିଦେଇ ଚୁପ୍ ବସୁଛି ବୋଲି ପ୍ରଶ୍ନ ଉଠୁଛି।

ଏପରି ସ୍ଥିତିରେ ଝିଅ ଝରାଫୁଲଙ୍କ ମୃତ୍ୟୁରେ ଭାଙ୍ଗିପଡିଥିବା ବାପା ରମାକାନ୍ତ ନାୟକ ପୂରା ଭାଙ୍ଗି ପଡ଼ିବା ସହ ପୋଲିସ ପ୍ରଶାସନକୁ ଦାୟୀ କରିଛନ୍ତି। ଯଦି ମାମଲାର ପର୍ଦ୍ଦାଫାଶ ନ ହୁଏ, ତା'ହେଲେ ବିଧାନସଭା ସାମ୍ନାରେ ସପରିବାର ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଝିଅକୁ କେବେ ନ୍ୟାୟ ମିଳିବ ବୋଲି ସେ କ୍ଷୋଭର ସହ କହିଛନ୍ତି। ଘଟଣା ପରଠୁ ଆମକୁ ନାନା ମାନସିକ ଦୁଶ୍ଚିନ୍ତାରେ ଦିନ କାଟିବାକୁ ପଡୁଛି। ଆମେ ଆଦିବାସୀ ବୋଲି ନ୍ୟାୟ ମିଳିବାରେ ବିଳମ୍ବ ହେଉଛି ବୋଲି ସେ କହିଛନ୍ତି। ସେହିପରି ରମାଦେବୀ ବିଶ୍ୱବିଦ୍ୟାଳୟର ଏକ ଛାତ୍ରୀ ସଙ୍ଗଠନ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛି। ଏପରି ଏକ ସମ୍ବେଦନଶୀଳ ମାମଲାରେ ଯାଜପୁର ପୋଲିସ ଘଟଣାର ଦିନକ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ରାକେଶଙ୍କୁ ଗିରଫ କରିବା ସହ ରିମାଣ୍ଡରେ ନେଇ କ୍ରାଇମ ସିନ୍ ରିକ୍ରିଏଟ କରିଛି। ସାକ୍ଷୀଙ୍କ ବୟାନ ରେକର୍ଡ, ବ୍ୟବହୃତ ସ୍କୁଟି ଓ ଅନ୍ୟାନ୍ୟସାମଗ୍ରୀ ଜବତ ସହ ଶବ ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟ ସବୁକିଛି ପୋଲିସ ହାତରେ ଲାଗି ସାରିଛି। ବ୍ୟବହୃତ ସ୍କୁଟି ଜବତ ହେବା, ବାଣୀବିହାରଠାରୁ ଆରମ୍ଭ କରି ଗେଷ୍ଟ ହାଉସ୍‌ରୁ ସିସିଟିଭି ଫୁଟେଜ୍ ମିଳିବା ସହ ଅନେକ ସାକ୍ଷ୍ୟ ପ୍ରମାଣ ରହିଛି। ହେଲେ ରହସ୍ୟ କାହିଁକି ଉନ୍ମୋଚନ ହୋଇ ପାରୁନି ବୋଲି ସଙ୍ଗଠନ କର୍ମକର୍ତ୍ତା ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ଝରାଫୁଲ ନାୟକ ଭୁବନେଶ୍ୱରରେ ରହି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପଢୁଥିଲେ। ଜାନୁୟାରୀ ୨୬ରେ ପ୍ରେମିକ ରାକେଶ ତାଙ୍କୁ ଭୁବନେଶ୍ୱର ବୁଲାଇବା ସହ ରାତିରେ ଧର୍ମବିହାରସ୍ଥିତ ଗେଷ୍ଟ ହାଉସ୍‌ରେ ରଖିଥିଲେ। ସେହି ରାତିରେ ତାଙ୍କର ରହସ୍ୟଜନକ ମୃତ୍ୟୁ ଘଟିଥିଲା। ୨୭ ତାରିଖ ସକାଳେ ରାକେଶ ଓ ସହଯୋଗୀ ଶକ୍ତିଶେଖର ମୃତଦେହକୁ ସ୍କୁଟିରେ ନେଇ ଯାଜପୁର ଜିଲା କୁଆଖିଆ ନିକଟ ମୂଳାପାଳରେ ଫିଙ୍ଗି ଫେରାର ହୋଇଯାଇଥିଲେ।

# ବଟାନିକାଲ ଗାର୍ଡେନରେ ନିଆଁ



ବଟାନିକାଲ ଗାର୍ଡେନରେ ଲାଗିଯାଇଥିବା ନିଆଁ ।

**ଜଳିଗଲା ୪ ହେକ୍ଟର ଜଙ୍ଗଲ**

ବାରଙ୍ଗ,୧୪।୨(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ରବିବାର ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିବାବେଳେ ପାର୍ଶ୍ୱରେ ଥିବା ବଟାନିକାଲ ଗାର୍ଡେନରେ ଅପରାହ୍ନରେ ନିଆଁ ଲାଗିଯାଇଥିଲା । ନିଆଁର ପ୍ରକୋପ ବଢ଼ି ଚାଲିଥିବାରୁ ପ୍ରାୟ ୪ ହେକ୍ଟର ପରିମିତ ଜଙ୍ଗଲ ଜଳିଯାଇଛି। ଖବରପାଇ ବାରଙ୍ଗ ଓ ଚନ୍ଦ୍ରଶେଖରପୁରରୁ ୩ଟି ଦମକଳ ଆସିଥିଲେ ମଧ୍ୟ ନିଆଁ ଅଧିକ ସ୍ଥାନକୁ ବ୍ୟାପିଯାଇଥିବାରୁ ଆୟତ୍ତ କରିବାରେ କଷ୍ଟସାଧ ହୋଇଥିଲା। ସୂଚନା ଅନୁଯାୟୀ, ରବିବାର ନନ୍ଦନକାନନରେ ପର୍ଯ୍ୟଟକ ସଂଖ୍ୟା ବଢୁଥିବାବେଳେ ବଟାନିକାଲ ଗାର୍ଡେନରେ ମଧ୍ୟ ଭୋଜି କରିବା ପାଇଁ ପର୍ଯ୍ୟଟକମାନଙ୍କର ଭିଡ଼ ଜମୁଥିଲା। ତେବେ ଅପରାହ୍ନ ସମୟରେ ଶାଗୁଣା ପ୍ରଜନନ କେନ୍ଦ୍ର ପଛପଟ ଓ ବାରଙ୍ଗ - ଚନ୍ଦକା ମୁଖ୍ୟ ରାସ୍ତାଠାରୁ ଅଳ୍ପ ଦୂରରେ ହଠାତ୍ ନିଆଁ ଜଳୁଥିବାର କେତେଜଣ ପର୍ଯ୍ୟଟକ ଦେଖିଥିଲେ। ପରେ ନନ୍ଦନକାନନ କର୍ତ୍ତୃପକ୍ଷ ଜାଣି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ଆସି ଦୀର୍ଘ ୪ଘଣ୍ଟା ଧରି ପରିଶ୍ରମ କରିବା ପରେ ଆୟତ୍ତ କରିପାରିଥିଲେ। ନିଆଁ ଲାଗିଥିବା ସ୍ଥାନରେ ବିଶେଷକରି ବେଶି ପରିମାଣର ବାଉଁଶ ଗଛ ରହିଥିଲା। ଜଙ୍ଗଲ ସବୁ ଶୁଖି ରହିଥିବାରୁ ନିଆଁ ଖୁବଶୀଘ୍ର ବ୍ୟାପିଯାଇଥିଲା। ତେବେ ବାଉଁଶ ଗଛ ସହ ଅନ୍ୟାନ୍ୟ ଗଛ ସବୁ ଜଳି ନଷ୍ଟ ହୋଇଯାଇଛି।ଏହାସହ ଏହି ଅଗ୍ନିକାଣ୍ଡରେ କୌଣସି ପର୍ଯ୍ୟଟକ ଓ ବନ୍ୟପ୍ରାଣୀଙ୍କ କ୍ଷତି ହୋଇ ନ ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଅନ୍ୟପଟେ ନିଆଁ ଲାଗିବାର ପ୍ରକୃତ କାରଣ ମଧ୍ୟ ଜଣାପଡ଼ି ନାହିଁ।




ପୁରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର 'ହୋପ୍ ଇଜ୍ ଲାଇଫ' ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଆ ପ୍ରାଣୀ ଚିକିତ୍ସକଙ୍କୁ ଇଏଫ୍‌ଆଇ ପ୍ରେସିଡେଣ୍ଟ ଭେଟ୍ କମିଶନ ଦାୟିତ୍ୱ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)



ଡା. ଶାଶ୍ୱତ ରାଉତ

ଇକ୍ୟୁଏଷ୍ଟ୍ରିଆନ ଫେଡେରେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ପକ୍ଷରୁ ଅହମ୍ମଦାବାଦଠାରେ ୧୫ରୁ ୧୭ ତାରିଖ ଯାଏ ଅଲ୍ ଇଣ୍ଡିଆ ଓପନ୍ ଏଣ୍ଡୁରାନ୍ସ ଚାମ୍ପିୟନଶିପ୍ (୪୦ ଓ ୮୦ କି.ମି.) ଅଶ୍ୱଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଇଭେଣ୍ଟରେ ଓଡ଼ିଶାର ପ୍ରାଣୀ ଚିକିତ୍ସକ ଡା. ଶାଶ୍ୱତ ରାଉତଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରେସିଡେଣ୍ଟ ଭେଟ୍ କମିଶନ ଦାୟିତ୍ୱ ମିଳିଛି। ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ଘୋଡ଼ାମାନଙ୍କର ଡା. ରାଉତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଫିଟ୍ ଘୋଷଣା କରିବେ।

ସୂଚନାଯୋଗ୍ୟ, ଏହି ପଦବୀ ପାଇଁ ୨ ବର୍ଷ ତଳେ ଶାଶ୍ୱତ ଅନ୍‌ଲାଇନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ପରୀକ୍ଷା ଅତ୍ୟନ୍ତ କଠିନ ହେବା ସହ ଘୋଡ଼ାଙ୍କର ଚିକିତ୍ସା ବିଷୟରେ ସବିଶେଷ ଜ୍ଞାନର ପରୀକ୍ଷା ହୋଇଥାଏ। ଯଦିଓ ଭାରତୀୟ ସେନାରେ ରିମାଉଣ୍ଟ ଆଣ୍ଡ୍ ଭେଟେରିନାରି କର୍ପସ୍‌ରେ କାର୍ଯ୍ୟରତ ଓଡ଼ିଆ ଅଧିକାରୀ ଆଗରୁ ଏହି ପରୀକ୍ଷାରେ ପାସ୍ କରି ପ୍ରେସିଡେଣ୍ଟ ଭେଟ୍ କମିଶନ ଦାୟିତ୍ୱ ନିର୍ବାହ କରିଛନ୍ତି, କିନ୍ତୁ ଜଣେ ସିଭିଲିଆନ ହିସାବରେ ଏହି ଦାୟିତ୍ୱ ପାଇବାରେ ଡା. ଶାଶ୍ୱତ ପ୍ରଥମ ଓଡ଼ିଆ ପ୍ରାଣୀ ଚିକିତ୍ସକ। ଡା. ଶାଶ୍ୱତ ଏବେ ଯାଜପୁର ଜିଲାର ବଡ଼ଚଣାରେ ଆଡ଼ିଶନାଲ ଭିଏସ୍ ଭାବେ କାର୍ଯ୍ୟ କରୁଛନ୍ତି। ୨୦୦୨ରେ ଓୟୁଏଟି ଭେଟେରିନାରି କଲେଜରୁ ପ୍ରାଣୀ ଚିକିତ୍ସାରେ ସ୍ନାତକ ଓ ୨୦୧୩ରେ ଇନ୍ ସର୍ଭିସ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

ଡା. ଶାଶ୍ୱତ ମଧ୍ୟ ଜଣେ ଉଚ୍ଚକୋଟୀର ଅଶ୍ୱାରୋହୀ ଥିଲେ। ୨୦୦୨ ଓ ୨୦୦୩ ଆର୍‌ଡିସି କ୍ୟାମ୍ପରେ ପ୍ରଥମ ଓଡ଼ିଶା ଘୋଡ଼ା ସବାର ବାହିନୀ ତରଫରୁ ଭାଗ ନେଇ ଲଗାତାର ୨ ବର୍ଷ ପାଇଁ ବେଷ୍ଟ ରାଇଡର ଟ୍ରଫି ଜିତିଥିଲେ। ଖାଲି ସେତିକି ନୁହେଁ, ୨୦୦୪ରେ ପୁଣେରେ ଅନୁଷ୍ଠିତ ନ୍ୟାଶନାଲ ଇକ୍ୟୁଷ୍ଟ୍ରିଆନ ଚାମ୍ପିୟନଶିପ୍‌ରେ କ୍ୟାଡେଟ୍ ଶୋ ଜମ୍ପିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ପ୍ରତି ବ୍ଲକରେ ସ୍ଥାପନ ହେବ କମ୍ୟୁନିଟି ରେଡିଓ

ଭୁବନେଶ୍ୱର,୧୪।୨(ବ୍ୟୁରୋ)




ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିମାନେ ।

ଓଡ଼ିଶା କମ୍ୟୁନିଟି ରେଡିଓ ମହାସଂଘ ତରଫରୁ ଇମେଜ୍‌ଠାରେ ଦୁଇଦିନ ଧରି ଚାଲିଥିବା ବିଶ୍ୱ ରେଡିଓ ଦିବସ ସମାରୋହ ଓ ରେଡିଓ କନକ୍ଲେଭ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୧୭ ଗୋଷ୍ଠୀ ବେତାର କେନ୍ଦ୍ରରୁ ୧୦୦ରୁ ଅଧିକ ରେଡିଓ ପ୍ରସାରକ, ଉପସ୍ଥାପିକା, ଉପସ୍ଥାପକ, ସାମାଜିକକର୍ମୀ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ମୁଖ୍ୟସ୍ରୋତ ଗଣମାଧ୍ୟମ ଉପରେ ସାଧାରଣ ଲୋକଙ୍କର ବିଶ୍ୱସନୀୟତା କମିବାରେ ଲାଗିଛି ଓ ଅପରପକ୍ଷରେ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ସୂଚନା ସାଧାରଣ ଲୋକଙ୍କୁ ବ୍ୟଥିତ କରୁଛି। ଏ ପରିସ୍ଥିତିରେ ଗୋଷ୍ଠୀଭିତ୍ତିକ ଗଣମାଧ୍ୟମ ହିସାବରେ କମ୍ୟୁନିଟି ରେଡିଓ ନିଜର ସ୍ଥିତିକୁ ଜାହିର କରି ଅପହଞ୍ଚ ଇଲାକାର ସାଧାରଣ ଲୋକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ଓଡ଼ିଶାରେ ବର୍ତ୍ତମାନ ୧୯ କମ୍ୟୁନିଟି ରେଡିଓ କାର୍ଯ୍ୟକ୍ଷମ ରହିଛି। ଆଗାମୀ ଦିନରେ ଓଡ଼ିଶାର ପ୍ରତି ବ୍ଲକରେ ସ୍ଥାନୀୟ ସଙ୍ଗଠନଗୁଡ଼ିକ ଦ୍ୱାରା କମ୍ୟୁନିଟି ରେଡିଓ ସ୍ଥାପନ କରାଯିବ। 'ମିଶନ୍ ସି.ଆର୍ ୩୧୪' ସଫଳ ହେବାକୁ ଯାଉଛି ବୋଲି କମ୍ୟୁନିଟି ରେଡିଓ ବିଶେଷଜ୍ଞ ଏନ୍.ଏ.ଶାହ ଅନ୍‌ସାରୀ କହିଛନ୍ତି।

ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ୟୁନିସେଫ୍ ଓଡ଼ିଶାର ମୁଖ୍ୟ ଡ.ମୋନିକା ନେଲସନ୍ କହିଛନ୍ତି, ଓଡ଼ିଶାର କମ୍ୟୁନିଟି ରେଡିଓ କୋଭିଡ-୧୯ ବିପର୍ଯ୍ୟୟ ସମୟରେ ବହୁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ରାଜ୍ୟ ତଥା ଜାତୀୟସ୍ତରରେ ପ୍ରଶଂସିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଡ. ଅମର ପଟ୍ଟନାୟକ କହିଛନ୍ତି, କେବଳ କମ୍ୟୁନିଟି ରେଡିଓ ହିଁ ସାଧାରଣ ଲୋକଙ୍କ ମନର କଥା ନିର୍ଭୀକ ଓ ନିରପେକ୍ଷ ଭାବରେ କହିପାରିବ। ଜନହିତକାରୀ ସୂଚନା ଅପହଞ୍ଚ ଇଲାକାର ଶେଷ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କମ୍ୟୁନିଟି ରେଡିଓ ହିଁ ଏକମାତ୍ର ମାଧ୍ୟମ। କମ୍ୟୁନିଟି ରେଡିଓର ସଂଖ୍ୟା ବୃଦ୍ଧି କରିବା,ଏଗୁଡ଼ିକୁ ସଶକ୍ତ ତଥା ସ୍ୱାବଲମ୍ବୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆଗକୁ ଆସିବା ଦରକାର ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମହାସଂଘ ସଭାପତି ଶିଶିର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ରାଜ୍ୟ କୃଷି ବିଭାଗର ଅତିରିକ୍ତ ସଚିବ ମନ୍ମଥ କୁମାର ପାଣୀ, ଇମେଜର ନିର୍ଦ୍ଦେଶକ ପ୍ରଦୀପ କୁମାର ରଥ, ରେଡିଓ ହୀରାଖଣ୍ଡର ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ପ୍ରଫେସର ନଳିନୀ ପାତ୍ର, ଆକ୍ସନ୍‌ଏଡ୍‌ର ଆଞ୍ଚଳିକ ସଂଯୋଜକ ଦେବବ୍ରତ ପାତ୍ର, ବି.ଏନ୍ ଦୁର୍ଗା ପ୍ରମୁଖ ବିଭିନ୍ନ ବିଷୟଭିତ୍ତିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରେଡିଓ ସ୍ୱରାଜର ଅଧ୍ୟକ୍ଷ ଏସ୍.ଏ.ସଫିକ୍ ଧନ୍ୟବାଦ ଦେଇଥିଲେ। ମହାସଂଘ ସମ୍ପାଦକ ଶେଖ୍ ମହମ୍ମଦ ନିୟାଜ୍, ରେଡିଓ ଗୁଞ୍ଜନର ନିର୍ଦ୍ଦେଶକ ନୀହାର ରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ହୋମିଓପାଥି ମେଡିକାଲ କଲେଜକୁ ସରକାରୀ ମାନ୍ୟତା ଦାବି

କଟକ ଅଫିସ, ୧୪।୨

କଟକ ହୋମିଓପାଥି ମେଡିକାଲ କଲେଜକୁ ସରକାରୀ ମାନ୍ୟତା ଦେବା ପାଇଁ କଟକର ମୁରବିମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆର୍‌ଡିସିଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ମୁରବିମାନେ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଦୀର୍ଘ ୩୯ ବର୍ଷ ଧରି ଉକ୍ତ ମେଡିକାଲ କଲେଜ କୌଣସି ଅନୁଦାନ ପାଇନାହିଁ। ଏଣୁ ଉକ୍ତ କଲେଜକୁ ସରକାରୀ ମାନ୍ୟତା ଦେବା ସମ୍ପର୍କିତ ଏକ ଫାଇଲ ପ୍ରସ୍ତୁତ କରି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ଆର୍‌ଡିସିଙ୍କୁ ଦାବିପତ୍ରରେ ନିବେଦନ କରାଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ବରିଷ୍ଠ ନାଗରିକ ମହାସଂଘ ସଭାପତି ଡା. କୃପାସିନ୍ଧୁ ପଣ୍ଡା, ସମ୍ପାଦକ ବିଷ୍ଣୁମୋହନ ସାମନ୍ତ ପ୍ରମୁଖ ଆର୍‌ଡିସିଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ପୁଲ୍‌ୱାମା ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୨(ବ୍ୟୁରୋ)

୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହି ଘଟଣାକୁ ୨ ବର୍ଷ ପୂରିଥିବାବେଳେ ଏହି ଦିନକୁ ଭାରତ କଳା ଦିବସ ଭାବେ ପାଳନ କରୁଛି। ରବିବାର ପୁଲ୍‌ୱାମା ବୀର ଶହୀଦଙ୍କୁ ବି ସାରା ଦେଶ ଝୁରିଥିଲା। ଓଡ଼ିଶାରେ ବିଭିନ୍ନ ସ୍ଥାନରେ କଳାଦିବସ ପାଳନ କରାଯିବା ସହ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଙ୍ଗଠନ ତରଫରୁ ଭୁବନେଶ୍ୱରଠାରେ ଶ୍ରଦ୍ଧାଞ୍ଜଳି ସଭା ସହ ତ୍ରିରଙ୍ଗା ଓ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଗାନ୍ଧୀ ମେମୋରିଆଲ ପାର୍କଠାରେ ଏକତ୍ରିତ ହୋଇ ମହମବତି ଶୋଭାଯାତ୍ରା କରିଥିଲେ। ଏଥିସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଟିମ୍ ଇନ୍‌ସାନିୟାତ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏବିଭିପି ପକ୍ଷରୁ ମଧ୍ୟ ରାମ ମନ୍ଦିର ସମ୍ମୁଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭାରତ ୧୦୦ ଆତଙ୍କବାଦୀଙ୍କ ମୁଣ୍ଡ ନେଇ ପୁଲ୍‌ୱାମା ଘଟଣାର ପ୍ରତିଶୋଧ ନେଉ ବୋଲି ସ୍ଲୋଗାନ ଦେଇଥିଲେ।

## ଫଟୋରେ ଖବର








ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନଙ୍କୁ ରବିବାର ଟିମ୍ ଇନ୍‌ସାନିୟାତ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ବାଣୀବିହାର ଛାତ୍ର ସଂଗଠନ ପକ୍ଷରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା। ଏବିଭିପି ପକ୍ଷରୁ ରାମମନ୍ଦିର ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

## ସଂକ୍ଷେପରେ

### ୫୨୨ ଜଣଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାରୁ ବାଦ

**ନାଉଗାଁ,୧୪।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକରେ ୮ ମାସ ମଧ୍ୟରେ ବିଭିନ୍ନ ପଞ୍ଚାୟତରୁ ୫୨୨ ଜଣଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାରୁ ବାଦ ଦିଆଯାଇଛି। ଏହି ଯୋଜନା ୨୦୧୫ରୁ କାର୍ଯ୍ୟକାରୀ ହୋଇଥିଲେ ହେଁ ଅନେକ ଯୋଗ୍ୟ ହିତାଧିକାରୀ ଏବେ ମଧ ବାଦ ପଡିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ କେତେଜଣ ଡିଲର ଚତୁରତାର ସହ ନାଉଗାଁ ପଞ୍ଚାୟତ ସମିତିସଭ୍ୟ ସଭାପତିଙ୍କ ଜାଲ ଦସ୍ତଖତ କରି ଏକ ଅଭିଯୋଗ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରିଥିଲେ। ଅଭିଯୋଗରେ ମୃତବ୍ୟକ୍ତିଙ୍କ ନାମ କଟାଯାଉ ନ ଥିବା ଦର୍ଶାଯାଇଥିଲା। ଜିଲାପାଳ ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଅଭିଯୋଗ ଭିତ୍ତିହୀନ ଓ ଏଭଳି ଅଭିଯୋଗ ଦିଆଯାଇ ନ ଥିବା ପଞ୍ଚାୟତ ସମିତି ସଭ୍ୟଙ୍କ ସଭାପତି ପଦ୍ମଚରଣ ରାଉତ ପ୍ରକାଶ କରିଛନ୍ତି। ସେହପରି ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ, ଉପାଧକ୍ଷା ମାମିନା ଦଳାଇ, ରୋହିଆ ସମିତି ସଭ୍ୟ ପଦ୍ମଚରଣ ରାଉତ, ଜାମୁଗାଁର ରୁଦ୍ର ପ୍ରସାଦ ପ୍ରଧାନ ସମେତ ୧୬ ପଞ୍ଚାୟତର ସମିତିସଭ୍ୟ ପତ୍ର ସଂଖ୍ୟା ୧୧୩/୧୮ ଜାନୁୟାରୀ ୨୦୨୧ ଜିଲାପାଳଙ୍କୁ ଏହି ଅଭିଯୋଗ ଭିତ୍ତିହୀନ ବୋଲି ଲିଖିତ ଭାବେ ପ୍ରଦାନ କରିଥିଲେ। ୮ ମାସ ମଧ୍ୟରେ ବିଭିନ୍ନ ପଞ୍ଚାୟତରୁ ମୃତବ୍ୟକ୍ତି ୨୩୬, ବିବାହିତ ୨୬୨ ଓ ମୃତ ହିତାଧିକାରୀଙ୍କ କାର୍ଡ ୨୪ ସମୁଦାୟ ୫୨୨ ଜଣ ହିତାଧିକାରୀ ବାଦ କରାଯାଇଛି। ଯୋଜନାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ସଂଯୋଗ କରାଯିବ ବୋଲି ଯୋଗାଣ ଅଧିକାରୀ ନିଳିମା ପ୍ରିୟଦର୍ଶୀନି ମହାନ୍ତି ପ୍ରକାଶ କରିଛନ୍ତି।

### ଅଟୋ ଧକ୍କାରେ ୨ ଗୁରୁତର

**ଜଗତ୍‌ସିଂହପୁର ଅଫିସ, ୧୪।୨:** ଜଗତ୍‌ସିଂହପୁର ଥାନା ଓରାଳି ଛକରେ ଡାଲା ଅଟୋ ଧକ୍କାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିରିଡ଼ି ଥାନା ପୁରଣ ଗ୍ରାମର ପପୁ ଭୋଇ ଓ ବିକାଶ ଭୋଇ। ଉଭୟେ ଗାଁକୁ ଫେରୁଥିବା ବେଳେ ଡାଲା ଅଟୋ ପିଟି ଦେଇ ପଳାଇଯାଇଥିଲା। ସେମାନଙ୍କୁ ଲୋକେ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

### ଶ୍ରୀଶନିଶ୍ଚର ଦେବଙ୍କ ୩ୟ ବାର୍ଷିକ ଉତ୍ସବ

**ଖଣ୍ଡପଡା,୧୪।୨(ସ୍ୱ.ପ୍ର):** କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ ପାର୍ଶ୍ୱରେ ଶ୍ରୀଶନିଶ୍ଚର ଦେବଙ୍କ ୪ର୍ଥ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରାପଦା ବଜାର କମିଟି ପକ୍ଷରୁ ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ମହିଳାପୁରୁଷ ମହାନଦୀ ଘାଟରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ ପରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ କୃଷ୍ଣେଶ୍ୱର ପାଟଣା ଓ ଖୁଦବେହେରା ପାଟଣାର ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ କରାଯାଇଥିଲା।

# ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା

**ନୟାଗଡ଼ ଅଫିସ,୧୪।୨**

**ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ର ଉପରେ ଲଗାମ ନାହିଁ**

ନୟାଗଡ ଜିଲାର ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରଗୁଡ଼ିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ମାନୁନାହାନ୍ତି। ଯିଏ ଯେଉଁଠି ପାଇଲା ସେଠାରେ ବର୍ଜ୍ୟବସ୍ତୁ ପକାଉଛନ୍ତି। ଏଥିପାଇଁ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ବର୍ଜ୍ୟବସ୍ତୁ ପରିଚାଳନାରେ ବ୍ୟତିକ୍ରମ ଦେଖାଦେଇଛି।

ନୟାଗଡ ଜିଲାରେ ୨୮ ଘରୋଇ ଚିକିତ୍ସାଳୟ ଓ ଦେଢ଼ ଶହରୁ ଊର୍ଦ୍ଧ୍ୱ ନିଦାନ କେନ୍ଦ୍ର ରହିଛି। ଏହି ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରଗୁଡିକ ସରକାରୀ ନିର୍ଦ୍ଦେଶକୁ ମାନୁ ନାହାନ୍ତି । ପ୍ରତିଦିନ ଉପରୋକ୍ତ ଘରୋଇ ଅନୁଷ୍ଠାନରୁ ବିଭିନ୍ନ ପ୍ରକାର ବାର୍ଜ୍ୟବସ୍ତୁ ବାହାରୁଛି । ସେଗୁଡିକୁ ଶୃଙ୍ଖଳିତ ଭାବେ ନିଷ୍କାସନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ହେଲେ ହାତଗଣତି କୋଡୋଟି ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରକୁ ଛାଡି ଦେଲେ ଅନ୍ୟମାନେ ପ୍ରଶାସନର ନିର୍ଦ୍ଦେଶକୁ ଫୁ କରି ଦେଇଛନ୍ତି । ଏହାପରେ ବି ନିୟମ ଉଲ୍ଲଂଘନ କରୁଥିବା ଚିକିତ୍ସାଳୟ ଓ ନିଦାନ କେନ୍ଦ୍ର ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେମାନଙ୍କ ମନମାନି ଓ ଅବ୍ୟବସ୍ଥାର ତଦନ୍ତ ହେଉନାହିଁ।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ୨୦୨୦ ଫେବୃୟାରୀ ୬ରେ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ର ଉପରେ ଲଗାମ ଲଗାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ବୈଠକରେ ଜିଲାପାଳଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ଘରୋଇ ଚିକିତ୍ସାଳୟର ମାଲିକମାନେ ବିଭିନ୍ନ ଅସ୍ତ୍ରୋପଚାର ସମୟରେ ଆବେଦନ ପତ୍ରରେ ଉଲ୍ଲେଖ ଥିବା ନିଶ୍ଚେତକ ଡାକ୍ତର, ସ୍ତ୍ରୀରୋଗ ବିଶେଷଜ୍ଞ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଦୈନିକ ଉପସ୍ଥାନ ବାୟୋମେଟ୍ରିକ ବ୍ୟବସ୍ଥା ମାଧ୍ୟମରେ ସୁନିଶ୍ଚିତ କରିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପ ହେଲେ ସେହି ଅନୁଷ୍ଠାନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସେହିପରି ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ବର୍ଜ୍ୟବସ୍ତୁ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ଅନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାସିକ ବିବରଣୀ ଠିକ୍ ସମୟରେ ପ୍ରଦାନ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ତତ୍କାଳୀନ ସିଡିଏମ୍‌ଓ ଶ୍ୱେତ କୁମାର ମହାପାତ୍ରଙ୍କ ଅବସର ପରେ ଜିଲାପାଳଙ୍କ ଏହି ନିର୍ଦ୍ଦେଶ ଶୀତଳଭଣ୍ଡାରରେ ପଡି ରହିଛି।

ଏ ନେଇ ଗଣିଆର ସୁଦାମ ପ୍ରଧାନ, ନୂଆଗାଁର ସୀତା ଦେଇ, ଦଶପଲ୍ଲାର ଭୀମ ନାୟକ, ନୟାଗଡର ଉଦ୍ଧବ ସ୍ୱାଇଁ, ଓଡଗାଁର କବି ସାହୁ, ରଣପୁରର ପଦିଆ ମହାନ୍ତି ପ୍ରମୁଖ କହିଛନ୍ତି, ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ଯୋଗାଇବାକୁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ହେଲେ ତାହା କାର୍ଯ୍ୟକାରୀ ହୋଇନାହିଁ। ରୋଗୀ ସରକାରୀ ଡାକ୍ତରଖାନା ପରି ଘରୋଇ ଚିକିତ୍ସାଳୟରେ ବି ଭଲ ସେବା ପାଉ ନାହାନ୍ତି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ପ୍ରାୟ ୧ବର୍ଷ ତଳେ ଜିଲା ପ୍ରଶାସନ ପକ୍ଷରୁ କ'ଣ ନିଷ୍ପତ୍ତି ହୋଇଥିଲା ମୁଁ ଜାଣିନାହିଁ। ତଥାପି ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରଗୁଡ଼ିକରେ ଚାଲିଥିବା ଅବ୍ୟବସ୍ଥା ସଂକ୍ରାନ୍ତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ତୋରଣକୁ ବିରୋଧ: ଏତଲା ଦେଲା କଂଗ୍ରେସ



ତୋରଣକୁ ବିରୋଧ କରି ଥାନାରେ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଉଛି।

**ପଟ୍ଟାମୁଣ୍ଡାଇ ୧୪।୨(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପୌରପରିଷଦ ଆରମ୍ଭରୁ ଏକ ତୋରଣ ନିର୍ମିତ କରାଯାଇ ସେଥିରେ ପ୍ଲମ୍ବିଂ ସହର ଭାବେ ନାମିତ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଥାନାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ କାର୍ଯ୍ୟକୁ ବିରୋଧ କରି ଥାନାରେ ଏତଲା ଦିଆଯାଇଛି। ଏଭଳି ସ୍ୱାଗତ ତୋରଣ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାସୀଙ୍କ ସମ୍ମାନ ଓ ସ୍ୱାଭିମାନ ପ୍ରତି କୁଠାରଘାତ କରିଛି। ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସ, ନଗର କଂଗ୍ରେସ କମିଟି ସଭାପତି ଅମୁଲ୍ୟ ପ୍ରଧାନ, ପୂର୍ବତନ ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ମଳୟ ଓଝା, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବିରଞ୍ଚି ନାରାୟଣ ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପଟ୍ଟାମୁଣ୍ଡାଇ ପୋଲିସ ଏତଲା ଗ୍ରହଣ କରିଥିବା ବେଳେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଆଇସି କହିଛନ୍ତି।

# ଖାଇବାକୁ ପାଉନାହାନ୍ତି ଶଯ୍ୟାଶାୟୀ ରଞ୍ଜିତ

**ଜଗତ୍‌ସିଂହପୁର ଅଫିସ, ୧୪।୨**


ଶଯ୍ୟାଶାୟୀ ରଞ୍ଜିତ ।

**କରୋନା ପ୍ରଭାବ**
- ମା'ଭିକ୍ଷା ମାଗି ଖାଉଛନ୍ତି
- ଲକ୍‌ଡାଉନ ବେଳେ କାମ ମିଳି ନ ଥିଲା

କରୋନା ସମୟରେ କାମ ନ ପାଇ ଚାପରେ ଶଯ୍ୟାଶାୟୀ ହୋଇଛନ୍ତି ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପଳାଶୋଳ ଗ୍ରାମର ରଞ୍ଜିତ ପଟ୍ଟନାୟକ (୩୫)। ଏବେ ସେ ଖାଇବାକୁ ପାଉନାହାନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ) ଶନିବାର ଏ ସମ୍ପର୍କରେ ସୂଚନା ପାଇ ୱାନ ଷ୍ଟପ୍ ସେଣ୍ଟର ସଖୀର କର୍ମଚାରୀଙ୍କୁ ସେଠାକୁ ପଠାଇଥିଲେ। ମାତ୍ର ସେମାନେ ପହଞ୍ଚିବା ପୂର୍ବରୁ ଗ୍ରାମର ଯୁବକମାନେ ସହାୟତାର ହାତ ବଢ଼ାଇଛନ୍ତି। ୧୦୮ ଆମ୍ବୁଲାନ୍ସ ସହାୟତାରେ ରଞ୍ଜିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ବାମ ହାତ ପାପୁଲିରେ ସୃଷ୍ଟି ହୋଇଥିବା କ୍ଷତ ଚିକିତ୍ସା ଅଭାବରୁ ବଢ଼ିଯାଇଛି। ଏନେଇ ତାଙ୍କୁ ହସ୍ପିଟାଲର ଶଲ୍ୟ ବିଭାଗରେ ରଖାଯାଇଛି ବୋଲି ଏଡିଏମ୍‌ଓ (ମେଡିକାଲ) ଡ.ଅଜୟ ସ୍ୱାଇଁ କହିଛନ୍ତି। ପଳାଶୋଳ ସରପଞ୍ଚ ଧରିତ୍ରୀ ବେହେରାଙ୍କ କହିବାନୁଯାୟୀ, ରଞ୍ଜିତଙ୍କ ବାପା ନ ଥିବା ବେଳେ ମା'ଗୁରି ଦେଇ (୭୦) ଗାଁ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ କାର୍ଯ୍ୟରେ ସହାୟତା କରୁଥିଲେ। ବଦଳରେ ତାଙ୍କୁ ଖାଦ୍ୟ ମିଳି ଯାଉଥିଲା। ଅପରପକ୍ଷେ ରଞ୍ଜିତ ବେଳେ ବେଳେ ଅନ୍ୟ ଲୋକଙ୍କ ଗାଡ଼ି ଚଳାଇ ଅଳ୍ପ କିଛି ଅର୍ଥ ରୋଜଗାର କରୁଥିଲେ। ମାତ୍ର ସେଥିରୁ ଅଧିକାଂଶ ଅର୍ଥ ସେ ନିଶାସେବନ କରି ଖର୍ଚ୍ଚ କରି ଦେଉଥିଲେ। ଉଭୟ ମା' ଓ ପୁଅ ଗାଁର ଜଣେ ବ୍ୟକ୍ତିଙ୍କ ଘରେ ରହୁଥିଲେ। ମାତ୍ର ଦେଢ଼ବର୍ଷ ହେବ ସେମାନେ ଏକ ପରିତ୍ୟକ୍ତ କ୍ଲବ ଘରେ ବସବାସ କରୁଛନ୍ତି। କରୋନା ସଂକ୍ରମଣ ସମୟରେ ଲକ୍‌ଡାଉନ୍ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହୋଇଯାଇଥିଲା। ଏହି ସମୟରେ କାମ ନ ପାଇ ରଞ୍ଜିତ ମଧ ଚାପଗ୍ରସ୍ତ ରହୁଥିଲେ। ହଠାତ୍ ସେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ହୋଇଯାଇଥିଲେ। ଘରେ ଉତ୍କଟ ଖାଦ୍ୟ ସମସ୍ୟା ଦେଖା ଦେଇଥିଲା। ଗୁରି ଏଣେତେଣେ ବୁଲି ଭିକ ମାଗି ଖାଉଛନ୍ତି। କିନ୍ତୁ ରଞ୍ଜିତ ଶଯ୍ୟାଶାୟୀ ହୋଇଯିବାରୁ ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଥିଲେ। କିଛି ଦିନ ଗାଁ ଲୋକେ ତାଙ୍କୁ ଖାଦ୍ୟ ଦେବା ପାଇଁ ବ୍ୟବସ୍ଥା କରିଥିଲେ। ମାତ୍ର ସେ ସୁସ୍ଥ ନ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଡିଏସ୍‌ଏସ୍‌ଓ ଶମ୍ଭୁନାଥ ରାଉତ କହିଛନ୍ତି, ରଞ୍ଜିତ ସୁସ୍ଥ ହେଲା ପରେ ତାଙ୍କୁ କି ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ସେ ନେଇ ଚିନ୍ତା କରାଯାଉଛି।

# ତେଲ ଟାଙ୍କି କର୍ମଚାରୀଙ୍କ ମାଡ଼ରେ ଗ୍ରାହକ ଗୁରୁତର

**ପାରାଦୀପ,୧୪।୨(ସ୍ୱ.ପ୍ର.):** ପାରାଦୀପ ଲକଥାନା ଦୋଛକିରେ ଥିବା ଏକ ତେଲଟାଙ୍କିରେ ଶୁକ୍ରବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ଘଟିଛି। ତେଲଟାଙ୍କିର କର୍ମଚାରୀଙ୍କ ମାଡ଼ରେ ଜଣେ ଗ୍ରାହକ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଜଣକ ହେଲେ ଶିଷ୍ୟ କାଣ୍ଡି। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କାଣ୍ଡି ଏକ ମଦ ଦୋକାନରେ ସେଲ୍‌ସ୍ ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ରାତିରେ ଦୋକାନ ବନ୍ଦ ହେବା ପରେ ଉକ୍ତ ଟାଙ୍କିକୁ ସେ ପେଟ୍ରୋଲ ପକାଇବା ପାଇଁ ଯାଇଥିଲେ। ସେଠାରେ ପ୍ଲାଷ୍ଟିକ ବୋତଲରେ ତେଲ ଦେବା ପାଇଁ କାଣ୍ଡି କହିବାରୁ ଟାଙ୍କି କର୍ମଚାରୀ ରତିକାନ୍ତ ବେହେରା ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ଘଟିଥିଲା। ଉଭୟ ପକ୍ଷର ଅଭିଯୋଗ କ୍ରମେ ପୋଲିସ ପକ୍ଷରୁ ମାମଲା (ନଂ.୪୧/୨୧ ଓ ୪୨/୨୧)ରୁଜୁ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିଲା।

# ଆଳି ଧୋୟାଞ୍ଚଳରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି

**ଆଳି,୧୪।୨(ଡି.ଏନ.ଏ.)**

ଆଳି ବ୍ଲକ ସଦର ମହକୁମାଠାରୁ ଧୋୟାଞ୍ଚଳର ଶେଷ ଗ୍ରାମ ମୋହନପୁର, ଗଣେଶ୍ୱରପୁର ଦୂରତା ୨୫ କି.ମି.। ଧୋୟାଞ୍ଚଳରେ ଏବେ ସମୁଦାୟ ୧୧ ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଯୋଗାଯୋଗର ସୁବିଧା ଥିଲେ ମଧ ଦମକଳ କେନ୍ଦ୍ରଟିଏ ନ ଥିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଘରେ ନିଆଁ ଲାଗିଲେ ସେଠାରେ ଦମକଳ ଗାଡି ପହଞ୍ଚିଲା ବେଳକୁ ସବୁ ଜଳି ପାଉଁଶ ହୋଇଯାଉଛି। ସମ୍ପ୍ରତି ଧୋୟାଞ୍ଚଳର ଏରଡଙ୍ଗ ଗାଁରେ ବିଜୟ ସେଠୀଙ୍କ ଘରେ ନିଆଁଲାଗି ୨ ବଖରା ଜଳିଯାଇଛି। ଆଳିରୁ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରି ନେଇଥିଲେ। ସେହିପରି ପେଡପଡା ଗାଁର ପରେଶ ଦାସ ଓ ବିମ୍ବେଶ ଦାସଙ୍କ ଘରେ ନିଆଁ ଲାଗି ୬ ବଖରା ପୋଡି ଯାଇଥିଲା। ଉଭୟ ପରିବାର କେବଳ ପିନ୍ଧାବସ୍ତ୍ର ବ୍ୟତୀତ ଅନ୍ୟ କିଛି ଉଦ୍ଧାର କରିପାରି ନ ଥିଲେ। ଅଞ୍ଚଳରେ ନିଆଁ ଲାଗିଲେ ଆଳି କିମ୍ବା ବିଞ୍ଝାରପୁର ଦମକଳ କେନ୍ଦ୍ରକୁ ଫୋନ କରିବାକୁ ପଡିଥାଏ। ଆଳି ଦମକଳ କେନ୍ଦ୍ରରୁ ଧୋୟାଞ୍ଚଳର ଦୂରତା ୨୫ କି.ମି. ହୋଇଥିବା ବେଳେ ବିଞ୍ଝାରପୁର ଦମକଳ କେନ୍ଦ୍ରର ଦୂରତା ପ୍ରାୟ ୧୨ କି.ମି.। ତେଣୁ ଏହି ଦୁଇ ସ୍ଥାନରୁ ଦମକଳ ଗାଡ଼ି ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚିବା ବେଳକୁ ଅନେକ ଡେରି ହୋଇଯାଉଛି। ଗ୍ରୀଷ୍ମ ଋତୁରେ ଗଡିଆ, ପୋଖରୀ ଶୁଖି ଯାଉଥିବା ବେଳେ ନିଆଁ ଲାଗିଲେ ଲୋକେ ପାରମ୍ପରିକ ପଦ୍ଧତିରେ ଲିଭାଇ ପାରନ୍ତି ନାହିଁ। ତେଣୁ ଆଳି ଧୋୟାଞ୍ଚଳର ଗୋବିନ୍ଦପୁର କିମ୍ବା ମାହାରାକୂଳଠାରେ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା କରାଗଲେ ଲୋକେ ନିଆଁ ପ୍ରକୋପରୁ ଧନଜୀବନ ରକ୍ଷା ପାଆନ୍ତା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଧୋୟାଞ୍ଚଳରେ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ଭୀଷ୍ମ ମହାନ୍ତି, ପ୍ରଦ୍ୟୁମ୍ନ ଦାଶ, ୧ ନଂ. ଜୋନ ଜିଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ, ଆଳି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି କେଦାରନାଥ ବେହେରା, ରଶ୍ମିତା ଜେନା, ପୁରୁଷୋତ୍ତମ ପଲାଇ, ସ୍ୱପ୍ନାରାଣୀ ନାୟକ, ମମତା ଭୂୟାଁ ପ୍ରମୁଖ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ଗଠିତ, କର୍ମକର୍ତ୍ତା ଚୟନ

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳକୁ ନେଇ ଏକ ମଣ୍ଡପରେ ରବିବାର ବ୍ଲକସ୍ତରୀୟ ସାମନ୍ତ ଚନ୍ଦ୍ର ଶେଖର ବରିଷ୍ଠ ନାଗରିକ ମଞ୍ଚ ଗଠନ ସହ ଏହାର କର୍ମକର୍ତ୍ତା ଚୟନ କରାଯାଇଛି। କଣ୍ଟିଲୋ ମହାନଦୀ ବରିଷ୍ଠ ନାଗରିକ ସଂଘ ସଭାପତି ଅଖିଳ ମହାରଣାଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା। ଖଣ୍ଡପଡା ବ୍ଲକ ଓ ଏନ୍‌ଏସି ସମେତ ବିଭିନ୍ନ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସମସ୍ତ ଅନୁଷ୍ଠାନକୁ ମିଶାଇ ଗୋଟିଏ ସଙ୍ଗଠନ କରାଯାଇ ଏହାକୁ ପଞ୍ଜୀକରଣ କରି ସରକାରଙ୍କ ପାଖରେ ବିଭିନ୍ନ ଦାବି ଉପସ୍ଥାପନ କରାଗଲେ ସଫଳ ମିଳିବ ବୋଲି ସଭାପତି ମହାରଣା କହିଥିଲେ। ବୈଠକରେ ଖଣ୍ଡପଡା ନାଗରିକ ମଞ୍ଚର ସଭାପତି ରାମଚନ୍ଦ୍ର ମହାପାତ୍ର, ବାସୁଦେବ ରଥ, ପ୍ରଭାକର ଶିରୋମଣି ଓ ଈଶ୍ୱର ଚନ୍ଦ୍ର ମିଶ୍ର ଯୋଗଦେଇ ସଙ୍ଗଠନର ଆଭିମୁଖ୍ୟ ସହ ଏହାର ଆଗାମୀ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ ମଞ୍ଚ ଲାଗି ୨୫ ଜଣିଆ କମିଟି ଗଠନ ସହ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଖଣ୍ଡପଡା ବ୍ଲକର ସବୁ ପଞ୍ଚାୟତରୁ ୨ ଜଣ ଲେଖାଏ ବରିଷ୍ଠ ନାଗରିକଙ୍କୁ କମିଟି ସଭ୍ୟ ଭାବେ ଗ୍ରହଣ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

# ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି: ନର୍ଥ ଜୋନ ବିଜୟୀ

**ରାଜନଗର, ୧୪।୨(ଡି.ଏନ.ଏ.)**

ରାଜନଗର ବ୍ଲକ ବଡପଲ୍ଲୀ ମିନିଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ପ୍ରଦର୍ଶନୀ ମ୍ୟାଚରେ ସାଉଥ ଜୋନକୁ ହରାଇ ନର୍ଥ ଜୋନ ବିଜୟୀ ହୋଇଛି। ନର୍ଥ ଜୋନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା। ସାଉଥ୍ ଜୋନ ନିର୍ଦ୍ଧାରିତ ଓଭରରେ ୧୦ ଉଇକେଟ ହରାଇ ୧୫୬ ରନ କରିଥିଲା। ଅଭିମନ୍ୟୁ ପ୍ରତିହାରୀ, ଶ୍ରୀନିବାସ ବଳ, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନର୍ଥ ଜୋନର ଚିତ୍ତରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।

# 'ପ୍ରସନ୍ନଙ୍କ ତ୍ୟାଗ, ବଳିଦାନକୁ ମାଟି ମନେରଖିବ'

**ନାଉଗାଁ,୧୪।୨(ସ୍ୱ.ପ୍ର.)**

**ଫୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କ ୨ୟ ଶ୍ରାଦ୍ଧ ବାର୍ଷିକୀ**

ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ପାରିଶିଖର ଗ୍ରାମରେ ରବିବାର ଶହୀଦ ପ୍ରସନ୍ନ ସାହୁଙ୍କ ୨ୟ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ସେ ୧୪ ଫେବୃୟାରୀ ୨୦୧୯ରେ ଫୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିଲେ। ତାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶହୀଦ ପ୍ରସନ୍ନ ସାହୁ ସ୍ମୃତି ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସୁଜିତ ମଲିକ, ଜୀବନ ବିନ୍ଧୁ ଜିଲା ସଂଯୋଜକ ମଧୁ ସାହୁ, ସାମାଜିକ କର୍ମୀ ଦିଲୀପ ଲେଙ୍କା, ସାମାଜିକ କର୍ମୀ ତରୁଣ କାନ୍ତ ବାରିକ ଓ ଶିଖର ସରପଞ୍ଚ ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ଏଥିରେ ଉପଜିଲାପାଳ ଧର୍ମାନନ୍ଦ ମଲିକ ଯୋଗଦେଇ କହିଥିଲେ, ଏହି ମାଟି ହେଉଛି ବୀର ମାଟି। ଏଠାରେ ପ୍ରସନ୍ନ ସାହୁଙ୍କ ପରି ବୀର ଯବାନ ଜନ୍ମ ନେଇଛନ୍ତି। ତାଙ୍କ ତ୍ୟାଗ ଓ ବଳିଦାନକୁ ଏହି ମାଟି ସବୁଦିନ ମନେ ରଖିବ। କାର୍ଯ୍ୟକ୍ରମରେ ସରପଞ୍ଚ ଅକ୍ଷୟ ଜେନା ଯୋଗଦେଇ ଏହି ଗ୍ରାମକୁ ଆଦର୍ଶ ଗ୍ରାମ ଓ ଗାଁ ବିଦ୍ୟାଳୟକୁ ଶହୀଦ ପ୍ରସନ୍ନଙ୍କ ନାମରେ ନାମିତ କରିବା ପାଇଁ ଦାବି କରିଥିଲେ। ସେହିପରି ବିଜେଡି ପକ୍ଷରୁ ଏହି ପଞ୍ଚାୟତର ଅଲେଖ ମଠରେ ଶହୀଦ ପ୍ରସନ୍ନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚାୟତ ବିଜେଡି ସଭାପତି ଶୁଭ୍ରଜିତ୍ ଜେନା, ପୂର୍ବତନ ସଭାପତି ଗିରିଧାରୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅଭୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଯନ୍ତ୍ରୀ ନ ରହି କାର୍ଯ୍ୟ ତଦାରଖ କରୁଛନ୍ତି ଖଲାସୀ

**ନାଉଗାଁ,୧୪।୨(ସ୍ୱ.ପ୍ର.)**


ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କରାଯାଉଛି।

- ପୂର୍ତ୍ତ ବିଭାଗ ପକ୍ଷରୁ ଚାଲୁଛି କାମ
- ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମ୍ନମାନର

ନାଉଗାଁ ବ୍ଲକରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଜାମୁଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତାପ ମିଶ୍ର ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଜଗତ୍‌ସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ବେଳେ ଖଲାସୀ କାର୍ଯ୍ୟ ତଦାରଖ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ନାଉଗାଁ ବ୍ଲକ ଛକରୁ କଣ୍ଟୁଣିଆହାଟ ୧୫ କିମି, ନାଉଗାଁରୁ ଅରଖକୁଦ ୫ କିମି, କୋକିଡ଼ିହରୁ ତେଲସରା ୧୧ କିଲୋମିଟର, ଅଲଣାହାଟରୁ କୁଣ୍ଡେଶ୍ୱର ୪ କିଲୋମିଟର ରାସ୍ତା ସମ୍ପ୍ରସାରଣ କରାଯାଉଛି। ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ଏସବୁ ରାସ୍ତାର ଉଭୟ ପାର୍ଶ୍ୱକୁ ୧ ମିଟର ଲେଖାଏ ଚଉଡ଼ା କରାଯିବ। ଉକ୍ତ ୧ ମିଟରକୁ ୧୬ ଇଞ୍ଚ ଗଭୀର କରାଯିବ। ସେଠାରେ ୬ ଇଞ୍ଚ ବାଲି, ୪ ଇଞ୍ଚ ମେଟାଲ ଓ ୬ ଇଞ୍ଚ ଚିପସ ପକାଯାଇ କଂକ୍ରିଟ କରାଯିବ। ପ୍ରଥମେ ବାଲି ଫିଲିଂ କରାଯାଇ ପାଣି ଭର୍ତ୍ତି କରାଯିବ। ପାଣି ଫିଲିଂ ପରେ ୬ ଇଞ୍ଚ ବାଲି ରହିଲେ ତା'ଉପରେ ମେଟାଲ ପକାଯିବ। ଉକ୍ତ ମେଟାଲ କ୍ରଶର ମେଟାଲ ହୋଇଥିବା ଆବଶ୍ୟକ।

କିନ୍ତୁ ଠିକାଦାର ଏହାକୁ ୧୨ ଇଞ୍ଚ ଗଭୀର କରୁଥିବା ବେଳେ ସେଠାରେ ବଡ଼ ବଡ଼ ମେଟାଲ ପକାଯାଉଛି। ସେହିପରି ନାମକୁ ମାତ୍ର ବାଲିରେ ପାଣି ପକାଯାଉଛି। ଏହାଛଡ଼ା କେବଳ ୩ ଇଞ୍ଚର ଚିପ୍‌ସ ଓ ବାଲି ପକାଯାଉଛି। ନିମ୍ନମାନର ରାସ୍ତାକାମ ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ମିଶ୍ର ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମସ୍ତ ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀ ରମେଶ ମିଶ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସରକାରୀ ନିୟମାନୁସାରେ କାର୍ଯ୍ୟ ଚାଲୁ ରହିଛି। ଏକ ସମୟରେ ସବୁଆଡେ ରାସ୍ତା ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଚାଲିଛି। ଏହି ସମୟରେ ସେ ନିଜେ ଉପସ୍ଥିତ ରହି ଭାଗ ମାପ ତଦାରଖ କରୁଛନ୍ତି।

# ଆବର୍ଜନାରେ ପୋତି ହେଲାଣି ପୋଖରୀ

**ପଟ୍ଟାମୁଣ୍ଡାଇ, ୧୪।୨(ସ୍ୱ.ପ୍ର.)**

**ପଟ୍ଟାମୁଣ୍ଡାଇ ପୌରାଞ୍ଚଳବାସୀ**


ପଟ୍ଟାମୁଣ୍ଡାଇ କଚେରି ପୋଖରୀ ଆବର୍ଜନାରେ ପୋତି ହୋଇ ଗଲାଣି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଜବରଦଖଲ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରାୟ ୧୦୦ବର୍ଷରୁ ଊର୍ଦ୍ଧ୍ୱ କଚେରୀ ପୋଖରୀ ପୋତି ହୋଇଗଲାଣି। ନାଳ, ଖାଲଖମା ସବୁ ଅଳିଆ ଆବର୍ଜନାରେ ଭରି ରହିଛି। ପୂତି ଗନ୍ଧମୟ ପରିବେଶରେ ମଶାଙ୍କ ଉପଦ୍ରବ ବଢିବାରେ ଲାଗିଛି। ସହରର ବିକାଶ ପାଇଁ ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ବିକାଶ ପ୍ରତି ଲୋକ ପ୍ରତିନିଧି ଧ୍ୟାନ ଦେଇଥାନ୍ତି। ୧ବର୍ଷ ପୂର୍ବେ ପୌର ପରିଷଦ ଭାଙ୍ଗିଥିଲେ ମଧ ଅଦ୍ୟାବଧି ନିର୍ବାଚନ ହୋଇନାହିଁ। ଫଳରେ ଲୋକେ ସ୍ଥାନୀୟ ସମସ୍ୟା ନେଇ ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀଙ୍କ ସାକ୍ଷାତ ପାଉନାହାନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ପୌରାଞ୍ଚଳରେ ୨୦ଟି ୱାର୍ଡରେ ପୋଖରୀ ଥିଲେ ମଧ ଏହା ଦଳ ଅଳିଆରେ ପରିପୂର୍ଣ୍ଣ ହୋଇ ରହିଛି। ନିକଟସ୍ଥ ପୁରୁଣା ଗୋବରୀ ନଦୀ ଏବେ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରୀ ଓ ନାଳର ପୁନରୁଦ୍ଧାର ହୋଇପାରନ୍ତା। ମାତ୍ର ପ୍ରଶାସନିକ ଅବହେଳା ଯୋଗୁ ଏହା ହୋଇପାରୁନାହିଁ ବୋଲି ଆଇନଜୀବୀ ପଣ୍ଡା କହିଛନ୍ତି। ସରକାର ଯେଉଁ ଉନ୍ନୟନ ବ୍ୟବସ୍ଥା କରୁଛନ୍ତି ତାହା ତଳସ୍ତରରେ କାର୍ଯ୍ୟକାରୀ ହେଉ ନାହିଁ। ଦୀର୍ଘବର୍ଷ ଧରି ଉଠା ଦୋକାନୀଙ୍କ ସମସ୍ୟା ଲାଗି ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା, ପୌରାଞ୍ଚଳର ବିଭିନ୍ନ ୱାର୍ଡ ରାସ୍ତା ଶୋଚନୀୟ ହୋଇପାଡିଛି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି। ପଟ୍ଟାମୁଣ୍ଡାଇ ନୂତନ ବାଇପାସଠାରୁ ଡାକବଙ୍ଗଳା ପର୍ଯ୍ୟନ୍ତ ୧ କିମି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ଏହା ନିମ୍ନମାନର ବୋଲି ବେଲତଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଏହାର ସମାଧାନ ପାଇଁ ବେଲତଳ ଗ୍ରାମବାସୀଙ୍କ ସହ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମୀୟ ରଞ୍ଜନ ସିହ୍ନା ବୈଠକ କରିବେ ବୋଲି ଜଣାପଡିଛି। ବିଭାଗୀୟ କର୍ତ୍ତୃପକ୍ଷମାନେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପୌରାଞ୍ଚଳବାସୀ ଦାବି କରିଛନ୍ତି।

# କ୍ୱାର୍ଟରରେ ସେରେନା, ହାଲେପ, ଓସାକା

ମେଲବୋର୍ନ,୧୪।୨

ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟ ରବିବାର ସପ୍ତମ ଦିବସରେ ପ୍ରବେଶ କରିଛି। ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଦଶମ ସିଡ୍ ଅମେରିକାର ଅଭିଜ୍ଞ ଖେଳାଳି ସେରେନା ୱିଲିୟମ୍ସ, ଦ୍ୱିତୀୟ ସିଡ୍ ରୋମାନିଆର ସିମୋନା ହାଲେପ, ତୃତୀୟ ସିଡ୍ ଜାପାନର ନାଓମି ଓସାକା ଓ ଅଣସିଡ୍ ଚାଇନିଜ ତାଇପେ ଖେଳାଳି ସି- ୱେଇ ସିଏ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

**ଅଷ୍ଟ୍ରେଲିଆନ ଓପନ୍**

କ୍ୱାର୍ଟର ଫାଇନାଲରେ ସେରେନା ଓ ହାଲେପ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ରବିବାର ୩୯ ବର୍ଷୀୟ ସେରେନା ଚତୁର୍ଥ ରାଉଣ୍ଡ ମୁକାବିଲାରେ ବେଲାରୁଷର ସପ୍ତମ ସିଡ୍ ଖେଳାଳି ଅରିନା ସାବାଲେଙ୍କାଙ୍କୁ ୬-୪, ୨-୬, ୬-୪ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଆଉ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଲେ ସେରେନା ମୋଟ୍ ୨୪ଟି ଟାଇଟଲ ସହ ବିଶ୍ୱ ରେକର୍ଡର ସମକକ୍ଷ ହେବେ। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ହାଲେପ ୩-୬, ୬-୧, ୬-୪ ସେଟ୍‌ରେ ୧୫ତମ ସିଡ୍ ଖେଳାଳି ପୋଲାଣ୍ଡ ଆଇଗା ସ୍ୱିଟେକଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ୧୯ ବର୍ଷୀୟ ସ୍ୱିଟେକ ଗତବର୍ଷ ଫ୍ରେଞ୍ଚ ଓପନ୍ ଟାଇଟଲ ହାସଲ କରିଥିଲେ। ହାଲେପ୍ ପୂର୍ବରୁ ୨୦୧୮ରେ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ପରାସ୍ତ ହୋଇଥିଲେ। ଗତବର୍ଷ ସେ ଏହି ଟୁର୍ନାମେଣ୍ଟର ସେମିଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ।

ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଓସାକା ଓ ସିଏ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି। ଓସାକା ଚତୁର୍ଥ ରାଉଣ୍ଡ ମୁକାବିଲାରେ ୧୪ତମ ସିଡ୍ ସ୍ପେନର ଅଭିଜ୍ଞ ଖେଳାଳି ଇନ୍‌ଫର୍ମ ଗାର୍ବାଇନ୍ ମୁଗୁରୁଜାଙ୍କୁ ୪-୬, ୬-୪, ୭-୫ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସିଏ ୧୯ତମ ସିଡ୍ ଖେଳାଳି ଚେକ ଗଣରାଜ୍ୟର ମାର୍କେଟା ଭୋଣ୍ଡ୍ରୋଉଶୋଭାଙ୍କୁ ୬-୪, ୬-୨ ସେଟ୍‌ରେ ଅତି ସହଜରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି।



ସେରେନା ୱିଲିୟମ୍ସ

## ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ଜୋକୋଭିଚ୍, ଜେଭେରେଭ, ଡିମିଟ୍ରୋଭ

ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସର୍ବିର ଅଭିଜ୍ଞ ଖେଳାଳି ଟପ୍ ସିଡ୍ ନୋଭାକ ଜୋକୋଭିଚ୍, ଜର୍ମାନୀର ଷଷ୍ଠ ସିଡ୍ ଖେଳାଳି ଆଲେକଜାଣ୍ଡାର ଜେଭେରେଭ, ୧୮ତମ ସିଡ୍ ଖେଳାଳି ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ, ରୁଷୀୟ କ୍ୱାଲିଫାୟର ଅସଲାନ କାରାସେଭ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଜେଭେରେଭ ୨୩ତମ ସିଡ୍ ଖେଳାଳି ସର୍ବିୟାର ଡୁସାନ ଲାଜୋଭିକଙ୍କୁ ୬-୪, ୭-୬, ୬-୩ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି। କ୍ୱାର୍ଟରରେ ଜେଭେରେଭ ଜୋକୋଭିଚ୍‌ଙ୍କୁ ଭେଟିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ୭-୬, ୪-୬, ୬-୧, ୬-୪ ସେଟ୍‌ରେ ୧୪ତମ ସିଡ୍ କାନାଡାର ମିଲୋସ ରାଓନିକଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଡିମିଟ୍ରୋଭ ଓ କାରାସେଭ ପରସ୍ପରକୁ ଭେଟିବେ। ରବିବାର ଅନୁଷ୍ଠିତ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଡିମିଟ୍ରୋଭ ତୃତୀୟ ସିଡ୍ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ୬-୪, ୬-୪, ୬-୦ ସେଟ୍‌ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିପରି କାରାସେଭ ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ୨୦ତମ ସିଡ୍ ଖେଳାଳି କାନାଡାର ଫେଲିକ୍ସ ଅଉଗେର- ଆଲଆଜିମଙ୍କୁ ମାରାଥନ ୩-୬, ୧-୬, ୬-୩, ୬-୩, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ଓଡ଼ିଶା-କର୍ନାଟକ ସେମିଫାଇନାଲ ଆଜି

ଭୁବନେଶ୍ୱର,୧୪।୨

ବେଙ୍ଗାଲୁରୁରେ ଚାଲିଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଜୟୀ ହେବା ସହ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ସଚିନ ତେନ୍ଦୁଲକର ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୮୯ ରନରେ ଝାଡଖଣ୍ଡକୁ ହରାଇ

**ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ**

ସେମି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ଝାଡଖଣ୍ଡ ପାଇଁ ୨୧୧ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ଓଡ଼ିଶା ତରଫରୁ ନକୁଳ ୮୧, ଲିଙ୍ଗରାଜ ୪୪, ଶୁଖରାମ ୨୮, ପଙ୍କଜ ୨୦ ଓ କାଳିଆ ୧୬ ରନ କରିଥିଲେ।

ଜବାବରେ ଝାଡଖଣ୍ଡ ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୨୨ ରନ କରି ଆତ୍ମସମର୍ପଣ କରିଥିଲା। ବୋଲିଂରେ ଓଡ଼ିଶା ତରଫରୁ ପଙ୍କଜ ଭୁଏ ୩, ତପନ ଗୌଡ଼ ୨ ଓ ସିଙ୍ଗରାଇ ମାଜି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଦମ୍‌ଦାର ପ୍ରଦର୍ଶନ ପାଇଁ ନକୁଳ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୋମବାର ଓଡ଼ିଶା ସେମିଫାଇନାଲରେ କର୍ନାଟକକୁ ଭେଟିବ। ସେହିପରି ଦ୍ୱିତୀୟ ସେମିରେ ହରିୟାଣା ଓ ଆନ୍ଧ୍ରପ୍ରଦେଶ ମୁହାଁମୁହିଁ ହେବେ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନକୁଳ।

# ନର୍ଥଇଷ୍ଟଠାରୁ ହାରିଲା ଓଡ଼ିଶା



ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଦଳର ଖେଳାଳି।

ଭାସ୍କୋ,୧୪।୨

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସିଠାରୁ ୩-୧ ଗୋଲରେ ଓଡ଼ିଶା ପରାସ୍ତ ହୋଇଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନର୍ଥଇଷ୍ଟ ପ୍ରଭାବ ବିସ୍ତାର କରି ଖେଳିଥିଲା। ବିଜୟୀ ଦଳ ତରଫରୁ ଲୁଇସ୍ ମାଚାଡୋ ଡବଲ୍ ଗୋଲ ସ୍କୋର କରିଥିଲେ। ସେ ୯ ଓ ୨୪ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଡେଶର୍ନ ବ୍ରାଉନ ୧୯ତମ ମିନିଟ୍‌ରେ ଗୋଲ ଦେଇ ନର୍ଥଇଷ୍ଟକୁ ୨-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ରେ ଓଡ଼ିଶା ତରଫରୁ ବ୍ରାଡ ଇନ୍‌ମ୍ୟାନ ଗୋଲ ଦେଇ ଦଳକୁ ମ୍ୟାଚ୍‌କୁ ଫେରାଇଥିଲେ ଓ ଦଳ ପାଇଁ ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ନର୍ଥଇଷ୍ଟ ମୋଟ ଉପରେ ୩-୧ ରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ଘଟଣା ବହୁଳ ହୋଇଥିଲା ଓ ଏକାଧିକ ନାଟକୀୟ ମୋଡ ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ତରଫରୁ ଗୋଲ ଦେବାକୁ ପ୍ରୟାସ କରାଯାଇଥିଲା। ସୁଯୋଗ ହାସଲ କରିଥିଲେ ମଧ୍ୟ କୌଣସ ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ଶେଷରେ ନର୍ଥଇଷ୍ଟ ବିଜୟୀ ହୋଇଥିଲା। ୮୫ତମ ମିନିଟ୍‌ରେ ବିଜୟୀ ଦଳର ଗୁରୁଜିନ୍ଦର କୁମାରଙ୍କୁ ରେଫରି ରେଡ୍ କାର୍ଡ ଦେଖାଇଥିଲେ।

ଏହି ବିଜୟ ସହ ନର୍ଥଇଷ୍ଟ ମୋଟ୍ ୧୭ଟି ମ୍ୟାଚ୍ ଖେଳି ୬ ବିଜୟ, ୮ ଡ୍ର ଓ ୩ ପରାଜୟ ସହ ୨୬ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନକୁ ଉଠି ପ୍ଲେ- ଅଫ୍

**ଶୀର୍ଷରେ ଏଟିକେ ମୋହନ ବାଗାନ**

ଖେଳିବା ଆଶା ଦୃଢ କରିଛି। ଗୋଆ ଓ ହାଇଦ୍ରାବାଦଠାରୁ ନର୍ଥଇଷ୍ଟ ଅଧିକ ଦୁଇ ପଏଣ୍ଟ ପାଇ ଦୌଡ଼ରେ ଆଗରେ ରହିଛି। ଅନ୍ୟପଟେ ଓଡ଼ିଶା ଏପର୍ଯ୍ୟନ୍ତ ୧୭ଟି ମ୍ୟାଚ୍ ଖେଳି ୧ ବିଜୟ, ୬ ଡ୍ର ଓ ୧୦ ପରାଜୟ ସହ ୯ ପଏଣ୍ଟ ପାଇ ତାଲିକାର ୧୧ତମ ତଥା ନିମ୍ନତମ ସ୍ଥାନରେ ରହିଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଏଟିକେ ମୋହନବାଗାନ ୧-୦ ଗୋଲ୍‌ରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରି ମୁମ୍ବାଇ ସିଟି ଏଫ୍‌ସିକୁ ପଛରେ ପକାଇ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି।

## କ୍ରାଉନକୁ ହରାଇ ପାଓନିୟର ସେମିରେ

**ଚୌଦ୍ୱାର,୧୪।୨(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶଙ୍କରପୁରସ୍ଥିତ ଖେଳପଡିଆରେ ଜୟ ଦୁର୍ଗା କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୦ମ ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଡାକ୍ତର ଭାବଗ୍ରାହୀ ପତ୍ରୀ ଓ ଗ୍ରାମ ମୁରବୀ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଭୁବନେଶ୍ୱର କ୍ରାଉନ ସ୍ପୋର୍ଟିଂ ଓ ପାଓନିୟର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ କ୍ରାଉନ ସ୍ପୋର୍ଟିଂ ୨୭.୩ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ କରିଥିଲା। ଜବାବରେ ବିପକ୍ଷ ଦଳ ୧୮.୨ ଓଭରରେ ୨ ଉଇକେଟ ବିନିମୟରେ ବିଜୟ ହାସଲ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ୬୧ରନ କରିବା ସହ ୨ ଉଇକେଟ ଅକ୍ତିଆର କରି ପାଓନିୟର ଦଳର ଦିନେଶ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରବିବାର ମ୍ୟାଚକୁ ଜାଫର ଅଲି ସାହା ଓ ମହମ୍ମଦ ଅର୍ସଦ ପରିଚାଳନା କରିଥିଲେ। ସୋମବାର ଓସ୍କାର ସ୍ପୋର୍ଟିଂ ଭୁବନେଶ୍ୱର ଓ ଆର୍‌ସିସି ୟଙ୍ଗ ଷ୍ଟାର କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ହାଇକୋର୍ଟ ବାର୍ ଆସୋସିଏଶନ ଦଳ।

ପୁରୁଣାଭୁବନେଶ୍ୱର,୧୪।୨(ଡି.ଏନ.ଏ.)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି ଖେଳ ପଡ଼ିଆରେ ଚାଲିଥିବା ୭ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟରେ ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ପୁରୀ ବାର୍ ଆସୋସିଏଶନକୁ ୬୭ ରନରେ ହରାଇ ଦେଇଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ହାଇକୋର୍ଟ ବାର୍ ଆସୋସିଏଶନ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୪୫ ରନ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଭକ୍ତି ସାମଲ ୮୮ (୨୩ବଲ୍), ବିପ୍ଳବ ଶିଳାଦିତ୍ୟ ୪୨ (୨୭ବଲ୍) ଓ ଏସ୍. ବୋଷ ୩୨ (୧୪ ବଲ୍) ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ଭଗବାନ ପଡିହାରୀ ୨ଟି ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ପୁରୀ ବାର୍ ଆସୋସିଏଶନ ୧୭୮ ରନ କରିବାରେ ସକ୍ଷମ ହୋଇଥିଲା। ରଣଜିତ ମହାନ୍ତି ୩୯ ରନ କରିଥିଲେ। ହାଇକୋର୍ଟ ବାର୍ ବୋଲର ସଞ୍ଜୀବ ସେଠୀ ୧୭ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ୍ ଦି ଫାଇନାଲ ହୋଇଥିଲେ। ଭକ୍ତି ସାମଲ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ପୁରୀ ବାର୍‌ର ଅଜୟ ରଣସିଂ ଶ୍ରେଷ୍ଠ ବୋଲର ଏବଂ ସଞ୍ଜୀବ ସେଠୀ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ପ୍ରଥମେ ଅନୁଷ୍ଠିତ ଏକ ପ୍ରଦର୍ଶନୀ ମ୍ୟାଚରେ ଜଜ୍ ଏକାଦଶ ୪୦ରନରେ ଭୁବନେଶ୍ୱର ବାର୍ ସଭାପତି ଏକାଦଶକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଜଜ୍ ଏକାଦଶ ନିର୍ଦ୍ଧାରିତ ୧୮ ଓଭରରେ ୫ ଉଇକେଟ ବିନିମୟରେ ୧୪୧ ରନ କରିଥିଲା। ଜବାବରେ ସଭାପତି ଏକାଦଶ ୧୫.୩ ଓଭରରେ ୧୦୧ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦେବବ୍ରତ ଦାସମହାପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ବାଲେଶ୍ୱର, ଭୁବନେଶ୍ୱର ଏ', କଟକ ଏ' ବିଜୟୀ

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍**

ଭୁବନେଶ୍ୱର,୧୪।୨

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍‌ରେ ରବିବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର, ଭୁବନେଶ୍ୱର ଏ', କଟକ ଏ' ଓ ସମ୍ବଲପୁର ବିଜୟ ହାସଲ କରିଛନ୍ତି। ସ୍ଥାନୀୟ ଟାଉନ୍‌କ୍ଲବ ଗ୍ରାଉଣ୍ଡରେ ଖେଳଯାଇଥିବା ମ୍ୟାଚ୍‌ରେ ବାଲେଶ୍ୱର ୫୪ ରନରେ ରାଉରକେଲାକୁ ପରାସ୍ତ କରିଛି। ସେହିପରି ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଗ୍ରାଉଣ୍ଡରେ ଭୁବନେଶ୍ୱର ଏ' ୧୦ ଉଇକେଟରେ ଝାରସୁଗୁଡାକୁ ହରାଇଛି। ସେହିପରି କଟକର ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ କଟକ ଏ' ୫ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ସେହିପରି କଟକର ବୋଷ ଗ୍ରାଉଣ୍ଡରେ ସମ୍ବଲପୁର ୯୯ ରନରେ ଭଦ୍ରକକୁ ହରାଇଛି। ଭୁବନେଶ୍ୱର ଏ'ର ଶୁଭମ ଶ୍ରୀ ୬ ଉଇକେଟ ଅକ୍ତିଆର କର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଅର୍ଜୁନଙ୍କ ଅଲରାଉଣ୍ଡ ପ୍ରଦର୍ଶନ

**ମୁମ୍ବାଇ, ୧୪।୨ (ପି.ଟି.):** ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ୭୩ତମ ପୋଲିସ ଆମନ୍ତ୍ରଣୀୟ ଶିଲ୍ଡ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ଗ୍ରୁପ୍ ଏ' ମ୍ୟାଚ୍‌ରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଉଭୟ ବ୍ୟାଟ ଓ ବଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ନିଜ ଦଳ ଏମ୍‌ଆଇଜି କ୍ରିକେଟ କ୍ଲବକୁ ବିଜୟୀ କରାଇଛନ୍ତି। ଏହି ମ୍ୟାଚ୍‌ରେ ଏମ୍‌ଆଇଜି

**ଗୋଟିଏ ଓଭରରେ ମାରିଲେ ୫ ଛକା**




୧୯୪ ରନରେ ଇସ୍‌ଲାମ ଜିମ୍‌ଖାନାକୁ ପରାସ୍ତ କରିଛି। ଅର୍ଜୁନ ଏହି ମ୍ୟାଚ୍‌ରେ ୩୧ ବଲରୁ ଦ୍ରୁତ ଅପରାଜିତ ୭୭ ରନ କରିବା ସହ ୪୧ ରନ ଦେଇ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିଲେ। ୨୧ ବର୍ଷୀୟ ଅର୍ଜୁନ ତାଙ୍କ ଇନିଂସରେ ୫ଟି ଚୌକା ଓ ୮ଟି ଛକା ମାରିଥିଲେ। ଅଫ୍ ସ୍ପିନର ହସିର ଦାଫେଦାରଙ୍କ ଗୋଟିଏ ଓଭରରେ ସେ ୫ଟି ଛକା ମାରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ଆଇଜି ପ୍ରଥମେ ବ୍ୟାଟିଂ କରି ୪୫ ଓଭରରେ ୭ ଉଇକେଟ ହରାଇ ୩୮୫ ରନ ସଂଗ୍ରହ କରିଥିଲା। ଜବାବରେ ଜିମ୍‌ଖାନା ୪୧.୫ ଓଭରରେ ୧୯୧ ରନ କରି ଅଲଆଉଟ ହୋଇଥିଲା। ବୋଲିଂରେ ବିଜୟୀ ଦଳ ତରଫରୁ ଅଙ୍କୁଶ ଜୟସ୍ୱାଲ, ଶ୍ରେୟାସ ଗୌରବ ଓ ଅର୍ଜୁନ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। କିଛି ଦିନ ତଳେ ଅର୍ଜୁନ ମୁମ୍ବାଇ ତରଫରୁ ସୟଦ ମୁସ୍ତାକ ଅଲି ଟ୍ରଫିରେ ପଦାର୍ପଣ କରିଥିଲେ। ସେ ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣ ପାଇଁ ଆୟୋଜନ ହେବାକୁ ଥିବା ଖେଳାଳି ନିଲାମ ତାଲିକାରେ ସ୍ଥାନ ପାଇଛନ୍ତି। ପୂର୍ବରୁ ଅର୍ଜୁନ ଭାରତୀୟ ଦଳ ପାଇଁ ନେଟ୍ସରେ ବୋଲିଂ ସୁଯୋଗ ପାଇଥିବା ବେଳେ ୧୯ ବର୍ଷରୁ କମ୍ ଦଳ ସହ ଶ୍ରୀଲଙ୍କା ଗସ୍ତ କରିଥିଲେ।

# କଟକକୁ ହରାଇ ସୁନ୍ଦରଗଡ଼ ଚାମ୍ପିୟନ

ସୁନ୍ଦରଗଡ଼, ୧୪।୨ (ଡି.ଏନ୍.ଏ)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଆୟୋଜିତ ୬୧ତମ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ରେ ରବିବାର ଫାଇନାଲ ଖେଳରେ ସୁନ୍ଦରଗଡ ଦଳ କଟକକୁ ହରାଇ ଚାମ୍ପିୟନ ହୋଇଛି। ଗତବର୍ଷ ବରଗଡଠାରେ ଅନୁଷ୍ଠିତ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ରେ ରାଉରକେଲାକୁ ୨-୦ ଗୋଲରେ ପରାଜିତ କରି ଚାମ୍ପିୟନ ହୋଇଥିବା ସୁନ୍ଦରଗଡ଼ ଦଳ ଚଳିତଥର ନିଜ ମାଟିରେ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇପାରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଗୋଲଶୂନ୍ୟ ଡ୍ର ହେବା ପରେ ପେନାଲ୍‌ଟି ସୁଟ୍ ଆଉଟ୍ ମାଧ୍ୟମରେ ସୁନ୍ଦରଗଡ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥି ଏବଂ ଫାଓର ସମ୍ପାଦକ ରବିନାରାୟଣ ପଣ୍ଡା, କିଶୋର କୁମାର ମିଶ୍ର ଓ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୫ହଜାର ଟଙ୍କା ଓ ରନର୍ସ ଅପ୍ କଟକ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଭୋଳ ଚାମ୍ପିୟନ ଦଳକୁ ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ।

ଏହି ମ୍ୟାଚରେ ସୁନ୍ଦରଗଡର ମହେଶ ପଧାନ ମ୍ୟାନ ଅଫ୍ ଦି ମ୍ୟାଚ, ଅମିତ ତନ୍ତୀ ଶ୍ରେଷ୍ଠ ଗୋଲକିପର,

**ସାହାଣୀ କପ୍ ଫୁଟବଲ**

ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ସୁନ୍ଦରଗଡ଼ର ଅମିତ ତନ୍ତୀ, ଉଦୀୟମାନ ଖେଳାଳି ଭାବେ କଟକର ବିକାଶ ସାହୁ, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ କଟକ ଦଳକୁ ପୁରସ୍କୃତ କରାଯାଇଥିଲା। ଫାଓ ରେଫରି ମୁଖ୍ୟ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ରହିଥିବା ବେଳେ ରେଫରି କିଶନ ଦାସ, ବିପୁଳ ବିଦ୍ୟାଧର, ଆଶୀର୍ବାଦ କାନୁନ୍‌ଗୋ, ପ୍ରଶାନ୍ତ କୁମାର ବେହେରା, ସହଦେବ ମୁଚିନ୍, ଅରୁଣ ନାୟକ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ରେଫରି ରାଜେନ୍ଦ୍ର ପଣ୍ଡା ଓ ରାଜା ପଟ୍ଟନାୟକଙ୍କ ସମେତ ଅନ୍ୟ କ୍ରୀଡାବିତ୍ ଓ କ୍ରୀଡା ସଙ୍ଗଠକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡା ସଂସଦର ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ। ଜିଲା ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳ, ଜିଲା କ୍ରୀଡା ସଂସଦର କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଚାମ୍ପିୟନ ସୁନ୍ଦରଗଡ଼ ଦଳର ଖେଳାଳିଙ୍କ ସହ କର୍ମକର୍ତ୍ତା, ଅତିଥି।

# ଘରୋଇକରଣକୁ ନିର୍ମଳାଙ୍କ ଗୁରୁତ୍ୱ

## ସଂସଦରେ ବାଢ଼ିଲେ ଅଜବ ଯୁକ୍ତି



ନୂଆଦିଲ୍ଲୀ,୧୪।୨

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ସଂସଦରେ ଦେଶର ବିକାଶ ଓ ଅଭିବୃଦ୍ଧି ସପକ୍ଷରେ ଯୁକ୍ତି ବାଢିଥିଲେ। ସେ କେନ୍ଦ୍ର ସରକାରଙ୍କ ବ୍ୟବସାୟ ନୀତି ଉପରେ ଯୁକ୍ତି ବାଢିବା ସହ ମୋଦିଙ୍କ କଥାକୁ ଦୋହରାଇଛନ୍ତି। ଦେଶରେ ଏନଡିଏ ସରକାର ବ୍ୟବସାୟ ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ଦେଶର ବିକାଶରେ ଘରୋଇକରଣର ଭୂମିକା ମହତ୍ତ୍ୱପୂର୍ଣ୍ଣ ଓ ସହାୟକ ହେବ ବୋଲି ସେ ଯୁକ୍ତି କରିଥିଲେ। ନିର୍ମଳା କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଘରୋଇକରଣ ପ୍ରସଙ୍ଗ ଉପରେ ଦେଇଥିବା ବୟାନ ଦେଶର ହିତ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ। ଅର୍ଥମନ୍ତ୍ରୀ ଲୋକସଭାରେ କହିଛନ୍ତି ଯେ, ଭାରତର ବ୍ୟବସାୟ ଜନସଙ୍ଘର ସଫଳ ଆଭିମୂଖ୍ୟ ଏ ପରିକି ଦେଶର ନାଗରିକଙ୍କ ଟିକସ୍‌ରେ ରାଷ୍ଟ୍ରା ଆର୍ଥିକ ମୂଳଦୁଆ ମଜବୁତ ହେବା ଦିଗରେ ସରକାର କାମ କରୁଛନ୍ତି। ସମାଜବାଦ ଦେଶରେ ଯୁବପୀଢିଙ୍କ ଆତ୍ମନିର୍ଭରତାକୁ ଶେଷ କରି ଦେଉଛି। ଭାରତୀୟ ଯୁବପୀଢି ଓ ଉଦ୍ୟୋଗୀ ଦେଶର ଅର୍ଥନୀତିକୁ ଆଗକୁ ନେବାରେ କ୍ଷମତା ରଖିଛନ୍ତି। ପୂର୍ବରୁ ବ୍ୟବସାୟ କରିବା ପାଇଁ ଅନେକ କିଛି କଟକଣା ରହିଥିଲା, ଯାହା ବର୍ତ୍ତମାନ ସମୟରେ ଶେଷ ହୋଇଯାଇଛି। ସେହିଭଳି ପବ୍ଲିକ ଓ ପ୍ରାଇଭେଟ୍ ସେକ୍ଟର ମିଳିତ ଭାବେ ଆଗକୁ ଆସିଲେ ଦେଶର ଦାରିଦ୍ର୍ୟ ଦୂରେଇଯିବ ବୋଲି ସେ ମତ ରଖିଥିଲେ।

ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଥିଲେ ଯେ, ସରକାର କେବଳ ୪ ଟି ସେକ୍ଟରକୁ ନିଜ ଅଧିନରେ ରଖିବେ। ଏହାବ୍ୟତୀତ ଅନ୍ୟ ପବ୍ଲିକ ସେକ୍ଟରକୁ ଘରୋଇକରଣ କରାଯିବ। ତେବେ ଜାତୀୟ ସୁରକ୍ଷା ବହନ କରୁଥିବା ଆଣବିକ ଶକ୍ତି, ମହାକାଶ, ପ୍ରତିରକ୍ଷା, ଶକ୍ତି, ଖଣି ଆଦିକୁ ଘରୋଇକରଣରୁ ବାଦ୍ ଦିଆଯାଇପାରେ ବୋଲି ସୂଚନା ମିଳିଥିଲା। ଘରୋଇକରଣ ପରେ ଦେଶ ଆର୍ଥିକ ସ୍ତର ଅନେକାଂଶରେ ମଜବୁତ ହେବ ସହ ଦେଶର ଅର୍ଥବ୍ୟବସ୍ଥା ସୁଧୁରିବ ବୋଲି ଅର୍ଥମନ୍ତ୍ରୀ କହିଥିଲେ।

ଶନିବାର ଲୋକସଭାରେ ବଜେଟ୍‌୨୦୨୧-୨୨ ଉପରେ ଚାଲିଥିବା ବିତର୍କ ସମୟରେ ନିର୍ମଳା ଏଭଳି ଅଜବ ଯୁକ୍ତ ଓ ବୟାନ ଦେଇଛନ୍ତି। ଏ ନେଇ ସେ କହିଛନ୍ତି, କୃଷି ଭିତ୍ତିଭୂମି ଓ ବିକାଶ ପାଇଁ ସେସ୍ ଜରିଆରେ ୩୦ହଜାର କୋଟି ଟଙ୍କା ସଂଗ୍ରହ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି ଅର୍ଥକୁ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯିବ, ଫଳରେ ସେମାନେ ମଣ୍ଡି ବ୍ୟବସ୍ଥା ଓ ଭିତ୍ତିଭୂମିକୁ ଅଧିକ ଶକ୍ତିଶାଳୀ କରିପାରିବେ। ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ସ୍କିମ୍ ପାଇଁ ୟୁପିଏ ସରକାର ବଜେଟରେ ବିପୁଳ ବ୍ୟୟବରାଦ କରିଥିଲା କିନ୍ତୁ ଆବଣ୍ଟିତ ଅର୍ଥକୁ ବିନିଯୋଗ କରି ନଥିଲା। ଏଥିରୁ ଦୁଇଟି ଅର୍ଥ ପ୍ରକାଶ ପାଉଛି ସରକାର ସେତେବେଳେ ସ୍କିମଗୁଡିକର ଠିକ ଭାବରେ ପରିଚାଳନା କରୁ ନଥିଲେ କିମ୍ବା ପୁଞ୍ଜିପତିଙ୍କୁ ସହାୟତା ଦେଇଚାଲିଥିଲେ। ଚଳିତ ଆର୍ଥିକବର୍ଷ ପାଇଁ ଏମିଏନ୍‌ଆଇଜିଏଆରସ ନିମନ୍ତେ ବ୍ୟୟବରାଦ ୧.୧୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏଥିରୁ ପାଖାପାଖି ୯୦ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି।ଏହି ସ୍କିମ୍ ପାଇଁ ଏହା ସର୍ବାଧିକ ବ୍ୟୟବରାଦ ଓ ବିନିଯୋଗ ବୋଲି ନିର୍ମଳା ଦର୍ଶାଇଛନ୍ତି।

ସେ କହିଛନ୍ତି, ସରକାରଙ୍କ ମିତ୍ର ହେଉଛନ୍ତି ଦେଶର ସାଧାରଣ ଜନତା ଏବଂ ଯେଉଁମାନଙ୍କ ପାଇଁ ପାଇଖାନା, ଘର ନିର୍ମାଣ, ବିଜୁଳି ଯୋଗାଣ ଆଦି ଲାଗି ବିଭିନ୍ନ ସ୍କିମ୍ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ସ୍ୱନିଧି ସ୍କିମରେ ରାସ୍ତାପାଶ୍ୱର୍ ଦୋକାନୀମାନଙ୍କୁ ସହଯୋଗ ଲାଗି ଲକ୍ଷ୍ୟ ରଖାଯାଇଛି। ସେମାନଙ୍କୁ ଏଥିରେ ୧୦ହଜାର ଟଙ୍କାର ରଣ ଯୋଗାଇ ଦିଆଯାଉଛି।

## ମହଙ୍ଗା ହେବ ବିମାନ ଯାତ୍ରା

ନୂଆଦିଲ୍ଲୀ,୧୪।୨

ଦେଶରେ ବିମାନ ଭଡ଼ା ବଢିବାର ସମ୍ଭାବନା ରହିଛି। ସରକାର ବିମାନ ଭଡ଼ାର ସର୍ବନିମ୍ନ ଓ ସର୍ବୋଚ୍ଚ ପ୍ରାଇସ ବ୍ୟାଣ୍ଡ୍ ବୃଦ୍ଧି କରିଛନ୍ତି। ସର୍ବନିମ୍ନ ଭଡ଼ା ୧୦% ଓ ସର୍ବୋଚ୍ଚ ଭଡ଼ା ୩୦% ବୃଦ୍ଧି କରାଯାଇଛି। ଫଳରେ ଘରୋଇ ବିମାନ ଯାତ୍ରା ୬ହଜାର ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବାର ସମ୍ଭାବନା ରହିଛି। ଗତ ବର୍ଷ ମେ ମାସରେ ବିମାନ ଚଳାଚଳ ଉପରେ ଲାଗୁ କଟକଣା ସାମାନ୍ୟ କୋହଳ କରାଯିବା ପରେ ଡିଜିସିଏ ପକ୍ଷରୁ ବିମାନ ଭଡ଼ାର ସର୍ବନିମ୍ନ ଓ ସର୍ବୋଚ୍ଚ ପ୍ରାଇସ ବ୍ୟାଣ୍ଡ୍ କୁ ହ୍ରାସ କରିଥିଲେ। ଏହାର ଅର୍ଥ ହେଉଛି ବିମାନ କମ୍ପାନିମାନେ ନିର୍ଦ୍ଦିଷ୍ଟ ଅବଧିର ଯାତ୍ରା ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣଠାରୁ ଅଧିକ ମୂଲ୍ୟର ଭଡ଼ା ଆଦାୟ କରିପାରିବେ ନାହିଁ। କଟକଣା କୋହଳ ପରେ ଅଳ୍ପ ବିମାନ ଚଳାଚଳ କରୁଥିବାରୁ କମ୍ପାନିମାନେ ଯେପରି ଅଧିକ ଭଡ଼ା ଲାଗୁ ନକରନ୍ତି ସେଥିପାଇଁ ଏହି ନିୟମ ଲାଗୁ କରାଯାଇଥିଲା। ବର୍ତ୍ତମାନ ଏବେ ଘରୋଇ କ୍ଷେତ୍ରରେ ବିମାନ ଚଳାଚଳ ସ୍ୱାଭାବିକ ହୋଇଥିବାରୁ ସରକାର ପୁଣି ବିମାନ ଭଡ଼ାର ପ୍ରାଇସ ବ୍ୟାଣ୍ଡ୍ ବଢାଇ ତାହାକୁ ଲକଡାଉନ ପୂର୍ବ ସ୍ତରକୁ ନେଇଯାଇଛନ୍ତି।

## କର୍ଣ୍ଣାଟକରେ ହେବ ଟେସ୍ଲା କରିଡର



ନୂଆଦିଲ୍ଲୀ,୧୪।୨

ଆମେରିକୀୟ ଇଲେକ୍ଟ୍ରିକ କାର ନିର୍ମାତା କମ୍ପାନୀ ଟେସ୍ଲା କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁଠାରେ ନିଜର ପ୍ରଥମ ଉତ୍ପାଦନ ୟୁନିଟ୍ କରିବ ବୋଲି ଜଣାପଡିଛି। ଏ ସମ୍ପର୍କରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦୁରପ୍ପା ଶନିବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇ କହିଛନ୍ତି ଯେ, ଆମେରିକୀୟ ଫାର୍ମ ଟେସ୍ଲା କର୍ଣ୍ଣାଟକରେ ଏକ ଇଲେକ୍ଟ୍ରିକ କାର ଉତ୍ପାଦନ ୟୁନିଟ୍ ଖୋଲିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ତୁମକୁର ଜିଲାରେ ଏକ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ ହେବ। ଏଥିପାଇଁ ପ୍ରାୟ ୭୭୨୫ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨.୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ଜଣାପଡିଛି।

ଆମେରିକୀୟ ଇଲେକ୍ଟ୍ରିକ କାର ନିର୍ମାତା କମ୍ପାନୀ ଟେସ୍ଲା ଗତ ଜାନୁୟାରୀରେ ଭାରତକୁ ଆସିଥିଲା। ସେହି ସମୟରେ ବେଙ୍ଗାଲୁରୁରେ ଏକ କମ୍ପାନୀ ରେଜିଷ୍ଟ୍ରେଶନ କରିଥିଲା। ଗତ ମାସରେ ଟେସ୍ଲା ବେଙ୍ଗାଲୁରୁରେ ନିଜର ସବ୍‌ସିଡିଆରି କମ୍ପାନୀ ଟେସ୍ଲା ଇଣ୍ଡିଆ ମୋଟର୍ସ ଏବଂ ଏନର୍ଜି ପ୍ରାଇଭେଟ୍ ଲିମିଟେଡ ନାମରେ ଏକ କମ୍ପାନୀ ରେଜିଷ୍ଟ୍ରେଶନ କରାଇଥିଲା। ଟେସ୍ଲାର ଫାଉଣ୍ଡର ଓ ସିଇଓ ଏଲନ ମସ୍କ ଗତବର୍ଷ ଟୁଇଟର ଜରିଆରେ ସୂଚନା ଦେଇଥିଲେ ଯେ, କମ୍ପାନୀ ୨୦୨୧ ସୁଦ୍ଧା ଭାରତରେ ପ୍ରବେଶ କରିବ। ଟେସ୍ଲା ଭାରତରେ ନିଜର ମଡେଲ ୩ ସେଦାନ କାର ସହ ଏଣ୍ଟ୍ରି କରିବାକୁ ଯୋଜନା କରୁଛି। ଏହି ଇଲେକ୍ଟ୍ରିକ କାରର ଦାମ୍ ପ୍ରାୟ ୬୦ ଲକ୍ଷ ଟଙ୍କା ରହିବ, ଭାରତକୁ ଟେସ୍ଲା ଆସିବା ଖବର ପ୍ରଥମେ କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଦେଇଥିଲେ।

ଗତ ଡିସେମ୍ବରରେ ଗଡ଼କରୀ କହିଥିଲେ ଯେ, ଟେସ୍ଲା ଆସନ୍ତା ବର୍ଷ ଆରମ୍ଭରେ ଭାରତରେ ନିଜର ୟୁନିଟ୍ ଆରମ୍ଭ କରିବ। ଆଗାମୀ ୫ ବର୍ଷରେ କମ୍ପାନୀ ଦୁନିଆର ସବୁଠାରୁ ବଡ଼ ଇଲେକ୍ଟ୍ରିକ ବାହନ ଉତ୍ପାଦକ ହେବାର କ୍ଷମତା ରଖିଛି।

## ଏସ୍‌ବିଆଇର ଶାଖା ଉଦ୍‌ଘାଟନ




ରାଜନଗରସ୍ଥିତ ନବୀକରଣ ଶାଖାକୁ ଉଦ୍‌ଘାଟନ କରୁଛନ୍ତି ଏସ୍‌ବିଆଇର କର୍ତ୍ତୃପକ୍ଷ।

ରାଜନଗର, ୧୪।୨(ଡି.ଏନ.ଏ.)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଚିଫ ଜେନେରାଲ ମ୍ୟାନେଜର ରୁମା ଦେ ରାଜନଗରସ୍ଥିତ ନବୀକରଣ ଶାଖାକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି ଜେନେରାଲ ମ୍ୟାନେଜର କୁମ୍ପନ ଜ୍ୟୋତି, ରିଜିଓନାଲ ମ୍ୟାନେଜର ପ୍ରବୀର ଚନ୍ଦ୍ର ସାହୁ, ଗ୍ରାମୀଣ ମୁଖ୍ୟପରିଚାଳକଜୟଦ୍ରଥ ବଳ, କେନ୍ଦ୍ରାପଡା ଜିଲା ମୁଖ୍ୟ ପରିଚାଳକ ଉମାକାନ୍ତ ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ। ରାଜନଗର ଏସବିଆଇ ଶାଖା ଅଡିଟ ରିପୋର୍ଟ ପରେ ଡବଲ 'ଏ' ର୍ୟାଙ୍କ ହାସଲ କରିଥିବାରୁ ଚିଫ ଜେନେରାଲ ମ୍ୟାନେଜର ଦେ ବ୍ୟାଙ୍କର ପରିଚାଳକ ସଞ୍ଜୀବ କୁମାର ଟପ୍ପୋ ଓ କର୍ମଚାରୀଙ୍କୁ ବଧେଇ ଜଣାଇଥିଲେ। ୨୦୦୯ରେ ରାଜନଗରରେ ଏସ୍‌ବିଆଇର ଶାଖା ଖୋଲିଥିଲା।

## ଡିଜିଟାଲ ପଲିସିକୁ ଗୁରୁତ୍ୱ ଦେବ ବୀମା କମ୍ପାନୀ

ନୂଆଦିଲ୍ଲୀ,୧୪।୨

ସରକାର ବର୍ତ୍ତମାନ ସମୟରେ ସବୁକ୍ଷେତ୍ରରେ କାଗଜ ପରିବର୍ତ୍ତେ ଡିଜିଟାଲରେ କାର୍ଯ୍ୟ ସଂପାଦନକୁ ଗୁରୁତ୍ୱ ଦେଉଛନ୍ତି। ବୀମା କ୍ଷେତ୍ରରେ ମଧ ସେଭଳି ଏକ ନିୟମ କାର୍ଯ୍ୟକାରୀ ହେବାକୁ ଯାଉଛି। ଡିଜିଲକର ମାଧମରେ ଗ୍ରାହକଙ୍କୁ ପଲିସି ଜାରି କରିବା ଲାଗି ବୀମା କମ୍ପାନିଗୁଡ଼ିକୁ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆରଡିଏଆଇ) ପରାମର୍ଶ ଦେଇଛନ୍ତି। ଇଲେକଟ୍ରୋନିକ୍ସ ଓ ଆଇଟି ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆଇଆରଡିଏଆଇ ପକ୍ଷରୁ କୁହାଯାଇଛି, ଦେଶର ବୀମା କ୍ଷେତ୍ରରେ ଡିଜିଲକରର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି




ସବୁ ବୀମା କମ୍ପାନି ସେମାନଙ୍କ ଆଇଟି ବ୍ୟବସ୍ଥାକୁ ଡିଜିଲକର ସୁବିଧା ସହିତ ଯୋଡ଼ନ୍ତୁ। ଫଳରେ ପଲିସିଧାରୀମାନେ ସେମାନଙ୍କ ବୀମା ପଲିସି ସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜକୁ ଡିଜିଲକରରେ ସଂରକ୍ଷିତ କରି ରଖିପାରିବେ। ଆଇଆରଡିଏଆଇ ପକ୍ଷରୁ ଏ ସଂକ୍ରାନ୍ତ ସର୍କୁଲାର ଚଳିତମାସ ୯ ତାରିଖରେ ଜାରି କରାଯାଇଛି। କେବଳ ସେତିକି ନୁହେଁ, ବୀମା କମ୍ପାନି ଗୁଡ଼ିକ ମଧ ସେମାନଙ୍କ ପଲିସିଧାରୀମାନଙ୍କୁ ଡିଜିଲକର ସଂପର୍କରେ ସୂଚନା ପ୍ରଦାନ କରିବେ। ଏଥିସହିତ ତାହାକୁ କିଭଳି ବ୍ୟବହାର କରାଯିବ ସେ ନେଇ ମଧ ସଚେତନ କରିବେ ବୋଲି ଏଥିରେ କୁହାଯାଇଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରାଳୟର ନ୍ୟାସନାଲ ଇ-ଗଭର୍ଣ୍ଣାନ୍ସ ଡିଭିଜନ) ରେ କାର୍ଯ୍ୟ କରୁଥିବା ଡିଜିଲକର ଟିମ୍ ମଧ ଡିଜିଲକରର ଯେଭଳି ବହୁଳ ବ୍ୟବହାର ହେବ ସେ ସଂକ୍ରାନ୍ତରେ ଆବଶ୍ୟକ ବୈଷୟିକ ପରାମର୍ଶ ଓ ସହାୟତା ଯୋଗାଇ ଦେବାକୁ କୁହାଯାଇଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରାଳୟ ଡିଜିଲକର ପଦକ୍ଷେପ ଆରମ୍ଭ କରିଛି।

## ୫୦ ଟଙ୍କା ମହଙ୍ଗା ହେଲା ଗ୍ୟାସ

ନୂଆଦିଲ୍ଲୀ,୧୪।୨

ଦର ବୃଦ୍ଧି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଏଲପିଜି ଗ୍ୟାସ୍ ସିଲିଣ୍ଡର ପିଛା ଦର ଆଉ ୫୦ ଟଙ୍କା ମହଙ୍ଗା ହୋଇଛି। ସବସିଡି ଗ୍ୟାସ୍ ସିଲିଣ୍ଡରରେ ଏହି ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ରବିବାର ମଧ ରାତ୍ରରୁ ନୂଆଦିଲ୍ଲୀରେ ନୂଆ ଦର ଲାଗୁ ହେବ ବୋଲି ଘୋଷଣା କରାଯାଇଛି। ବର୍ଦ୍ଧିତ ଦର ବୃଦ୍ଧି ପରେ ଦିଲ୍ଲୀରେ ୧୪.୨ କେଜି ଓଜନର ସବସିଡାଇଜଡ୍ ଗ୍ୟାସ ସିଲଣ୍ଡର ପିଛା ଦର ୭୬୯ଟଙ୍କାରେ ପହଞ୍ଚିବ।



ରାଜଧାନୀ ଦିଲ୍ଲୀରେ ସବସିଡି ଥିବା ଗ୍ୟାସ୍ ସିଲିଣ୍ଡର ପ୍ରତି ମୂଲ୍ୟ ୭୬୯ ଟଙ୍କା ହୋଇଛି। ସେପଟେ ଭୁବନେଶ୍ୱରରେ ଗ୍ୟାସ ଦର ୭୪୫ ଟଙ୍କା ରହିଥିବା ଜଣାପଡିଛି।

**ରାଜ୍ୟ ଖବର**

# ଆରମ୍ଭରୁ ୟୁରିଆ ଅଭାବ

- ଆବଶ୍ୟକତାର ଅଧେ ମିଳିଛି ସାର
- ଘରୋଇ ରିଟେଲରଙ୍କଠାରେ ମହଜୁଦ
- ସରକାରୀ ସଂସ୍ଥା ପାଖରେ ଅଭାବ
- ଖୋଲାଖୋଲି ଚାଲିଛି କଳାବଜାର
- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୪।୨

ବରଗଡ଼ ଜିଲାରେ ରବି ଚାଷକାମ ଜୋର୍ ଧରିଛି। ଅଧିକାଂଶ ସ୍ଥାନରେ ଚାଷୀମାନେ ତଳିପକା, ଧାନ ବୁଣା ସାରିଦେଲେଣି। କେତେକ ସ୍ଥାନରେ ରୁଆକାର୍ଯ୍ୟ ମଧ୍ୟ ଶେଷ ହୋଇଛି। ବର୍ତ୍ତମାନ ସମୟରେ ଧାନ ଫସଲ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଛି। ମାତ୍ର ଏହି ସାରର ଅଭାବ ଏବଂ ମୁନାଫାଖୋର ବେପାରୀଙ୍କ କଳାବଜାର ଚାଷୀକୁଳକୁ ଚିନ୍ତାରେ ପକାଇଛି। ୟୁରିଆ ଅଭାବ ଯୋଗୁ ଚାଷୀମାନଙ୍କୁ ଖୁବ୍ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଆବଶ୍ୟକତା ଦୃଷ୍ଟିରୁ ଚାଷୀମାନେ ଚଢ଼ାଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ୟୁରିଆ ସାର ପ୍ୟାକେଟ୍ (୪୫ କି.ଗ୍ରା) ପ୍ରତି ୨୬୫ ଟଙ୍କା ରହିଛି। କିନ୍ତୁ ଅସାଧୁ ବ୍ୟବସାୟୀମାନେ ଏହାକୁ ୩୦୦ରୁ ୩୫୦ ଟଙ୍କା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

ବରଗଡ଼ ଜିଲାରେ ୧ଲକ୍ଷ ୫୯ ହଜାର ହେକ୍ଟର ଜମିରେ ରବି ଧାନଚାଷ ହୋଇଥାଏ। ଏଥିପାଇଁ ଅତିକମ୍‌ରେ ୨୪ହଜାର ମେଟ୍ରିକ ଟନର ୟୁରିଆ ସାରର



ଅତାବିରା ବ୍ଲକ ସିନ୍ଦୁରବାହାଲ ଗ୍ରାମରେ ଜଣେ ଚାଷୀ ଜମିରେ ସାର ପ୍ରୟୋଗ କରୁଛନ୍ତି ।

ଆବଶ୍ୟକତା ରହିଛି। ମାତ୍ର ଏପର୍ଯ୍ୟନ୍ତ ମାତ୍ର ୧୨ହଜାର ମେଟ୍ରିକ ଟନ୍ ୟୁରିଆ ଜିଲାକୁ ପହଞ୍ଚିଛି। ଆବଶ୍ୟକତାଠାରୁ କମ୍ ସାର ଆସିଥିବାରୁ ପ୍ୟାକ୍ସ ଗୁଡ଼ିକରେ ସାରର ଅଭାବ ଦେଖାଦେଇଛି। ଅନ୍ୟ କେତେକ ନିର୍ଦ୍ଦିଷ୍ଟ ଘରୋଇ ଲାଇସେନ୍ସପ୍ରାପ୍ତ ବିକ୍ରେତା ସରକାରଙ୍କ ଆଇନକୁ ବେଖାତିର୍ କରି ସାର କଳାବଜାରକରୁଥିବାଅଭିଯୋଗହୋଇଛି।

ଜାମଟିକ୍ରାର ଚାଷୀ ସୁରେନ୍ଦ୍ର କଠାର ଅଭିଯୋଗ କରିଛନ୍ତି, ଗତ ୯ତାରିଖରେ ସେ ରେଙ୍ଗାଲିକ୍ୟାମ୍ପ ସ୍ଥିତ ଜଣେ ସାର ବିକ୍ରେତାଙ୍କଠାରୁ ଏକ ପ୍ୟାକେଟ୍ ୟୁରିଆ ସାର କିଣିଥିଲେ । ସାର ବିକ୍ରେତା ଜଣକ ତାଙ୍କଠାରୁ ୩୦୦ ଟଙ୍କା ନେଇ ରସିଦ ଦେଇ ନ ଥିଲେ। ଅଳ୍ପ କିଛି ସମୟ ପରେ କଠାରଙ୍କ ମୋବାଇଲ ଫୋନକୁ ସେ କିଣିଥିବା ୟୁରିଆ ସାରର ଦର ୨୬୫ ଟଙ୍କା ପଇଠ ହୋଇଥିବା ନେଇ ସୂଚନା ଆସିଥିଲା। ଏ ନେଇ କଠାର ଅତାବିରା ସହକାରୀ କୃଷି ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅତାବିରା, ଗୋଡ଼ଭଗା, ଲରମ୍ବା ଅଞ୍ଚଳରେ ୩୫୦ ଟଙ୍କାରେ ୟୁରିଆ ସାର ବିକ୍ରି ହେଉଛି ବୋଲି ଗୋଡ଼ଭଗା ଅଞ୍ଚଳର ଚାଷୀ ଦୟାନିଧି କର୍ଣ୍ଣ କହିଛନ୍ତି । ଏ ସମ୍ପର୍କରେ ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ଜିଲାକୁ ଆହୁରି ୧୨ହଜାର ମେଟ୍ରିକ ଟନ ୟୁରିଆ ସାରର ଆବଶ୍ୟକ ରହିଛି । ସାର କଳାବଜାର ଯେଭଳି ନ ହେବ, ସେଥିପ୍ରତି କୃଷି ବିଭାଗ ନଜର ରଖିଛି। କଳାବଜାର ନେଇ ପ୍ରମାଣ ମିଳିଲେ ସମ୍ପୃକ୍ତ ବିହନ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗାନ୍ଧୀ କହିଛନ୍ତି।

## ଆଜି ୧୨ ଘଣ୍ଟିଆ ପାଟଣା ବନ୍ଦ

### ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦାବି

ପାଟଣା ,୧୪।୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନରୁ ଭେଷଜ, ଶଲ୍ୟ, ଶିଶୁ ବିଶେଷଜ୍ଞ, ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ନିକଟରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଯାଇଛି। ଏହାକୁ କେନ୍ଦ୍ର କରି ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦାବି ପୂରଣ ନ ହେବାରୁ ସୋମବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ୧୨ଘଣ୍ଟା ପାଟଣା ବନ୍ଦ ଡାକରା ଦେଇଛନ୍ତି। ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ସରକାରୀ ବେସରକାରୀ ଶିକ୍ଷାଅନୁଷ୍ଠାନ, ଯାନବାହନ, ଦୋକାନ ବଜାର ବନ୍ଦ କରାଯିବ। କେବଳ ଅତ୍ୟାବଶକ ସେବା ଯୋଗାଉ ଥିବା ଔଷଧ ଦୋକାନ, ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଚଳପ୍ରଚଳକୁ ବନ୍ଦରୁ ବାଦ ଦିଆଯିବ ବୋଲି ଅଧକ୍ଷ ଇଂ ବିଦ୍ୟାଧର ଦାଶ ଓ ଯୁବ ସାମାଜିକ କର୍ମୀ ବିଜୟ ରତ୍ନ ପତି କହିଛନ୍ତି। ଏହି ଦାବି ପୂରଣ ନ କଲେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରିଲେ ଧାରଣା ଦିଆଯିବ ବୋଲି ସାମାଜିକ କର୍ମୀ ଅଜୟ କୁମାର ଦାଶ ଚେତାବନୀ ଦେଇଛନ୍ତି।

## ପିପିଇ କିଟ୍ ପିନ୍ଧି ଭିକ୍ଷାବୃତ୍ତି

### କୋଭିଡ୍ ଯୋଦ୍ଧାଙ୍କ ଅଭିନବ ପ୍ରୟାସ

ଭଦ୍ରକ ଅଫିସ,୧୪।୨

ଭଦ୍ରକ ସହରରେ ଜଣେ କୋଭିଡ୍ ଯୋଦ୍ଧାଙ୍କ ଅଭିନବ ପ୍ରତିବାଦ। ଚାକିରି ହରାଇବା ପରେ ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି ଏହି ଯୋଦ୍ଧା। ଦୀର୍ଘଦିନ ଧରି ସ୍ଥାୟୀ ଚାକିରି ପାଇଁ ବାରମ୍ବାର ଦାବି କରିଆସୁଥିଲେ ମଧ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଣୁ ଭିକ୍ଷା ବୃତ୍ତି କରି ସେ ଅଭିନବ ପ୍ରତିବାଦ ଜଣାଇଛନ୍ତି। ପିପିଇ କିଟ୍ ପିନ୍ଧି ହାତରେ ଥାଳି ଧରି ସହରର ଗଳିକନ୍ଦି ଓ ଦୋକାନରୁ ଦୋକାନ ବୁଲି ଭିକ୍ଷା ମାଗୁଥିବା କହିଛନ୍ତି ଅଶ୍ୱିନୀ ପାଢ଼ୀ ନାମକ ଜଣେ ପାରା ମେଡିକାଲ କର୍ମଚାରୀ। ସେ କହିଛନ୍ତି ଯେ, କରୋନା ମହାମାରୀର ବିଭୀଷିକା ସମୟରେ ସରକାରୀ ସ୍ତରରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଜିଲାର ୧୫୫ ଜଣଙ୍କୁ ନିଯୁକ୍ତି ମିଳିଥିଲା। ସେମାନଙ୍କୁ ୩ ମାସିଆ ଚୁକ୍ତିଭିତ୍ତିକ ଅସ୍ଥାୟୀ ନିଯୁକ୍ତି ଦେଇ ୯ ମାସ ଧରି କାମ କରାଇଲେ। ହେଲେ ଗତ ଡିସେମ୍ବର ୩୧ରୁ ଛଟେଇ କରି ଦିଆଯାଇଛି। ପ୍ରଥମେ ପ୍ରଶଂସା ଆଉ ଏବେ ଅଦରକାରୀ। ସେତେବେଳେ ପାରା ମେଡିକାଲ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧା କହି ପ୍ରଶଂସାରେ ପୋତି ପକାଉଥିଲେ। କରୋନା ନିୟନ୍ତ୍ରଣକୁ ଆସିବା ପରେ ଅଦରକାରୀ ଭାବି ଛଟେଇ କରିଦିଆଯାଇଛି। ଏବେ ଭିକ୍ଷାବୃତ୍ତି କରି ପରିବାର ପ୍ରତିପୋଷଣ କରିବେ ବୋଲି ଅଶ୍ୱିନୀ କହିଛନ୍ତି।



କୋଭିଡ୍ ଯୋଦ୍ଧା ଅଶ୍ୱିନୀ ପାଢ଼ୀ ଜଣେ ବ୍ୟବସାୟୀଙ୍କଠାରୁ ଭିକ୍ଷା ଗ୍ରହଣ କରୁଛନ୍ତି।

## ଗଙ୍ଗାବାଡ଼ରେ ଖବରଦାତାଙ୍କୁ ଦୁର୍ବ୍ୟବହାର

କାଶୀନଗର,୧୪।୨

ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ଗଙ୍ଗାବାଡ଼ ପଞ୍ଚାୟତରେ ଖବର ସଂଗ୍ରହ କରୁଥିବା ବୈଦ୍ୟୁତିକ ଗଣମାଧ୍ୟମର ଜଣେ ଖବରଦାତାଙ୍କୁ ଆନ୍ଧ୍ର ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଖବରଦାତା ଏ ନେଇ ଶନିବାର ପାରଳାଖେମୁଣ୍ଡି ଥାନାରେ ଏତଲା ଦେବା ସହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନରେ ଖବରଦାତା ରିପୋର୍ଟିଂ ପାଇଁ ଗଙ୍ଗାବାଡ଼ ଯାଇଥିଲେ। ଖବର ସଂଗ୍ରହ କରିବା ବେଳେ କେତେଜଣ ଆନ୍ଧ୍ରର ଅଧିକାରୀ ଓ ପୋଲିସ ଘେରି ଯାଇ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଏଥିସହ ଖବର ସଂଗ୍ରହ ପାଇଁ ପୁଣି ଏଠାକୁ ଆସିଲେ ତାଙ୍କୁ କେହି ରକ୍ଷା କରିପାରିବେ ନାହିଁ ବୋଲି ଧମକ ଦେଇଥିଲେ। ଏ ନେଇ ଗଜପତି ଜିଲାରେ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ କାଶୀନଗର ପ୍ରେସ୍ କ୍ଲବର ଏକ ଜରୁରୀ ବୈଠକ ରବିବାର ଡକାଯାଇ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଖବରଦାତାମାନେ ଉତ୍ତେଜନାପ୍ରବଣ ସ୍ଥାନକୁ ଖବର ସଂଗ୍ରହ ପାଇଁ ଯିବା ସମୟରେ ସେମାନଙ୍କୁ ସୁରକ୍ଷା ଦେବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ବୈଠକରେ ହୃଷୀକେଶ ଗୌଡ଼, ପ୍ରଶାନ୍ତ ମିଶ୍ର, ରାଜେଶ ପଟ୍ଟନାୟକ, ଟୁନା ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

## କଂଗ୍ରେସର ଦସ୍ତଖତ ଅଭିଯାନ ଆରମ୍ଭ

### ଲିଙ୍ଗରାଜଙ୍କ ସହ ଅନ୍ୟ ମନ୍ଦିରରୁ ଉପନିୟମ ପ୍ରତ୍ୟାହାର ପ୍ରସଙ୍ଗ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ଏକାମ୍ର ଏକ ଅନନ୍ୟ ଐତିହ୍ୟରାଜିର କ୍ଷେତ୍ର। ଏଠାରେ ପଥର ଖୋଦେଇ ମନ୍ଦିର ପ୍ରତିଟି ସାହି, ଗଳିକନ୍ଦିରେ ବିରାଜମାନ। ଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତି ସହ ଲିଙ୍ଗରାଜ ମହାପ୍ରଭୁଙ୍କ ନୀତିକାନ୍ତିରେ ସମାନତା ରହିଛି। ଜାତୀୟ କୀର୍ତ୍ତିରାଜି ପ୍ରାଧିକରଣ ଅଧିନିୟମକୁ ନେଇ ଯେଉଁ ପ୍ରସଙ୍ଗ ଉପୁଜିଛି ସେଥିରେ ଉଭୟ ବିଜେଡି ଓ ଭାଜପା ନାଟକବାଜି କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି, ଉଭୟ ଦଳ ପ୍ରତ୍ୟେକ ନୀତି ନିଷ୍ପତ୍ତିରେ ଏକ ରହିଥିବା ସ୍ଥଳେ ଲିଙ୍ଗରାଜ ମହାପ୍ରଭୁଙ୍କ କ୍ଷେତ୍ରରେ ନିଜକୁ ଭିନ୍ନ ଭିନ୍ନ ଦର୍ଶାଉଛନ୍ତି। ଜଗନ୍ନାଥ ଏବଂ ଏକାମ୍ର କ୍ଷେତ୍ରର ଲିଙ୍ଗରାଜ ମହାପ୍ରଭୁଙ୍କ ମଧ୍ୟରେ ଉଭୟ ଦଳ ପ୍ରଭେଦ ସୃଷ୍ଟି କରିଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଜଗନ୍ନାଥ ମନ୍ଦିର ଏକ ଜୀବନ୍ତ ଐତିହ୍ୟ। ତେଣୁ ସେଠାରୁ ଏନ୍‌ଏମ୍‌ଏ ଉପନିୟମ ପ୍ରତ୍ୟାହାର କରାଯାଇଛି। ଶ୍ରୀମନ୍ଦିର ପରି ଲିଙ୍ଗରାଜ, ଅନନ୍ତ ବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିର ମଧ ଜୀବନ୍ତ ଐତିହ୍ୟ। ଏହା ସ୍ମାରକୀ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଳି ଭିତରେ ଏକାମ୍ର କ୍ଷେତ୍ରର ସ୍ୱାର୍ଥ ବଳି ନ ପଡ଼ିଯାଉ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏଠିକାର ବିକାଶରେ ଏନ୍‌ଏମ୍‌ଏ ଉପନିୟମ ପ୍ରତିବନ୍ଧକ ସାଜିବ ବୋଲି ସ୍ପଷ୍ଟ ହୋଇଛି। ଉପନିୟମ ବଳବତ୍ତର ରହିଲେ ସମ୍ପୃକ୍ତ ମନ୍ଦିର ଏବଂ ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ, ପୁନରୁଦ୍ଧାର କାର୍ଯ୍ୟ, ବିକାଶମୂଳକ ଯୋଜନା ଏବଂ ପାରିପାର୍ଶ୍ୱିକ ଭିତ୍ତିଭୂମିର ଉନ୍ନତୀକରଣ ବାଧାପ୍ରାପ୍ତ ହେବ। ସୁତରାଂ ଶ୍ରୀମନ୍ଦିରରୁ ଯେପରି ଏନ୍‌ଏମ୍‌ଏ ଉପନିୟମ ପ୍ରତ୍ୟାହାର ହେଲା ସେହିପରି ଲିଙ୍ଗରାଜ, ଅନନ୍ତ ବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିରକୁ ଏହି ଉପନିୟମ କଟକଣାରୁ ମୁକ୍ତ କରାଯିବା ଦାବିରେ କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଉଛି। ଏକାମ୍ର କ୍ଷେତ୍ରର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ କଂଗ୍ରେସର ଏହି ଲଢ଼େଇରେ ସାମିଲ ହୋଇ ଏଥିରେ ନିଜର ସ୍ୱାକ୍ଷର କରିବାକୁ ଦଳ ଅନୁରୋଧ କରିଛି।

## ପିଲାଙ୍କ ପାଇଁ ରେଲ୍‌ୱେ ଆଣିଲା ବଡ଼ ସୁଯୋଗ

ନୂଆଦିଲ୍ଲୀ,୧୪।୨

ରେଲ୍‌ୱେ ରିକ୍ରୁଇଟ୍‌ମେଣ୍ଟ ସେଲ୍ (ଆର୍‌ଆର୍ସି) ସର୍ବନିମ୍ନ ମାଟ୍ରିକ୍ ପାସ୍ କରିଥିବା ପ୍ରାର୍ଥୀଙ୍କ ପାଇଁ ବଡ଼ ସୁଯୋଗ ଆଣି ଦେଇଛଇ। ରେଳବାଇ ପ୍ରାୟ ୨୫୩୨ ପଦବୀରେ ନିଯୁକ୍ତି ଲାଗି ସୂଚନା ପ୍ରକାଶ ପାଇଛି। ଏଥିପାଇଁ ଆବେଦନ ପ୍ରକ୍ରିୟା ଫେବ୍ରୁୟାରୀ ୬ରୁ ଆରମ୍ଭ ହୋଇଛି। ଇଚ୍ଛୁକ ପ୍ରାର୍ଥୀମାନେ ଅନଲାଇନରେ ଆବେଦନ କରିପାରିବେ। ଆବେଦନ ତାରିଖ ମାର୍ଚ୍ଚ ୫ ପର୍ଯ୍ୟନ୍ତ ରହିଛି। ଆବେଦନ କରିବା ପାଇଁ ଆବେଦନକାରୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ହୋଇଥିବା ଜଣାପଡିଛି।



ନିକଟରେ ଅଭିନେତ୍ରୀ ଅନୁଷ୍କା ଶର୍ମା ମା' ହୋଇଛନ୍ତି। ଭାଲେଣ୍ଟାଇନ୍ସ ଡେ' ଅବସରରେ ସେ ସ୍ୱାମୀ ବିରାଟ କୋହଲିଙ୍କ ସହ ସୋସିଆଲ ମିଡିଆରେ ଏକ ରୋମାଣ୍ଟିକ ଫଟୋ ଶେୟାର କରିଛନ୍ତି। ଯାହା ଭାଇରାଲ ହେବାରେ ଲାଗିଛି। ଏହି ଭାଲେଣ୍ଟାଇନ୍ସ ଡେ'ରେ ବିରାଟ ଅନୁଷ୍କା ଶର୍ମାଙ୍କଠାରୁ ଦୂରରେ ଥିବାରୁ ଫଟୋ ଶେୟାର କରି ସେ ଭାଲେଣ୍ଟାଇନ୍ସ ଡେ ପାଳନ କରିଛନ୍ତି। ଚେନ୍ନାଇରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯାଉଛି। ତେଣୁ ବିରାଟ ଏବଂ ଅନୁଷ୍କା ଏହି ଭାଲେଣ୍ଟାଇନ ଡେ'ରେ ପରସ୍ପରଠାରୁ ଦୂରରେ ଅଛନ୍ତି।



# ୪୮ ଫୁଟ୍‌ର ରାମସେତୁ କେକ୍

**ସୁରଟ:** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ଆରମ୍ଭ ହୋଇଛି ନିଧିସଂଗ୍ରହ। ଏଥିରେ ସାମିଲ ହୋଇଛି ସୁରଟର 'ବ୍ରେଡ୍ ଲାଇନର'। ଏହି ବେକେରି କମ୍ପାନୀ ପକ୍ଷରୁ ଚଳିତ ୧୧ରୁ ୧୬ ତାରିଖ ଯାଏ 'ହର୍ କଦମ ରାମ୍ କେ ନାମ' ସଂକଳ୍ପ ଅଭିଯାନ ଚାଲିଛି। କମ୍ପାନୀର କର୍ମଚାରୀମାନେ ରାମ ମନ୍ଦିର ନିର୍ମାଣ ଲାଗି ଦିନକର ଦରମା ଦେଇଛନ୍ତି। ପାଣ୍ଠିସଂଗ୍ରହ ଲାଗି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୪୮ ଫୁଟର 'ରାମସେତୁ' କେକ୍ ପ୍ରସ୍ତୁତ କରାଯାଇଛି।

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ଦେଶବ୍ୟାପୀ ଆରମ୍ଭ ହୋଇଛି ନିଧି ସଂଗ୍ରହ। ମାସକ ଭିତରେ ୧୦୦୦ କୋଟି ଟଙ୍କା ସଂଗୃହୀତ ହୋଇସାରିଲାଣି। ଏଥିରେ ସାମିଲ ହୋଇଛନ୍ତି 'ବ୍ରେଡ୍ ଲାଇନର' ବେକେରିର ସମସ୍ତ କର୍ମଚାରୀ। ଏହି ସମୟରେ ସଂଗୃହୀତ ଅର୍ଥରାଶି ରାମ ମନ୍ଦିର ନିର୍ମାଣ ଲାଗି ଦିଆଯିବ ବୋଲି ଘୋଷଣା କରାଯାଇଛି। ଅଭିଯାନ ଆନୁକୂଲ୍ୟରେ ରାମସେତୁ ଥିମ୍ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୧୬ ଫେବୃୟାରୀ ଯାଏ ସଂକଳ୍ପ ଭିଡିଓ ପ୍ରତିଯୋଗିତା କରାଯିବ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବିନାଦେୟରେ ଉକ୍ତ କେକ୍ ପ୍ରଦାନ କରାଯିବ। କମ୍ପାନୀର ମାଲିକ ନିତିନଭାଇ ପଟେଲ କୁହନ୍ତି, ରାମ ମନ୍ଦିର ନିର୍ମାଣ ଲାଗି ପ୍ରତି କର୍ମଚାରୀ ଗୋଟିଏ ଦିନର ବେତନ ଦେଇଛନ୍ତି। ଏ ବାବଦରେ ୧ ଲକ୍ଷ ୧ ହଜାର ୧୧୧ ଟଙ୍କା ସଂଗୃହୀତ ହୋଇଛି। ଗ୍ରାହକଙ୍କ ବିଲ୍‌ରୁ ୧ ଲକ୍ଷ ୨୧ ହଜାର ୧୧୧ ଟଙ୍କା ମନ୍ଦିର ନିର୍ମାଣ ପାଇଁ ଦିଆଯାଇଛି। ରାମସେତୁ ୪୮ କିଲୋମିଟର ବିଶିଷ୍ଟ ଥିଲା ବୋଲି କୁହାଯାଉଛି। ତେଣୁ ପ୍ରତୀକାତ୍ମକ ଭାବେ ୪୮ ଫୁଟର ଏକ କେକ୍ ନିର୍ମାଣ କରାଯାଇଛି।

# 'ରାଧେ ଶ୍ୟାମ'ର ରୋମାଣ୍ଟିକ ଟିଜର



**ହାଇଦ୍ରାବାଦ୍:** ଭାଲେଣ୍ଟାଇନ ଡେ'ରେ ରିଲିଜ ହୋଇଛି ରୋମାଣ୍ଟିକ ଡ୍ରାମା 'ରାଧେ ଶ୍ୟାମ'ର ଟିଜର। ବାହୁବଳୀ ଷ୍ଟାର ପ୍ରଭାସ ଓ ପୂଜା ହେଜ୍‌ଙ୍କ ଯୋଡିଙ୍କୁ ଆସନ୍ତା ଜୁଲାଇ ୩୦ରେ ଦର୍ଶକେ ବଡ଼ ପରଦାରେ ଦେଖିବାକୁ ପାଇବେ। ତା' ପୂର୍ବରୁ ରିଲିଜ ହୋଇଥିବା ଟିଜରରେ ମଧ୍ୟ ଉଭୟଙ୍କ କେମିଷ୍ଟ୍ରିକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ୟୁଭି କ୍ରିଏସନରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଧାକୃଷ୍ଣ କୁମାର। ଫେବୃୟାରୀ ୧୪ରେ ସରପ୍ରାଇଜ ଦେବାକୁ ପୂର୍ବରୁ ପ୍ରଭାସ ତାଙ୍କ ଫ୍ୟାନମାନଙ୍କୁ କହିଥିଲେ। ହିନ୍ଦୀ ସହ ତେଲୁଗୁ, ତାମିଲ ଓ ମାଲାୟାଲମ ଭାଷାରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ।

# ଏଲ୍‌ଇଡି ଲାଇଟ୍‌ରେ କେଶର ଚାଷ



**ଚଣ୍ଡିଗଡ଼:** ଦୃଢ଼ ଇଚ୍ଛା ଶକ୍ତି ଥିଲେ ସଫଳତା ନିଶ୍ଚୟ ମିଳିଥାଏ। ଏକଥାକୁ ପ୍ରମାଣ କରି ଦେଖାଇଛନ୍ତି ହରିୟାଣାର ଦୁଇ ଭାଇ। ଏଲ୍‌ଇଡି ଲାଇଟ୍‌ର ତାପମାତ୍ରାରେ ସେମାନେ କେଶର ଉତ୍ପାଦନ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ପାରିଛନ୍ତି। ହରିୟାଣା ରାଜ୍ୟ ହିସାର ଅଞ୍ଚଳର କୋଥକଳା ଗାଁର ଇଞ୍ଜିନିୟର ପ୍ରବୀଣ ଏବଂ ତାଙ୍କ ଭାଇ ନବୀନ ଏକାଠି ମିଶି ଏବେ କେଶର ଚାଷ କରି ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଲକ୍‌ଡାଉନ୍ ସମୟରେ ଦୁଇ ଭାଇ ଚାକିରି ଛାଡ଼ି ଏହି ଚାଷ ଆରମ୍ଭ କରିଥିଲେ। ନବୀନ ହୋଟେଲ ମ୍ୟାନେଜ୍‌ମେଣ୍ଟ କରି ବାହାରେ ଚାକିରି କରୁଥିଲେ ବି ଲକ୍‌ଡାଉନ୍ ସମୟରେ ଘରକୁ ଚାଲି ଆସିଥିଲେ। ଏହାପରେ ଦୁଇ ଭାଇ ମିଶି ତାଙ୍କ ଘର ଛାତ ଉପରେ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ଲ୍ୟାବ୍ ତିଆରି କରିଥିଲେ। ଏହି ଲ୍ୟାବ୍‌ରେ ସେମାନେ କେଶର ଚାଷ କରି ଏବେ ସଫଳତା ହାସଲ କରିଛନ୍ତି। ଏୟାରପୋନିକ୍ ଟେକ୍ନିକ୍‌ରେ ପ୍ରଥମେ ସେମାନେ ମାତ୍ର ତିନି ମାସ ମଧ୍ୟରେ ୧ କିଲୋ ୩୦୦ ଗ୍ରାମ୍ କେଶର ଉତ୍ପାଦନ କରି ପାରିଥିଲେ। କେଶର ଉତ୍ପାଦନ ନିମନ୍ତେ ଏବେ ସୁଦ୍ଧା ବିଭିନ୍ନ ଅଞ୍ଚଳରେ ପରୀକ୍ଷାନିରୀକ୍ଷା ଚାଲିଥିଲେ ବି ପ୍ରବୀଣ ଏବଂ ନବୀନ ଏଥିପାଇଁ ପ୍ରଥମେ ବହୁ ସ୍ଥାନ ବୁଲି ଅନୁଧ୍ୟାନ କରିଥିଲେ। କେଶର ଚାଷ କିପରି ହେଉଛି ଦେଖିବା ପରେ ସେମାନେ ଲ୍ୟାବ୍ ତିଆରି କରିଥିଲେ। ଏହାପରେ ଦିନବେଳେ ୨୦ ଡିଗ୍ରୀ ତାପମାତ୍ରା ଏବଂ ରାତିରେ ୧୦ ଡିଗ୍ରୀ ତାପମାତ୍ରାରେ ସେମାନେ ଚାଷ କରିଥିଲେ। ଏହି ଉପାୟରେ ଚାଷରେ ସିଧାସଳଖ ସୂର୍ଯ୍ୟକିରଣ ଆବଶ୍ୟକ ହୋଇ ନ ଥାଏ ଏବଂ ଲ୍ୟାବ୍‌ରୁ ଅମଳ ହୋଇଥିବା କେଶର ଉତ୍ତମ ମାନର ହୋଇଥାଏ। ତେଣୁ ଏବେ ଏହି କେଶରକୁ କିଲୋଗ୍ରାମ୍ ପିଛା ୫ ଲକ୍ଷ ଟଙ୍କାରେ ସେମାନେ ବିକ୍ରି କରି ବେଶ୍ ଲାଭ କରିପାରୁଛନ୍ତି। ଲକ୍‌ଡାଉନ୍ ସମୟରେ ସମସ୍ତେ ଚାକିରି ହରାଇଥିବାବେଳେ ଏହି ଦୁଇ ଭାଇଙ୍କ ଉଦ୍ୟମ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

# ରିଲେସନଶିପକୁ ନେଇ କଥା ହେଲେ ଅନନ୍ୟା

**ମୁମ୍ବାଇ:** ବଲିଉଡ ଷ୍ଟାର କିଡ ତଥା ନବାଗତା ନାୟିକା ଅନନ୍ୟା ପାଣ୍ଡେ ଭାଲେଣ୍ଟାଇନ ଡେ' ଅବସରରେ ତାଙ୍କ ଏକ୍ସ ବୟଫ୍ରେଣ୍ଡଙ୍କୁ ମନେପକାଇବା ସହ ଏବେକାର ରିଲେସନଶିପକୁ ନେଇ ଖୋଲାଖୋଲି କଥା ହୋଇଛନ୍ତି। ଭିନ୍ନ ଭିନ୍ନ ଅନ୍ଦାଜରେ ବଲିଉଡ ସେଲିବ୍ରିଟିମାନେ ଭାଲେଣ୍ଟାଇନ ଡେ' ପାଳନ କରୁଥିବା ବେଳେ ଅନନ୍ୟା ବି ଏଥିରୁ ବାଦ ପଡି ନାହାନ୍ତି। ଭାଲେଣ୍ଟାଇନ ଡେ' ଅବସରରେ ଏହି ଚୁଲବୁଲି ନାୟିକା ଏକ ଡେଟିଂ ଆପ ତିଆରି କରିଛନ୍ତି। ଏହି ଅବସରରେ ସେ ତାଙ୍କ ଲଭ ଲାଇଫକୁ ନେଇ କଥା ହୋଇଛନ୍ତି। ଆଉ ଏବେକାର ରିଲେସନଶିପକୁ ନେଇ କହିଛନ୍ତି ଆମେ କେବଳ ଭଲ ବନ୍ଧୁ। ତେବେ ବ୍ରେକଅପ ପରେ ଯେଉଁମାନେ ଭାଙ୍ଗି ପଡୁଛନ୍ତି ତାଙ୍କୁ ନେଇ ଅନନ୍ୟା କହିଛନ୍ତି ଏଥିରେ ଭାଙ୍ଗି ପଡିବାର କୌଣସି କାରଣ ନାହିଁ। କାରଣ ସବୁଶେଷ ପରେ ଗୋଟିଏ ନୂଆ ଆରମ୍ଭ ହୋଇଥାଏ। ସମସ୍ତଙ୍କୁ ବର୍ତ୍ତମାନରେ ବଞ୍ଚିବା ଦରକାର। ଅତୀତ କେବଳ ଅତୀତ ହୋଇଥାଏ। ୱାର୍କଫ୍ରଣ୍ଟ କଥା କହିଲେ ଖୁବ୍‌ଶୀଘ୍ର ଅନନ୍ୟା ଫିଲ୍ମ 'ଲାଇଗର'ରେ ନଜର ଆସିବେ। ଏଥିରେ ସାଉଥ ସୁପରଷ୍ଟାର ବିଜୟ ଦେବରକୋଣ୍ଡାଙ୍କୁ ମଧ୍ୟ ଦେଖିବାକୁ ମିଳିବ।



# ଜମ୍ମୁ-କଶ୍ମୀରରେ ପ୍ରଥମ



**ଶ୍ରୀନଗର:** ଦେଶର ଏମିତି କିଛି ଇଲାକା ଥାଏ, ଯେଉଁଠି ମହିଳାମାନଙ୍କ ପ୍ରବେଶରେ ଲାଗିଥାଏ ଏକ ଅଲିଖିତ କଟକଣା। କିନ୍ତୁ ସେହି କଟକଣା ଡେଇଁ କିଛି ମହିଳା ନିଜ ସାହସିକତାର ପରିଚୟ ଦେଇଥାଆନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ସାଇମା ଉବେଦ୍। ନିଜର ସାହସ ଓ ପରିଶ୍ରମ ବଳରେ ଏବେ ସେ ପାଲଟିଛନ୍ତି ଜାମ୍ମୁ-କଶ୍ମୀରର ପ୍ରଥମ ମହିଳା ଭାର ଉତ୍ତୋଳନକାରୀ।

ସେ ପ୍ରଥମେ ନିଜର ଓଜନ କମ୍ କରିବା ପାଇଁ ଜିମ୍ ଯିବା ଆରମ୍ଭ କରିଥିଲେ। ପରେ ତାଙ୍କ ସ୍ୱାମୀ ତାଙ୍କୁ ଭାର ଉତ୍ତୋଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ତାଙ୍କ ସ୍ୱାମୀ ଉବେଜ୍ ହଫିଜ୍ ନିଜେ ମଧ୍ୟ ଜଣେ ଭାର ଉତ୍ତୋଳନକାରୀ। ତେଣୁ ସାଇମାଙ୍କୁ ଏହି କ୍ୟାରିୟର କରିବା ପାଇଁ ସେ ନିଜେ ତାଲିମ ଦେଇଥିଲେ। ଏହାପରେ ସ୍ୱାମୀଙ୍କ ପ୍ରେରଣାରେ ସେ ଭାର ଉତ୍ତୋଳନକାରୀଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଧୀରେ ଧୀରେ ସାଇମା ମଧ୍ୟ ଭାର ଉତ୍ତୋଳନକାରୀଭାବେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କିଛି ଦିନ ତଳେ କଶ୍ମୀରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାଇମା ଭାଗ ନେଇଥିଲେ, ଯେଉଁଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପୁରୁଷ ଓ ମହିଳା ଭାଗ ନେଇଥିଲେ। ପ୍ରତିଯୋଗିତାରେ ୨୫୫ କିଲୋଗ୍ରାମ ଓଜନ ଉଠାଇ ସାଇନା ସ୍ୱର୍ଣ୍ଣପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏବେ ସେ ଏଭଳି ଏକ କ୍ଷେତ୍ରରେ କ୍ୟାରିୟର କରି ପ୍ରଥମ ମହିଳା ଭାବେ ସ୍ୱତନ୍ତ୍ରତା ହାସଲ କରିଛନ୍ତି।

# ୱଣ୍ଡର କିଡ୍‌ଙ୍କ ୱାର୍ଲ୍ଡ ରେକର୍ଡ

ବିଜୟୱାଡା



ୱଣ୍ଡର କିଡ୍ ଆଖ୍ୟା ପାଇଥିବା ମୁନାଙ୍ଗି ହାସିନି ଆଉ ଏକ ରେକର୍ଡ ନିଜ ନାଁରେ କରିଛନ୍ତି। ୧୧ ବର୍ଷୀୟା ମୁନାଙ୍ଗି ୨୦୦୧ରୁ ୪୦୦୦ ମସିହା ମଧ୍ୟରେ କେଉଁ ତାରିଖରେ କେଉଁ ବାର ପଡ଼ିବ ତାହା ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ କହି ବ୍ରିଟିଶ ୱାର୍ଲ୍ଡ ରେକର୍ଡରେ ନାଁ ସ୍ଥାନିତ କରିଛନ୍ତି। ଲାବିପେଟ୍‌ସ୍ଥିତ ଆନ୍ଧ୍ର ଏକାଡେମୀ ଅଡିଟୋରିୟମଠାରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ବାର ଓ ତାରିଖ ବିଷୟରେ ପଚରାଯିବାରେ ସେ ଗୋଟିଏ ପରେ ଗୋଟିଏ ପ୍ରଶ୍ନର ଠିକ୍ ଉତ୍ତର ମାତ୍ର କେତେ ସେକେଣ୍ଡ ଭିତରେ କହିଥିଲେ। ୨୦୧୮ରେ ମୁନାଙ୍ଗି ମାତ୍ର ୬୦ ମିନିଟ୍‌ରେ ଇତିହାସର ସଫଳ ୬୦ ମହିଳାଙ୍କ ନାମ ଓ ଜୀବନୀ ବିସ୍ତୃତ ଭାବେ କହି ତେଲୁଗୁ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଥିଲେ।

# ଖାକି ପିନ୍ଧେନି ପୋଲିସ

**କୋଲକାତା:** ସାଧାରଣତଃ ଆମ ଦେଶରେ ପୋଲିସମାନେ ଖାକି ରଙ୍ଗର ପୋଷାକ ପିନ୍ଧିଥାନ୍ତି। ମାତ୍ର ଆପଣ ଜାଣନ୍ତି କି କେବଳ କୋଲକାତାର ପୋଲିସମାନେ ହିଁ ଧଳା ପୋଷାକ ପିନ୍ଧିଥାନ୍ତି। ଜାଣନ୍ତୁ କ'ଣ ରହିଛି ଏହାର କାରଣକ ଖାକି ଏବଂ ଧଳା ପୋଷାକ ଇଂରେଜମାନଙ୍କ ଅମଳରୁ ଚାଲିଆସୁଛି। ବ୍ରିଟିଶ ଶାସନ ସମୟରେ ଯେତେବେଳେ ପୋଲିସ ଗଠନ ହୋଇଥିଲା ସେତେବେଳେ ପୋଲିସ ଧଳାରଙ୍ଗର ପୋଷାକ ପିନ୍ଧୁଥିଲେ। ମାତ୍ର ଅଧିକ ସମୟ ପର୍ଯ୍ୟନ୍ତ ଡ୍ୟୁଟି କରିବାରୁ ପୋଷାକ ନଷ୍ଟ ହୋଇଗଲା। ଏହି କାରଣରୁ ପୋଲିସକର୍ମୀମାନେ ଭିନ୍ନ ଭିନ୍ନ ରଙ୍ଗର ପୋଷାକ ପିନ୍ଧିବାକୁ ଆରମ୍ଭ କଲେ। ଧଳାରଙ୍ଗର ପୋଷାକ ଉପରେ ଅନ୍ୟ ରଙ୍ଗ ଲାଗିବା କାରଣରୁ ଯବାନଙ୍କ ୟୁନିଫର୍ମ ଭିନ୍ନ ଦେଖାଗଲା। ସେତେବେଳେ ଚିହ୍ନି ହେଲା ନାହିଁ କିଏ ଯବାନ କିଏ ପୋଲିସ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଇଂରେଜମାନେ ଖାକି ରଙ୍ଗର ପୋଷାକ ତିଆରି କଲେ। ଯାହାକି ଶୀଘ୍ର ନଷ୍ଟ ହେବ ନାହିଁ। ୧୮୪୭ ମସିହାରେ ଇଂରେଜ ଅଫିସର ହେରି ଲମ୍ସଡେନ ପ୍ରଥମଥର ଖାକି ରଙ୍ଗର ପୋଷାକ ପିନ୍ଧିଥିଲେ। ସେବେଠାରୁ ଭାରତୀୟ ପୋଲିସଙ୍କ ପୋଷାକ ଖାକି ରଙ୍ଗର ହୋଇଥିଲା। କୋଲକାତା ପୋଲିସ ପାଇଁ ମଧ୍ୟ ଖାକି ରଙ୍ଗର ପୋଷାକ ପିନ୍ଧିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ସେ ଏହାକୁ ଖାରଜ କରିଦେଇଥିଲେ। ଏହା ପଛରେ ସେ କାରଣ ଦର୍ଶାଇଥିଲେ ଯେ କୋଲକାତା ଉପକୂଳବର୍ତ୍ତୀ ଅଞ୍ଚଳ। ଏଠାରେ ପ୍ରବଳ ଗରମ ହୋଇଥାଏ। ତେଣୁ ବୈଜ୍ଞାନିକ କାରଣ ଦୃଷ୍ଟିରୁ ଏଠାରେ ଧଳା ପିନ୍ଧିବା ସବୁଠୁ ଭଲ। ଏହି ରଙ୍ଗ ସୂର୍ଯ୍ୟକିରଣକୁ ପ୍ରତିଫଳିତ କରିବ। ଫଳରେ ଅଧିକ ଗରମ ହେବ ନାହିଁ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
FINANCE LOAN
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9473753634

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
T&C
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା।
କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ।
କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
T&C
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ପଟ୍ଟନାୟକ
ତମାଣ୍ଡୋ, ଭୁବନେଶ୍ୱର
ଧରାବତରଣ: ୨୪।୦୪।୧୯୩୨
ସ୍ୱର୍ଗାରୋହଣ: ୦୫।୦୨।୨୦୨୧
(ମାଘ କୃଷ୍ଣପକ୍ଷ ନବମୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ବିନମ୍ର ପ୍ରାର୍ଥନା।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ:-
ଧର୍ମପତ୍ନୀ: ଜାନକୀ ଦେବୀ, ପୁତ୍ର: କ୍ଷୀତିଶ୍, ଗିରିଶ୍, ଇତିଶ୍, ବୋହୂ: ନିବେଦିତା, ଅମ୍ବିକା, ନାତି/ନାତୁଣୀ: ନିଶିଥା, ଆଦିତ୍ୟ, ମୋକ୍ଷିତା ଓ ପଟ୍ଟନାୟକ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୬୯୯୬୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସୁଲିମା ସାହୁ
ଆବିର୍ଭାବ: ୧୩।୦୭।୧୯୬୯
ତିରୋଧାନ: ୨୯।୦୧।୨୦୨୦
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ସାଗର, ପୁପୁନ, ସାଇ, ଖୁସି।
ଧ-୧୯୯୫୭

# କୁକୁଡ଼ା ମାଂସ ଓ ବିଘ୍ନଜ ପ୍ରତିରୋଧ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମିଷ ଖାଦ୍ୟ ମଧ୍ୟରେ ଏବେ କୁକୁଡ଼ା ମାଂସ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ଅନ୍ୟାନ୍ୟ ମାଂସ ତୁଳନାରେ ଏହା କେବଳ ଯେ ପୁଷ୍ଟିକର ତା' ନୁହେଁ ନିରାପଦ ମଧ୍ୟ। ଏଥିରେ ଶ୍ୱେତସାର ପ୍ରାୟତଃ ନ ଥିଲାବେଳେ ଥାଏ ହାରାହାରି ୧୦୦ ଗ୍ରାମ୍ ପ୍ରତି ୨୪.୬୮ ଗ୍ରାମ୍ ପ୍ରୋଟିନ୍। ୧୨ ଗ୍ରାମ୍ ସ୍ନେହସାର, ୬୩.୯୩ ଗ୍ରାମ୍ ଜଳ ଏବଂ ଯଥେଷ୍ଟ ପରିମାଣରେ ଭିଟାମିନ୍ ଏ, ବି-୬ ଓ ବି-୫ ତଥା ଲୌହ, ୨୧୯ କିଲୋ କ୍ୟାଲୋରି। ଏହା ବ୍ୟତୀତ ଏହାର ୧୨ ଗ୍ରାମ୍ ସ୍ନେହସାର ମଧ୍ୟରେ କେବଳ ୩.୫ ଗ୍ରାମ୍ ପରିପୃକ୍ତ (ସାଚୁରେଟେଡ୍) ଏବଂ ୪.୯୩ ଗ୍ରାମ୍ ଏକକ-ଅପରିପୃକ୍ତ (ମନୋ-ଅନ୍‌ସାଚୁରେଟେଡ୍) ତଥା ୨.୭୪ ଗ୍ରାମ୍ ବହୁଳ ଅପରିପୃକ୍ତ (ପଲି-ଅନ୍‌ସାଚୁରେଟେଡ୍)। ଅତଏବ ହୃଦ୍‌ରୋଗୀ ଏବଂ ପୃଥୁଳକାୟଙ୍କ ପାଇଁ ଏହା ଅପେକ୍ଷାକୃତ ନିରାପଦ। ସେହିପରି ଏହାର ପ୍ରୋଟିନ୍‌ରେ ଥାଏ ୯ ପ୍ରକାର ଅତ୍ୟାବଶ୍ୟକ ଆମିନୋଅମ୍ଳ। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା ଲାଇସିନ୍, ଥ୍ରେଓନିନ୍, ଲାଗୁରିନ୍, ଆଇସୋ- ଲିଉସିନ୍ ଇତ୍ୟାଦି।

ବର୍ତ୍ତମାନ ପୃଥିବୀରେ କୁକୁଡ଼ା ମାଂସର ଚାହିଦା ବାର୍ଷିକ ୯୦ ହଜାର ନିୟୁତ (ବିଲିୟନ୍) ଟନ୍ ଅତିକ୍ରମ କରିଗଲାଣି। ତଥାପି ବିଗତ କେତେ ଦଶନ୍ଧି ଧରି ଏହା ବାର୍ଷିକ ୫/୭ ଶତାଂଶ କୁକୁଡ଼ା ପାଳନ କେନ୍ଦ୍ର ବା ଫାର୍ମଗୁଡ଼ିକ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏଣୁ ଏହା ଏକ ଦ୍ରୁତ ବର୍ଦ୍ଧିଷ୍ଣୁ ବ୍ୟବସାୟରେ ପରିଣତ ହୋଇଛି। ପରିଣାମ ରୂପେ ସମସ୍ତ ସଘନ କୃଷି ବା ପଶୁପାଳନ ଭଳି ଏହା ମଧ୍ୟ ଆଣୁଛି ନାନାଦି ଉତ୍କଟ ସ୍ୱାସ୍ଥ୍ୟ ଏବଂ ପରିବେଶଜନିତ ସମସ୍ୟା। ବାର୍ଡ ଫ୍ଲୁକୁ ଏହାର ଅନ୍ୟତମ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ। ତେବେ ଉତ୍ପାଦନ ଆହୁରି ବଢ଼ାଇବା ପାଇଁ ଏବଂ ତାହାକୁ ଅଧିକ ଲାଭଜନକ କରିବା ଲାଗି ଉତ୍କଣ୍ଠିତ ଫାର୍ମ ମାଲିକମାନେ ଆଶ୍ରୟ ନେଇଛନ୍ତି। କୃତ୍ରିମ ତଥା ବିଜ୍ଞାନସମ୍ମତ ହୋଇ ନ ଥିବା ପଦ୍ଧତିମାନଙ୍କର। ତନ୍ମଧ୍ୟରୁ ଅନ୍ୟତମ ହେଲା ବିଘ୍ନଜ ବା ଆଣ୍ଟି-ବାଇଓଟିକ୍‌ସର ଅପରିଣାମଦର୍ଶୀ ବିନିଯୋଗ। ଏହାକୁ କେବଳ କୁକୁଡ଼ାଙ୍କ ରୋଗ ନିରାକରଣ ଲାଗି ବ୍ୟବହାର କରାଯାଉନାହିଁ ବରଂ ତାଙ୍କୁ ରୋଗ ନ ହେବା ପାଇଁ ପ୍ରତିଶୋଧନ ରୂପେ ଏବଂ ସେଗୁଡ଼ିକର ଦ୍ରୁତ ଶାରୀରିକ ବୃଦ୍ଧିରେ ସହାୟକ ହେବା ପାଇଁ ମଧ୍ୟ ବହୁଳ ଭାବେ ଏହା କରାଯାଉଛି। ଫଳରେ ଯେଉଁ ଭୟଙ୍କର ପରିଣାମଗୁଡ଼ିକର ଉଦ୍ଭବ ଘଟୁଛି ତହିଁରୁ ଅଗ୍ରଗଣ୍ୟ ବିଘ୍ନଜ ପ୍ରତିରୋଧ ବା ଆଣ୍ଟି ବାଇଓଟିକ୍ ରେଜିଷ୍ଟାନ୍ସ।





ଏବେ ଭାରତ ସମେତ ପୃଥିବୀର ଅନେକ ଦେଶରେ ସଘନ ପଶୁପାଳନ କେନ୍ଦ୍ର ଏବଂ ବିଶେଷକରି କୁକୁଡ଼ା ପାଳନ କେନ୍ଦ୍ରରେ ବ୍ୟବହାର ହେଉଛି ପ୍ରଚୁର ବିଘ୍ନଜ। ଫଳରେ ସୃଷ୍ଟି ହେଉଛନ୍ତି ବିଘ୍ନଜ ପ୍ରତିରୋଧ ଶକ୍ତିସମ୍ପନ୍ନ ବୀଜାଣୁ, କବକ ଇତ୍ୟାଦି। ଅତଏବ ସେମାନେ ମଣିଷଠାରେ ସୃଷ୍ଟି କରୁଥିବା ରୋଗଗୁଡ଼ିକର ଚିକିତ୍ସା ସମ୍ଭବ ହୋଇପାରୁନାହିଁ। କ୍ରମଶଃ ଏ ସମସ୍ୟା ବିଶ୍ୱବ୍ୟାପୀ ଏବଂ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଅଧିକ ଗୁରୁତର ହେବାକୁ ଆରମ୍ଭ କରିଛି ବୋଲି ସଚେତନ କରାଇଦେଇଛି, ପ୍ରୋସିଡିଙ୍ଗସ୍ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍‌ସେସ୍‌ରେ ପ୍ରକାଶିତ ଏକ ନିବନ୍ଧ (ମାର୍ଚ୍ଚ, ୨୦୧୬)।

ଏହା ରଚନା କରିଥିବା ଗବେଷକମାନେ ସୂଚିତ କରିଛନ୍ତି ଯେ, ବର୍ତ୍ତମାନ କେବଳ ବିତ୍ତଶାଳୀ ଦେଶ ସମୂହରେ ନୁହେଁ ନିମ୍ନ ତଥା ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ମଧ୍ୟ ପ୍ରାଣୀଜ ପ୍ରୋଟିନ୍‌ର ଚାହିଦା ବେଶ୍ ବଢ଼ି ଚାଲିଛି। ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ଦୁଇ ଦଶକ ମଧ୍ୟରେ କୁକୁଡା ସମେତ ଅନ୍ୟ ସବୁ ପଶୁପାଳନ କ୍ଷେତ୍ରରେ ବିଘ୍ନଜର ବ୍ୟବହାର ପ୍ରାୟ ୬୭ ପ୍ରତିଶତ ବୃଦ୍ଧି ପାଇବ। ବ୍ରାଜିଲ୍, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା ଅର୍ଥାତ୍ 'ବ୍ରିକସ' ଦେଶ ସମୂହରେ ଏହା ଆହୁରି ଅଧିକ, ଅର୍ଥାତ୍ ୯୦ରୁ ୯୯ ପ୍ରତିଶତ ହେବାର ସମ୍ଭାବନା ରହିଛି। ପ୍ରିନ୍‌ସେଟ୍‌ସ ବିଶ୍ୱବିଦ୍ୟାଳୟର ଗବେଷକ ଥୋମାସ ପି. ଭାନ୍ ବୋଏକେଲଙ୍କ ମତରେ ୨୦୩୦ ମସିହା ସୁଦ୍ଧା ଭାରତ ଭଳି କେତେକ ଦେଶରେ ବିଘ୍ନଜର ଏପରି ଅପବ୍ୟବହାର ହେଉଥିବା ପ୍ରାଣୀଙ୍କ ମାଂସର ଚାହିଦା ୨୦୧୦ ମସିହା ତୁଳନାରେ ଦ୍ୱିଗୁଣିତ ହୋଇଯାଇପାରେ। (ବାର୍ଷିକ ପ୍ରାୟ ୫ ଶତାଂଶ ହାରରେ ବୃଦ୍ଧି)।

ଅନ୍ୟପକ୍ଷରେ ଜନସଂଖ୍ୟା ବୃଦ୍ଧି ଏହା ତୁଳନାରେ ଯଥେଷ୍ଟ କମ୍ ହେଉଥିବା ଦୃଷ୍ଟିରୁ ମୁଣ୍ଡପିଛା ବିଘ୍ନଜ ବ୍ୟବହାର ଖୁବ୍ ଅଧିକ ହୋଇଯିବ। ବିଶେଷ କରି କୁକୁଡ଼ା ପାଳନ କ୍ଷେତ୍ରରେ ଏହା ୪୭୭ ଶତାଂଶ ବୃଦ୍ଧି ପାଇଲାବେଳେ ଘୁଷୁରି କ୍ଷେତ୍ରରେ ତାହା ହେବ ୧୬୪ ପ୍ରତିଶତ। ତହିଁରୁ ବହୁ ମାତ୍ରାରେ ପରିବେଶକୁ ନିର୍ଗତ ହେଲାବେଳେ, ଏହାର କିଛି ଗୁରୁତ୍ୱପୂର୍ଣ୍ଣ ଭାଗ ଖାଦ୍ୟ ଆଦି ମାଧ୍ୟମରେ ଶରୀର ମଧ୍ୟକୁ ପ୍ରବେଶ କରିବ।

> "ବର୍ତ୍ତମାନ ପୃଥିବୀରେ କୁକୁଡ଼ା ମାଂସର ଚାହିଦା ବାର୍ଷିକ ୯୦ ହଜାର ନିୟୁତ (ବିଲିୟନ୍) ଟନ୍ ଅତିକ୍ରମ କରିଗଲାଣି। ତଥାପି ବିଗତ କେତେ ଦଶନ୍ଧି ଧରି ଏହା ବାର୍ଷିକ ୫/୭ ଶତାଂଶ କୁକୁଡ଼ା ପାଳନ କେନ୍ଦ୍ର ବା ଫାର୍ମଗୁଡ଼ିକ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏଣୁ ଏହା ଏକ ଦ୍ରୁତ ବର୍ଦ୍ଧିଷ୍ଣୁ ବ୍ୟବସାୟରେ ପରିଣତ ହୋଇଛି। ପରିଣାମ ରୂପେ ସମସ୍ତ ସଘନ କୃଷି ବା ପଶୁପାଳନ ଭଳି ଏହା ମଧ୍ୟ ଆଣୁଛି ନାନାଦି ଉତ୍କଟ ସ୍ୱାସ୍ଥ୍ୟ ଏବଂ ପରିବେଶଜନିତ ସମସ୍ୟା। ବାର୍ଡଫ୍ଲୁକୁ ଏହାର ଅନ୍ୟତମ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ।"

କେତେକେ ପ୍ରଶ୍ନ କରିପାରନ୍ତି ଯେ, କୁକୁଡ଼ା ସମେତ ଅନ୍ୟାନ୍ୟ ପଶୁଙ୍କ ମାଂସ ଥିବା ବଳକା ବିଘ୍ନଜ ଏବଂ ବିଘ୍ନଜ ପ୍ରତିରୋଧ ଶକ୍ତିସମ୍ପନ୍ନ ଜୀବାଣୁ ରନ୍ଧନ ସମୟରେ ନଷ୍ଟ ହେଉ ନାହାନ୍ତି କାହିଁକି? ପ୍ରକୃତରେ ତାହା ଅନେକ ମାତ୍ରାରେ ହୁଏ। ଅଧିକାଂଶ ବିଘ୍ନଜ ଅଣୁ ଏବଂ ଜୀବାଣୁ ଏଥିରେ ନଷ୍ଟ ହୋଇଯାଆନ୍ତି। କିନ୍ତୁ କୁକୁଡ଼ାର ପେଟ ଭିତର ଏକ ଉଷ୍ମ, ଅତିଥି ପରାୟଣ ରିଆକ୍ଟର କିମ୍ବା ଜୀବାଣୁ ଭଳି ସୂକ୍ଷ୍ମ ଜୀବମାନଙ୍କ ପାଇଁ ଏକ ଦ୍ୱିତୀୟ କ୍ରୀଡ଼ା ଭୂମି ରୂପେ କାର୍ଯ୍ୟକୁ ଏଠାରେ କେବଳ ସାଧାରଣ ନୁହେଁ, ଧ୍ରୁବୀକରଣ ହୋଇଥିବା (ମ୍ୟୁଟାଣ୍ଟ) ଜାତିଗୁଡ଼ିକର ମଧ୍ୟ ବୃଦ୍ଧି ଘଟିପାରେ। ଏମାନଙ୍କ ମଧ୍ୟରୁ କେତେକ ତାପପ୍ରତିରୋଧ ଶକ୍ତି ସମ୍ପନ୍ନ ହେଲାବେଳେ ଆଉ କେତେକଙ୍କଠାରେ ବହୁ ଔଷଧ ପ୍ରତିରୋଧ ଗୁଣ ପ୍ରକଟିତ ହୁଏ। ପୁନଶ୍ଚ କୁକୁଡ଼ାର ଖାଦ୍ୟ ରୂପେ ବ୍ୟବହୃତ ହେଉ ନ ଥିବା ଅଂଶଗୁଡ଼ିକୁ ଫିଙ୍ଗି ଦିଆଯାଏ। ତାହା ଜଳ ଓ ମାଟିରେ ମିଶି ସେଥିରେ ଥିବା ଜୀବମାନଙ୍କୁ ପ୍ରଭାବିତ କରନ୍ତି। ଅନେକ ସମୟରେ ଏ ପ୍ରକାର ଜୀବାଣୁ ପଶୁମାନଙ୍କୁ ଏବଂ ପଶୁମାନଙ୍କଠାରୁ ମନୁଷ୍ୟମାନଙ୍କୁ ସଂକ୍ରମିତ କରିଥାନ୍ତି। ସାର୍ ଜୀବାଣୁ, ଏଚ୍-୧ ଏନ୍-୧ ଏବଂ ଏଚ୍ଆଇଭି ଭୂତାଣୁ ଇତ୍ୟାଦି ଏହାର ଉଦାହରଣ। ଏଣୁ ସାଧାରଣ ଭାବେ ପଶୁପାଳନ ଏବଂ ବିଶେଷ ଭାବେ କୁକୁଡ଼ା ପାଳନ କେନ୍ଦ୍ରରେ ବିଘ୍ନଜ ଉଚିତ ମାତ୍ରାରେ ବ୍ୟବହାର ଲାଗି କଟକଣା ହେବା ଦରକାର। ଫାର୍ମ ମାଲିକମାନେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଏକ ସାମାଜିକ ଦାୟିତ୍ୱ ରୂପେ ତୁଲାଇବା ଉଚିତ।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଆଣ୍ଠୁ ବ୍ୟଥାର ଘରୋଇ ଉପଚାର

**ଆଣ୍ଠୁଗଣ୍ଠି ବ୍ୟଥା ହେଉଥିଲେ ନିମ୍ନଲିଖିତ ଘରୋଇ ଉପଚାର ଆପଣେଇ ପାରନ୍ତି...**



- କ୍ଷୀର ଏବଂ ଅଦା ମିଶ୍ରିତ ଚା' ପିଇଲେ ଆଣ୍ଠୁ ବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ।
- ଯଦି ଥଣ୍ଡାଜନିତ ସମସ୍ୟା ସହ ଜଡିତ ତେବେ ଆଣ୍ଠୁଗଣ୍ଠିଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଥଣ୍ଡାରୁ ଉପଶମ ପାଇବା ଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ।
- ଗଣ୍ଠିବ୍ୟଥାରୁ ଉପଶମ ପାଇବାକୁ ହେଲେ ପ୍ରତିଦିନ ସକାଳୁ ରସୁଣ ଖାଆନ୍ତୁ। ଏହାଦ୍ୱାରା ଏପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଅମୃତଭଣ୍ଡା ସାମିଲ କରନ୍ତୁ। କାରଣ ଏଥିରେ ଭିଟାମିନ୍ 'ସି' ପ୍ରଚୁର ମାତ୍ରାରେ ରହିଛି। ଭିଟାମିନ୍ 'ସି' ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହେବା ସହ ଆଣ୍ଠୁଜନିତ ସମସ୍ୟାରୁ ଉପଶମ ଦେଇଥାଏ।
- ବ୍ରୋକୋଲିରେ ଏପରି ତତ୍ତ୍ୱ ରହିଛି, ଯାହା ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ଦେବାରେ କେତେକାଂଶରେ ସହାୟକ ହୋଇଥାଏ।
- ଭିଟାମିନ୍ 'ଇ'ଜାତୀୟ ଖାଦ୍ୟ ଏପରି ସମସ୍ୟାରୁ ଉପଶମ ଦେବାରେ ସାହାଯ୍ୟ କରିଥାଏ।

# ସ୍ୱାସ୍ଥ୍ୟୋପକାରୀ ଧନିଆ ପତ୍ର



ଧନିଆ ପତ୍ରରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏଥିରେ ପ୍ରୋଟିନ୍, କାର୍ବୋହାଇଡ୍ରେଡ୍, ମିନେରାଲ୍, କ୍ୟାଲସିୟମ, ଫସଫରସ, ପୋଟାସିୟମ ଏବଂ ଫାଇବର ଆଦି ଭରି ରହିଛି। ନିୟମିତ ଧନିଆ ପତ୍ରରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ରକ୍ତରେ ସୁଗାର ପରିମାଣକୁ ଅନେକାଂଶରେ ସନ୍ତୁଳିତ ରଖିଥାଏ। ତା'ସହ ଶରୀରରେ ଇନସୁଲିନ ମାତ୍ରା ମଧ୍ୟ ବଢ଼ାଇଥାଏ। ପେଟଜନିତ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ଧନିଆ ପତ୍ର। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇଲେ ପାଚନକ୍ରିୟା ଆହୁରି ସକ୍ରିୟ ହୋଇଥାଏ। ପେଟ ଦରଜରୁ ମଧ୍ୟ ଏହା ଉପଶମ ଦେଇଥାଏ। ସବୁଜ ଧନିଆ ପତ୍ରରେ ଏପରି ତତ୍ତ୍ୱ ରହିଛି, ଯାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ପ୍ରତିଦିନ ଧନିଆ ପତ୍ର ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ପ୍ରଖର ରହିଥାଏ। ଏଥିରେ ଥିବା ଭିଟାମିନ୍ 'ସି' ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ।

## ସ୍ୱାସ୍ଥ୍ୟ ସୂଚନା

- ଭାତ, ଡାଲି, ଶାଗ, ସନ୍ତୁଳା, ମାଛ ଆଦି ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଚର୍ବି ଲାଗିଥିବା ମାଂସ, ବସାଦହି, ଲହୁଣି, ଘିଅ, ବେଶି ତେଲ ଓ ତେଲରେ ଛଣାଛଣିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ନିୟମିତ ବ୍ୟାୟାମ କିମ୍ବା କଠିନ ଶାରୀରିକ ପରିଶ୍ରମ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ପାର୍କିନସନ ରୋଗକୁ ଦୂରେଇ ରଖିବାରେ ଏହା ମଧ୍ୟ ସହାୟକ ହୋଇଥାଏ।
- ସବୁବେଳେ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆମେ ନିଜକୁ କେତେକ ରୋଗଠାରୁ ଦୂରେଇ ରଖିପାରିବା।
- ପଢ଼ିବା, ଲେଖିବା, ଗୀତ ଗାଇବା, ବାଦ୍ୟଯନ୍ତ୍ର ବଜାଇବା, ଚିତ୍ର ଆଙ୍କିବା, ମୂର୍ତ୍ତି ଗଢ଼ିବା ଆଦିରେ ରୁଚି ଥିଲେ ତାହା ଆପଣଙ୍କୁ ଅନେକାଂଶରେ ଚାପମୁକ୍ତ ରଖିଥାଏ।
- ଯୋଗ, ପ୍ରାଣାୟାମ, ନିୟମିତ ଧ୍ୟାନ, ପ୍ରାର୍ଥନା କଲେ ରକ୍ତଚାପ, ମାନସିକ ଚାପ ହ୍ରାସ ପାଇବା ସହ ଶରୀର ସୁସ୍ଥ ରୁହେ।
- ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ମେଦମହୁଳତା ପରି ସମସ୍ୟା ସହ ଜଡିତ ଥାଆନ୍ତି।



# ଅପସ୍ମାରର ଆୟୁର୍ବେଦୀୟ ଉପଚାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ବିଶ୍ୱରେ ମାନବ ସଭ୍ୟତା ସୃଷ୍ଟି ହେବା ଦିନଠାରୁ ବିଭିନ୍ନ ଋତୁଚକ୍ର ଓ ଜଳବାୟୁ ପରିବର୍ତ୍ତନ ହେତୁ ମନୁଷ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ଯାହା କି ବିଭିନ୍ନ ଦେଶର ଋତୁ ପରିବର୍ତ୍ତନକୁ ନେଇ ହୋଇଥାଏ। ଏମିତି କେତେକ ଜଟିଳ ତଥା ମାରାତ୍ମକ ରୋଗ ରହିଛି, ଯାହା କି ବିଶ୍ୱର କୋଣାନୁକୋଣେ ପରିଲକ୍ଷିତ ହୋଇଥାଏ। ସେଥିମଧ୍ୟରୁ ଅପସ୍ମାର(Epilepsy)ବିଶ୍ୱର ସବୁଦେଶରେ ଦେଖାଦେଇଥାଏ। ଏହାକୁ ଆୟୁର୍ବେଦ ମତରେ 'ମୃଗୀରୋଗ' ବା ଲୋକ ମତରେ 'ବାତ ମାରିବା', 'ମୂର୍ଚ୍ଛା ହୋଇଯିବା' ଜ୍ଞାନ ଶୂନ୍ୟ ବା ଅଚେତ ହୋଇଯିବାକୁ 'ଫିଟ୍ସ' ବୋଲି କୁହାଯାଇଥାଏ। ଛୋଟ ଶିଶୁଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଅପସ୍ମାର ଲକ୍ଷଣ ଦେଖାଦେବାର ଆଶଙ୍କା ଥାଏ।



**ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ**

ଅପସ୍ମାର ରୋଗର ଚିକିତ୍ସା ନିମନ୍ତେ ଅଶ୍ୱଗନ୍ଧାରିଷ୍ଟ, ବ୍ରାହ୍ମୀ ଘୃତ, ମହାମୃତ୍ୟୁଞ୍ଜୟ ରସ, ବାତକୁଳାନ୍ତକ ରସ, ଯୋଗେନ୍ଦ୍ର ରସ, କଲ୍ୟାଣକ ଘୃତ ଆଦି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବ୍ୟବହାର କରିବା ଉଚିତ। ବ୍ରାହ୍ମୀ ଘୃତ, ପଞ୍ଚଗବ୍ୟ ଘୃତ, ଶିବା ଘୃତ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକାରର ଘୃତରୁ ଏକ ଚାମଚ ଗାଈ କ୍ଷୀର ସହ ଦୁଇଥର ଖାଇବା ଉଚିତ। ଅଶ୍ୱଗନ୍ଧାରିଷ୍ଟ, ଦଶମୂଳାରିଷ୍ଟ ୧୦ଏମଏଲ ଲେଖାଏ ସମପରିମାଣ ଜଳ ମିଶାଇ ଦିନରେ ଦୁଇଥର ସେବନ କରିବା ଉଚିତ। ଏତଦ୍ ସହ 'ନସ୍ୟ' କର୍ମ ଅର୍ଥାତ ଗାଈ ଘିଅକୁ ଉଷୁମ କରି ଦୁଇରୁ ତିନି ଟୋପା ଦିନରେ ଥରେ କିମ୍ବା ଦୁଇଥର ନାକରେ ପକାଇବା ଦ୍ୱାରା ଅପସ୍ମାରକୁ ପ୍ରତିରୋଧ କରିବାରେ ଭଲ ଫଳ ମିଳିଥାଏ। ଅପସ୍ମାର ରୋଗର ସମସ୍ତ ଚିକିତ୍ସା ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶରେ କରିବା ଉଚିତ; ଯଦ୍ଦ୍ୱାରା ରୋଗୀର ଯନ୍ତ୍ରଣା ଉପଶମ ହେବାସହ ରୋଗକୁ ନିୟନ୍ତ୍ରଣରେ ରଖାଯାଇପାରିବ। ସାଧାରଣତଃ ଯୋଗ କରିବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ଶାନ୍ତି ମିଳିବା, ଅବସାଦ ଦୂର ହେବା ସହ ଅପସ୍ମାର ରୋଗ ପ୍ରତିରୋଧରେ ସହାୟକ ହୋଇଥାଏ। ଏହାବ୍ୟତୀତ ଆକ୍ୟୁପଙ୍କ୍‌ଚର ଚିକିତ୍ସା ଆପଣେଇ ପାରନ୍ତି। ଅପସ୍ମାର ରୋଗୀର ପାଦରେ ଓ ମୁଣ୍ଡରେ ରାଶି ତେଲ ମାଲିସ କରିବା ଦରକାର। ଶରୀରର ନିର୍ଦ୍ଦିଷ୍ଟ ମର୍ମ ସ୍ଥାନରେ ଚାପ ଦିଅନ୍ତୁ। ଆକ୍ୟୁପଙ୍କ୍‌ଚର ଚିକିତ୍ସା ଦ୍ୱାରା ଅପସ୍ମାର ରୋଗୀ ସଂଜ୍ଞାହୀନରୁ ଚେତା ଫେରାଇବା ସହଜ ହୋଇଥାଏ। ରୋଗୀର ନାକ ତଳର ମଧ୍ୟ ଭାଗ, ପାଦତଳ ଭାଗର ବୁଢ଼ା ଅଙ୍ଗୁଳି ଓ ତା'ର ପାଖ ଅଙ୍ଗୁଳିର ମଧ୍ୟଭାଗ ଏବଂ କାନର ନିମ୍ନ ଭାଗର କୋମଳ ସ୍ଥାନକୁ ଚାପଦେବା ବା ଦବାଇବା ଦ୍ୱାରା ଯନ୍ତ୍ରଣା ପାଉଥିବା ଅପସ୍ମାର ରୋଗୀକୁ ତୁରନ୍ତ ଉପଶମ ମିଳିବା ସହ ଚେତା ଫେରିବାରେ ସହାୟକ ହୋଇଥାଏ।

**ସତର୍କତା:** ଅପସ୍ମାର ରୋଗୀ ନଦୀ, ପୁଷ୍କରଣୀ କିମ୍ବା ଜଳାଶୟରେ ସ୍ନାନ କରିବା, ଯାନବାହନ ଚଳାଇବା, ଏକାକୀ କୌଣସି ସ୍ଥାନକୁ ଯିବା, ସୁଇମିଂ ପୁଲରେ ଭ୍ରମଣ କରିବା ଉଚିତ ନୁହେଁ, କାରଣ ଜୀବନ ହାନି ହେବାର ଆଶଙ୍କା ରହିଥାଏ।

-ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୫/୨୦୨୧ Bhubaneswar, Monday, February 15/ 2021

# ଦ୍ୱିତୀୟ ଦିନରେ ୧୫ ଉଇକେଟ ପତନ

**ଚେନ୍ନାଇ,୧୪।୨(ପି.ଟି.)**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତ ପ୍ରଭାବ ବିସ୍ତାର କରି ଖେଳିବା ସହ ସ୍ଥିତି ଦୃଢ କରିଛି। ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ପ୍ରଥମ ଇନିଂସରେ ବୃହତ୍ ଅଗ୍ରଣୀ ହାସଲ କରି ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇଛି। ସ୍ପିନରଙ୍କୁ ସୁହାଉଥିବା ଏହି ପିଚ୍‌ରେ ଦ୍ୱିତୀୟ ଦିବସରେ ମୋଟ୍ ୧୫ଟି ଉଇକେଟର ପତନ ହୋଇଛି। ପିଚ୍ ତଥା ଉଇକେଟ କ୍ରମାଗତ ଭାବେ ଖରାପ ହେଉଥିବା ବେଳେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ମ୍ୟାଚ୍‌ର ଫଳାଫଳ ମିଳିଯିବ ବୋଲି ଆଶା କରାଯାଉଛି। ଭାରତୀୟ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୫ ଉଇକେଟ ସଫଳତା ହାସଲ କରିବା ସହ ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଛନ୍ତି।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୯୫.୫ ଓଭରରେ ୩୨୯ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ୫୯.୫ ଓଭରରେ ୧୩୪ ରନ କରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ୧୯୫ ରନର ଅଗ୍ରଣୀ ହାସଲ

## ଅଶ୍ୱିନଙ୍କୁ ୫ ଉଇକେଟ ସଫଳତା

କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୮ ଓଭରରେ ଗୋଟିଏ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଛ। ଫଳରେ ଭାରତ ୯ ଉଇକେଟ ହାତରେ ରଖି ମୋଟ ଉପରେ ୨୪୯ ରନର ବୃହତ୍ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୭ ରନ କରି ଅପରାଜିତ ରହିଛନ୍ତି। ସେହିପରି ପ୍ରଥମ ଇନିଂସରେ ୧୬୧ ରନର ବୃହତ୍ ଶତକୀୟ ପାଳି ଖେଳିଥିବା ତାରକା ଓପନର ରୋହିତ ଶର୍ମା ୨୫ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଯୁବ ଓପନର ଶୁବମନ ଗିଲ ୧୪ ରନ କରିଥିବା ବେଳେ ଅଫ୍ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ବଲ୍ ଆଗ ପ୍ୟାଡ୍‌ରେ ବାଜିଥିଲା ଓ ଲେଗ୍ ଷ୍ଟମ୍ପରେ ବାଜିବାର ସମ୍ଭାବନା ରହିଥିଲା। ତେଣୁ ଶୁବମନଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା।

ଶନିବାରର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୦୦/୬ରୁ ଖେଳ ଆରମ୍ଭ କରି ଭାରତ ଆଉ ୨୯ ରନ ଅଧିକ ସଂଗ୍ରହ କରି ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଇନ୍‌ଫର୍ମ ଉଇକେଟକିପର ରିଷଭ ପନ୍ତ ୩୩ ରନରୁ ଖେଳ ଆରମ୍ଭ କରି ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଭାରତକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ୧୦୫ ମିନିଟ୍ କ୍ରିଜ୍‌ରେ ରହି ସେ ୭୭ଟି ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ସେହିପରି ଅପରାଜିତ ସ୍କୋର ୫ ରନରୁ ଖେଳ ଆରମ୍ଭ କରି ଅକ୍ଷର ପଟେଲ ଆଉ କୌଣସି ରନ୍ ସଂଗ୍ରହ କରି ନ ପାରି ସ୍ପିନର ମୋଇନ ଅଲିଙ୍କ ବଲ୍‌ରେ ଉଇକେଟକିପର ବେନ୍ ଫୋକ୍ସଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଈଶାନ୍ତ ଶର୍ମା ଓ କୁଲଦୀବ ଯାଦବ ଖାତା ଖୋଲିପାରି ନ ଥିଲେ। ଈଶାନ୍ତ ମୋଇନ୍‌ଙ୍କ ବଲ୍‌କୁ ସୁଇପ୍ କରିବାକୁ ଯାଇ ଶର୍ଟ ମିଡ୍‌ଉଇକେଟରେ ରୋରି ବର୍ନ୍ସଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି କୁଲଦୀପ ଦ୍ରୁତ ବୋଲର ଓଲି ଷ୍ଟୋନ୍‌ଙ୍କ ବଲ୍‌ରେ ଉଇକେଟକିପର ବେନ୍ ଫୋକ୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ତିମ ଉଇକେଟ ଭାବେ ମହମ୍ମଦ ସିରାଜ ୪ ରନ ସଂଗ୍ରହ କରି ଷ୍ଟୋନ୍‌ଙ୍କ ଏକ ବାଉନ୍ସରକୁ ଅପରକଟ କରିବାକୁ ଯାଇ ବିଫଳ ହୋଇଥିଲେ ଓ ବଲ୍ ବ୍ୟାଟ୍‌ର ଏଜ ନେଇ ଫୋକ୍ସଙ୍କ ହାତକୁ ଯାଇଥିଲା। ବୋଲିଂରେ ଇଂଲଣ୍ଡ ତରଫରୁ ମୋଇନ୍ ଅଲି ସର୍ବାଧିକ ୪, ଓଲି ଷ୍ଟୋନ୍ ୩, ଜ୍ୟାକ ଲିଚ୍ ୨ ଓ ଜୋ ରୁଟ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଥର ପାଇଁ ଇଂଲଣ୍ଡ ପ୍ରଥମ ଇନିଂସରେ ୯୫.୫ ଓଭର ବୋଲିଂ କରି ଗୋଟିଏ ହେଲେ ବି ଅତିରିକ୍ତ ରନ ବ୍ୟୟ କରି ନ ଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ଚତୁର୍ଥ ଥର ପାଇଁ ଏପରି ଘଟିଛି।

## ଇଂଲଣ୍ଡର ବିପର୍ଯ୍ୟୟ

ଏହାପରେ ପ୍ରଥମ ଇନିଂସରେ ଇଂଲଣ୍ଡ ଆରମ୍ଭରୁ ଗୋଟିଏ ପରେ ଗୋଟିଏ ଝଟକା ଖାଇଥିଲା। ଇଂଲଣ୍ଡ ୫୨ ରନରେ ୫ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଓ ଭାରତୀୟ ସ୍ପିନରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୧୩୪ ରନରେ ଅଲ୍‌ଆଉଟ ହୋଇଥିଲା। ଦଳର ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଓପନର ରୋରି ବର୍ନ୍ସ ଓ ଅନ୍ତିମ ବ୍ୟାଟ୍ସମ୍ୟାନ ଷ୍ଟୁଆର୍ଟ ବ୍ରଡ ଖାତା ଖୋଲିପାରି ନ ଥିଲେ। ଅନ୍ୟତମ ଓପନର ଡମ୍ ସବ୍‌ଲି ୧୬, ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୧୮, ଓଲି ପୋପ୍ ୨୨ ରନ କରି ଆଉଟ ହୋଇ ବିଫଳ ହୋଇଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ବେନ୍ ଫୋକ୍ସ ଏକା ଲଢେଇ କରିଥିଲେ। ଫୋକ୍ସ ୧୩୫ ମିନିଟ୍ କ୍ରିଜ୍‌ରେ ରହି ୧୦୭ ବଲ ଖେଳ ୪ ଚୌକା ସହ ୪୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଡ୍ୟାନ ଲରେନ୍ସ ୯ ରନ କରି ଶର୍ଟଲେଗ୍‌ରେ ଶୁବମନଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଖାତା ଖୋଲିବା ପୂର୍ବରୁ ବର୍ନ୍ସ ଈଶାନ୍ତଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ୧୬ ରନ କରିଥିବା ବେଳେ ଡମ୍ ସିବ୍‌ଲି ଲେଗ୍ ସ୍ଲିପ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିବା ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ୬ ରନ କରିଥିବା ବେଳେ ଫେଭରାଇଟ୍ ଶଟ୍ ସୁଇପ୍ କରିବାକୁ ଯାଇ ସ୍ପିନର ଅକ୍ଷର ପଟେଲ୍‌ଙ୍କ ବଲ୍‌ରେ ଶର୍ଟ ଫାଇନାଲ ଲେଗ୍‌ରେ ଅଶ୍ୱିନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ଭାରତ ପାଇଁ ସବୁଠାରୁ ବଡ଼ ଉଇକେଟ ସାବ୍ୟସ୍ତ ହୋଇଥିଲା। ସେହିପରି ୧୮ ରନ କରିଥିବା ବେଳେ ଷ୍ଟୋକ୍ସ ଅଶ୍ୱିନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୨୨ ରନ କରି ପୋପ୍ ମହମ୍ମଦ ସିରାଜଙ୍କ ବଲ୍‌ରେ ଉଇକେଟକିପର ପନ୍ତଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ମୋଇନ୍ ୬ ରନ କରି ଅକ୍ଷରଙ୍କ ବଲ୍‌ରେ ରାହାନେଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ଷ୍ଟୋନ୍ ୧ ଓ ବ୍ରଡ୍ ବିନା ସ୍କୋରରେ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଲିଚ୍ ୫ ରନ କରିଥିବା ବେଳେ ପନ୍ତଙ୍କୁ କ୍ୟାଚ୍ ଦେଇ ଈଶାନ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ଅଶ୍ୱିନ ସର୍ବାଧିକ ୫, ଈଶାନ୍ତ ଓ ଅକ୍ଷର ୨ଟି ଲେଖାଏ, ମହମ୍ମଦ ସିରାଜ ଗୋଟଏ ଉଇକେଟ ଅକ୍ତିଆର କରିଥିଲେ।



ଡୋମିନିକ୍ ସିବ୍‌ଲିଙ୍କ ଉଇକେଟ ପତନ ପରେ ରବିଚନ୍ଦ୍ରନ୍ ଅଶ୍ୱିନ ଓ ଅନ୍ୟ ଭାରତୀୟ ଖେଳାଳି।

## ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ:** ୩୨୯

**ଇଂଲଣ୍ଡ ପ୍ରଥମ ଇନିଂସ**

ରୋରି ବର୍ନ୍ସ–ଏଲ୍‌ବିଡବ୍ଲ୍ୟୁ–ଈଶାନ୍ତ–୦
ଡୋମିନିକ୍ ସିବ୍‌ଲି–କ–କୋହଲି–ବୋ–ଅଶ୍ୱିନ–୧୬
ଡାନିଏଲ ଲରେନ୍ସ–କ–ଶୁବମନ–ବୋ–ଅଶ୍ୱିନ–୯
ଜୋ ରୁଟ୍–କ–ଅଶ୍ୱିନ–ବୋ ଅକ୍ଷର–୬
ବେନ୍ ଷ୍ଟୋକ୍ସ–ବୋ–ଅଶ୍ୱିନ–୧୮
ଓଲି ପୋପ୍–କ–ପନ୍ତ–ବୋ–ସିରାଜ–୨୨
ବେନ୍ ଫୋକ୍ସ– ନଟ ଆଉଟ–୪୨
ମୋଇନ ଅଲି–କ–ରାହାନେ–ବୋ–ପଟେଲ–୬
ଓଲି ଷ୍ଟୋନ୍–କ–ରୋହିତ–ବୋ–ଅଶ୍ୱିନ–୧
ଜ୍ୟାକ୍ ଲିଚ୍–କ–ପନ୍ତ–ବୋ–ଈଶାନ୍ତ–୫
ଷ୍ଟୁଆର୍ଟ ବ୍ରଡ୍–ବୋ–ଅଶ୍ୱିନ–୦
ଅତିରିକ୍ତ–୯
ମୋଟ: (୫୯.୫ ଓଭର/ଅଲଆଉଟ) ୧୩୪।

**ଉଇକେଟ ପତନ:** ୧/୦, ୨/୧୬, ୩/୨୩, ୪/୩୯, ୫/୫୨, ୬/୮୭, ୭/୧୦୫, ୮/୧୦୬, ୯/୧୩୧, ୧୦/୧୩୪।

**ବୋଲିଂ (ଭାରତ)**

ଈଶାନ୍ତ ଶର୍ମା ୫–୧–୨୨–୨
ରବିଚନ୍ଦ୍ରନ ଅଶ୍ୱିନ ୨୩.୫–୪–୪୩–୫
ଅକ୍ଷର ପଟେଲ ୨୦–୩–୪୦–୨,
କୁଲଦୀପ ଯାଦବ ୬–୧–୧୬–୦
ମହମ୍ମଦ ସିରାଜ ୫–୪–୫–୧।

**ଭାରତ ଦ୍ୱିତୀୟ ଇନିଂସ**

ରୋହିତ ଶର୍ମା–ବ୍ୟାଟିଂ–୨୫
ଶୁବମନ ଗିଲ୍–ଏଲବିଡବ୍ଲ୍ୟୁ–ଜ୍ୟାକ୍ ଲିଚ୍–୧୪
ଚେତେଶ୍ୱର ପୂଜାରା–ବ୍ୟାଟିଂ–୭
ଅତିରିକ୍ତ: ୮
ମୋଟ: (୧୮ ଓଭରରେ/୧ ଉଇକେଟ) ୫୪।

**ଉଇକେଟ ପତନ:**୧/୪୨

**ବୋଲିଂ (ଇଂଲଣ୍ଡ)**

ଓଲି ଷ୍ଟୋନ୍ ୨–୦–୮–୦
ଜ୍ୟାକ ଲିଚ୍ ୯–୨–୧୯–୧
ମୋଇନ୍ ଅଲି ୭–୨–୧୯–୦

# ହରଭଜନଙ୍କୁ ଟପିଲେ ଅଶ୍ୱିନ

**ଚେନ୍ନାଇ, ୧୪।୨(ପି.ଟି.):** ରବିଚନ୍ଦ୍ରନ୍ ଅଶ୍ୱିନ ପୂର୍ବତନ ଅଫ୍ ସ୍ପିନର ହରଭଜନ ସିଂଙ୍କୁ ପଛରେ ପକାଇ ଭାରତ ମାଟିରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି। ଅଶ୍ୱିନ ବେନ୍ ଷ୍ଟୋକ୍ସଙ୍କୁ ଆଉଟ କରି ହରଭଜନଙ୍କୁ ପଛରେ ପକାଇଛନ୍ତି। ହରଭଜନ ପୂର୍ବରୁ ଭାରତରେ ୨୮.୭୬ ରନ ହାରରେ ୨୬୫ଟି ଉଇକେଟ ହାସଲ କରିଥିଲେ। ଅଶ୍ୱିନ ଭାରତରେ ୨୬୬ଟି ଉଇକେଟ ହାସଲ କରିଛନ୍ତି। ମୋଟ ଉପରେ ଅଶ୍ୱିନ ୭୬ଟି ଟେଷ୍ଟ ଖେଳି ୨୫.୨୬ ରନ ହାରରେ ୩୯୧ଟି ଉଇକେଟ ହାସଲ କରିଛନ୍ତି। ଭାରତ ମାଟିରେ ଅଶ୍ୱିନ ଏବେ ୨୨.୬୭ ରନ ହାରରେ ୨୬୬ଟି ଉଇକେଟ ଅକ୍ତିଆର କରିଛନ୍ତି। ତେବେ ସେ ସ୍ପିନ ଲିଜେଣ୍ଡ ଅନିଲ କୁମ୍ବଲେଙ୍କ ପଛରେ ରହିଛନ୍ତି। କୁମ୍ବଲେ ଭାରତରେ ୨୪.୮୮ ରନ ହାରରେ ସର୍ବାଧିକ ୩୫୦ ଉଇକେଟ ହାସଲ କରିଛନ୍ତି। କୁମ୍ବଲେ ଟେଷ୍ଟରେ ମୋଟ ୬୧୯ଟି ଉଇକେଟ ହାସଲ କରି ଭାରତର ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି। କିମ୍ବଦନ୍ତୀ ଦ୍ରୁତ ବୋଲର କପିଳ ଦେବ ୪୩୪ ଉଇକେଟ ହାସଲ କରି ଦ୍ୱିତୀୟ ସଫଳତମ ବୋଲର ଭାବେ ତାଲିକାରେ ସ୍ଥାନ ପାଇଛନ୍ତି। ସେହିପରି ହରଭଜନ ୪୧୭ଟି ଉଇକେଟ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଛନ୍ତି। ୩୯୧ ଉଇକେଟ ସହ ଅଶ୍ୱିନ ଏହି କ୍ରମରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ୩୪ ବର୍ଷୀୟ ଅଶ୍ୱିନ ୨୯ଥର ଗୋଟିଏ ଇନିଂସରେ ୫ ଉଇକେଟ ସଫଳତା ପାଇଛନ୍ତି। ସେହିପରି ୭ଥର ସେ କୌଣସି ମ୍ୟାଚ୍‌ରେ ୧୦ ଉଇକେଟ ସଫଳତା ହାସଲ କରିଛନ୍ତି। ୭/୫୯ ହେଉଛି ତାଙ୍କ ଶ୍ରେଷ୍ଠ ଇନିଂସ ସଫଳତା ଓ ୧୩/ ୧୩୦ ହେଉଛି ତାଙ୍କର ଶ୍ରେଷ୍ଠ ମ୍ୟାଚ୍ ସଫଳତା।



# ଅଙ୍କିତାଙ୍କ ପ୍ରଥମ ବିଜୟ

**ମେଲବୋର୍ନ, ୧୪।୨ (ପି.ଟି.)**

ଭାରତୀୟ ଟେନିସ ଖେଳାଳି ଅଙ୍କିତା ରାଇନା ଏକ ଡବ୍ଲ୍ୟୁଟିଏ ଟୁର୍‌ର ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ତାଙ୍କର ପ୍ରଥମ ବିଜୟ ହାସଲ କରିଛନ୍ତି। ଏଠାରେ ଚାଲିଥିବା ଫିଲିପ୍ ଆଇଲାଣ୍ଡ ଟ୍ରଫିର ପ୍ରଥମ ରାଉଣ୍ଡରେ ସେ ଏଲିସାବେଟା କୋକୋସିରେଟୋଙ୍କୁ ହରାଇ ଦେଇଛନ୍ତି। ୨୩୫,୨୩୮ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ଅଙ୍କିତା ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଇଟାଲିଆନ ଖେଳାଳିଙ୍କୁ ୫–୭, ୬–୧, ୬–୨ ସେଟ୍‌ରେ ହରାଇ ଦେଇଥିଲେ। ତିନି ସେଟ୍ ବିଶିଷ୍ଟ ଏହି ମ୍ୟାଚ ଦୁଇ ଘଣ୍ଟା ୧୧ ମିନିଟ୍ ଧରି ଚାଲିଥିଲା। ଏହି ବିଜୟ ଦ୍ୱାରା ଭାରତୀୟ ଖେଳାଳି ର୍‍ୟାଙ୍କିଙ୍ଗ ତାଲିକାରେ ୧୮୧ରୁ ଉଠି ୧୫୬ରେ ପହଞ୍ଚିଯାଇଛନ୍ତି। ଟୁର୍ନାମେଣ୍ଟରେ ସେ ଯଦି ଆଗକୁ ବଢନ୍ତି ତେବେ ଟପ୍ ୧୫୦ରେ ପ୍ରବେଶ କରିଯାଇପାରନ୍ତି। ଅଙ୍କିତା ପୂର୍ବରୁ ଡବ୍ଲ୍ୟୁଟିଏ ଟୁର୍‌ରେ ୟାରାଭ୍ୟାଲି କ୍ଲାସିକ୍ ଓ ଥାଇଲାଣ୍ଡ ଓପନ୍‌ରେ ଭାଗ ନେଇଥିଲେ। ମାତ୍ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।



ଅଙ୍କିତା ରାଇନା







# ବାଂଲାଦେଶ ବିପକ୍ଷରେ ଇଣ୍ଡିଜର କ୍ଲିନ ସୁଇପ୍





ଟ୍ରଫି ସହ ସିରିଜ୍ ବିଜୟୀ ୱେଷ୍ଟଇଣ୍ଡିଜ୍ ଦଳ।

**ଢାକା, ୧୪।୨ (ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ ୧୭ ରନରେ ଜିତି ନେଇଛି। ଏଥିସହିତ ଭ୍ରମଣକାରୀ ଦଳ ୨–୦ରେ କ୍ଲିନ ସୁଇପ୍ ସିରିଜ ବିଜୟ ହାସଲ କରିଛି। ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୩୯୫ରନର ବିଶାଳ ବିଜୟ ଲକ୍ଷ୍ୟକୁ ହାସଲ କରିଥିଲା। ଦଳ ୩ ଉଇକେଟରେ ଘରୋଇ ଦଳକୁ ପରାସ୍ତ କରିଥିଲା। ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ଜିତାଇବାରେ ଅଫ୍‌ସ୍ପିନର ରକିମ କର୍ନୱାଲ ବିଶେଷ ଭୂମିକା ଗ୍ରହଣ କରିଥିଲେ। ମେହିଦି ହସନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ସେ ମ୍ୟାଚରେ ୧୭୯ ରନ ବିନିୟରେ ୯ ଉଇକେଟ ଦଖଲ କରିଥିଲେ। ମ୍ୟାଚରେ ବିଜୟ ହାସଲ କରିବା ଲାଗି ବାଂଲାଦେଶ ସମ୍ମୁଖରେ ୨୩୧ ରନର ଟାର୍ଗେଟ ରହିଥିଲା। କର୍ନୱାଲ ପ୍ରଥମ ଇନିଂସରେ ୭୪ ରନ ବିନିମୟରେ ୫ ଏବଂ ଦ୍ୱିତୀୟ ଇନିଂସରେ ୧୦୫ ରନ ଦେଇ ୪ ଉଇକେଟ ଅକ୍ତିଆର କରିବାରୁ ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସରେ ୨୧୩ରେ ଅଲଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜର ଏହି ଅପ୍ ସ୍ପିନର ମ୍ୟାଚର ବିଭିନ୍ନ ମୁହୂର୍ତ୍ତରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଭଙ୍ଗ କରିଦେଇଥିଲେ।

କର୍ନୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଏନ୍‌କ୍ରୁମା ବୋନର ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୪୦୯
ବାଂଲାଦେଶ ପ୍ରଥମ ଇନିଂସ: ୨୯୬
ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୧୭
**ବାଂଲାଦେଶ ଦ୍ୱିତୀୟ ଇନିଂସ:** ୨୧୩ (ତାମିମ ଇକ୍‌ବାଲ–୫୦, ମେହିଦି ହସନ–୩୧, ମୋମିନୁଲ ହକ୍–୨୬ ; କର୍ନୱାଲ–୪/୧୦୫, ଜୋମେଲ ୱାରିକାନ୍–୩/୪୭, କ୍ରେଗ୍ ବ୍ରାଥୱେଟ୍–୩/୨୫ )।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ